# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧/୨୦୧୯ (୧୬ ପୃଷ୍ଠା) Bhubaneswar, Friday, March 1/ 2019 | ★★★★

୪୫ଶ ଭାଗ ୯୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-







ଭାରତୀୟ ବାୟୁସେନା ପାଇଲଟ ଅଭିନନ୍ଦନ ବର୍ଥମାନଙ୍କୁ ଇସ୍‌ଲାବାବାଦ ଛାଡ଼ିଦେଇ ଅସ୍ୱିରିତି କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ପାକିସ୍ତାନୀ ପ୍ରତିପକ୍ଷ ଇମ୍ରାନ୍ ଖାନ୍‌ଙ୍କ ଆଲୋଚନା ପ୍ରସ୍ତାବକୁ ଗ୍ରହଣ କରିବା ଉଚିତ ।

- ରାଜ ଠାକ୍‌ରେ, ଏମ୍‌ଏନ୍‌ଏସ୍ ଅଧକ୍ଷ





ପାଇଲଟ ଅଭିନନ୍ଦନଙ୍କ ମୁକ୍ତି ପ୍ରାର୍ଥନା ପାଇଁ ଏକତ୍ରିତ ଅହମଦାବାଦସ୍ଥିତ ଏକ ସ୍କୁଲର ଛାତ୍ରୀଛାତ୍ର ।



ପାକିସ୍ତାନୀ ବାୟୁସେନାର ଏଫ୍-୧୬ ଦ୍ୱାରା ନିକ୍ଷେପ କରାଯାଇଥିବା ଅମ୍ରାମ୍ ମିଶାଇଲ୍‌ର ଏକ ଅଂଶକୁ ନୂଆଦିଲ୍ଲୀରେ ଭାରତୀୟ ବାୟୁସେନା ଅଧିକାରୀମାନେ ଦେଖାଉଛନ୍ତି ।



ଜମ୍ମୁ-କଶ୍ମୀରର କ୍ରିଷ୍ଣାଘାଟି ସେକ୍ଟରରେ ପାକିସ୍ତାନୀ ସେନାର ମୋର୍ଟାରମାଡ଼ରେ ଆହତ ଜଣେ ବ୍ୟକ୍ତିଙ୍କୁ ହସ୍ପିଟାଲକୁ ନେଉଛି ପୋଲିସ ।

## ଅଭିନନ୍ଦନଙ୍କୁ ମୁକ୍ତକର



# ଅକଳରେ ପଡ଼ିଲେ ଆଝାର

ଜାତିସଂଘ,୨୮।୨(ପି.ଟି.)



ପାକିସ୍ତାନର ଆତଙ୍କବାଦୀ ସଂଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ମୁଖ୍ୟ ମାସୁଦ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା ଲଗି ଆମେରିକା, ବ୍ରିଟେନ ଓ ଫ୍ରାନ୍ସ ଜାତିସଂଘ ସୁରକ୍ଷା ପରିଷଦରେ ସାନି ପ୍ରସ୍ତାବ ଆଗତ କରିଛନ୍ତି । ଏହା ହେଲେ ଆଝାରଙ୍କ ବିଦେଶ ଭ୍ରମଣ ଉପରେ ନିଷେଧାଦେଶ ଲାଗିବା ସହ ତାଙ୍କ ସମ୍ପତ୍ତି ଏବଂ ଅସ୍ତ୍ରଶସ୍ତ୍ର ଉପରେ ପ୍ରତିବନ୍ଧ ଲାଗିବ । ଜୈଶ୍ ସଂଗଠନର ପୁଲୱାମା ଆକ୍ରମଣ ପରେ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା ଲାଗି ଭାରତ କୂଟନୈତିକ ଚାପ ପକାଇଥିଲା ।

୧୫ ସଦସ୍ୟ ବିଶିଷ୍ଟ ସୁରକ୍ଷା ପରିଷଦର ଭିଟୋ କ୍ଷମତା ଥିବା ସ୍ଥାୟୀ ୩ ସଦସ୍ୟ ବୁଧବାର ଏଭଳି ପ୍ରସ୍ତାବ ଆଣିଛନ୍ତି । ସୁରକ୍ଷା ପରିଷଦ ଦଣ୍ଡବିଧାନ କମିଟି ଏହି ପ୍ରସ୍ତାବ ଉପରେ ୧୦ଟି କାର୍ଯ୍ୟଦିବସ ମଧ୍ୟରେ ବିଚାର କରିବ । ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ତାଲିକାଭୁକ୍ତ କରିବା ଲାଗି ଗତ ୧୦ ବର୍ଷ ମଧ୍ୟରେ ଜାତିସଂଘରେ ଏହା ଚତୁର୍ଥ ପ୍ରସ୍ତାବ । ତେବେ ଅନ୍ୟତମ ସ୍ଥାୟୀ ସଦସ୍ୟ ଚାଇନା ଏଥିରେ ପ୍ରତିବନ୍ଧକ ସାଜିଆସିଛି ।

ସୁରକ୍ଷା ପରିଷଦର ଦଣ୍ଡବିଧାନ କମିଟିର ମଞ୍ଜୁରୀ ମିଳିଲେ ଆଝାରଙ୍କ ବିଭିନ୍ନ ଦେଶରେ ଥିବା ଆର୍ଥିକ ସମ୍ପତ୍ତି ଓ ଅନ୍ୟାନ୍ୟ ସମ୍ବଳକୁ ଅବିଳମ୍ବେ ସମ୍ପୃକ୍ତ ଦେଶ ବାଜ୍ୟାପ୍ତ କରିବେ । ସେହିପରି ବିଦେଶ ଭ୍ରମଣ କଟକଣା ଲାଗିଲେ ସେ କୌଣସି ଦେଶକୁ ଯାଇପାରିବେ ନାହିଁ । ଅସ୍ତ୍ରଶସ୍ତ୍ରରେ କଟକଣା ଲାଗୁହେଲେ ତାଙ୍କ ସଂଗଠନକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଅସ୍ତ୍ର ଯୋଗାଉଥିବା ସମସ୍ତ ଦେଶ ଏହାକୁ ବନ୍ଦ କରିବେ ଏବଂ ସେମାନଙ୍କ ଜାହାଜ କିମ୍ବା ବିମାନ ବ୍ୟବହାର କରିବାକୁ ଦେବେନାହିଁ ।

### ଜାତିସଂଘରେ ଆମେରିକା, ବ୍ରିଟେନ, ଫ୍ରାନ୍ସର ସାନି ପ୍ରସ୍ତାବ

### ଜୈଶ୍ ମୁଖ୍ୟଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରାଯାଉ

୨୦୦୯ରେ ଭାରତ ପ୍ରଥମେ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ କରିବା ଲାଗି ଜାତିସଂଘରେ ପ୍ରସ୍ତାବ ଆଣିଥିଲା । ୨୦୧୬ ଜାନୁୟାରୀରେ ପଠାନକୋଟସ୍ଥିତ ଏୟାରବେସ୍ ଉପରେ ଜୈଶ୍ ଆତଙ୍କବାଦୀଙ୍କ ଆକ୍ରମଣ ପରେ ଭାରତ ପୁଣିଥରେ ୩ ସ୍ଥାୟୀ ସଦସ୍ୟ ଆମେରିକା, ବ୍ରିଟେନ ଏବଂ ଫ୍ରାନ୍ସ ସହ ଜାତିସଂଘ ଦଣ୍ଡବିଧାନ କମିଟିରେ ପ୍ରସ୍ତାବ ଉପସ୍ଥାପନ କରିଥିଲା । ସେହିପରି ୨୦୧୭ରେ ଭାରତ ତିନି ସ୍ଥାୟୀ ସଦସ୍ୟଙ୍କ ସହ ପୁଣିଥରେ ପ୍ରସ୍ତାବ ଆଣିଥିଲା । ତେବେ ପାକିସ୍ତାନର ଘନିଷ୍ଠ ବନ୍ଧୁ ଚାଇନାର ବିରୋଧ ଯୋଗୁ ଭାରତର ପ୍ରସ୍ତାବ ଜାତିସଂଘ ଦଣ୍ଡବିଧାନ କମିଟି ଦ୍ୱାରା ଗୃହୀତ ହୋଇ ନ ଥିଲା । ତେବେ ମାର୍ଚ୍ଚ ମାସରୁ ଜାତିସଂଘ ସୁରକ୍ଷା ପରିଷଦରେ ଫ୍ରାନ୍ସ ଅଧକ୍ଷତା କରିବାକୁ ଥିବାବେଳେ ଏହାର ଦୁଇ ଦିନ ପୂର୍ବରୁ ପ୍ରସ୍ତାବ ଅଣାଯିବା ଗୁରୁତ୍ୱପୂର୍ଣ୍ଣ । ଜେଇଏମ୍ ଆତଙ୍କବାଦୀଙ୍କୁ କଳା ତାଲିକାଭୁକ୍ତ କରିବା ଉପରେ ଫ୍ରାନ୍ସ ଜୋର ଦେବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି ।

ଗତ ୧୪ ତାରିଖରେ ଜମ୍ମୁ-କଶ୍ମୀରର ପୁଲୱାମାରେ ଜେଇଏମ୍‌ର ଆତ୍ମଘାତୀ ଆକ୍ରମଣରେ ୪୯ ସିଆରପିଏଫ ଯବାନ ଶହୀଦ ହେବା ସହ ଅନେକ ଆହତ ହୋଇଥିଲେ । ୨୧ ତାରିଖରେ ଜାତିସଂଘ ସୁରକ୍ଷା ପରିଷଦ ଏକ ପ୍ରେସ୍ ବିବୃତିରେ ଏହି ଆକ୍ରମଣକୁ କଠୋର ଭାଷାରେ ନିନ୍ଦା କରିବା ସହ ଏହାକୁ ଭୀରୁତାପୂର୍ଣ୍ଣ କାର୍ଯ୍ୟ ବୋଲି କହିଥିଲା, ଯେଉଁଥିରେ ଚାଇନା ସମେତ ସମସ୍ତ ସ୍ଥାୟୀ ଓ ଅସ୍ଥାୟୀ ସଦସ୍ୟ ସ୍ୱାକ୍ଷର କରିଥିଲେ ।

## ପାଇଲଟ ପ୍ରୋଜେକ୍ଟ କରାଯାଇଛି



ନୂଆଦିଲ୍ଲୀ,୨୮।୨(ପି.ଟି.)–ନିକଟରେ ଏକ ପାଇଲଟ ପ୍ରୋଜେକ୍ଟ କରାଯାଇଛି । ଏହି କାର୍ଯ୍ୟାନୁଷ୍ଠାନ ଏକ ଅଭ୍ୟାସମୂଳକ ହୋଇଥିବାରୁ ଏବେ ପ୍ରକୃତ କାର୍ଯ୍ୟର ସମୟ ଆସିଛି ବୋଲି ଗୁରୁବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ପାକିସ୍ତାନର ବାଲାକୋଟରେ ଭାରତୀୟ ବାୟୁସେନାର ବୋମାମାଡ଼କୁ ଉପଲକ୍ଷ କରି ପ୍ରଧାନମନ୍ତ୍ରୀ ସେଠାରେ ବକ୍ତବ୍ୟ ରଖିଛନ୍ତି । ବୈଜ୍ଞାନିକମାନଙ୍କୁ ପୁରସ୍କୃତ କରିବା ଲାଗି ଆୟୋଜିତ ଉତ୍ସବରେ ସେ କହିଛନ୍ତି, ଆପଣମାନେ ପରୀକ୍ଷାଗାରରେ ନିଜ ଜୀବନ ଅତିବାହିତ କରିଦେଇଛନ୍ତି । ପ୍ରଥମେ ପାଇଲଟ ପ୍ରୋଜେକ୍ଟ କରିବାର ପରମ୍ପରା ଆପଣଙ୍କର ରହିଛି । ଏବେ ପ୍ରକୃତ କାମର ସମୟ ବୋଲି ସେ କହିବା ପରେ ଉପସ୍ଥିତ ଲୋକେ ତାଳି ମାରି ତାଙ୍କୁ ଉତ୍ସାହିତ କରିଥିଲେ । ପରେ ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ ଭାଜପା ପକ୍ଷରୁ ଟୁଇଟ୍ କରାଯାଇଛି ।



ଯୁଦ୍ଧକୁ ନା କହିବା ଭୀରୁ କାର୍ଯ୍ୟ ନୁହେଁ । ଜାତିର ଜନକ ମହାତ୍ମା ଗାନ୍ଧୀ ସବୁବେଳେ ଯୁଦ୍ଧ ଏଡାଇବାକୁ ପରାମର୍ଶ ଦେଉଥିଲେ । ତାଙ୍କୁ କେବେ ଭୀରୁ ବୋଲି କୁହାଯାଏ ନାହିଁ ।

–ପ୍ରଶାନ୍ତ କିଶୋର, ଜେଡିୟୁ ଉପାଧ୍ୟକ୍ଷ



ପାକିସ୍ତାନୀ ସେନା ଏବଂ ଆଇଏସ୍‌ଆଇ ପଞ୍ଜାବରେ ଆତଙ୍କବାଦର ବିସ୍ତାର ପାଇଁ ଷଡ଼ଯନ୍ତ୍ର ରଚୁଛନ୍ତି ।

–ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ



ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନକୁ ତାଙ୍କ ପରିବାର ଓ ଆମ ଦେଶବାସୀ ଉତ୍ସୁକତା ସହ ଅପେକ୍ଷା କରିଛନ୍ତି ।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



ପାକିସ୍ତାନର ବାଲାକୋଟରେ ନାଗରିକଙ୍କୁ ନ ଛୁଇଁ ଆତଙ୍କବାଦୀ ଶିବିରରେ ବାୟୁସେନାର ଆକ୍ରମଣ ଭାରତର ପରିପକ୍ୱତାକୁ ଦର୍ଶାଏ ।

–ଏସ୍.ଏମ୍. କ୍ରିଷ୍ଣା, ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମେଗା ଭିଡିଓ କନ୍‌ଫରେନ୍ସ ହାସ୍ୟାସ୍ପଦ ଓ ଜାତୀୟ ଭାବାବେଗ ପ୍ରତି ଧକ୍କା ।

–ମାୟାବତୀ, ବିଏସ୍‌ପି ସୁପ୍ରିମୋ

### ମୁକାବିଲା ପାଇଁ ତିନି ସେନା ପ୍ରସ୍ତୁତ

# ପାଇଲଟ ଫେରିବେ ବୋଲି ଖୁସି



(ବାମରୁ ଡାହାଣ) ବାୟୁସେନା ଉପମୁଖ୍ୟ ଆର୍‌ଜିକେ କପୁର, ସ୍ଥଳସେନାର ମେଜର ଜେନେରାଲ ସୁରିନ୍ଦର ସିଂ ମହଲ ଓ ନୌସେନାର ରିଅର୍ ଆଡ୍‌ମିରାଲ ଦଲବୀର ସିଂ ଗୁଜରାଲ ।

ନୂଆଦିଲ୍ଲୀ,୨୮।୨(ପି.ଟି.)–ବାୟୁସେନା ୱିଙ୍ଗ୍ କମାଣ୍ଡର ଶୁକ୍ରବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ । ଜେନେଭା ଚୁକ୍ତି ଅନୁସାରେ ପାକିସ୍ତାନ ତାଙ୍କୁ ମୁକ୍ତ କରିବାକୁ ଯାଉଛି । ଏହା ଜାଣିବା ପରେ ଆମେ ଖୁସି ବୋଲି ବାୟୁସେନା ପକ୍ଷରୁ ଗୁରୁବାର କୁହାଯାଇଛି । ଏହାସହ ଶାନ୍ତି ପାଇଁ ଅଭିନନ୍ଦନଙ୍କୁ ଛଡ଼ାଯାଉଛି ବୋଲି ପାକିସ୍ତାନ କରୁଥିବା ଦାବି ମିଛ ବୋଲି ବାୟୁସେନା ଉପମୁଖ୍ୟ ଭାଇସ୍ ମାର୍ଶଲ ଆର୍‌ଜିକେ କପୁର କହିଛନ୍ତି । ନୂଆଦିଲ୍ଲୀର ସାଉଥ୍ ବ୍ଲକ୍‌ରେ ଗୁରୁବାର ୩ ସେନା ପକ୍ଷରୁ ଏକ ମିଳିତ ଖବରଦାତା ସମ୍ମିଳନୀ କରାଯାଇଛି । ଏଥିରେ ବାୟୁସେନା ଉପମୁଖ୍ୟ ଆର୍‌ଜିକେ କପୁର, ସ୍ଥଳସେନାର ମେଜର ଜେନେରାଲ ସୁରିନ୍ଦର ସିଂ ମହଲ ଓ ନୌସେନାର ରିଅର୍ ଆଡ୍‌ମିରାଲ ଦଲବୀର ସିଂ ଗୁଜରାଲ ଉପସ୍ଥିତ ଥିଲେ । ପାକିସ୍ତାନ କୌଣସି ପ୍ରକାର ଦୁଃସାହସ କଲେ ତାକୁ କଡ଼ା ଜବାବ ଦେବା ପାଇଁ ୩ ସେନା ପ୍ରସ୍ତୁତ ବୋଲି ତିନି ସଶସ୍ତ୍ର ବଳ ପକ୍ଷରୁ କୁହାଯାଇଛି ।

# ଦେଶସେବାରେ ଅଭିନନ୍ଦନଙ୍କ ପରିବାରର ତିନି ପିଢ଼ି



ଚେନ୍ନାଇ/ମୁମ୍ବାଇ,୨୮।୨(ପି.ଟି.)

ବାୟୁସେନା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କ ପରିବାର ବହୁ ପିଢ଼ି ଧରି ଦେଶସେବାରେ ନିୟୋଜିତ ରହିଛନ୍ତି । ତାଙ୍କ ପତ୍ନୀ ତନ୍ୱୀ ମାରୱା ବାୟୁସେନାରେ ସ୍କ୍ୱାଡ୍ରନ ଲିଡର ଭାବେ ୧୫ ବର୍ଷ କାର୍ଯ୍ୟ କରିଥିଲେ । ଏବେ ସେ ରିଲାଏନ୍ସ ଜିଓର ଡିଜିଏମ୍ ଅଛନ୍ତି । ଅଭିନନ୍ଦନଙ୍କ ବାପା ସିହ୍ମାକୁଟ୍ଟି ବର୍ଥମାନ ଜଣେ ଏୟାର ମାର୍ଶାଲ ଥିଲେ । ସେ କାର୍ଗିଲ ଯୁଦ୍ଧରେ ସାମିଲ ହୋଇଥିଲେ । ତାଙ୍କ ମାଆ ଶୋଭା ଜଣେ ଡାକ୍ତରାଣୀ । ଅଭିନନ୍ଦନଙ୍କ ଜେଜେ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ବାୟୁସେନାରେ କାର୍ଯ୍ୟ କରୁଥିଲେ । ୧୯୮୩ରେ ଚେନ୍ନାଇ ନିକଟ ତାମ୍ବରମରେ ଜନ୍ମିତ ଅଭିନନ୍ଦନ ୨୦୦୪ ଜୁନ ୧୯ରେ ବାୟୁସେନାରେ ଭର୍ତ୍ତି ହୋଇଥିଲେ ।

ପୁଅର ସାହସିକତା ପାଇଁ ଗର୍ବିତ ବୋଲି ଅଭିନନ୍ଦନଙ୍କ ବାପା କହିବା ସହ ସେ ନିରାପଦରେ ଘରକୁ ଫେରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି । ତାଙ୍କ ପୁଅ ପ୍ରତି ଦେଶବାସୀଙ୍କ ସମର୍ଥନ ଓ ଶୁଭେଚ୍ଛା ଲାଗି ସେ ଧନ୍ୟବାଦ ଜଣାଇଛନ୍ତି । ପାକିସ୍ତାନ ସେନାବାହିନୀ କବଳରେ ଥାଇ ମଧ୍ୟ ଅଭିନନ୍ଦନ ନିର୍ଭୀକତାର ସହ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଏଥିରେ ସେ ବାସ୍ତବ ଯୋଦ୍ଧାର ପରିଚୟ ଦେଇଛନ୍ତି । କୌଣସି ନିର୍ଯାତନାର ସମ୍ମୁଖୀନ ନହୋଇ ସେ ନିରାପଦରେ ଫେରିଆସନ୍ତୁ ଏହା ପ୍ରାର୍ଥନା କରୁଛି ବୋଲି ଅଭିନନ୍ଦନଙ୍କ ବାପା କହିଛନ୍ତି ।

### ■ ଦିଲ୍ଲୀ ହାଇକୋର୍ଟରେ ପିଟିଶନ୍ ଖାରଜ

# ନ୍ୟାଶନାଲ୍ ହେରାଲ୍ଡ ହାଉସ ଖାଲିକରିବ ଏଜେଏଲ୍

ନୂଆଦିଲ୍ଲୀ,୨୮।୨(ପି.ଟି.)

ନ୍ୟାଶନାଲ ହେରାଲ୍ଡ ହାଉସ୍‌କୁ ଖାଲି କରିବାକୁ ହେବ ବୋଲି ଆସୋସିଏଟେଡ ଜର୍ନାଲ୍ସ ଲିଃ (ଏଜେଏଲ୍)କୁ ଦିଲ୍ଲୀ ହାଇକୋର୍ଟ କହିଛନ୍ତି । ଉକ୍ତ ହାଉସ୍ ଖାଲି କରିବା ଲାଗି ଜଣିକିଆ ଖଣ୍ଡପୀଠ ଗତ ଡିସେମ୍ବର ୨୧ରେ ଦେଇଥିବା ରାୟକୁ ଏହାର ପ୍ରକାଶକ ଏଜେଏଲ୍ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା । ମୁଖ୍ୟ ବିଚାରପତି ରାଜେନ୍ଦ୍ର ମେନନ ଏବଂ ଜଷ୍ଟିସ ଭି.କେ. ରାଓଙ୍କ ଖଣ୍ଡପୀଠ ଗୁରୁବାର ଉକ୍ତ ପିଟିଶନକୁ ଖାରଜ କରିଦେଇଛନ୍ତି । ଏପରିକି ଦୁଇ ସପ୍ତାହ ସମୟ ଦେବା ଲାଗି ଏଜେଏଲ୍ ଓକିଲଙ୍କ ମୌଖିକ ଅନୁରୋଧକୁ ମଧ୍ୟ ଖଣ୍ଡପୀଠ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି । ଏଜେଏଲ୍‌ର ୯୯ ପ୍ରତିଶତ ଅଂଶଧନ ଗାନ୍ଧୀ ପରିବାର ମାଲିକାନାରେ ଥିବା ୟଙ୍ଗ ଇଣ୍ଡିଆ (ୱାଇଆଇ)କୁ ସ୍ଥାନାନ୍ତର ଦ୍ୱାରା ସେମାନେ ୪୧୩.୪୦ କୋଟି ଟଙ୍କା ଲାଭବାନ ହୋଇଛନ୍ତି । ୱାଇଆଇ ଦ୍ୱାରା ଏଜେଏଲ୍‌ର ସମ୍ପତ୍ତି ଅପହରଣ କରାଯାଇଥିବା ଜଣିକିଆ ଖଣ୍ଡପୀଠ ତାଙ୍କ ରାୟରେ କହିଥିଲେ ।




# ୟେଦ୍ଦୁରପ୍ପାଙ୍କ ମନ୍ତବ୍ୟକୁ ନେଇ ଝଡ଼

ବେଙ୍ଗାଲୁରୁ,୨୮।୨

### ବାଲାକୋଟ ଆକ୍ରମଣ ଯୋଗୁ କର୍ନାଟକର ୨୨ ଆସନରେ ଜିତିବ ଭାଜପା



ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱାସ୍ଥିତ ବାଲାକୋଟରେ ଭାରତୀୟ ବାୟୁସେନାର ବୋମାମାଡ଼ ଭାଜପାକୁ କର୍ନାଟକରେ ବିଜୟୀ କରାଇବ । ରାଜ୍ୟର ୨୮ ଲୋକ ସଭା ଆସନରୁ ୨୨ଟିରେ ଭାଜପା ପ୍ରାର୍ଥୀ ଜିତିବେ ବୋଲି କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦ୍ଦୁରପ୍ପା ମନ୍ତବ୍ୟ ଦେଇଛନ୍ତି । ଏହାକୁ ନେଇ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି ।

ଦୁଇଦିନ ତଳେ ବାୟୁସେନା ପକ୍ଷରୁ ବାଲାକୋଟର ଆତଙ୍କବାଦୀ ତାଲିମ ଶିବିରରେ ଆକ୍ରମଣ କରାଯାଇଥିଲା । ଏହାକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଥିବାବେଳେ ବରିଷ୍ଠ ଭାଜପା ନେତା ତଥା କର୍ନାଟକରେ ପୁଣିଥରେ କ୍ଷମତାର ସ୍ୱାଦ ଚାଖିବାକୁ ସ୍ୱପ୍ନ ଦେଖୁଥିବା ୟେଦ୍ଦୁରପ୍ପା ଏହି କାର୍ଯ୍ୟାନୁଷ୍ଠାନକୁ ନେଇ ରାଜନୀତି ଆରମ୍ଭ କରିଦେଇଛନ୍ତି । ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଥିବା ୟେଦ୍ଦୁରପ୍ପା ଚିତ୍ରଦୁର୍ଗାରେ ବୁଧବାର କହିଛନ୍ତି, ପାକିସ୍ତାନରେ ପଶି ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରିବା ପରେ ଭାରତରେ ମୋଦି ହାୱା ବହିବାରେ ଲାଗିଛି । ଏହାର ଫଳାଫଳ ଆସନ୍ତା ଲୋକ ସଭା ନିର୍ବାଚନରେ ଦେଖିବାକୁ ମିଳିବ । ଏହା ଯୁବବର୍ଗଙ୍କୁ ଉତ୍ସାହିତ କରିଥିବାରୁ କର୍ନାଟକରେ ୨୨ରୁ ଊର୍ଦ୍ଧ୍ୱ ଆସନରେ ଭାଜପାର ବିଜୟ ସୁନିଶ୍ଚିତ ବୋଲି ଦୃଢ଼ୋକ୍ତି ବାଢ଼ିଛନ୍ତି ୟେଦ୍ଦୁରପ୍ପା । ତାଙ୍କର ଏହି ବିବାଦୀୟ ମନ୍ତବ୍ୟକୁ ବିଚାରଧାରା ନିର୍ବିଶେଷରେ ଅନେକ ଦଳ ନିନ୍ଦା କରିଛନ୍ତି । କର୍ନାଟକର କଂଗ୍ରେସ ସଭାପତି ଦୀନେଶ ଗୁଣ୍ଡୁ ରାଓ ଏହାକୁ ଘୃଣ୍ୟ, ଲଜ୍ଜାଜନକ ଓ ଦାୟିତ୍ୱହୀନ ମନ୍ତବ୍ୟ ବୋଲି ଅଭିହିତ କରିଛନ୍ତି । ଭାଜପା ନିର୍ବାଚନ ଜିତିବା ଲାଗି ଯୁଦ୍ଧ ରଣନୀତି ପ୍ରସ୍ତୁତ କରୁଛି କି ବୋଲି ସେ ପ୍ରଶ୍ନ କରିଛନ୍ତି । ଏଭଳି ସ୍ଥିତିରୁ ରାଜନୈତିକ ଫାଇଦା ହାସଲ ଆଶା ନିନ୍ଦନୀୟ ବୋଲି ଦୀନେଶ ସମାଲୋଚନା କରିଛନ୍ତି । ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ମଧ୍ୟ ଏହାର କଡ଼ା ନିନ୍ଦା କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଭି.କେ. ସିଂ କହିଛନ୍ତି, ୟେଦ୍ଦୁରପ୍ପାଙ୍କ ସହ ସେ ଏକମତ ନୁହନ୍ତି । ଅଧିକ ଆସନରେ ବିଜୟୀ ହେବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଦେଶର ନାଗରିକଙ୍କ ସୁରକ୍ଷା ପାଇଁ ସରକାର ଏହି ନିଷ୍ପତ୍ତି ନେଇଥିବା ସେ ଦର୍ଶାଇଛନ୍ତି । ଚାରିଆଡୁ ସମାଲୋଚିତ ହେବା ପରେ ୟେଦ୍ଦୁରପ୍ପା ଛେପ ଢୋକିଛନ୍ତି ।

## ଇତିହାସର ଆଇନାରେ
## ମାର୍ଚ୍ଚ ୧ର ପ୍ରମୁଖ ଘଟଣା

୨୦୧୪ ମାର୍ଚ୍ଚ ୧ରେ ଚାଇନାର କୁନ୍‌ମିଙ୍ଗ୍ ରେଲଷ୍ଟେଶନ୍‌ରେ ଛୁରାମାଡ଼ରେ ୨୯ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୧୩୦ ଆହତ ହୋଇଥିଲେ । ଦଳେ ମହିଳା ଓ ପୁରୁଷ ଲମ୍ବା ଛୁରି ଧରି ଉକ୍ତ ଷ୍ଟେଶନ୍‌କୁ ଧସେଇ ପଶିବା ସହିତ ଯାତ୍ରୀମାନଙ୍କୁ ଆଖିବୁଜା ଛୁରିରେ ଆକ୍ରମଣ କରିଥିଲେ । ସେମାନେ ହିଂସ୍ର ବିଚ୍ଛିନ୍ନତାବାଦୀ ଗୋଷ୍ଠୀର ସଦସ୍ୟ ବୋଲି ପରେ ଚିହ୍ନଟ କରାଯାଇଥିଲା ।

୨୦୦୨ ମାର୍ଚ୍ଚ ୧ରେ ଆମେରିକା ପକ୍ଷରୁ ପୂର୍ବ ଆଫଗାନିସ୍ତାନ ଉପରେ ଆକ୍ରମଣ କରାଯାଇଥିଲା । ଏହା ଅପରେଶନ୍ ଆନାକୋଣ୍ଡା ଭାବରେ ପରିଚିତ । ଆଫଗାନିସ୍ତାନକୁ ସରକାରୀ ଭାବେ ଇସ୍‌ଲାମିକ୍ ରିପବ୍ଲିକ୍ ଅଫ୍ ଆଫଗାନିସ୍ତାନ କୁହାଯାଏ । ଏହାର ଦକ୍ଷିଣ ଓ ପୂର୍ବରେ ପାକିସ୍ତାନ, ପଶ୍ଚିମରେ ଇରାନ୍ ଏବଂ ଉତ୍ତରରେ ତୁର୍କମେନିସ୍ତାନ, ଉଜ୍‌ବେକିସ୍ତାନ ଏବଂ ତାଜିକିସ୍ତାନ ରହିଛି ।

# ‘ଜଙ୍ଗଲ ଜମିରୁ ଉଚ୍ଛେଦ ହେବେନି ଆଦିବାସୀ’

ନୂଆଦିଲ୍ଲୀ,୨୮।୨(ପି.ଟି.)–ବେଆଇନ ଭାବେ ଜଙ୍ଗଲ ଜମିରେ ବସବାସ କରୁଥିବା ଓଡ଼ିଶା ସମେତ ୨୧ଟି ରାଜ୍ୟର ୧୧.୮ ଲକ୍ଷ ଆଦିବାସୀଙ୍କୁ ଉଚ୍ଛେଦ କରିବା ଲାଗି ସୁପ୍ରିମକୋର୍ଟ ଗତ ୧୩ ତାରିଖରେ ନିର୍ଦ୍ଦେଶ ଦେଇଥିଲେ । ଗୁରୁବାର ଅଦାଲତ ତାଙ୍କ ନିଜ ରାୟ ଉପରେ ସ୍ଥଗିତାଦେଶ ଲଗାଇଛନ୍ତି । ଆଦିବାସୀମାନଙ୍କ ଜଙ୍ଗଲ ଜମିରେ ଅଧିକାର ଦାବିକୁ ରାଜ୍ୟ ସରକାରଗୁଡ଼ିକ କେଉଁ ପ୍ରକ୍ରିୟାରେ ଖାରଜ କଲେ ତାହାର ସବିଶେଷ ବିବରଣୀ ସତ୍ୟପାଠ ମାଧ୍ୟମରେ ଦାଖଲ କରିବାକୁ ଜଷ୍ଟିସ ଅରୁଣ ମିଶ୍ର ଏବଂ ନବୀନ ସିହ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟଗୁଡ଼ିକର ମୁଖ୍ୟ ସଚିବମାନେ ସତ୍ୟପାଠ ଦାଖଲ କରିବାକୁ କୁହାଯାଇଛି । ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୧୦କୁ ଧାର୍ଯ୍ୟ କରାଯାଇଛି ।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡ଼ଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧/୨୦୧୯ | Bhubaneswar, Friday, March 1/2019 | ପୃଷ୍ଠା-୧



## 'କେବେ ଫିଲ୍ମକୁ ଫେରିବେ' ପଚାରିବା ବନ୍ଦ କରନ୍ତୁ

'ଆପଣ କେବେ ଫିଲ୍ମକୁ ଫେରୁଛନ୍ତି' ପଚାରିବା ବନ୍ଦ କରନ୍ତୁ ବୋଲି ବଲିଉଡ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ପ୍ରଶ୍ନକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି।

୦୯ | ୧୩

## ଦୀପକ ଜିତିଲେ ସ୍ୱର୍ଣ୍ଣ

ଇରାନରେ ଅନୁଷ୍ଠିତ ମାକ୍ରାନ କପ୍ ବକ୍ସିଂ ପ୍ରତିଯୋଗିତାରେ ଭାରତର ଏକମାତ୍ର ବକ୍ସର ଜାତୀୟ ଚାମ୍ପିୟନ ଦୀପକ ସିଂ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।








### ପାକିସ୍ତାନ ପାର୍ଲାମେଣ୍ଟରେ ଘୋଷଣା କଲେ ଇମ୍ରାନ

# ଆଜି ମୁକୁଳିବେ ପାଇଲଟ ଅଭିନନ୍ଦନ

ଇସ୍‌ଲାମାବାଦ/ନୂଆଦିଲ୍ଲୀ,୨୮।୨(ପି.ଟି.)

ପାକିସ୍ତାନ କବ୍‌ଜାରେ ଥିବା ଭାରତୀୟ ବାୟୁସେନା (ଆଇଏଏଫ୍) ପାଇଲଟ ଅଭିନନ୍ଦନ ବର୍ଥମାନ ଶୁକ୍ରବାର ମୁକୁଳି ଭାରତ ଫେରିବେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ସେଠାକାର ପାର୍ଲାମେଣ୍ଟରେ ଗୁରୁବାର ଏହା ଘୋଷଣା କରିଛନ୍ତି। ଦୁଇଦେଶ ମଧ୍ୟରେ ଉତ୍ତେଜନାକୁ ପ୍ରଶମିତ କରି ଶାନ୍ତି ପ୍ରତିଷ୍ଠା କରିବା ପାଇଁ ପାକିସ୍ତାନ ଏହି ପଦକ୍ଷେପ ନେବାକୁ ଯାଉଛି ବୋଲି ଇମ୍ରାନ୍ କହିଛନ୍ତି। ପାକିସ୍ତାନକୁ ଭାରତ ଯୁଦ୍ଧ ଭୟ ଦେଖାଉଥିବାବେଳେ ଇସ୍‌ଲାମାବାଦର ଏହି ନିଷ୍ପତ୍ତି ଅନେକଙ୍କୁ ବିସ୍ମିତ କରିଛି। ଅନ୍ୟପକ୍ଷରେ ନୂଆଦିଲ୍ଲୀ ଓ ଅନ୍ତର୍ଜାତୀୟ ସମୁଦାୟର ଚାପ ଆଗରେ ମୁଣ୍ଡ ନୁଆଁଇ ପାକିସ୍ତାନ ଅଭିନନ୍ଦନଙ୍କୁ ଛାଡ଼ିବାକୁ ବାଧ୍ୟ ହୋଇଛି ବୋଲି ଭାରତରେ ଚର୍ଚ୍ଚା ହେଉଛି। ପାକିସ୍ତାନର ବାଲାକୋଟରେ ଆତଙ୍କବାଦୀଙ୍କ ଉପରେ ବାୟୁସେନାର ଋକେଟମାଡ଼ ପରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଉଭୟ ପଟର ବାୟୁସେନା ବାୟୁସୀମା ଅତିକ୍ରମ କରି ବିପକ୍ଷଙ୍କୁ ଟାର୍ଗେଟ କରିଥିବା କୁହାଯାଉଛି। ପାକିସ୍ତାନ ବାୟୁସେନାର କେତୋଟି ହେଲିକପ୍ଟର ବୁଧବାର ଭାରତ ଭିତରକୁ ପଶି ଜମ୍ମୁ-କଶ୍ମୀର ସୀମାନ୍ତ ଅଞ୍ଚଳରେ ସେନାଘାଟିଗୁଡ଼ିକୁ ଟାର୍ଗେଟ କରୁଥିବାବେଳେ ଆଇଏଏଫ୍ ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ତାକୁ ଜବାବ ଦେବା ପାଇଁ ଆକାଶମାର୍ଗରେ ନିୟନ୍ତ୍ରଣରେଖା ଡେଇଁ ପାକ୍-ଅଧିକୃତ କଶ୍ମୀର (ପିଓକେ) ପଟକୁ ଚାଲିଯାଇଥିଲେ। ପାକିସ୍ତାନୀ ସେନାର ଗୁଳିମାଡ଼ରେ ମିଗ୍ ୨୧ ବିମାନ ତଳକୁ ଖସିବା ପୂର୍ବରୁ ଅଭିନନ୍ଦନ ପାରାସ୍ୟୁଟ୍‌ରେ ଓହ୍ଲାଇପଡ଼ିଥିଲେ। ପାକିସ୍ତାନୀ ସୁରକ୍ଷା ବଳ ତାଙ୍କୁ କାବୁ କରିନେଇଥିଲା ବୋଲି ସେଠାକାର ସରକାର ☞ପୃଷ୍ଠା-୨

### ଯୁଦ୍ଧ ନୁହେଁ, ଶାନ୍ତି ଉଦ୍ୟମ

- ପାକିସ୍ତାନୀ ବାୟୁସେନାର ହେଲିକପ୍ଟର ଘଉଡ଼ାଇବାକୁ ଯାଇ ବାୟୁସୀମା ଡେଇଁଥିଲେ ଅଭିନନ୍ଦନ
- ପିଓକେରୁ ତାଙ୍କୁ ଧରିନେଇଥିଲା ପାକିସ୍ତାନ
- ମୁକ୍ତି ପାଇଁ ଇସ୍‌ଲାମାବାଦର ସର୍ତ୍ତକୁ ଅଗ୍ରାହ୍ୟ କଲା ଭାରତ
- ଅନ୍ତର୍ଜାତୀୟ ଚାପ ପରେ ରାଜି ହେଲା ଇସ୍‌ଲାମାବାଦ
- ଟ୍ରମ୍ପ୍ ଆଗୁଆ ଦେଇଥିଲେ 'ଖୁସି ଖବର'
- ଶାନ୍ତି ପାଇଁ ପାଇଲଟଙ୍କୁ ଶୁକ୍ରବାର ଛଡ଼ାଯିବ: ଇମ୍ରାନ୍



### ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପିତ ହେଲା ଗୋପାଳପୁର ବନ୍ଦର

# 'ଓଡ଼ିଶା ଭିତ୍ତିଭୂମି ବିକାଶରେ ଯୋଡ଼ିହେଲା ନୂଆ ଅଧ୍ୟାୟ'



ଗୋପାଳପୁର ବନ୍ଦରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରୁଛନ୍ତି।

- ୮ ହଜାର ଲୋକଙ୍କୁ ମିଳିବ ନିଯୁକ୍ତି
- ଚାଷୀ ଘରର ପିଲା ବୈଜ୍ଞାନିକ ହୁଅନ୍ତୁ
- ଶେରଗଡ଼,ହିଞ୍ଜିଳି ବ୍ଲକର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ
- ଧରାକୋଟ, ସାନଖେମୁଣ୍ଡି ବ୍ଲକର ଜଳଯୋଗାଣ ପ୍ରକଳ୍ପ ଭିତ୍ତିପ୍ରସ୍ତର

ଛତ୍ରପୁର/ଶେରଗଡ଼/ଦିଗପହଣ୍ଡି/ପାଟପୁର,୨୮।୨(ଡି.ଏନ.ଏ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଗଞ୍ଜାମ ଜିଲା ଗସ୍ତରେ ଆସି ଗୋପାଳପୁର ବନ୍ଦରକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିବା ସହ ଶେରଗଡ଼ ଓ ସାନଖେମୁଣ୍ଡିରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୦ଟା ୪୫ରେ ଗୋପାଳପୁର ବନ୍ଦର ପାଇଁ ୨ଟି ନୂଆ ବର୍ଥକୁ ଲୋକାର୍ପଣ କରିବା ପରେ ସେଠାରେ ଆୟୋଜିତ ସମାରୋହରେ ଯୋଗଦେଇ ଏହା ଓଡ଼ିଶାର ଭିତ୍ତିଭୂମି ବିକାଶରେ ଯୋଡିହେଲା ବୋଲି କହିଥିଲେ। ବନ୍ଦରର ପଣ୍ୟ କାରବାର କ୍ଷମତା ବାର୍ଷିକ ୫ ମିଲିୟନ ମେଟ୍ରିକ୍ ଟନ୍‌ରୁ ୨୦ ମିଲିୟନ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ହୋଇଛି। ବର୍ତ୍ତମାନ ବର୍ଥ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ଏହାଦ୍ୱାରା ୮ ହଜାର ଲୋକଙ୍କୁ ନିଯୁକ୍ତି ମିଳିବ। ବିଜୁ ବାବୁଙ୍କ ଉଦ୍ୟମରେ ☞ପୃଷ୍ଠା-୨

# ଏପ୍ରିଲ ପହିଲାରୁ ନୂଆ ଗାଡ଼ିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ବୃଦ୍ଧିପାଉଥିବା ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ନିର୍ମାତାମାନେ ସମସ୍ତ ଯାନବାହନରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେଶନ ନମ୍ବର ପ୍ଲେଟ୍ ଲଗାଇବାକୁ କେନ୍ଦ୍ର ସରକାର ବାଧ୍ୟତାମୂଳକ କରିଛନ୍ତି। ଆସନ୍ତା ଏପ୍ରିଲ ପହିଲାରୁ ନୂଆଗାଡିରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ନମ୍ବର ପ୍ଲେଟ୍ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ନୂଆଗାଡିରେ ନମ୍ବର ପ୍ଲେଟ୍ ଫିକ୍ସ ରହିବ। ଏଥିପାଇଁ ଆଉ ବାହାରେ ଲଗାଇବାକୁ ପଡିବ ନାହିଁ। ଯାନବାହନ ନିର୍ମାତା ଗାଡି ନିର୍ମାଣ ବେଳେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇ ବଜାରକୁ ଛାଡିବେ। ଏହି ନମ୍ବର ପ୍ଲେଟକୁ କୌଣସି ପରିସ୍ଥିତିରେ କଢାଯାଇ ପାରିବ ନାହିଁ କିମ୍ବା ବଦଳା ଯାଇ ପାରିବ ନାହିଁ। ଏଥିସହିତ ଗାଡି ବିକ୍ରି କରୁଥିବା ଡିଲରମାନେ କୌଣସି ଯାନ ନମ୍ବର ନ ଲେଖି ଗ୍ରାହକଙ୍କୁ ବିକ୍ରି କରିପାରିବେ ନାହିଁ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଭଳି ଏକ ନିର୍ଦ୍ଦେଶନାମା ରାଜ୍ୟ ସରକାରଙ୍କୁ ଦିଆଯାଇଛି। ଏହାକୁ କାର୍ଯ୍ୟକାରୀ କରିବାକୁ ସମସ୍ତ ଯାନବାହନ ନିର୍ମାତା ଓ ଡିଲରମାନଙ୍କୁ ନିର୍ଦ୍ଦେଶ ଦେବାକୁ କୁହାଯାଇଛି। ଭାରିଯାନଗୁଡିକରେ ତୃତୀୟ ରେଜିଷ୍ଟ୍ରେଶନ ନମ୍ବର ପ୍ଲେଟ୍ ମଧ୍ୟ ନିର୍ମାତାମାନେ ଗାଡିରେ ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି।

ଏହି ନିର୍ଦ୍ଦେଶନାମା ପରେ ଗ୍ରାହକମାନେ ଟଙ୍କା ଡିପୋଜିଟ କଲେ ମଧ୍ୟ ବିନା ନମ୍ବରରେ ରାସ୍ତାରେ ଗାଡି ଗଡାଇ ପାରିବେ ନାହିଁ। ଏହାଛଡା ଯେଉଁମାନେ ନିଜ ଗାଡି ପାଇଁ ନିଜ ମନ ପସନ୍ଦ ନମ୍ବର ନେବାକୁ ଚାହିଁବେ ସେମାନଙ୍କୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନମ୍ବର ଅନୁମତି ଦେବା ଯାଏ ଅପେକ୍ଷା କରିବାକୁ ପଡିବ । ଏବେ ଲୋକମାନେ ଗାଡି କିଣି ବିନା ନମ୍ବରରେ ସଙ୍ଗେ ସଙ୍ଗେ ଚଲାଇବା ଆରମ୍ଭ କରୁଛନ୍ତି । ମାତ୍ର ନୂତନ ମୋଟର ଯାନ ନିୟମ କାର୍ଯ୍ୟକାରୀ ହେବା ପରେ ଡିଲରମାନେ ବିନା ନମ୍ବରରେ ଗାଡି ମାଲିକଙ୍କୁ ହସ୍ତାନ୍ତର କରି ପାରିବେ ନାହିଁ।

କେନ୍ଦ୍ର ସରକାର ଏ ନେଇ ମୋଟରଯାନ ଆଇନ ୧୯୮୮ର ଧାରା ୧୧୦ ଅନୁଯାୟୀ କେନ୍ଦ୍ରୀୟ ମୋଟର ଯାନ ନିୟମ ୧୯୮୯ ସଂଶୋଧନ କରି କେନ୍ଦ୍ରୀୟ ମୋଟର ଯାନ ନିୟମ ୨୦୧୮ କାର୍ଯ୍ୟକାରୀ କରିଛନ୍ତି। ଏହି ସଂଶୋଧିତ ନିୟମ ଅନୁଯାୟୀ ରାଜ୍ୟ ସରକାର ନିଜ ରାଜ୍ୟରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ବ୍ୟବସ୍ଥାକୁ କଡାକଡି ଭାବେ ପାଳନ କରିବାକୁ ☞ପୃଷ୍ଠା-୨

### ସୁରକ୍ଷା ଚିନ୍ତା

- ବିନା ନମ୍ବରରେ ଗାଡ଼ି ବିକି ପାରିବେନି ଡିଲର
- ଗାଡ଼ିରେ ଫିକ୍ସ ରହିବ ନମ୍ବର ପ୍ଲେଟ୍
- ବଦଳିବ ପୁରୁଣା ଗାଡ଼ି ନମ୍ବର ପ୍ଲେଟ୍

### ଆଜିର ସମ୍ପାଦକୀୟ

ଗୋଦାମଘର କର

### ଆଜିର ମନ୍ତବ୍ୟ

"ଆମ ପିଲାଙ୍କ ସୁରକ୍ଷା, ନିରାପତ୍ତା ଓ ମଙ୍ଗଳ ପାଇଁ ଭାରତ ଏବଂ ପାକିସ୍ତାନ ସରକାର ସଂଯମ ହେବା ଜରୁରୀ।

– କୈଳାଶ ସତ୍ୟାର୍ଥୀ,
ନୋବେଲ ବିଜେତା ଶିଶୁ ଅଧିକାର କର୍ମୀ

### କିଛି ତଥ୍ୟ

୨୦୧୭ ଜୁଲାଇରୁ ୨୦୧୮ ଜୁନ ସମୟ ମଧ୍ୟରେ ଦେଶରେ ୨୮୪.୮୩ ନିୟୁତ ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ ହୋଇଛି।

– କୃଷି ମନ୍ତ୍ରଣାଳୟ

NECC NATIONAL EGG CO-ORDINATION COMMITTEE 28.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 76 | 127 | 137 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 81 | 133 | 143 |
| BLS | 81 | 133 | 143 |
| ANG | 77 | 128 | 138 |

*Conditions Apply
Eggs Retail Price- 53/-Dozen
Issued in the Interest of Consumers






### ଭାରତ-ପାକିସ୍ତାନ ଉତ୍ତେଜନା

# ସତର୍କ ରହିବାକୁ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ଗତ କିଛି ଦିନ ହେବ ଭାରତ ଓ ପାକିସ୍ଥାନ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଏହାକୁ ଦୃଷ୍ଟିରେ ରଖି ସତର୍କତା ଅବଲମ୍ବନ କରିବାକୁ ପୋଲିସ ମହାନିର୍ଦ୍ଦେଶକ ଆର.ପି ଶର୍ମା ସମସ୍ତ ଜିଲାର ଏସପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାଓବାଦୀ ଅଧୁଷିତ ଜିଲା, ଉପକୂଳ ଏବଂ ପର୍ଯ୍ୟଟନ କ୍ଷେତ୍ରଗୁଡିକରେ ନିୟୋଜିତ ପୋଲିସ ଅଧିକାରୀମାନେ ଅଧିକ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାଲେଶ୍ୱରରୁ ୪୮୫ କିଲୋମିଟର ବେଳାଭୂମୀ ରହିଛି। ରାଜ୍ୟର ଉତ୍ତର ପୂର୍ବ ଦିଗରେ ଅବଦୁଲ କାଲାମ ଦ୍ୱୀପରେ ଇଣ୍ଟିଗ୍ରେଟେଡ ଟେଷ୍ଟ ରେଞ୍ଜ ରହିଥିବା ବେଳେ କୋରାପୁଟରେ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ ଫ୍ୟାକ୍ଟ୍ରି ଏବଂ ବଲାଙ୍ଗୀରରେ ଗୋଳାବାରୁଦ କାରଖାନା ଏବଂ ପାରାଦୀପ ବନ୍ଦର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ରହିଛି। ଏ ନେଇ ଜିଲା ପ୍ରଶାସନ ତୀକ୍ଷ୍ଣ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। କୌଣସି ସ୍ଥାନରେ କିଛି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଥିବା ନଜରକୁ ଆସିବା ମାତ୍ରେ ତୁରନ୍ତ ଜଣାଇବା ସହ ପ୍ରତିକାର ପଦକ୍ଷେପ ନିଆଯିବ। ଏ ନେଇ ଗୁରୁବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ପରିସ୍ଥିତିର ସମୀକ୍ଷା କରିଥିଲେ। ଏହି ବୈଠକରେ ପୋଲିସ ମହାନିର୍ଦ୍ଦେଶକ ଶର୍ମାଙ୍କ ସମେତ ଗୃହ ବିଭାଗର ବରିଷ୍ଠ ଅଧିକାରୀ, ଭାରତୀୟ ନୌସେନା ଓ କୋଷ୍ଟଗାର୍ଡ ଅଧିକାରୀମାନେ ଉପସ୍ଥିତ ଥିଲେ।




## ସଂକ୍ଷେପରେ

### ମାଟ୍ରିକ ପରୀକ୍ଷା: କପି କରି ୧୦୫ଜଣ ଏମ୍‌ପି

କଟକ ଅଫିସ,୨୮।୨: ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ମାଟ୍ରିକ ପରୀକ୍ଷାର ଗୁରୁବାର ତୃତୀୟ ଭାଷା(ସଂସ୍କୃତ) ପରୀକ୍ଷା ଥିଲା। ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଏହି ବିଷୟରେ କପି କରି ମୋଟ୍ ୧୦୫ଜଣ ପରୀକ୍ଷାର୍ଥୀ ଧରାପଡ଼ିବା ସହ ମାଲପ୍ରାକ୍ଟିସ(ଏମ୍‌ପି) ହୋଇଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଶାନ୍ତିଶୃଙ୍ଖଳାରେ ପରୀକ୍ଷା କାର୍ଯ୍ୟ ସମାପନ ହୋଇଥିବା ମଧ ବୋର୍ଡ ସଭାପତି ଡ. ଜହାଁଆରା ବେଗମ କହିଛନ୍ତି।

### ବିଧାନସଭାରେ ପାଳିତ ହେଲା ସୁରେନ୍ଦ୍ର ସାଏଙ୍କ ୧୩୫ତମ ଶ୍ରାଦ୍ଧବାର୍ଷିକୀ

ଭୁବନେଶ୍ୱର, ୨୮।୨(ବ୍ୟୁରୋ): ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ୧୩୫ତମ ଶ୍ରାଦ୍ଧବାର୍ଷିକୀ ଓଡ଼ିଶା ବିଧାନସଭା ପରିସରରେ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବାଚସ୍ପତି ପ୍ରଦୀପ କୁମାର ଅମାତ ବିଧାନସଭା ପରିସରରେ ଥିବା ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଏହି ଅବସରରେ ସରକାରୀ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ, ରଣପୁର ବିଧାୟକ ରବିନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଧାନସଭାର ସଚିବ ଅମିୟ କୁମାର ଷଡ଼ଙ୍ଗୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଏହି ଅବସରରେ ଉପସ୍ଥିତ ରହିଥିଲେ।

### ମୁକୁଳିବେ ଅଭିନନ୍ଦନ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୨୮।୨(ବ୍ୟୁରୋ): ପାକ୍ କବ୍‌ଜାରେ ଥିବା ଭାରତୀୟ ବାୟୁସେନା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନ ଶୁକ୍ରବାର ମୁକୁଳିବେ। ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଗୁରୁବାର ଅପରାହ୍ନରେ ପାକ୍ ସଂସଦରେ ଏହି ଘୋଷଣା କରିଛନ୍ତି। ଏହି ଖବର ସମସ୍ତ ଭାରତୀୟଙ୍କ ମନରେ ଉଲ୍ଲାସ ଭରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ଖୁସି ଲାଗୁଛି ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ଶୁକ୍ରବାର ମୁକୁଳିବା ସହ ନିଜ ପରିବାରକୁ ଭେଟିବେ। ଏହି ଖୁସି ଖବର ପାଇଁ ମୁଁ ପ୍ରତିଟି ଭାରତୀୟଙ୍କୁ ଶୁଭେଚ୍ଛା ଜଣାଉଛି।

### ଓୟୁଏଟି କୁଳପତି ଭାବେ ଦାୟିତ୍ୱ ନେଲେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି

ଭୁବନେଶ୍ୱର,୨୮।୨(ବ୍ୟୁରୋ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ। ଯେ ପର୍ଯ୍ୟନ୍ତ ନୂତନ କୁଳପତି ନିଯୁକ୍ତ ନ ହୋଇଛନ୍ତି, ସେ ପର୍ଯ୍ୟନ୍ତ ପ୍ରଫେସର ପଟ୍ଟନାୟକ ଏହି ଦାୟିତ୍ୱରେ ରହିବେ ବୋଲି ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ପାଇବା ପରେ ପ୍ରଫେସର ପଟ୍ଟନାୟକ ସଙ୍ଗେ ସଙ୍ଗେ ଦାୟିତ୍ୱ ଗ୍ରହଣ କରି କାର୍ଯ୍ୟ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ଓୟୁଏଟି କୁଳପତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଚାଲିଥିବାରୁ ଗତ ୨୫ ତାରିଖରେ ରାଜଭବନ ପକ୍ଷରୁ ତାଙ୍କୁ ଛୁଟିରେ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତାଙ୍କ ସ୍ଥାନରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ସୌରଭ ଗର୍ଗଙ୍କୁ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିବାକୁ କୁହାଯାଇଥିଲା। କିନ୍ତୁ ଦୁଇଦିନ ବିତିଯାଇଥିଲେ ମଧ ସେ ଦାୟିତ୍ୱ ଗ୍ରହଣ କରି ନ ଥିଲେ, ଯେଉଁଥିପାଇଁ ଗୁରୁବାର ପ୍ରଫେସର ପଟ୍ଟନାୟକଙ୍କୁ ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ଦିଆଯାଇଛି।

ଜୁନାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ



# ସବୁ ଦଳରେ ଆଶାୟୀଙ୍କ ଭିଡ଼

ଉତ୍ତମ କୁମାର ଦାଶ
ଭବାନୀପାଟଣା,୨୮।୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଜୁନାଗଡ଼ ଅନ୍ୟତମ। ଏହି ନିର୍ବାଚନମଣ୍ଡଳୀ ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ଥିବାରୁ ସବୁବେଳେ ଚର୍ଚ୍ଚାରେ ରହି ଆସିଛି। ପୂର୍ବରୁ ଏହି ନିର୍ବାଚନମଣ୍ଡଳୀକୁ ଭାଜପାର ଗଡ଼ କୁହାଯାଉଥିଲା। ୧୯୯୦ ରୁ ୨୦୦୯ ପର୍ଯ୍ୟନ୍ତ ୨୦ବର୍ଷ ଧରି ଲଗାତାର ଏଠାରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିଲେ। ଏହି ସମୟରେ ବିକ୍ରମ କେଶରୀ ଦେଓ ୧୯୯୦ରୁ ୧୯୯୫ ଓ ୧୯୯୫ରୁ ୧୯୯୮ ବିଧାୟକ ରହିଥିଲେ। ୧୯୯୮ରେ ଉପନିର୍ବାଚନ ହେବାରୁ ସେ ବିଧାୟକ ପଦ ଛାଡି କଳାହାଣ୍ଡି ଏମ୍‌ପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ତାଙ୍କ ବଦଳରେ ହିମାଂଶୁ ଶେଖର ମେହେର ଟିକେଟ୍ ପାଇଥିଲେ। ଲଗାତାର ସେ ୩ ଥର (୧୯୯୮ରୁ ୨୦୦୦, ୨୦୦୦ ରୁ ୨୦୦୪ ଓ ୨୦୦୪ରୁ ୨୦୦୯) ବିଜୟୀ ହୋଇଥିଲେ। ତେବେ ଗତ ୨ ନିର୍ବାଚନରେ ଏହି ଆସନରୁ ଭାଜପା ପ୍ରାର୍ଥୀମାନେ ପରାଜିତ ହୋଇ ଆସୁଛନ୍ତି। ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ଏଠାରେ କଂଗ୍ରେସର ଗୋବର୍ଦ୍ଧନ ଦାଶ ବିଧାୟକ ଥିବାବେଳେ ୨୦୧୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଜେଡିର କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ୍ର ବିଧାୟକ ରହିଛନ୍ତି। ତେବେ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ଓ କଂଗ୍ରେସକୁ ଚକ୍‌ମା ଦେଇ ସମସ୍ତ ୭ଟି ଜିଲା ପରିଷଦ ସଭ୍ୟ ପଦ ଭାଜପା ଖାତାକୁ ଯାଇଛି। ଫଳରେ ପୁଣିଥରେ ଭାଜପା ନିଜ ଗଡ଼କୁ ଅକ୍ତିଆର କରିବା ପାଇଁ ଏଥର ଆଶା ରଖିଛି। ସେହିପରି କଂଗ୍ରେସକୁ ପୁଣିଥରେ ପ୍ରତ୍ୟାବର୍ତ୍ତନ କରିବାକୁ ଆଶା ରଖିଥିବାବେଳେ ବିଜେଡି ସ୍ଥିତି ବଜାୟ ରଖିବାକୁ ଉଦ୍ୟମ କରୁଛି।

ବର୍ତ୍ତମାନ ସୁଦ୍ଧା ଦୃଶ୍ୟମାନ ହେଉଥିବା ଚିତ୍ର ଅନୁଯାୟୀ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସରେ ବହୁ ଆଶାୟୀ ପ୍ରାର୍ଥୀଙ୍କ ତାଲିକା ରହିଛି। ଏପରି ସ୍ଥିତିରେ ବିଜେଡିକୁ ଦେଖିଲେ ବର୍ତ୍ତମାନର ବିଧାୟକ କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ରଙ୍କ ସମେତ କଳାହାଣ୍ଡି ଏମ୍‌ପିଙ୍କ ସ୍ତ୍ରୀ ମାଳବିକା ଦେଓ, ବିଜେଡି ଯୁବ ନେତା ହିମାଂଶୁ ଶେଖର ବରାଡ, ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଗାମ୍ବର ନାଏକ, ଇଂ.ଦିନେଶ କୁମାର ରାଉତ, ବିଶ୍ୱନାଥ କର, ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ଜୁନାଗଡ଼ ବ୍ଲକ ସଭାନେତ୍ରୀ ମନୀଷା ସାହୁ, ପ୍ରିୟଦର୍ଶିନୀ ସାହୁ ପ୍ରମୁଖଙ୍କ ନାମ ଚର୍ଚ୍ଚାରେ ରହିଛି।

ସେହିପରି ଭାଜପାରୁ ଜୁନାଗଡ ବ୍ଲକର ପୂର୍ବତନ ଅଧକ୍ଷ ମନୋଜ କୁମାର ମେହେର, ଯୁବରାଜ ଅନନ୍ତ ଦେଓ, ପୂର୍ବତନ ବିସିସିବି ସଭାପତି କାଳିପ୍ରସାଦ ରାୟଗୁରୁ, ଜିଲା ସମ୍ପାଦକ ରୂପେଶ କୁମାର ଜୈନ, ଜିଲା ପରିଷଦ ସଭ୍ୟା ଶର୍ମିଷ୍ଠା ମେହେର, ଜିଲା ସାଧାରଣ ସମ୍ପାଦକ ଅଜୟ ପାଣିଗ୍ରାହୀ ପ୍ରମୁଖଙ୍କ ନାମ ଚର୍ଚ୍ଚାକୁ ଆସୁଛି। କଂଗ୍ରେସରେ ଗତ ଥରର ପରାଜିତ ପ୍ରାର୍ଥୀ ଅନିଲ ସିଂଦେଓ, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ତୁଳେଶ୍ୱର ନାଏକ, ସାଉଲ ମଙ୍ଗରାଜ ପ୍ରମୁଖଙ୍କ ନାମ ଚର୍ଚ୍ଚାରେ ରହିଛି।

ବିଧାୟକ କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ର କୁହନ୍ତି, ଗତ ୫ ବର୍ଷରେ ଜୁନାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ଅନେକ ବିକାଶ ହୋଇଛି। ହାତୀନଦୀ ଉପରେ ପୋଲ ନିର୍ମାଣ ବଡ଼ ସ୍ୱପ୍ନ ଥିଲା, ତାହା ପୂରଣ ହୋଇଛି। ଜୁନାଗଡ଼ରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମସ୍ତ ୱାର୍ଡକୁ ପିଇବା ପାଣି ଯୋଗାଣ, ରାସ୍ତା ଆଲୋକୀକରଣ ପାଇଁ ଷ୍ଟ୍ରିଟଲାଇଟର ବ୍ୟବସ୍ଥା, ନେତ୍ର ଚିକିତ୍ସାଳୟ ପ୍ରତିଷ୍ଠା, ବନ୍ଦ ପଡିଥିବା ପୁରୁଣା ଚିନିକଳର ପୁନରୁଦ୍ଧାର, ମଡେଲ ସ୍କୁଲ ହଷ୍ଟେଲ ପ୍ରତିଷ୍ଠା, ନୂତନ ଲାଇବ୍ରେରୀ, ୩୩/୧୧କେଭି ବିଦ୍ୟୁତ୍ ବ୍ୟବସ୍ଥା ଆଦି ବହୁ କାମ ହୋଇଛି। ଅବଶିଷ୍ଟ କାମଗୁଡିକ ମଧ ଚାଲିଛି। ଏଥର ଆପଣ ନିର୍ବାଚନ ଲଢ଼ିବେ କି ନାହିଁ ବୋଲି ପ୍ରଶ୍ନରେ ବିଧାୟକ ମିଶ୍ର କହିଛନ୍ତି, ସେ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନେବେ।

ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧକ୍ଷ ମନୋଜ କୁମାର ମେହେର କୁହନ୍ତି, ନିର୍ବାଚନ ମଣ୍ଡଳୀରେ ଲୋକେ ପୁଣିଥରେ ଭାଜପାକୁ ମନେ ପକାଉଛନ୍ତି। କାରଣ ଭାଜପା ବିଧାୟକ ସମୟରେ ନିର୍ବାଚନ ମଣ୍ଡଳୀର ଅନେକ ବିକାଶ ହୋଇଥିଲା। ଗତ ୧୦ବର୍ଷ ହେବ ଜୁନାଗଡ ନିର୍ବାଚନମଣ୍ଡଳୀର ବିକାଶ ପଛକୁ ଚାଲିଯାଇଛି। ନିର୍ବାଚନ ଲଢିବାକୁ ମୋର ଇଚ୍ଛା ଅଛି। ଯଦି ଦଳ ଟିକେଟ ଦିଏ ନିଶ୍ଚିତ ଲଢିବି। ସେହିପରି ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ କହନ୍ତି, କଂଗ୍ରେସ ସମୟରେ ଯାହା କିଛି ବିକାଶ ହୋଇଥିଲା। ଏବେ ସେପରି କୌଣସି ଆଖିଦୃଶିଆ କାମ ହୋଇନାହିଁ। ଭାଜପା, ବିଜେଡି ବିଧାୟକଙ୍କ ସମୟରେ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ହୋଇପାରିନାହିଁ। ତେଣୁ ଲୋକେ ଏହି ୨ଦଳ ଉପରେ ଆସ୍ଥା ତୁଟାଇ କଂଗ୍ରେସକୁ ବିଜୟୀ କରାଇବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

**୨୦୧୪ ନିର୍ବାଚନ ଫଳାଫଳ**

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ବିଜେଡି | କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର | ୫୬,୪୪୩ |
| ଭାଜପା | ଅନିଲ କୁମାର ସିଂଦେଓ | ୪୬,୪୯୮ |
| କଂଗ୍ରେସ | ଗୋବର୍ଦ୍ଧନ ଦାଶ | ୩୮,୭୧୫ |

**୨୦୦୯ ନିର୍ବାଚନ ଫଳାଫଳ**

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| କଂଗ୍ରେସ | ଗୋବର୍ଦ୍ଧନ ଦାଶ | ୪୫,୩୪୯ |
| ବିଜେଡି | ବୀର ସିପକା | ୩୮,୮୧୨ |
| ଭାଜପା | ହିମାଂଶୁ ଶେଖର ମେହେର | ୩୪,୩୩୪ |

**ଭୋଟର ସଂଖ୍ୟା**

| ମସିହା | ପୁରୁଷ | ମହିଳା | ମୋଟ |
|---|---|---|---|
| ୨୦୧୯ | ୧, ୧୭, ୩୫୪ | ୧, ୧୨, ୨୨୮ | ୨,୨୯,୫୮୨ |

**ନିର୍ବାଚନମଣ୍ଡଳୀର ରୂପରେଖ**

୧୯୫୧ରେ ଜୁନାଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠିତ ହୋଇଥିଲା। ଜୁନାଗଡ଼ ଓ ଗୋଲାମୁଣ୍ଡା ବ୍ଲକକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ୨୦୧୧ ଜନଗଣନା ଅନୁଯାୟୀ ନିର୍ବାଚନମଣ୍ଡଳୀର ମୋଟ ଜନସଂଖ୍ୟା ୩,୨୨,୮୧୫। ସେଥିମଧ୍ୟରୁ ୯୩.୯୧ ପ୍ରତିଶତ ଗ୍ରାମାଞ୍ଚଳରେ ବାସ କରୁଥିବା ବେଳେ ୬.୦୯ ପ୍ରତିଶତ ସହରାଞ୍ଚଳରେ ବାସ କରୁଛନ୍ତି। ୨୦୧୮ ଭୋଟର ତାଲିକା ଅନୁଯାୟୀ ଜୁନାଗଡ ନିର୍ବାଚନମଣ୍ଡଳୀରେ ୨,୨୫,୬୯୫ ଜଣ ମତଦାତା ଅଛନ୍ତି। ୨୦୧୪ ନିର୍ବାଚନରେ ଏଠାରେ ମତଦାନ ହାର ୭୫.୮୭ ରହିଥିଲା। ବିଜେଡି ସପକ୍ଷରେ ସର୍ବାଧିକ ୩୪.୨୧% ଭୋଟ ଯାଇଥିବା ବେଳେ ୨୮.୧୯% ଭୋଟ ଭାଜପା ଓ ୨୩.୪୭% ଭୋଟ କଂଗ୍ରେସ ହାତକୁ ଯାଇଥିଲା।

■ ୩ ଏନ୍‌ଏଚ୍ ପ୍ରକଳ୍ପର ଭୂମି ପୂଜନ

# ଅର୍ଥନୀତିକୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ:ଧର୍ମେନ୍ଦ୍ର

ଭୁବନେଶ୍ୱର,୨୮।୨(ବ୍ୟୁରୋ)

■ ବିକାଶ ଲାଗି ରାଜ୍ୟ ସରକାରଙ୍କ ସହଯୋଗ ଲୋଡିଲେ
■ ପ୍ରକଳ୍ପରେ ଖର୍ଚ୍ଚ ହେବ ମୋଟ ୨୦୬୭.୪୯ କୋଟି

ଏନ୍‌ଏଚ୍ ୫ ଏକ ଜୀବନ ରେଖା ସଦୃଶ। ବାଲେଶ୍ୱରରୁ ଗଞ୍ଜାମ ଜିଲା ପର୍ଯ୍ୟନ୍ତ ଉପକୂଳ ଅଞ୍ଚଳର ମୂଳ ସଂଯୋଗ ଭାବେ ଏହା କାର୍ଯ୍ୟ କରି ଆସିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରି ବାଜପେୟୀଙ୍କ ସମୟରେ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ମାଧ୍ୟମରେ ଏହି ରାଜପଥର ନବ କଳେବର ହୋଇ ୪ ଲେନ୍‌ରେ ରୂପାନ୍ତରିତ ହୋଇଥିଲା। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ୬ ଲେନ୍‌ରେ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ୧୧୯.୫ କିମିର ଏହି ପ୍ରକଳ୍ପରେ ପ୍ରାୟ ୨୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ କରାଯାଉଛି। ଏହା ଜାତୀୟ ଅର୍ଥନୀତିକୁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ। ରାଜ୍ୟ ଅର୍ଥନୀତି, ଗମନା ଗମନ ସୁବିଧା ବୃଦ୍ଧି, ଲୋକଙ୍କୁ ନିଯୁକ୍ତି ସୃଷ୍ଟି ଦିଗରେ ଏହା ସହାୟକ ହେବ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଭୁବନେଶ୍ୱରର ଖଣ୍ଡଗିରିଠାରେ ୩ ଜାତୀୟ ରାଜପଥ ପ୍ରକଳ୍ପର ଭୂମିପୂଜନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନ କହିଛନ୍ତି, କଟକର ଶିଖରପୁର, ବାଲିକୁଦା, ବଡଚଣାଠାରେ ନୂଆ ଅଣ୍ଡରପାସ କାର୍ଯ୍ୟକାରୀ ହେଲେ ଲୋକଙ୍କୁ ଆଉ ଅସୁବିଧା ସାମ୍ନା କରିବାକୁ ପଡ଼ିବ ନାହିଁ। ଏହି ପ୍ରକଳ୍ପକୁ ମଞ୍ଜୁର ଲାଗି ଧର୍ମେନ୍ଦ୍ର କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଯାହା କୁହନ୍ତି ତାହା କରି ଦେଖାନ୍ତି ବୋଲି ପ୍ରଧାନ ଏଥିରେ କହିଛନ୍ତି। ପାକିସ୍ତାନର କାର୍ଯ୍ୟକଳାପ ବିରୋଧରେ ଭାରତୀୟ ବାୟୁ ସେନା ୧୫ ଦିନ ମଧ୍ୟରେ ଏହାର ଉଚିତ ଜବାବ ଦେଇଛି। ଦେଶର ଅର୍ଥନୀତି ବିକାଶ କିମ୍ବା ଢାଞ୍ଚା ନିର୍ମାଣ ହେଉ ସରକାର ଅସମ୍ଭବକୁ ସମ୍ଭବ କରିବାରେ ଉଦ୍ୟମ ଜାରି ରଖିଥିବା ସେ କାର୍ଯ୍ୟକ୍ରମରେ ମତ ରଖିଛନ୍ତି। ଅପରପକ୍ଷରେ ଓଡ଼ିଶାର ବିକାଶ ଲାଗି ସେ ରାଜ୍ୟ ସରକାରଙ୍କ ସହଯୋଗ ଲୋଡିଛନ୍ତି। ରାଜ୍ୟ ସରକାରଙ୍କ ଭୁଲ ଟାଉନପ୍ଲାନିଂ ଯୋଗୁ ଭୁବନେଶ୍ୱରରେ ପାଣି ଜମୁଥିବାରୁ ସେ ଏଥିରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ପିଏମ୍ ବିକାଶ ଯୋଜନା,ଆୟୁଷ୍ମାନ ଭାରତ ଯୋଜନା, ସ୍ୱଚ୍ଛ ଭାରତ ଯୋଜନା,ରେଳ ପ୍ରକଳ୍ପ କ୍ଷେତ୍ରରେ ଜମି ଯୋଗାଣରେ ରାଜ୍ୟ ସରକାରଙ୍କ ସହଯୋଗ କାମନା କରିବା ସହ ବିକାଶ କାମରେ ରାଜନୀତି ନ ହେଉ ବୋଲି କହିଛନ୍ତି। ପ୍ରକଳ୍ପ ମଧ୍ୟରେ ଏନ୍‌ଏଚ୍ ୫(ନୂଆ ଏନ୍ ଏଚ୍୧୬)ର ଭଦ୍ରକ-ବାଲେଶ୍ୱର ସେକ୍ସନ ୬ ଲେନ୍ ବିଶିଷ୍ଟ ରାସ୍ତା, ଟାଙ୍ଗୀ-ଭୁବନେଶ୍ୱର ସେକ୍ସନ ମଧ ୬ ଲେନ୍ ବିଶିଷ୍ଟ ରାଜପଥ ସାମିଲ ରହିଛି। କାର୍ଯ୍ୟକ୍ରମରେ ସିଜିଏମ୍ ରାମ ପ୍ରକାଶ ପଣ୍ଡା, ଜିଏମ୍ ଆର୍.ଭେଙ୍କଟେଶ୍ୱରେଲୁ ପ୍ରମୁଖ ଉପସ୍ଥିତ ଥିଲେ।



ରିମୋଟ୍ ଦ୍ୱାରା ପ୍ରକଳ୍ପର କାର୍ଯ୍ୟାରମ୍ଭ କରୁଛନ୍ତି ଧର୍ମେନ୍ଦ୍ର ପ୍ରଧାନ।




## ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ଛାତ୍ରୀଙ୍କୁ ମାଡ଼

**ଥାନାରେ ମାମଲା, ତଦନ୍ତ ଜାରି**

ଖଡ଼ିଆଳ,୨୮।୨(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ବରଗାଁସ୍ଥିତ ଜୟକିଷାନ ହାଇସ୍କୁଲର ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ଜଣେ ଛାତ୍ରୀଙ୍କୁ ପରୀକ୍ଷକ ଚାପୁଡ଼ା ମାରିଥିବା ଖଡ଼ିଆଳ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ. ୪୦/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସଂପୃକ୍ତ ଛାତ୍ରୀଙ୍କ ନାମ କୁନ୍ତି ଥପା। ତାଙ୍କ ଘର ଖଡ଼ିଆଳ ଥାନା କୁଶମାଲ ଗାଁରେ। ସେ କେନ୍ଦୁପାଟି ହାଇସ୍କୁଲର ଛାତ୍ରୀ।

କୁନ୍ତିଙ୍କ ଅଭିଯୋଗ ଅନୁସାରେ ବରଗାଁ ଜୟକିଷାନ ହାଇସ୍କୁଲ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ କେନ୍ଦୁପାଟି ହାଇସ୍କୁଲର ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଉଛନ୍ତି। ବୁଧବାର କୁନ୍ତି ହିନ୍ଦୀ ପରୀକ୍ଷା ଦେଇଥିଲେ। ପରୀକ୍ଷା ସରିବା ପରେ ଦାୟିତ୍ୱରେ ଥିବା ଜଣେ ଶିକ୍ଷକ ଉତ୍ତର ଖାତା ସଂଗ୍ରହ କରୁଥିଲେ । ହେଲେ କୌଣସି କାରଣରୁ ସେ ହଠାତ୍ ରାଗି ଯାଇ କୁନ୍ତିଙ୍କୁ ଚାପୁଡା ମାରିଥିଲେ।

ତଦନ୍ତ ପରେ କୁନ୍ତି ଜୟକିଷାନ ହାଇସ୍କୁଲର ପରୀକ୍ଷକ ଜୟଦେବ ବେହେରାଙ୍କୁ ଚିହ୍ନଟ କରିଛନ୍ତି । ଏ ନେଇ ସମ୍ପୃକ୍ତ ଶିକ୍ଷକଙ୍କୁ ପଚାରିବାରୁ ଉକ୍ତ ଅଭିଯୋଗକୁ ସେ ଖଣ୍ଡନ କରିବା ସହ ସେ ମାଡ ମାରି ନ ଥିବା ପ୍ରକାଶ କରିଛନ୍ତି।

## ଯୁକ୍ତ ୨ ପରୀକ୍ଷା
## ହଲ୍‌କୁ କ୍ୟାମେରା ଥିବା ଘଣ୍ଟା ମନା

ଭୁବନେଶ୍ୱର,୨୮।୨(ବ୍ୟୁରୋ)

■ ପ୍ରଶ୍ନପତ୍ର ଲିକ୍ ଉଦ୍ୟମ କଲେ ଧରାପଡ଼ିବେ ଇନ୍‌ଭିଜିଲେଟର
■ ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା
■ ହବ୍‌ରେ ୨୪ ଘଣ୍ଟିଆ ପୋଲିସ ପହରା

ଆସନ୍ତା ମାର୍ଚ୍ଚ ୭ ତାରିଖରୁ ରାଜ୍ୟରେ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବ। ଏହା ୩୦ ତାରିଖ ଯାଏ ଚାଲିବ। ଏହା ମଧ୍ୟରେ ୧୯ ଦିନ ପରୀକ୍ଷା ଦିବସ ରହିବ। ସେଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି ଶେଷ ହୋଇଛି। ପରୀକ୍ଷା କେନ୍ଦ୍ରକୁ ଗଲାବେଳେ ପରୀକ୍ଷାର୍ଥୀ କୌଣସି ଇଲେକ୍ଟ୍ରୋନିକ କିମ୍ବା କ୍ୟାମେରା ଥିବା ହାତଘଣ୍ଟା କିମ୍ବା ମୋବାଇଲ ଫୋନ ନେଇ ପାରିବେ ନାହିଁ। ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ରକ୍ଷା କରିବାକୁ ଏଭଳି ପଦକ୍ଷେପ ନିଆଯାଇଛି ।

ଗୁରୁବାର ସଚିବାଳୟଠାରେ ଅନୁଷ୍ଠିତ ସମୀକ୍ଷା ବୈଠକ ପରେ ସ୍କୁଲ ଓ ଗଣଶିକ୍ଷା ସଚିବ ପ୍ରଦୀପ୍ତ ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆସନ୍ତା ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ କିମ୍ବା ସୋସିଆଲ ମିଡିଆରେ ଭାଇରାଲକୁ ରୋକିବା ପାଇଁ ଅତିରିକ୍ତ ସାବଧାନତା ଅବଲମ୍ବନ କରାଯାଇଛି। ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ହୋଇସାରିଛି। ପ୍ରଶ୍ନପତ୍ର ରଖିବା ପାଇଁ ମାଟ୍ରିକ ପରୀକ୍ଷା ସକାଶେ ୩୦୪ଟି ହବ୍ ହୋଇଥିବା ବେଳେ ଯୁକ୍ତ ଦୁଇ ପରୀକ୍ଷା ପାଇଁ ୨୦୨ଟି ମ୍ୟାନେଜମେଣ୍ଟ ହବ୍ କରାଯାଇଛି। ସେଠାରେ ସିସିଟିଭି ଲଗାଯିବା ସହ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ହୋଇଛି। ଆସନ୍ତା ପରୀକ୍ଷାରେ ସମସ୍ତ ପରୀକ୍ଷା କେନ୍ଦ୍ରରେ ୧୦୦ ପ୍ରତିଶତ ସିସିଟିଭି କ୍ୟାମେରା ଲଗାଯାଇଛି। ଚଳିତ ବର୍ଷ ୧୦୯୧ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଫେବୃୟାରୀ ୨୮ ତାରିଖ ସୁଦ୍ଧା ୯୩୭ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇ ସାରିଛି। ଚଳିତ ବର୍ଷ ୩ ଲକ୍ଷ ୬୯ ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପ୍ରଥମ ପର୍ଯ୍ୟାୟରେ ପ୍ରଶ୍ନପତ୍ର ୨୦୨ଟି ହବ୍‌ରେ ପହଞ୍ଚି ସାରିଛି। ଆସନ୍ତା ମାର୍ଚ୍ଚ ୧୧ ତାରିଖ ସୁଦ୍ଧା ଦ୍ୱିତୀୟ ପର୍ଯ୍ୟାୟ ପ୍ରଶ୍ନପତ୍ର ହବ୍‌ଗୁଡିକରେ ପହଞ୍ଚିବ ବୋଲି ସଚିବ ସୂଚନା ଦେଇଛନ୍ତି। ପ୍ରଶ୍ନପତ୍ର ନେଇ ଯାଉଥିବା ଗାଡିଗୁଡିକୁ ପୋଲିସ ସୁରକ୍ଷା ଯୋଗାଇ ଦିଆଯାଇଛି। ପ୍ରତ୍ୟେକ ଦିନ ପ୍ରଶ୍ନପତ୍ରଗୁଡିକ ହବ୍‌ରୁ ପରୀକ୍ଷା କେନ୍ଦ୍ରଗୁଡିକୁ କଡା ସୁରକ୍ଷା ମଧ୍ୟରେ ପଠାଯିବ। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ପୋଲିସ ମୁତୟନ କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ପ୍ରଶ୍ନପତ୍ରରେ ହାଇ ସିକ୍ୟୁରିଟି କୋଡ୍ ରହିଛି, ଯଦି କୌଣସି ସ୍ଥାନରେ ପ୍ରଶ୍ନପତ୍ର ଖୋଲିବାକୁ ଉଦ୍ୟମ କରାଯିବ ତାହା ସହଜରେ ଧରାପଡିଯିବ। ଏପରି କି ପରୀକ୍ଷା କେନ୍ଦ୍ର ଏବଂ ଇନ୍‌ଭିଜିଲେଟର ମଧ ସହଜରେ ଚିହ୍ନଟ ହୋଇଯିବେ ବୋଲି ସଚିବ କହିଛନ୍ତି।



ସଂସାର ବା ଜଗତ ପାଖରେ ହାରିଯାଇ ତୁମେ ଭଗବାନଙ୍କୁ ଧରିବା ପାଇଁ ଧାଇଁଛ ? ସଂସାର ଯଦି ତୁମଠାରୁ ବେଶି ବଳବାନ୍ ହୁଏ– ତେବେ ତୁମେ କ'ଣ ଭାବୁଛ ଭଗବାନ୍ ସଂସାରଠାରୁ ଦୁର୍ବଳତର ? ବରଂ ଈଶ୍ୱରଙ୍କ ପାଖକୁ ଆସ– ତାଙ୍କ ଆଦେଶ ପାଳନ ପାଇଁ। ଏବଂ ତାଙ୍କଠାରୁ ସେହି ଆଦେଶ ପ୍ରାର୍ଥନା କର।

–ଶ୍ରୀଅରବିନ୍ଦ

# ଗୋଦାମଘର କର

କୃଷକମାନଙ୍କ ପ୍ରସଙ୍ଗ ସବୁବେଳେ ଭାରତରେ ରାଜନୈତିକ ସମ୍ବେଦନଶୀଳ ବିଷୟ ହୋଇ ରହିଆସିଛି। ରାଜ୍ୟଗୁଡ଼ିକର ମୋଟ ଘରୋଇ ଉତ୍ପାଦ (ଏସ୍‌ଜିଡିପି)ରେ କୃଷିକ୍ଷେତ୍ରର ପ୍ରାଧାନ୍ୟ ଥିବା ଓଡ଼ିଶା, ମଧ୍ୟପ୍ରଦେଶ, ବିହାର, ଉତ୍ତରପ୍ରଦେଶ ଓ ରାଜସ୍ଥାନ ଏବଂ ଅଗ୍ରଣୀ ରାଜ୍ୟ ଭାବେ ଜଣାଶୁଣା ପଞ୍ଜାବ, ହରିୟାଣା ପ୍ରଭୃତି କୃଷିକ୍ଷେତ୍ରରେ ଯଥେଷ୍ଟ ଉନ୍ନତି କରିଛନ୍ତି। ନିକଟରେ ଚାରୋଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବା ପରଠାରୁ ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକରେ ରାଜନୈତିକ ଦଳଗୁଡ଼ିକ କୃଷକ ଓ କୃଷିକ୍ଷେତ୍ରକୁ ଗୁରୁତ୍ୱ ଦେଇଆସୁଛନ୍ତି। ଓଡ଼ିଶାରେ ମଧ୍ୟ ଏହାର ବ୍ୟତିକ୍ରମ ଘଟିନାହିଁ। ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ ରାଜ୍ୟ ସରକାର ଅନେକ କୃଷକ କଲ୍ୟାଣକାରୀ ଯୋଜନା ଘୋଷଣା କରିଛନ୍ତି କାରଣ ସେମାନଙ୍କ ହାତରେ ରାଜ୍ୟର ୭୦ ପ୍ରତିଶତରୁ ଅଧିକ ଭୋଟ ରହିଛି। ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର କରିବା ସହ ଅଦ୍ୱିତୀୟ 'କାଳିଆ' ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଯେପରି ତ୍ରୁଟିଶୂନ୍ୟଭାବେ କାର୍ଯ୍ୟକାରୀ ହୁଏ, ପ୍ରଶାସନ ଉପରୁ ତଳ ପର୍ଯ୍ୟନ୍ତ ତାହା ଉପରେ ଦୃଷ୍ଟି ରଖିଛି। ଅଧିକାଂଶ କୃଷକ କାଳିଆ ଯୋଜନାର ପ୍ରଥମ କିସ୍ତି ପାଇସାରିଥିବା ବେଳେ ଏହାର ଦ୍ୱିତୀୟ କିସ୍ତି ଏପ୍ରିଲ ପହିଲାରେ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ନିର୍ବାଚନ କମିଶନ ସାଧାରଣ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରିବା ପୂର୍ବରୁ ରାଜ୍ୟ ସରକାର ସଫଳଭାବେ କାଳିଆ ଯୋଜନା ଓ ଅନ୍ୟ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାର ରହସ୍ୟ ସହଜରେ ବୁଝିହୋଇ ଯାଉଛି।

ରାଜ୍ୟର କୃଷକମାନେ ପ୍ରାୟ ପ୍ରତିବର୍ଷ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି, ତାହାର ନିରାକରଣ ଦିଗରେ ରାଜ୍ୟ ସରକାର କିଛି ଉଦ୍ୟମ କରୁନାହାନ୍ତି। ବିଳମ୍ବରେ ମଣ୍ଡି ଖୋଲିବା, ମଣ୍ଡିରେ କୃଷକମାନଙ୍କୁ ଦୀର୍ଘସମୟ ଅପେକ୍ଷା କରିବାକୁ ପଡ଼ିବା, ସେମାନଙ୍କୁ ସର୍ବନିମ୍ନ ସହାୟକ ଦର (ଏମ୍‌ଏସ୍‌ପି) ନ ମିଳିବା ଇତ୍ୟାଦି ସମସ୍ୟା ପ୍ରତିବର୍ଷ ଦେଖିବାକୁ ମିଳିଥାଏ। ତା' ସହ କମ୍ ସମୟ ମଣ୍ଡି ଖୋଲାଗଲେ ତାହାଦ୍ୱାରା କୃଷକମାନେ ସବୁଠାରୁ ଅଧିକ ପ୍ରଭାବିତ ହୋଇଥାନ୍ତି। ପ୍ରଶାସନ ଏ ସମସ୍ୟା ବିଷୟରେ ଜାଣିଥିଲେ ମଧ୍ୟ କିଛି କରିପାରନ୍ତି ନାହିଁ।

## ଆଜିର ଅର୍ଥନୀତି

ଓଡ଼ିଶାରେ ଖାଇବା ପାଇଁ ଯେତିକି ଦରକାର ତା'ଠାରୁ ପ୍ରାୟ ୭୫ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ଧାନ ଅମଳ ହୁଏ। ସେଥିମଧ୍ୟରୁ ସରକାର ପ୍ରାୟ ୫୫ ଲକ୍ଷ ଟନ୍ ଧାନ ସଂଗ୍ରହ କରି, ତାକୁ ଉଷେଇଁ ସେଥିରୁ ପ୍ରାୟ ୩୭ ଲକ୍ଷ ଟନ୍ ଚାଉଳ ବାହାର କରନ୍ତି।

ଓଡ଼ିଶାରେ ଆମର ଏକ ବଡ଼ ସମସ୍ୟା ହେଉଛି, ଆମ ପାଖରେ ବିପୁଳ ପରିମାଣର ବଳକା ଧାନ ଥିଲେ ମଧ୍ୟ ତାକୁ ସାଇତି ରଖିବା ପାଇଁ ଯଥେଷ୍ଟ ଭଣ୍ଡାର ଘର ନାହିଁ। ରାଜ୍ୟ ସରକାରଙ୍କର ଯେତେ ଗୋଦାମଘର ଅଛି, ସେଥିରେ ମୋଟ ୧୨ ଲକ୍ଷ ଟନ୍‌ରୁ ଅଧିକ ଶସ୍ୟ ରହିପାରିବ ନାହିଁ। ଆମର କେବଳ ସଂଗୃହୀତ ଧାନର ପରିମାଣ ହେଉଛି ୫୫ ଲକ୍ଷ ଟନ୍। ଏହା ଆମ ସ୍ୱଚ୍ଛନ୍ଦ ଧାନ ସଂଗ୍ରହରେ ମୁଖ୍ୟ ବାଧକ, କାରଣ ସରକାର ମଣ୍ଡି ମାଧ୍ୟମରେ କୃଷକମାନଙ୍କଠାରୁ ଧାନ କିଣି ନେଇଯିବେ, ତାକୁ ରଖିବେ କେଉଁଠି ? ଯେହେତୁ ସଫଳ ଧାନ ସଂଗ୍ରହ ପାଇଁ ଗୋଦାମଘରର ଅଭାବ ହେଉଛି ମୁଖ୍ୟ ବାଧକ, ତେଣୁ ସରକାର ତୁରନ୍ତ ଆବଶ୍ୟକ ଗୋଦାମଘର ନିର୍ମାଣ କରିବା ଉଚିତ। ଗୋଦାମ ଭିତ୍ତିଭୂମି ଦ୍ୱୈତ ଭୂମିକା ନିର୍ବାହ କରେ। ପ୍ରଥମତଃ ଏହା ସଂଗୃହୀତ ଧାନ ଯେପରି ଭଲରେ ରହିପାରିବ, ତାକୁ ସୁନିଶ୍ଚିତ କରିବା ସହ ଦ୍ୱିତୀୟରେ ଏହା ଧାନକଳ ମାଲିକଙ୍କ ଉପରେ ନିର୍ଭରଶୀଳତା ହ୍ରାସ କରେ। ରାଜ୍ୟ ସରକାରଙ୍କର କିମ୍ବା ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ)ର ଯଥେଷ୍ଟ ଗୋଦାମଘର ନ ଥିବାରୁ ଧାନ ସାଇତି ରଖିବା ପାଇଁ ମିଲରମାନଙ୍କ ଉପରେ ନିର୍ଭର କରିବାକୁ ପଡୁଛି। ସେମାନେ ବିନା ସିକ୍ୟୁରିଟି ବା ବନ୍ଧକରେ ଧାନ ନେଇ ତାଙ୍କ ଜାଗାରେ ରଖୁଛନ୍ତି। ସରକାର ବାଧ୍ୟ ହୋଇ ସେମାନଙ୍କୁ ଏଥିପାଇଁ ଅନୁମତି ଦେଉଛନ୍ତି। କାରଣ ତା' ନ ହେଲେ ଧାନ ମଣ୍ଡିରୁ ଉଠିପାରିବ ନାହିଁ ଓ କୃଷକମାନେ ହଇରାଣ ହେବେ।

ମିଲରମାନଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳତା ହେତୁ ସେମାନେ ମନମୋଟିଆ ହୋଇ ଯେତିକି ଚାଉଳ ଯୋଗାଇବା କଥା ତାହା ଯୋଗାଉନାହାନ୍ତି। ଏହାଦ୍ୱାରା ସରକାରଙ୍କର ଆର୍ଥିକ କ୍ଷତି ଘଟୁଛି ଏବଂ କୋର୍ଟକଚେରିରେ ମାଲିମକଦ୍ଦମା ମଧ୍ୟ ବଢୁଛି। ସରକାରଙ୍କ ଧାନ ସଂଗ୍ରହର ପ୍ରମୁଖ ସଂସ୍ଥା ରାଜ୍ୟ ଯୋଗାଣ ନିଗମ ଖିଲାପି ମିଲରମାନଙ୍କ ବିରୋଧରେ ଶହ ଶହ କେସ୍ ଲଢୁଛି। ବର୍ଷ ବର୍ଷ ଧରି ଶହ ଶହ କୋଟି ଟଙ୍କାର ଚାଉଳ ମିଲରମାନଙ୍କଠାରୁ ଆଦାୟ ହୋଇ ନ ପାରିବାରୁ ନିଗମ ସେମାନଙ୍କ ବିରୋଧରେ କେସ୍ କରିବାକୁ ବାଧ୍ୟ ହେଉଛି। ଏଣୁ ଏହି ସମସ୍ୟାର ଏକମାତ୍ର ସମାଧାନ ହେଉଛି ରାଜ୍ୟ ସରକାର ଧାନ ଓ ଚାଉଳ ରଖିବା ପାଇଁ ଯଥେଷ୍ଟ ଗୋଦାମଘର ତିଆରି କରି ମିଲରମାନଙ୍କ ଉପରୁ ନିର୍ଭରଶୀଳତାର ପରିସମାପ୍ତି ଘଟାଇବା। ସରକାର ଘରୋଇ ସଂସ୍ଥାଗୁଡ଼ିକ ସହ ଭାଗୀଦାରିରେ ଗୋଦାମ ଭିତ୍ତିଭୂମି ନିର୍ମାଣ କରିପାରନ୍ତି। ଥରେ ଯଥେଷ୍ଟ ଭିତ୍ତିଭୂମି ନିର୍ମାଣ ହୋଇଗଲେ ଆପେ ଆପେ ଧାନ ସଂଗ୍ରହ ବ୍ୟବସ୍ଥା ସ୍ୱଚ୍ଛନ୍ଦ ହୋଇଯିବ। ଧାନ ମଣ୍ଡିଗୁଡ଼ିକ ଅଧିକ ଦିନ ପାଇଁ ଚାଲିବାରେ ଆଉ କୌଣସି ପ୍ରତିବନ୍ଧକ ରହିବ ନାହିଁ ଏବଂ ଚାଷୀମାନେ ଆଉ ଅଭାବୀ ବିକ୍ରିର ସମ୍ମୁଖୀନ ହେବେ ନାହିଁ। ତେଣୁ ସରକାର ତୁରନ୍ତ ଯଥେଷ୍ଟ ନିଜସ୍ୱ ଗୋଦାମ ଭିତ୍ତିଭୂମି ନିର୍ମାଣରେ ଯତ୍ନଶୀଳ ହେବା ଆବଶ୍ୟକ।

# ପରିସଂସ୍ଥୀୟ ସେବା



ଡ. ବିଜୟକେତନ ପଟ୍ଟନାୟକ

ପ୍ରକୃତି ସର୍ବତୋଭାବେ ସୁରକ୍ଷିତ ରହିଲେ ଜୀବସତ୍ତା ତିଷ୍ଠି ରହିବ। ପ୍ରକୃତି ହିଁ ଭିନ୍ନ ଭିନ୍ନ ପରିସଂସ୍ଥା ଯଥା ପର୍ବତ, ଜଙ୍ଗଲ, ନଦନଦୀ, ଚାରଣଭୂମି ଆଦିର ସମାହାର, ଯାହା ପ୍ରକାରାନ୍ତରେ ଜୀବଜଗତ ବିଶେଷକରି ମନୁଷ୍ୟର ସ୍ଥିତିକୁ ପ୍ରଭାବିତ କରିଥାଏ। ପ୍ରକୃତିର ଏହି ଅବଦାନଗୁଡିକୁ ପରିସଂସ୍ଥୀୟ ସେବା କୁହାଯାଏ।

ଧରାପୃଷ୍ଠରେ ଜୀବସତ୍ତାର ସୃଷ୍ଟି ବା ଜୀବନର ଉଦ୍ଭବ ୩୫୦ କୋଟି ବର୍ଷ ପୂର୍ବରୁ ହୋଇଥିଲା। ମନୁଷ୍ୟର ଆବିର୍ଭାବ ୧୫-୨୦ ଲକ୍ଷ ବର୍ଷ ପୂର୍ବରୁ ହୋଇଛି। ମାତ୍ର ୨ ଲକ୍ଷ ବର୍ଷ ପୂର୍ବରୁ ନବ୍ୟ ମଣିଷର ଆବିର୍ଭାବ ଘଟିଛି। ସଭ୍ୟତାର ଆରମ୍ଭ ୬୦୦୦ ବର୍ଷ ପୂର୍ବରୁ। ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରୁ ଶିଳ୍ପ ବିପ୍ଳବ ପରଠାରୁ ଦେଶରେ ତଥା ବିଶ୍ୱରେ ଶିଳ୍ପାୟନର ସୂତ୍ରପାତ ହେଲା। ଆଦିମାନବ ଜଙ୍ଗଲରେ ବାସ କରୁଥିଲା। ଜୀବଜନ୍ତୁଙ୍କ ମାଂସ ଭକ୍ଷଣ କରି ଏବଂ ଜଙ୍ଗଲରୁ ଫଳମୂଳ, କନ୍ଦ ସଂଗ୍ରହ କରି ଖାଇ ବଞ୍ଚୁଥିଲା। ଚିରସ୍ରୋତା ନଦୀକୂଳରେ ହିଁ ପ୍ରଥମେ ଆଦିମାନବ ସ୍ଥାୟୀ ଭାବେ ବସତି ସ୍ଥାପନ କଲା। ନଦୀକୂଳର ଉର୍ବର ମୃତ୍ତିକାରେ କୃଷି ଆରମ୍ଭ କଲା। ଏ ସବୁ ପ୍ରକୃତି ଓ ପରିସଂସ୍ଥୀୟ ସେବାର ଅବଦାନ।

ପ୍ରକୃତିର ଅନ୍ୟତମ ମହାର୍ହ ଉପାଦାନ ଜଙ୍ଗଲ ଓ ବୃକ୍ଷଲତା। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ସ୍ତର ନିୟନ୍ତ୍ରଣ କ୍ଷେତ୍ରରେ ଉଦ୍ଭିଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଲୋକ ସଂଶ୍ଳେଷଣ ପଦ୍ଧତିରେ ଉଦ୍ଭିଦରାଜି ପତ୍ରର ହରିତ୍‌କଣିକା ସାହାଯ୍ୟରେ ବାୟୁମଣ୍ଡଳରୁ ଗ୍ରହଣ କରୁଥିବା ଅଙ୍ଗାରକାମ୍ଳ ଓ ମୃତ୍ତିକାରୁ ଆହରଣ କରିଥିବା ଜଳୀୟାଂଶକୁ ନେଇ ଶର୍କରାଜାତୀୟ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି ଏବଂ ପରିବର୍ତ୍ତେ ବାୟୁମଣ୍ଡଳକୁ ଅମ୍ଳଜାନ ଛାଡିଥାନ୍ତି। ଗୋଟିଏ ସାଧାରଣ ବୃକ୍ଷ ପ୍ରତିବର୍ଷ ୨୬୦ ପାଉଣ୍ଡ ଅମ୍ଳଜାନ ପ୍ରସ୍ତୁତ କରିଥାଏ, ଯାହାକି ପାଖାପାଖି ୧୧୮ କିଲୋଗ୍ରାମ୍ ହେବ। ଜଣେ ସାଧାରଣ ବ୍ୟକ୍ତି ବର୍ଷକୁ ପ୍ରାୟ ୭୪୦ କିଲୋଗ୍ରାମ୍ ଅମ୍ଳଜାନ ଆବଶ୍ୟକ କରିଥାଏ। ଏଥିପାଇଁ ୭ରୁ ୮ଟି ପୂର୍ଣ୍ଣ ବିକଶିତ ଗଛର ଆବଶ୍ୟକତା ରହିଛି।

ଅନେକ ବିଶେଷଜ୍ଞ ବିଭିନ୍ନ ସମୟରେ ଗଛର ମୂଲ୍ୟାୟନ କରିଛନ୍ତି। କଲିକତା ବିଶ୍ୱବିଦ୍ୟାଳୟର ପ୍ରଫେସର ଟି.ଏମ୍. ଦାସ ମତବ୍ୟକ୍ତ କରନ୍ତି, ଗୋଟିଏ ବୃକ୍ଷ ତା'ର ୫୦ ବର୍ଷର ଜୀବନ ଅବଧି ଭିତରେ ୩୧,୨୫୦ ଡଲାର ମୂଲ୍ୟର ଅମ୍ଳଜାନ ଯୋଗାଇଥାଏ। ୬୨,୦୦୦ ଡଲାର ମୂଲ୍ୟର ବାୟୁ ପ୍ରଦୂଷଣ ରୋକିଥାଏ। ୩୧,୨୫୦ ଡଲାର ମୂଲ୍ୟର ମୃତ୍ତିକା କ୍ଷୟ ରୋକି, ମାଟିର ଉର୍ବରତା ବଢ଼ାଇଥାଏ। ୩୭,୫୦୦ ଡଲାର ମୂଲ୍ୟର ଜଳଚକ୍ର ସଞ୍ଚାଳନ କରିଥାଏ। ଜଙ୍ଗଲ ପରିସଂସ୍ଥା ଅନେକ ଜୀବଜନ୍ତୁଙ୍କୁ ବାସସ୍ଥଳୀ ଯୋଗାଇଥାଏ। ଉଇସକନ୍‌ସିନ୍ ବିଶ୍ୱବିଦ୍ୟାଳୟର ଅନ୍ୟ ଏକ ଗବେଷଣାତ୍ମକ ପ୍ରବନ୍ଧର ତଥ୍ୟ ମୁତାବକ, ଗୋଟିଏ ପ୍ରାପ୍ତବୟସ୍କ ଗଛର ହାରାହାରି ମୂଲ୍ୟ ହେଉଛି ୫୨,୭୯୭ ଡଲାର। ବୃକ୍ଷର ଯେଉଁ କେତେକ ଅବଦାନକୁ ନେଇ ସେ ମୂଲ୍ୟାୟନ କରିଛନ୍ତି, ତନ୍ମଧ୍ୟରେ ବାୟୁର ଗୁଣାତ୍ମକ ମାନ ବୃଦ୍ଧି, ଅଙ୍ଗାରକାମ୍ଳ ହ୍ରାସ, ବର୍ଷାଜଳ ପ୍ରବାହ କାରଣରୁ ହେଉଥିବା ମୃତ୍ତିକା କ୍ଷୟ ହ୍ରାସ, ଶକ୍ତି ସଂରକ୍ଷଣ ଇତ୍ୟାଦି ଅନ୍ୟତମ।

ବାୟୁମଣ୍ଡଳରୁ ସବୁଜକୋଠରି ଗ୍ୟାସ୍ ଅଙ୍ଗାରକାମ୍ଳ ଶୋଷିନେବା କ୍ଷେତ୍ରରେ ଜଙ୍ଗଲ 'ଅଙ୍ଗାରକ କୁଣ୍ଡ' ଭାବରେ କାର୍ଯ୍ୟ କରିଥାଏ। ଗୋଟିଏ ହେକ୍ଟର ପରିମିତ ଜଙ୍ଗଲ, ଏହାର ପାରିପାର୍ଶ୍ୱିକ ବାତାବରଣରୁ ବର୍ଷକୁ ୧.୭୬ ଟନ୍ ଅଙ୍ଗାରକାମ୍ଳ ଗ୍ରହଣ କରେ। ଏହି ହିସାବରେ ଆମ ଦେଶର ୭୦.୮୨ ନିୟୁତ ହେକ୍ଟର ଜଙ୍ଗଲ ଅଞ୍ଚଳ ଓ ୯.୩୮ ନିୟୁତ ହେକ୍ଟର ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବର୍ଷକୁ ପାଖାପାଖି ୧୪୦ ନିୟୁତ ଟନ୍ ଅଙ୍ଗାରକାମ୍ଳ ଗ୍ରହଣ କରିଥାନ୍ତି। ଏହା ଆମ ଦେଶରେ ନିର୍ଗତ ହେଉଥିବା ମୋଟ ସବୁଜ କୋଠରି ଗ୍ୟାସ୍‌ର ପ୍ରାୟ ୯.୫ ଶତାଂଶ। ଜଙ୍ଗଲର ଅବକ୍ଷୟ ଘଟିଲେ ବା ଜଙ୍ଗଲ ପୋଡି ନଷ୍ଟ ହୋଇଗଲେ ଏହି ଗଚ୍ଛିତ ଅଙ୍ଗାରକାମ୍ଳ ଗ୍ୟାସ୍ ପୁନର୍ବାର ବାୟୁମଣ୍ଡଳକୁ ଫେରି ଆସିଥାଏ।

ଆମର ପୂର୍ବଜମାନେ ପ୍ରକୃତି ତଥା ପ୍ରାକୃତିକ ସମ୍ପଦର ପରିସଂସ୍ଥାଗତ ସେବା ସମ୍ପର୍କରେ ଅବଗତ ଥିଲେ। ବେଦର ଅନେକ ସୂକ୍ତ ପ୍ରାକୃତିକ ବିଭବ ପ୍ରତି ସମର୍ପିତ। ଋଗ୍‌ବେଦରେ କୁହାଯାଇଛି, ଜୀବସତ୍ତା ପ୍ରକୃତିର ଯେଉଁ ପାଞ୍ଚଗୋଟି ଉପାଦାନ ଉପରେ ଆଧାରିତ, ତାହା ହେଉଛି ମୃତ୍ତିକା, ଜଳ, ବାୟୁ, ଅଗ୍ନି ଏବଂ ଆକାଶ। ଏହି ପାଞ୍ଚଗୋଟି ଉପାଦାନରୁ ମନୁଷ୍ୟ ସମାଜ ସମସ୍ତ ପରିସଂସ୍ଥୀୟ ସେବା ଆହରଣ କରିଚାଲିଛି। ଗୁରୁଗ୍ରନ୍ଥ ସାହେବରେ କୁହାଯାଇଛି, ବାୟୁ ହିଁ ଗୁରୁ, ଜଳ ହେଉଛି ପିତା ଏବଂ ପୃଥିବୀ ହିଁ ଆମର ମାତା। ସୂର୍ଯ୍ୟ ସକଳ ଶକ୍ତିର ଆଧାର। ପ୍ରକୃତିର ସମସ୍ତ ଅନ୍ତର୍ନିହିତ ଶକ୍ତି ପ୍ରକାରାନ୍ତରେ ସୂର୍ଯ୍ୟଙ୍କଠାରୁ ହିଁ ଆସିଥାଏ। ସେଥିପାଇଁ ପ୍ରାତଃକାଳରେ ଗାୟତ୍ରୀ ମନ୍ତ୍ର ପାଠକରି ସୂର୍ଯ୍ୟ ଉପାସନା କରିବା ଏକ ପ୍ରାଚୀନ ପରମ୍ପରା। ଅତୀତରେ ଆମ୍ଭମାନଙ୍କର ଜୀବନ ପରିଚର୍ଯ୍ୟାରେ ବୃକ୍ଷପୂଜା ଏକ ଅଭିନ୍ନ ଅଙ୍ଗ ଥିଲା। ଆଦିବାସୀ ସମାଜରେ ଦେବଦେବୀଙ୍କର ପବିତ୍ର ପୀଠସ୍ଥଳୀ ଭାବେ 'ଜାହିରା' ବା 'ପବିତ୍ର ବୃକ୍ଷବନ' ପୂଜିତ ହେବା ଅବସରରେ ସୁରକ୍ଷିତ ତଥା ସଂରକ୍ଷିତ ରହୁଥିଲା।

ଶିଳ୍ପ ବିପ୍ଳବ ପରବର୍ତ୍ତୀ ପର୍ଯ୍ୟାୟରେ ଦ୍ରୁତ ସହରୀକରଣ ପ୍ରକ୍ରିୟା ସହ ଜନସଂଖ୍ୟାର ଅହେତୁକ ବୃଦ୍ଧି ପ୍ରାକୃତିକ ସମ୍ବଳ ବିନିଯୋଗ ଉପରେ ଏତେ ଚାପ ସୃଷ୍ଟିକଲା ଯେ, ତାହା କ୍ରମଶଃ ସହନୀୟରୁ ଅସହନୀୟ, ସଂରକ୍ଷଣରୁ ବଜାରୀକରଣ ଏବଂ ଦୀର୍ଘମିଆଦୀ ମୂଲ୍ୟରୁ ସ୍ୱଳ୍ପମିଆଦୀ ଲାଭରେ ସୀମିତ ହୋଇଗଲା। ଗୋଟିଏ ପଟେ ପରିସଂସ୍ଥୀୟ ସେବାର ଆବଶ୍ୟକତା ଓ ତା'ଉପରେ ନିର୍ଭରଶୀଳତା ବଢ଼ି ବଢ଼ି ଚାଲିଛି। ଅନ୍ୟପଟେ ମନୁଷ୍ୟକୃତ ଚାପ ହେତୁ ଦ୍ରୁତଗତିରେ ପରିବେଶର ଅବକ୍ଷୟ ଘଟିଚାଲିଛି। ବୃଦ୍ଧିପାଉଛି ପରିବେଶରେ ଅଙ୍ଗାରକାମ୍ଳର ପରିମାଣ। ଏକ ସୁସ୍ଥ, ସୁସମାହିତ ଜୀବନଯାପନ ପାଇଁ ସୁରକ୍ଷିତ ପରିବେଶ ଯେ ଅପରିହାର୍ଯ୍ୟ, ଏ ଚିନ୍ତାଧାରା ଦୃଷ୍ଟି ଆଢୁଆଳରେ ରହିଯାଉଛି।

ବ୍ରିଟିଶ ଶାସନ କାଳରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ବୃଦ୍ଧି ଏବଂ ଜଙ୍ଗଲର ବାଣିଜ୍ୟିକ ମୂଲ୍ୟାୟନ ଉପରେ କେବଳ ଲକ୍ଷ୍ୟ ରହିଲା। ବିଡମ୍ବନାର ବିଷୟ ଜଙ୍ଗଲର ପ୍ରମୁଖ ଗଛଗୁଡିକର ସଂରକ୍ଷଣ ପ୍ରତି ଆଦୌ ଧ୍ୟାନ ଦିଆଗଲା ନାହିଁ। କୃଷି କ୍ଷେତ୍ରରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଜଳ ଶିଳ୍ପସଂସ୍ଥାକୁ ଯୋଗାଇ ଦିଆଗଲା। ଦେଶର ପ୍ରମୁଖ ନଦନଦୀଗୁଡ଼ିକ ପ୍ରାକୃତିକ ପରିବେଶର ଏକକ ହେବା ପରିବର୍ତ୍ତେ, ଆର୍ଥିକ ସମ୍ବଳର ସ୍ରୋତ ରୂପେ ବିବେଚିତ ହେଲେ। ଜିଡିପିର ଅଭିବୃଦ୍ଧି ଗୋଟିଏ ପଟେ ଅର୍ଥନୈତିକ ବିକାଶର ସଙ୍କେତ ବହନ କରୁଥିବା ବେଳେ ଅନ୍ୟପଟେ ଜଳବାୟୁର ଅହେତୁକ ପରିବର୍ତ୍ତନ, ତାପମାତ୍ରା ବୃଦ୍ଧି, ଅମ୍ଳବୃଷ୍ଟି, ଓଜୋନ ସ୍ତର ହ୍ରାସ ଆଦି ଶସ୍ୟକ୍ଷେତ୍ରରେ କୀଟପତଙ୍ଗର ପ୍ରାଦୁର୍ଭାବ ଓ ଜୀବଜନ୍ତୁ ବିଲୋପର କାରଣ ପାଲଟିଲା।

ଏହିସବୁ ଘଟଣାକ୍ରମରୁ ୨୦୧୧ ମସିହାରେ 'ସହସ୍ରାବ୍ଦୀର ପରିସଂସ୍ଥା ଆକଳନ' ଜନ୍ମନେଲା। ତଦନୁଯାୟୀ ପରିସଂସ୍ଥୀୟ ସେବାକୁ ଚାରିଭାଗରେ ବିଭକ୍ତ କରାଗଲା। (୧) ଯୋଗାଣ (ଖାଦ୍ୟ, କାଷ୍ଠ, ଜାଳେଣି କାଠ, ବାଉଁଶ ଇତ୍ୟାଦି ପ୍ରକୃତି ଆମକୁ ଯୋଗାଉଛି), (୨) ନିୟନ୍ତ୍ରଣାତ୍ମକ (ଜଳ ଓ ବାୟୁର ଗୁଣାତ୍ମକ ମାନ, ଜଳବାୟୁ ନିୟନ୍ତ୍ରଣ, ଅଙ୍ଗାରକାମ୍ଳ ଆହରଣ, ବର୍ଜ୍ୟ ପରିଚାଳନା ଏବଂ ହାନିକାରକ କୀଟପତଙ୍ଗ ନିୟନ୍ତ୍ରଣ), (୩) ସହାୟକ (ମୃତ୍ତିକା ସୃଷ୍ଟି ଓ ସଂରକ୍ଷଣ, ଆଲୋକ ସଂଶ୍ଳେଷଣ, ପରିସଂସ୍ଥାର ବିକାଶ) ଏବଂ (୪) ସାଂସ୍କୃତିକ (ପ୍ରକୃତିର ନାନ୍ଦନିକ, ଆଧ୍ୟାତ୍ମିକ ଓ ଶୈକ୍ଷିକ ଉପକାର) ଇତ୍ୟାଦି। ଏହିସବୁ ପରିସଂସ୍ଥୀୟ ସେବାରୁ କେତେକ ସିଧାସଳଖ ଆମକୁ ପ୍ରାପ୍ତ ହେଉଥିବା ବେଳେ ଅନ୍ୟ କେତେକ ପରୋକ୍ଷଭାବେ ଉପକାର କରିଥାନ୍ତି।

ଏ କଥା ସତ୍ୟ ଯେ, ପ୍ରକୃତି ଆମକୁ ଯୋଗାଇ ଦେଉଥିବା ବହୁବିଧ ସେବାର ଠିକ୍ ଆର୍ଥିକ ମୂଲ୍ୟାୟନ ସହଜ ଓ ସମ୍ଭବ ନୁହେଁ। ନିରନ୍ତର ପରିସଂସ୍ଥୀୟ ସେବା ପାଇବା ସଙ୍ଗେ ସଙ୍ଗେ ମାନବକୃତ ପରିବେଶର ଅବକ୍ଷୟ ରୋକିବାକୁ ହେଲେ, ଆମକୁ ପୂର୍ବଜମାନଙ୍କର ପଦାଙ୍କ ଅନୁସରଣ କରିବାକୁ ହେବ। ପରିବେଶକୁ ଏକ ଦୁର୍ଲଭ ପ୍ରାକୃତିକ ପୁଞ୍ଜି ଭାବରେ ଗ୍ରହଣ କରି ତା'ର ବିନିଯୋଗକୁ ନିୟନ୍ତ୍ରିତ କରିବାକୁ ହେବ।

ପୂର୍ବତନ ପି.ସି.ସି.ଏଫ୍. (ବନ୍ୟପ୍ରାଣୀ), ଓଡ଼ିଶା,
୫୭, ଜଗମୋହନ ନଗର, ଜାଗମରା, ଖଣ୍ଡଗିରି,
ଭୁବନେଶ୍ୱର, ମୋ–୯୪୩୭୦୦୦୯୦୪

# ନକଲି ଦେଶପ୍ରେମୀ



ଡ. ଚିନ୍ତାମଣି ପଣ୍ଡା

ସ୍ୱାର୍ଥାନ୍ୱେଷୀ ଆତ୍ମାମାନଙ୍କର ଭିଡ଼ ଭିତରୁ ତ୍ୟାଗୀ ଚରିତ୍ରଟିଏ ପାଇବା ଯେମିତି ଦୁରୂହ ବ୍ୟାପାର, ଠିକ୍ ସେହିଭଳି ବ୍ୟକ୍ତିକେନ୍ଦ୍ରିକ ଲୋକଭିଡ଼ରୁ ଜାତୀୟତାବାଦୀ ଜୀବନଟିଏ ମିଳିବା ଅସମ୍ଭବ। ମାନବର ବ୍ୟକ୍ତିତ୍ୱକୁ ଯଦି ବଟବୃକ୍ଷ ସହ ତୁଳନା କରାଯାଏ ତେବେ ତା'ର ଦେଶପ୍ରେମ ତହିଁରେ ଲଟେଇଥିବା ଏକ ମାଳତୀଲତା ସଦୃଶ। ମାଳତୀ ଲତାଟି ଯେତେ ମାଡ଼େ ବଟବୃକ୍ଷଟିର ପୋଷଣ ତଦନୁଯାୟୀ ପ୍ରଭାବିତ ହୋଇଥାଏ। କିନ୍ତୁ ଯେତେବେଳେ ମାଳତୀଫୁଲର ସୁଗନ୍ଧ ଚଉଦିଗକୁ ବିଚ୍ଛୁରିତ ହୁଏ, ତାକୁ ଧାରଣ କରିଥିବା ବଟବୃକ୍ଷର ଜୀବନ ସାର୍ଥକ ହୁଏ। ଅତଏବ ବ୍ୟକ୍ତିବାଦରୁ ଉର୍ଦ୍ଧ୍ୱକୁ ଉଠି ଜାତୀୟତାବାଦରେ ଉଦ୍‌ବୁଦ୍ଧ ବ୍ୟକ୍ତିତ୍ୱକୁ ଆମେ ଦେଶପ୍ରେମୀର ଆଖ୍ୟା ଦେଇଥାଉ, ଯାହାଙ୍କ ସଂଖ୍ୟା ଅଧୁନାତନ ସମାଜରେ ନଗଣ୍ୟ କହିଲେ ଚଳେ।

ଜନସାଧାରଣଙ୍କୁ ଅକୁଣ୍ଠ ସେବା ସହାୟତା ଯୋଗାଇଦେବା ପାଇଁ ଆଜିକାଲି ଯେତେସବୁ କର୍ମୀ ନିୟୋଜିତ ସେମାନଙ୍କୁ ମୁଖ୍ୟତଃ ଦୁଇଟି ଗୋଷ୍ଠୀରେ ବିଭକ୍ତ କରାଯାଇପାରେ– ସଶୁଳ୍କ ଓ ନିଃଶୁଳ୍କ ସେବକ। ସଶୁଳ୍କ ସେବକଙ୍କର ପ୍ରକାଶ୍ୟରେ କୌଣସି ଦଳ ନ ଥାଏ। ଅନ୍ତରରେ ଏକ ନିର୍ଦ୍ଦିଷ୍ଟ ଦଳକୁ ଆନୁଗତ୍ୟ ପ୍ରଦର୍ଶନ କରୁଥିଲେ ବି ପରିସ୍ଥିତିର ବାଧ୍ୟବାଧକତାରେ ଶାସକ ଦଳର ହିଁ ନିର୍ଦ୍ଦେଶ ପାଳନ କରୁଥାନ୍ତି। ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନଙ୍କ ଭାଷାରେ ଏମାନେ ହେଉଛନ୍ତି ଦେଶସେବକ କିନ୍ତୁ ଦେଶପ୍ରେମୀ ନୁହନ୍ତି। ମାତ୍ର ଅପର ଗୋଷ୍ଠୀଟି, ଯେଉଁମାନେ ନିଃଶୁଳ୍କ ସେବା ପ୍ରଦାନରେ ବ୍ରତୀ, ସେମାନେ ହେଲେ ଦେଶପ୍ରେମୀ। ଏହି ଦେଶପ୍ରେମୀମାନଙ୍କର ଗତି ବଡ଼ ବିଚିତ୍ର ଓ ଚମକପ୍ରଦ। ସାଧାରଣ ନିର୍ବାଚନଟିଏ ଆସିଗଲେ ଏମାନେ ମଶାଣିରୁ ପ୍ରେତ ଉଠିଲା ପରି ଝିଡ଼ିଝୁଡ଼ି ହୋଇ ଉଠିପଡ଼ନ୍ତି। ଆଉ ରାତି ପାହିଲା ବେଳକୁ ଯେଉଁ ଦଳରୁ ଔଷଧ ଖାଇ ସୁସ୍ଥ ହୋଇଥିବେ ତାକୁ ଛାଡି ଅନ୍ୟ ଏକ ଦଳକୁ ଲମ୍ଫ ଦିଅନ୍ତି। ବାହାରକୁ ଦେଶପ୍ରେମୀର ଖୋଳ ପିନ୍ଧି ମନ ଭିତରେ ମେଞ୍ଚାଏ ସ୍ୱପ୍ନକୁ ଚରିତାର୍ଥ କରିବାରେ ଲାଗିପଡ଼ନ୍ତି। ଏହି ଦଳତ୍ୟାଗୀମାନଙ୍କର ଅବାଧ ଗତିକୁ ଲଗାମ ଦେବା ପାଇଁ ଶେଷାନ୍ ତାଙ୍କ କାର୍ଯ୍ୟକାଳରେ ଜନପ୍ରତିନିଧି ଆଇନର ବିଭିନ୍ନ ଧାରା, ଉପଧାରାକୁ କଡ଼ାକଡ଼ି ଲାଗୁ କରାଇଥିଲେ। ଆମେ ଏହି ଦଳତ୍ୟାଗୀଗଣଙ୍କୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରିପାରିବା, ଯଦିଓ ସେମାନେ 'ବହୁଜନ ହିତାୟ ବହୁଜନ ମତାୟ' ଦଳତ୍ୟାଗ କରୁଛନ୍ତି ବୋଲି ସଫେଇ ଦିଅନ୍ତି।

ପ୍ରଥମଟି ହେଲା ବ୍ୟକ୍ତିଗତ ଆକ୍ରୋଶ ବା ଅସୂୟାଭାବ। ନିଜ ଦଳର ଦଳପତି କିମ୍ବା ଛାମୁଆଁ ନେତାମାନଙ୍କ ଦ୍ୱାରା କୋଣଠେସା ହେଲେ, ଅଥବା ସେମାନଙ୍କ ପ୍ରତିପତ୍ତି ବୃଦ୍ଧିରେ ନିଜର ପ୍ରଭାବ ମଉଳିବାକୁ ଲାଗିଲେ, ଏହାକୁ ପ୍ରତିହତ କରିବା ପାଇଁ ଥୋକାଏ ଦେଶପ୍ରେମୀ ଦଳତ୍ୟାଗ କରିଥାନ୍ତି। ପୁନଶ୍ଚ ଦଳତ୍ୟାଗର କେତେଟା ମୁହୂର୍ତ୍ତ ପରେ ଉକ୍ତ ଦଳ ଭିତରର ଦୋଷଦୁର୍ବଳତାକୁ ଗୃହଭେଦୀ ବିଭୀଷଣ ପରି ସର୍ବସାଧାରଣଙ୍କ ଆଗରେ ଓଗାଳି ପକାନ୍ତି। ଏମାନଙ୍କ ଦଳତ୍ୟାଗର ଉଦ୍ଦେଶ୍ୟ ସେଇ ଚିରାଚରିତ ଢଙ୍ଗରେ ଦର୍ଶାଇ କହିଥାନ୍ତି ଯେ, ଦଳ ନୀତି-ଆଦର୍ଶରୁ ଦୂରେଇ ଯାଉଥିବାରୁ ମୁଁ ନୀତିବାନ୍ ରାଜନୀତିଜ୍ଞ ଏହା ସହି ନ ପାରି ଦଳତ୍ୟାଗ କଲି।

ଦ୍ୱିତୀୟ ଶ୍ରେଣୀର ଦେଶପ୍ରେମୀ ନିଜର ବ୍ୟକ୍ତିଗତ ସ୍ୱାର୍ଥସାଧନ ଯଥା ଲାଭଜନକ ପଦପଦବୀର ମୋହ କି ଉତ୍ତରପିଢିର ଥଇଥାନ ଆଶାରେ ଗୋଟିଏ ଦଳରୁ ଅନ୍ୟ ଦଳ (ମୁଖ୍ୟତଃ ଶାସକ ଦଳ)କୁ ପରିବର୍ତ୍ତନ କରିଥାନ୍ତି। କିନ୍ତୁ ଜନସାଧାରଣଙ୍କ ଆଖିରେ ଧୂଳିଦେବା ପାଇଁ କୁହନ୍ତି, ଦୀର୍ଘଦିନ ଏକ ନିର୍ଦ୍ଦିଷ୍ଟ ଦଳରେ ରହି କୌଣସି ଦେଶହିତକର କାର୍ଯ୍ୟ କରିପାରି ନ ଥିବାରୁ ମୁଁ ଉତ୍ତମ ଜନସେବା ଯୋଗାଇ ଦେବା ପାଇଁ ନୂତନ ଦଳରେ ଯୋଗଦେଲି।

ତୃତୀୟ ଶ୍ରେଣୀର ଦେଶପ୍ରେମୀ ନିଜର ଚାରିତ୍ରିକ ସ୍ଖଳନ ଲାଗି କିମ୍ବା ଦୁର୍ନୀତିର ଚରମ ସୀମାରେ ଧରାପଡ଼ି ନିଲମ୍ବିତ ହେଲେ ବାଧ୍ୟହୋଇ ଦଳରୁ ଇସ୍ତଫା ଦେଇ ଅନ୍ୟ ଦଳର ଲାଙ୍ଗୁଡ ଧରିଥାନ୍ତି। ସେମାନଙ୍କ ସଫେଇ ହେଲା, ମୁଁ ପ୍ରକୃତରେ ନିର୍ଦ୍ଦୋଷ। କିନ୍ତୁ ମୋ ସଚ୍ଚୋଟପଣିଆକୁ ଅଣଦେଖା କରି ଦଳ ସମର୍ଥନ ନ କରିବାରୁ ବାଧ୍ୟହୋଇ ଇସ୍ତଫା ଦେଲି। ଏବେ ସବୁ ଛାଡ଼ି ମୁଁ ଜନସେବାରେ ବ୍ରତୀ ହେବି।

ଚତୁର୍ଥ ଶ୍ରେଣୀର ଦେଶପ୍ରେମୀ ବେଳେବେଳେ ଅତି ଉଦ୍ଧତ ହୋଇ ଦଳର ଅନୁଶାସନକୁ ଭ୍ରୂକ୍ଷେପ କରନ୍ତି ନାହିଁ। ଦଳପତିଙ୍କର କିମ୍ବା ଦଳର ପ୍ରତିଟି ନିଷ୍ପତ୍ତିକୁ ବିରୋଧ କରି ନିଜର ପାରିବାପଣିଆକୁ ଜାହିର କରିଥାନ୍ତି। ଏମାନଙ୍କ ଉଦ୍ଦାମତାରେ ଅତିଷ୍ଠ ହୋଇ ଦଳ ବହିଷ୍କାର ନିର୍ଦ୍ଦେଶ ଦେଲେ ସଙ୍ଗେ ସଙ୍ଗେ ଦଳତ୍ୟାଗ କରିଥାନ୍ତି। ସଫେଇ ଦିଅନ୍ତି ଅମୁକ ଦଳର ଆଦର୍ଶରେ କି ଅମୁକ ଦଳପତିଙ୍କ ବ୍ୟକ୍ତିତ୍ୱରେ ଅନୁପ୍ରାଣିତ ହୋଇ ମୁଁ ଜନସାଧାରଣଙ୍କ ମତ ନେଇ ଦଳତ୍ୟାଗ କରିଛି।

ଶେଷ ଶ୍ରେଣୀର ଦେଶପ୍ରେମୀ ତଥାକଥିତ ଘୋଡ଼ା ବେପାରରେ ସକ୍ରିୟ ଥାଆନ୍ତି। କୌଣସି ଏକ ଦଳରୁ ଆଶାନୁରୂପ ଆର୍ଥିକ ଫାଇଦା ପାଇ ସେହି ଦଳକୁ ଲମ୍ଫ ଦେଇଥାନ୍ତି। ସଫେଇ ଦେଇଥାନ୍ତି ଯେ, ଏହା ହେଲା ମୋ ନିର୍ବାଚନମଣ୍ଡଳୀ ଭୋଟରଙ୍କ ଇଚ୍ଛା, ଯେଉଁମାନଙ୍କ ପାଇଁ ମୁଁ ନିର୍ବାଚିତ। ଅବଶ୍ୟ କେତେଜଣ ଭୋଟର ଏଭଳି ପ୍ରତିନିଧିଙ୍କୁ ଏଥିପାଇଁ ସମର୍ଥନ ଦେଇଥାନ୍ତି ତାହା ଆମକୁ ଅଗୋଚର।

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍‌ଙ୍କ ଭାଷାରେ– If you want to taste a man's character, give him power. ଭଗବତ୍ ଗୀତାରେ ମଧ୍ୟ ଠିକ୍ ସେହି କଥା ବର୍ଣ୍ଣିତ ଅଛି। କ୍ଷମତା ମଦରେ ମତୁଆଲା ମଣିଷଟି ତା'ର ପ୍ରକୃତ ଚରିତ୍ରକୁ ପରିପ୍ରକାଶ କରିଥାଏ। ସେଥିପାଇଁ ବିରୋଧୀ ଦଳରେ ରହି ଗୀତାଭାଗବତର ଦ୍ୱାହି ଦେଉଥିବା ଦେଶପ୍ରେମୀଟିଏ ଶାସନ କ୍ଷମତାର ସ୍ୱାଦ ଚାଖି ଚାଖି ହିତାହିତ ଜ୍ଞାନ ଭୁଲିଯାଇ ଧରାକୁ ସରା ମଣେ। ଅତଏବ ଏହି ନକଲି ଦେଶପ୍ରେମୀମାନଙ୍କ ଜାଲରେ ନ ପଡ଼ି ସାଧାରଣ ଜନତା ଏମାନଙ୍କ ଦଳତ୍ୟାଗର ଅସଲ ରହସ୍ୟକୁ ଯଦି ଭେଦକରି ଉଚିତ ଜବାବ ଦିଅନ୍ତେ, ତେବେ ଦେଶର ମଙ୍ଗଳ ସାଧିତ ହୋଇପାରନ୍ତା।

ଭୁବନେଶ୍ୱର, ମୋ–୯୪୩୭୧୮୫୧୭୫

## ଏଇ ଭାରତରେ

ରୋଗୀ ସେବା ପାଇଁ କାର୍‌ରେ ଅପରେଶନ୍ ସରଞ୍ଜାମ ଧରି ବୁଲୁଛନ୍ତି ଜଣେ ଡାକ୍ତର। ଏପରି ଦୃଶ୍ୟ ଦେଖିବାକୁ ମିଳୁଛି ଛତିଶଗଡ଼ର ରାୟପୁରରେ। ଜୀବନ ଓ ମୃତ୍ୟୁ କାହାରି ହାତରେ ନ ଥାଏ। ଏହା ଈଶ୍ୱରଙ୍କର ଲୀଳା। କିନ୍ତୁ କୌଣସି ରୋଗୀର ସମ୍ଭାବ୍ୟ ମୃତ୍ୟୁକୁ ଏଡାଇବା ପାଇଁ ଉପଯୁକ୍ତ ସମୟରେ ଚିକିତ୍ସା କରାଯିବା ଆବଶ୍ୟକ। ଏଥିରୁ ବଞ୍ଚିତ ହେଲେ ରୋଗୀଟି ହୁଏତ ମରିଯାଇପାରେ। ସେଥିପାଇଁ ଛତିଶଗଡର ରାୟପୁରସ୍ଥିତ ଆଡଭାନ୍ସଡ କାର୍ଡିଆକ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ କାର୍ଯ୍ୟରତ ଡାକ୍ତର କୃଷ୍ଣକାନ୍ତ ସାହୁ ନିଜ କାର୍‌ରେ ଅପରେଶନ୍ ନିମିତ୍ତ ସମସ୍ତ ସରଞ୍ଜାମ ଧରି ବୁଲୁଛନ୍ତି। ସେଥିମଧ୍ୟରେ ଭାସ୍କୁଲାର, ହାର୍ଟ, ଲଙ୍ଗ୍‌ସ ତଥା ଓପନ ହାର୍ଟ ସର୍ଜରୀ ନିମନ୍ତେ ସରଞ୍ଜାମ ରହିଛି। ଇତିମଧ୍ୟରେ ଉପଯୁକ୍ତ ସମୟରେ ଚିକିତ୍ସା କରି ସେ ଅନେକ ରୋଗୀଙ୍କ ଜୀବନରକ୍ଷା କରିସାରିଲେଣି। ଲୋକେ ତାଙ୍କୁ ସ୍ନେହରେ କେକେ ବୋଲି ଡାକନ୍ତି। ନିଜ ଦରମା ଟଙ୍କାରେ ସେ ବିଭିନ୍ନ ଅପରେଶନ୍ ସରଞ୍ଜାମ ଗୋଟି ଗୋଟି କରି କିଣିଛନ୍ତି। ଚିକିତ୍ସା ଅଭାବରୁ କୌଣସି ରୋଗୀ ମୃତ୍ୟୁବରଣ ନ କରନ୍ତୁ ଏହା ସୁନିଶ୍ଚିତ କରିବାକୁ ସେ ନିଜ ପାଖରେ ସବୁବେଳେ ଅପରେଶନ୍ ସରଞ୍ଜାମ ରଖିଥାଆନ୍ତି। ବାସ୍ତବିକ୍ ଏଭଳି ଜଣେ ଆଦର୍ଶ ଡାକ୍ତର ଦେବଦୂତ କହିଲେ ଅତ୍ୟୁକ୍ତି ହେବନାହିଁ।

## ଚିରନ୍ତନୀ

ନ ପାରଇ ବୁଝି କେହି ମୃଦୁ ପ୍ରାଣେ କିବା ଅନୁଭୂତି
ଲାଗେ ତା'ର ଅହରହ, ଆଣିଥାଏ ସେ କେଉଁ ବିଭୂତି,
କରିବାକୁ ଏ ଭୁବନ ପଥେ ନିବେଦନ
ଅଦଭୁତ କି ଉଦ୍‌ଭାବନ !

(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧ ମାର୍ଚ୍ଚ ୧୯୯୪

- କେନ୍ଦ୍ର ଅର୍ଥମନ୍ତ୍ରୀ ମନମୋହନ ସିଂ ୧୯୯୩-୯୪ ଆର୍ଥିକ ବର୍ଷ ପାଇଁ ୬ ହଜାର କୋଟି ଟଙ୍କା ନିଅଣ୍ଟ ବଜେଟ ଲୋକ ସଭାରେ ଉପସ୍ଥାପନ କରିଛନ୍ତି।
- ଲେବାନନ୍‌ର ଏକ ଚର୍ଚ୍ଚରେ ବୋମା ବିସ୍ଫୋରଣ ଘଟି ୧୦ଜଣ ପୂଜକଙ୍କ ପ୍ରାଣହାନି ଘଟିଛି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | 4 | | | B | | D | | | |
| | | | 9 | | | 7 | C | | | 1 | | 4 | | D |
| | | 3 | | | 2 | B | | | A | | | | | 1 |
| | | | 6 | | | E | | | | C | 7 | 9 | B | |
| 7 | | | | | | | | | 5 | | | E | 6 | A |
| | | | | 4 | 9 | | | 5 | 0 | | | | | 3 |
| | E | A | | | B | | | D | | 3 | | 6 | | |
| C | | | | E | | 6 | | | 8 | | | 5 | 4 | |
| 8 | 4 | | | | | | | | | | 5 | | 9 | |
| 0 | | | | 3 | A | | E | | 2 | | | | | 8 |
| | | 0 | | D | 4 | | | B | 6 | | | | 1 | |
| | | B | | | 5 | | | | | 0 | 2 | | A | |
| | | 8 | 7 | 2 | 1 | | 9 | 4 | | | | 0 | E | |
| | 6 | | | | 0 | 5 | A | | 1 | | C | | D | |
| | | | | 6 | | C | | | D | A | | 3 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | E | B | 8 | 9 | 6 | 4 | C | 2 | 0 | 1 | D | A | 3 | 7 |
| 3 | D | 8 | A | 4 | B | 6 | 7 | 1 | 9 | C | E | 0 | 2 | 5 |
| A | 9 | 0 | 5 | C | 1 | E | D | 3 | 2 | 7 | 4 | B | 6 | 8 |
| 4 | 7 | 1 | D | 2 | 3 | 8 | 5 | 0 | B | A | 6 | C | 9 | E |
| 2 | 6 | C | E | 7 | 0 | A | 9 | B | 5 | 8 | 3 | 1 | D | 4 |
| 0 | C | 6 | 3 | 5 | D | 1 | B | E | 8 | 2 | A | 7 | 4 | 9 |
| E | 4 | 5 | 0 | B | 2 | 9 | A | C | 6 | D | 7 | 8 | 1 | 3 |
| 9 | 8 | 3 | 7 | 1 | E | 5 | 2 | D | 4 | B | C | 6 | A | 0 |
| D | 2 | A | C | 8 | 4 | 7 | 0 | 6 | 3 | 9 | 1 | 5 | E | B |
| B | 1 | 7 | 9 | 6 | A | 3 | 8 | 4 | E | 0 | 5 | D | C | 2 |
| C | 3 | 2 | 4 | D | 9 | 0 | 1 | A | 7 | 5 | 8 | E | B | 6 |
| 6 | 5 | 9 | B | 3 | C | D | E | 8 | 1 | 4 | 0 | 2 | 7 | A |
| 8 | A | 4 | 1 | E | 5 | 2 | 3 | 7 | C | 6 | B | 9 | 0 | D |
| 1 | 0 | E | 2 | A | 7 | B | 6 | 5 | D | 3 | 9 | 4 | 8 | C |
| 7 | B | D | 6 | 0 | 8 | C | 4 | 9 | A | E | 2 | 3 | 5 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶାରଦା ଖଟୁଆଙ୍କ ମୃତ୍ୟୁ ରହସ୍ୟ ଖୋଲୁ

ମହାଶୟ,

ବହୁଚର୍ଚ୍ଚିତ 'ବୋଫର୍ସ' ଦୁର୍ନୀତିକୁ ନେଇ ପ୍ରବଳ ରାଜନୈତିକ ଝଡ ସୃଷ୍ଟି ହୋଇଛି। ତେବେ ବର୍ତ୍ତମାନ କେତେବର୍ଷ ହେବ ଏହି ଯୁଦ୍ଧାସ୍ତ୍ର ଆମର ଦେଶୀୟ ଜ୍ଞାନକୌଶଳରେ ଜବଲପୁରସ୍ଥିତ ପ୍ରତିରକ୍ଷା ବିଭାଗ କାରଖାନାରେ ପ୍ରସ୍ତୁତ କରାଯାଉଛି, ଯେଉଁଠାରେ କି ଆମ ରାଜ୍ୟ ଜଗତ୍‌ସିଂହପୁର ଅଞ୍ଚଳର ଶାରଦା ଚରଣ ଖଟୁଆ କନିଷ୍ଠ ଠିକାଦାର ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ଏହି ତୋପ ନିର୍ମାଣରେ ଆବଶ୍ୟକ ହେଉଥିବା ଜର୍ମାନ ଯନ୍ତ୍ରାଂଶ ବଦଳରେ ଏଥିରେ ଚୀନ ତିଆରି ଯନ୍ତ୍ରାଂଶ ବ୍ୟବହୃତ ହେଉଥିବା ଘଟଣା ଶ୍ରୀ ଖଟୁଆ ତାଙ୍କର ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାରେ ତାହା ସିବିଆଇ ତଦନ୍ତ ପାଇଁ ପଠାଗଲା। ଏହି ତଦନ୍ତ ପ୍ରକ୍ରିୟା ମଧ୍ୟରେ ଶ୍ରୀ ଖଟୁଆ ଗତମାସରେ ହଠାତ୍ ନିଖୋଜ ହୋଇଗଲେ ଓ କିଛିଦିନ ପରେ ତାଙ୍କର ମୃତ ଶରୀର ସନ୍ଦେହଜନକ ଅବସ୍ଥାରେ ମିଳିଲା। ଏହାକୁ ପ୍ରଥମରୁ ଆତ୍ମହତ୍ୟାର ରୂପ ଦିଆଗଲେ ମଧ୍ୟ ଶବ ବ୍ୟବଚ୍ଛେଦ ରିପୋର୍ଟରେ ଏହା ଏକ ହତ୍ୟାକାଣ୍ଡ ବୋଲି ପ୍ରମାଣିତ ହେବାରେ ଶ୍ରୀ ଖଟୁଆଙ୍କ ପରିବାରକୁ ବିଭିନ୍ନ ଅଜଣା ସୂତ୍ରରୁ ଧମକ ଆସିବାରେ ଲାଗିଛି। ଜଣେ କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଶ୍ରୀ ଖଟୁଆଙ୍କ ରହସ୍ୟଜନକ ମୃତ୍ୟୁର ବିଧିବଦ୍ଧ ତଦନ୍ତ ହେବା ଆବଶ୍ୟକ।

ହରିହର ପାଣ୍ଡେ, ବାସେଳୀସାହି, ପୁରୀ

### ଧର୍ମଶାଳାର ହରିଲୁଟ ରାଜ୍ୟ ପାଇଁ ବୋଝ

ଯାଜପୁର ଜିଲ୍ଲାର ଧର୍ମଶାଳାରେ ବିଭିନ୍ନ କ୍ଷେତ୍ରରେ ହରିଲୁଟ ଏବେ ରାଜ୍ୟ ପାଇଁ ବୋଝ ହେବା ସହ ସରକାରଙ୍କ ସ୍ୱଚ୍ଛତା କ୍ଷେତ୍ରରେ ପ୍ରଶ୍ନବାଚୀ ଠିଆ କରିଛି। ଡଙ୍କାରୀରେ ପଥରଚୋର ଚୋରି କଲେ, ସରକାର ବହୁକୋଟି ଟଙ୍କାର ରାଜସ୍ୱ ହରାଇଲେ। ପରିବେଶ ଧ୍ୱଂସାଭିମୁଖୀ ହେଲା। ଶେଷକୁ ଏଥିପାଇଁ ସରକାର ଦାୟୀ ହେଲେ। ମାନ୍ୟବର କୋର୍ଟ ସରକାରଙ୍କୁ ୨୫ କୋଟିର ଜରିମାନା ନିର୍ଦ୍ଦେଶ ଦେଲେ। ପୁଣି ଜେନାପୁର ବାଲି ନେଇ ବି ଗ୍ରୀନ ଟ୍ରିବ୍ୟୁନାଲ ନିର୍ଦ୍ଦେଶରେ ତଦନ୍ତ ହେଲା। ଉନ୍ନୟନ କାର୍ଯ୍ୟରେ ଟେଣ୍ଡର ଫିକ୍ସିଂ ଓ ବ୍ୟାପକ ଦୁର୍ନୀତି ନେଇ ବି ବହୁ ଅଭିଯୋଗ ହୋଇଛି। ଏବେ ନେଡିଗୁଡ କହୁଣିକୁ ବୋହି ଯାଇଥିବାରୁ ଧର୍ମଶାଳାରେ ଏଭଳି ରାବଣରାଜକୁ ସରକାର ଦୃଢ ହସ୍ତରେ ଦମନ କରିବା ରାଜଧର୍ମ ହେବ।

ରୀନାଲତା ସାମଲ, ପଟୁଣିଆ, ଧର୍ମଶାଳା, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଆଇନ ସଚେତନତା ଶିବିର

କୁଜଙ୍ଗ,୨୮।୨(ସ୍ୱ.ପ୍ର): କୁଜଙ୍ଗ ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ସିଟିଏପି ସଂକ୍ରାନ୍ତୀୟ ଏକ ଆଇନ ସଚେତନତା ଶିବିର ଏଡିଜେ ପ୍ରଣବ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ କୁଜଙ୍ଗ ସିଭିଲଜଜ୍ ସିନିୟର ଡିଭିଜନ୍ ଅଭିଳାଷ ସେନାପତି, ଜେଏମ୍ଏଫ୍‌ସି ମାମୀ ବେହେରା, ସିଭିଲଜଜ୍ ଜୁନିୟର୍ ଡିଭିଜନ ବବିତା ପାତ୍ରଙ୍କ ସହ ଓକିଲ ସଂଘର ସଭାପତି ଏଏନ୍‌ଡି ଯାଦବ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆଇନଜୀବୀ ଅମୃତ ଦାସ, ସୁଶାନ୍ତ କୁମାର ପଟ୍ଟନାୟକ, ଭାରତ ଭୂଷଣ ଦାସ, ସତ୍ୟାନନ୍ଦ ବିଶ୍ୱାଳ, ନଳିନୀ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବିରିଡ଼ି/ବାଲିଆ,୨୮।୨(ଡି.ଏନ.ଏ.): ବିରିଡ଼ି ବ୍ଲକ ଅଳକା ମହାବିଦ୍ୟାଳୟରେ ଗୁରୁବାର ଶିକ୍ଷକ କର୍ମଚାରୀ ପରିଷଦ ପକ୍ଷରୁ ଇଂଲିଶ ବିଭାଗ ସହକାରୀ ପ୍ରାଧ୍ୟାପକ ଲକ୍ଷ୍ମୀଧର କର ଏବଂ ଓଡ଼ିଆ ଅଧ୍ୟାପିକା ସବିତା ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେହିପରି ଅଳକା ମହାବିଦ୍ୟାଳୟର କନିଷ୍ଠ କିରାଣି ଅକ୍ଷୟ କୁମାର ମିଶ୍ର ପଦୋନ୍ନତି ପାଇ ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟକୁ ବରିଷ୍ଠ କିରାଣି ଭାବେ ଯାଉଥିବାରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟ ଅଧକ୍ଷ ବନମାଳି ବେହେରା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ତଥା ଶିକ୍ଷକ କର୍ମଚାରୀ ପରିଷଦ ସମ୍ପାଦକ ଡ. ବିଶ୍ୱଜିତ ରାୟ, ଅବସରପ୍ରାପ୍ତ ପୂର୍ବତନ ଅଧକ୍ଷ ବାସନ୍ତୀ ସିଂ ଓ ଇଂଲିଶ ବିଭାଗର ପୂର୍ବତନ ପ୍ରାଧ୍ୟାପିକା ରଞ୍ଜନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ କର ଓ ଅଧ୍ୟାପିକା ମହାନ୍ତିଙ୍କ ସହ ମହାବିଦ୍ୟାଳୟର ବରିଷ୍ଠ ସହାୟକ ମିଶ୍ର ସମୟାନୁବର୍ତ୍ତୀ ଓ ନିଷ୍ଠାପର ଭାବେ ସମସ୍ତ କାର୍ଯ୍ୟ ସମ୍ପାଦନ କରୁଥିଲେ। ସେଥିପାଇଁ ମହାବିଦ୍ୟାଳୟ ସେମାନଙ୍କୁ ସବୁଦିନ ପାଇଁ ମନେ ରଖିବ ବୋଲି ସମ୍ବର୍ଦ୍ଧନା ସଭାରେ ମତପ୍ରକାଶ ପାଇଥିଲା। ପରିଷଦ ପକ୍ଷରୁ ମାନପତ୍ର ଓ ଉପଢୌକନ ସହ ପୁଷ୍ପଗୁଚ୍ଛ ଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧ୍ୟାପିକା ଡଲି ପଟ୍ଟନାୟକ, ପ୍ରାଧ୍ୟାପକ ଡ. ଅକ୍ଷୟ ଭଦ୍ର, ପ୍ରାଧ୍ୟାପିକା ଡ. ମୁଲତା ଦାଶ, ଦୀପଙ୍କର ଜେନା, ଡ. ରେବତୀ ମୁଦୁଲି ଉପସ୍ଥିତ ଥିଲେ। ରୁଦ୍ରନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।

### ହୃଦଘାତରେ ଯବାନ ମୃତ

କୁଜଙ୍ଗ,୨୮।୨(ସ୍ୱ.ପ୍ର): କୁଜଙ୍ଗ ବ୍ଲକ୍ ଜିଲାନାସୀ ପଞ୍ଚାୟତ ସାହାରାଡିଆ ଗ୍ରାମର ଜଣେ ଯବାନଙ୍କ ହୃତଘାତରେ ପରଲୋକ ଘଟିଛି। ସେ ହେଲେ ପ୍ରବୀର କୁମାର ସେଠୀ (୫୩)। ସେ ଉତ୍ତରପ୍ରଦେଶରେ ସିଆର୍‌ପିଏଫ୍‌ରେ କାର୍ଯ୍ୟରତ ଥିଲେ। ଯବାନମାନଙ୍କୁ ପ୍ରଶିକ୍ଷଣ ଦେଉଥିବା ବେଳେ ହୃତଘାତର ଶୀକାର ହୋଇଥିଲେ। ତାଙ୍କ ସ୍ତ୍ରୀ ପ୍ରତିମା ଓ ଦୁଇ ପୁଅ ପପୁ ଓ ତପୁ ତାଙ୍କ ସହ ୟୁପିରେ ରହୁଥିଲେ। ଏହି ଖବର ଜଣାପଡିବା ପରେ ଅଞ୍ଚଳରେ ଭଗୀର ଶୋକ ପ୍ରକାଶ ପାଇଛି।

■ ମହାନଦୀ ଡଙ୍ଗାବୁଡ଼ିକୁ ୧୫ ବର୍ଷ

# ସତର୍କ କରାଉଛି ସ୍ମୃତିସ୍ତମ୍ଭ

ପାରାଦୀପ,୨୮।୨(ସ୍ୱ.ପ୍ର.)

ନଦୀ ଓ ସମୁଦ୍ରରେ ଯାତ୍ରା କରିବାବେଳେ ଅନେକ ସତର୍କତା ଅବଲମ୍ବନ କରିବାକୁ ହୋଇଥାଏ। ଏଥିପାଇଁ ସରକାର ମଧ୍ୟ କେତେକ କଟକଣା କରିଛନ୍ତି। ଏହା ସତ୍ତ୍ୱେ ଅନେକ ସ୍ଥାନରେ ବିପଦପୂର୍ଣ୍ଣ ନୌଯାତ୍ରା ଚାଲିଛି। ସାମାନ୍ୟ ଅସାବଧାନତା ଯୋଗୁ ଅନେକ ଧନଜୀବନ ହାନୀ ଘଟୁଛି। ଯେପରି ୨୦୦୪ ମାର୍ଚ୍ଚ ୧ରେ ଘଟିଥିଲା। ପାରାଦୀପ ଉପକଣ୍ଠ ନୂଆଗଡ଼ ଗ୍ରାମର ଉତ୍କଳମଣି କ୍ରିକେଟ କ୍ଲବ୍‌ର ୧୮ ଜଣ ଯୁବକ ଏକ ଟୁର୍ନାମେଣ୍ଟ ଖେଳିବା ପାଇଁ ମହାନଦୀରେ ଡଙ୍ଗା ଯୋଗେ ମହାକାଳପଡ଼ାର ପିତାପାଟ ଗ୍ରାମକୁ ଯାଉଥିଲେ। କିନ୍ତୁ ଡଙ୍ଗା ବୁଡ଼ିଯିବାରୁ ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାକୁ ଶୁକ୍ରବାର ୧୫ ବର୍ଷ ପୂରିଛି। ସେହି ଦିବଂଗତ ଯୁବ କ୍ରିକେଟରମାନଙ୍କ ସ୍ମୃତିରେ ନୂଆଗଡ଼ ସ୍କୁଲ ପଡ଼ିଆରେ ଏକ ସ୍ମୃତିସ୍ତମ୍ଭ କରାଯାଇଛି। ଆଜି ମଧ୍ୟ ସେହି ସ୍ମୃତିସ୍ତମ୍ଭ ସତେ ଯେପରି ନୌଯାତ୍ରା ବେଳେ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ସତର୍କ କରାଇ ଦେଉଛି। ମାତ୍ର ଦୁର୍ଭାଗ୍ୟର ବିଷୟ କେହି ସେଥିପ୍ରତି ଦୃଷ୍ଟି ନ ଦେଇ କେବଳ ଦୁର୍ଘଟଣାକୁ ମନେ ପକାଇ ଦୁଃଖ ପ୍ରକାଶ କରୁଛନ୍ତି। କାରଣ ଏବେ ମଧ୍ୟ ଅସାବଧାନତାରୁ ନଦୀରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ଯେପରି ଚଳିତବର୍ଷ ପ୍ରଥମାର୍ଦ୍ଧରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ନିପାଣିଆଠାରେ ଘଟିଥିଲା। ନୂଆଗଡ଼କୁ ଲାଗି ମହାନଦୀର ବାହାକୁଦ ଘାଟରେ ଏବେ ବି ବିପଦପୂର୍ଣ୍ଣ ନୌଯାତ୍ରା ଚାଲିଛି। ପ୍ରତିଦିନ ଶତାଧିକ ଶ୍ରମଜୀବୀ ଜନତା ଗାଡ଼ି ସାଇକେଲ ସହ ସେହି ଘାଟରେ ଡଙ୍ଗା ଯୋଗେ ପାରି ହେଉଛନ୍ତି। ଯେତେବେଳେ ଦୁର୍ଘଟଣା ଘଟୁଛି, ତାହାର କିଛିଦିନ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ନଦୀଘାଟରେ ଯାଞ୍ଚ କରାଯାଉଛି। କିନ୍ତୁ ପରେ ଯେଉଁ କଥାକୁ ସେହି କଥା। ନିପାଣିଆ ଘଟଣା ୨ମାସ ହୋଇନାହିଁ, ଅଥଚ ସେହି ସ୍ଥାନ ଓ ନଦୀରେ ଏବେ ଡଙ୍ଗା ପୂର୍ବବତ୍ ଚାଲିଛି। ନୂଆଗଡ଼ରେ ଡଙ୍ଗା ବୁଡ଼ି ପରେ କିଛିବର୍ଷ ସେହି ଗାଁରେ କେହି କ୍ରିକେଟ ଖେଳ ଦେଖୁ ନ ଥିଲେ କି ଖେଳୁ ନ ଥିଲେ। ଏବେ ଯଦିଓ ସେଭଳି ଭାବାବେଗ ପରିବେଶ ନାହିଁ, ତଥାପି ସେ କଥା ମନେ ପଡ଼ିଲେ ଲୋକଙ୍କ ଆଖିରୁ ଲୁହ ଝରେ। ତେବେ ଖାଲି ଦୁର୍ଘଟଣାକୁ ମନେ ପକାଇଲେ କିଛି ହେବ ନାହିଁ, ଏଥିରୁ ମଣିଷକୁ ସତର୍କ ହେବାକୁ ପଡିବ।



ନୂଆଗଡ ସ୍କୁଲ ପଡ଼ିଆରେ ନିର୍ମିତ ସ୍ମୃତିସ୍ତମ୍ଭ।

## ମୁଁ ହିରୋ, ମୁଁ ଓଡିଶା କାର୍ଯ୍ୟକ୍ରମ

ତିର୍ତ୍ତୋଲ,୨୮।୨(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ବିଜୁ ଯୁବ ବାହିନୀ ପକ୍ଷରୁ ରାଜ୍ୟ ସରକାରଙ୍କ ଯୁବ ଓ କ୍ରୀଡ଼ା ବ୍ୟାପାର ବିଭାଗ ଦ୍ୱାରା ପ୍ରାୟୋଜିତ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଞ୍ଚାୟତର ବିଜୁ ଯୁବ ବାହିନୀ ସଭାପତି ଆଶିଷ କୁମାର ପରିଡାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରପଞ୍ଚ ରମେଶ ଚନ୍ଦ୍ର କୁଅଁର ମୁଖ୍ୟଅତିଥି, ବିଜୁ ଯୁବ ବାହିନୀ ତିର୍ତ୍ତୋଲ ବ୍ଲକ ସଂଯୋଜକ ସତ୍ୟପ୍ରକାଶ ଦାସ, ବିଜୁ ଜିଲା କୃଷକ ସାମୁଖ୍ୟ ଉପସଭାପତି ଦେବବ୍ରତ ମହାନ୍ତି, ସର୍ବେଶ୍ୱର ସ୍ୱାଇଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସଚିନ କୁମାର ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳର ଲୁକାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଓ ସେମାନଙ୍କୁ ଜିଲା, ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପରିଚିତ କରିବାକୁ ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ କରୁଥିବା ଅତିଥିମାନେ କହିଥିଲେ। ଗୋବିନ୍ଦପୁର ସରକାରୀ ନୋଡାଲ ବିଦ୍ୟାଳୟର ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଦାସ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ ଓ ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇଥିଲା। ସଙ୍ଗୀତରେ ୧ମ ଛାତ୍ରୀ ରାନି ବିଶ୍ୱାଳ, ୨ୟ ପ୍ରୀୟଙ୍କା ପ୍ରୀୟଦର୍ଶିନୀ କାଣ୍ଡି, ୩ୟ ପଲ୍ଲବୀ ଦାସ, ନୃତ୍ୟରେ ୧ମ ଛାତ୍ରୀ ଅର୍ପିତା ରାଉତ, ୨ୟ ବର୍ଷାରାଣୀ ଜେନା, ୩ୟ ମାମାଲି ସାହୁଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଜୁ ଯୁବ ବାହିନୀ ସମ୍ପାଦକ ସୁନୀଲ କୁମାର ନାୟକ, କୋଷାଧ୍ୟକ୍ଷ ସ୍ମୃତି ସ୍ମାରକୀ ମହାନ୍ତି, ସଦସ୍ୟ ବିଶ୍ୱଜିତ ସ୍ୱାଇଁ, ଆଶିଷ, ବିଶ୍ୱଜିତ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ୧୬୫ତମ ପେନସନ୍ ଅଦାଲତ ସମୀକ୍ଷା ବୈଠକ

## ପଡ଼ିରହିଥିବା ମାମଲା ଫଇସଲାକୁ ଗୁରୁତ୍ୱ

ଜଗତ୍‌ସିଂହପୁର ଅଫିସ,୨୮।୨

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟର ପରିସର ସଦ୍‌ଭାବନା ସଭାଗୃହରେ ଗୁରୁବାର ୧୬୫ତମ ପେନସନ୍ ଅଦାଲତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ଗୁହା ପୁନମ ତାପସ କୁମାର ଯୋଗଦେଇ ଦୀର୍ଘଦିନ ଧରି ପଡ଼ିରହିଥିବା ପେନ୍‌ସନ ମାମଲାଗୁଡିକର ଫଇସଲା ଉପରେ ଗୁରୁତ୍ୱାରୋପ କରିଥିଲେ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗର ନିର୍ଦ୍ଦେଶକ ସୁଧାଂଶୁ ଶେଖର ଭୂୟାଁ ଯୋଗଦେଇ କହିଲେ ଯେ, ଗତବର୍ଷ ସେପ୍ଟେମ୍ବର ୧୮ରେ ଭୁବନେଶ୍ୱରଠାରେ ରାଷ୍ଟ୍ରୀୟ ପେନସନ୍ ଅଦାଲତ ହୋଇଥିଲା। ଡିସେମ୍ବରରୁ ଜିଲାସ୍ତରରେ ପୁରୀ ଜିଲାରୁ ପେନସନ ଅଦାଲତ ଆରମ୍ଭ ହୋଇଛି। ଉପହିସାବ ମହାଲେଖାକାର (ପେନସନ୍) ନନ୍ଦ ଦଲାଲ ଦାସ ଯୋଗଦେଇ ବର୍ତ୍ତମାନ ଅନ୍‌ଲାଇନରେ ପେନ୍‌ସନ୍ ପେପର ପଠାଯାଉଛି ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ସଚିଦାନନ୍ଦ ସାହୁ ଜିଲାର ବକେୟା ପେନସନ୍ ମାମଲା ଫଏସଲା କରିବା ପାଇଁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ଅଦାଲତରେ ଉଭୟପକ୍ଷର ଯୁକ୍ତି ଶୁଣାଣି ପରେ ଆବଶ୍ୟକ ନିର୍ଦ୍ଦେଶ ଦିଆଯିବ। ବୈଠକରେ ଡେପୁଟି କଲେକ୍ଟର ଅରୁନ୍ଧତୀ ପଟ୍ଟନାୟକ ସକ୍ରିୟ ଅଂଶଗ୍ରହଣ କରିଥିଲେ। ମହାଲେଖାକାରଙ୍କ କାର୍ଯ୍ୟାଳୟର ହିସାବ ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅନୁଶାସନ ସଚିବ ନିରଞ୍ଜନ ବେହେରା, ଅନୁବିଭାଗ ଅଧିକାରୀ ସୁବୋଧ ଦାସ, ସହକାରୀ ହିସାବ ଅଧିକାରୀ ସୁଶୀଲ ମିଶ୍ର, ଗଦାଧର ନାୟକ, ଛତିଶ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

## ଗୀତିନାଟ୍ୟ କଳାକାର ବୀରକିଶୋରଙ୍କ ପରଲୋକ

ତିର୍ତ୍ତୋଲ,୨୮।୨(ଡି.ଏନ.ଏ.)

ତିର୍ତ୍ତୋଲ କୁମାର ଉତ୍ସବ ସମିତିର ବର୍ଷିୟାନ ଗୀତିନାଟ୍ୟ କଳାକାର ବୀରକିଶୋର ଚୌଧୁରୀ(୮୧)ଙ୍କ ପରଲୋକ ହୋଇଯାଇଛି। ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତିର୍ତ୍ତୋଲ ବ୍ଲକ କେଉଲସ୍ଥିତ ବାସଭବନରେ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ସେ ଦୀର୍ଘ ଦଶନ୍ଧି ଧରି ତିର୍ତ୍ତୋଲ କୁମାର ଉତ୍ସବ ତରଫରୁ ଅନୁଷ୍ଠିତ ଗୀତିନାଟ୍ୟରେ ସ୍ୱର ସଂଯୋଜନା, ସଙ୍ଗୀତ ନିର୍ଦ୍ଦେଶନା କରିବା ସହ ମଞ୍ଚ ପରିଚାଳନା କରୁଥିଲେ। ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ବହୁବାର ସମ୍ମାନିତ ହୋଇଥିଲେ। ତାଙ୍କ ଛାତ୍ରୀଛାତ୍ର ଓଡ଼ିଶାର କୋଣ ଅନୁକୋଣରେ ଖ୍ୟାତି ଅର୍ଜନ କରିଛନ୍ତି।

## ସରକାରୀ କାର୍ଯ୍ୟକୁ ସଫଳ କରି ପୁରସ୍କୃତ ହେଲେ ଇଓ

ରଘୁନାଥପୁର,୨୮।୨(ଡି.ଏନ.ଏ) :

ରଘୁନାଥପୁର ବ୍ଲକର ଧରାଧରପୁର ଓ ବରାଗୋଳ ପଞ୍ଚାୟତରେ ସରକାରୀ କାର୍ଯ୍ୟକ୍ରମ ପିଠାକୁ ସଫଳ କରାଇବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିବା ଇଓ (କାର୍ଯ୍ୟନିର୍ବାହୀ ଅଧିକାରୀ) ଭଗବାନ ନାୟକ ଗୁରୁବାର ପୁରସ୍କୃତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ବ୍ଲକ ମଧ୍ୟରେ ଯେଉଁ ପଞ୍ଚାୟତ ପିଠା କାର୍ଯ୍ୟକ୍ରମକୁ ସଫଳ କରିବ ସେହି ପଞ୍ଚାୟତ ୫ ଲକ୍ଷ ଟଙ୍କା ପୁରସ୍କାର ପାଇବ। ଏହିକ୍ରମରେ ଉକ୍ତ ଦୁଇଟି ପଞ୍ଚାୟତରେ ଇଓ ଭାବେ ଦାୟିତ୍ୱରେ ଥିବା ନାୟକ ସରକାରୀ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଧରାଧରପୁର ପଞ୍ଚାୟତକୁ ୫ ଲକ୍ଷ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ବରାଗୋଳ ପଞ୍ଚାୟତକୁ ୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ସରପଞ୍ଚ ପ୍ରମିଳା ମଲ୍ଲିକ ଏବଂ ଶୁଭ୍ରାନ୍ତ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଜିଲାପାଳ ଗୁହା ପୁନମ ତାପସ କୁମାର, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଦାସ, ବାଲିକୁଦା–ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଜିଲାପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଦାୟିତ୍ୱରେ ଥିବା ପଞ୍ଚାୟତର ହିତାଧିକାରୀକୁ ବୁଝାଇ ଶୁଝାଇ ଏବଂ ସହଯୋଗର ହାତ ବଢାଇ ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ କରାଇବାରେ ଇଓ ନାୟକ ସଫଳ ହୋଇଥିଲେ। ଏଥିପାଇଁ ପୂର୍ବତନ ଜିଲାପାଳ ଯାମିନୀ ଷଡଙ୍ଗୀଙ୍କ ପକ୍ଷରୁ ମଧ ଇଓ ନାୟକଙ୍କୁ ସମ୍ମାନିତ କରାଯାଇଥିଲା।

boyanika 62
ବୟନିକା
୬୨ ବର୍ଷର ଉତ୍କର୍ଷ
ଦ୍ୱାରା ଆୟୋଜିତ
ଜାତୀୟ ହସ୍ତତନ୍ତ ମେଳା ୨୦୧୯
ସ୍ଥାନ : ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର
୦୧ ମାର୍ଚ୍ଚ ସନ୍ଧ୍ୟା ୬.୩୦ ଘଟିକା ସମୟରେ
ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ
ମାନନୀୟା ମନ୍ତ୍ରୀ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ଓଡ଼ିଶା
ଶୁଭ ଉଦ୍‌ଘାଟନ କରିବେ
ଭବ୍ୟ ଉପସ୍ଥିତି
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଡଃ (ପ୍ରଫେସର) ପ୍ରସନ୍ନ କୁମାର ପାଟ୍ଟଶାଣୀ
ମାନ୍ୟବର ସାଂସଦ, ଲୋକସଭା, ଭୁବନେଶ୍ୱର
ଶ୍ରୀଯୁକ୍ତ ବିଜୟ କୁମାର ମହାନ୍ତି
ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର
ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀମତୀ ଶୁଭା ଶର୍ମା, ଭା.ପ୍ର.ସେ.
କମିଶନର ତଥା ଶାସନ ସଚିବ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା
ଶ୍ରୀଯୁକ୍ତ ସୁଶାନ୍ତ କୁମାର ବାରିକ, ଓ.ପ୍ର.ସେ. (ଏସ୍.ଏସ୍)
ବୟନଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶା
ଏହି ଉତ୍ସବରେ ଯୋଗ ଦେବା ନିମନ୍ତେ ବିନମ୍ର ଅନୁରୋଧ
ବିକାଶ ଚନ୍ଦ୍ର ମହାପାତ୍ର, ଓ.ପ୍ର.ସେ.(ଏସ୍.ଏ.ଜି)
ପରିଚାଳନା ନିର୍ଦ୍ଦେଶକ, ବୟନିକା
ଶେଷ କୁମାର ମେହେର
ସଭାପତି, ବୟନିକା
୧ - ୨୮ ମାର୍ଚ୍ଚ ୨୦୧୯
ପ୍ରତ୍ୟେକ ଦିନ ଅପରାହ୍ନ ୨.୦୦ ରୁ ସନ୍ଧ୍ୟା ୯.୩୦ ପର୍ଯ୍ୟନ୍ତ
ପ୍ରାୟୋଜକ: ହସ୍ତତନ୍ତ ଉନ୍ନୟନ ଆୟୋଗ, ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର
ଆୟୋଜକ: ବୟନିକା, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର




## ଇଣ୍ଡିଆ କ୍ଷେତ ମଜଦୁର ସଙ୍ଗଠନର ଧାରଣା

ନାଉଗାଁ,୨୮।୨(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଇଣ୍ଡିଆ କ୍ଷେତ ମଜଦୁର ସଙ୍ଗଠନ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଗୁରୁବାର ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି। ଜଳସେଚନ ପାଇଁ ଘୋଡାଂଶଠାରୁ ତେଲସରା ପର୍ଯ୍ୟନ୍ତ କେନାଲ ଖୋଳିବା ସହିତ ଅଚଳ ହୋଇପଡିଥିବା ଜଳପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା, ସରକାରୀ ଭାବେ ନାଉଗାଁ, ଅଲଣା, ଡେରିକିରେ ଶୀତଳଭଣ୍ଡାର ନିର୍ମାଣ, ଅର୍ଦ୍ଧନିର୍ମିତ ବାଂଶ ଗୋବରୀକୂଳ ପୋଲ କାମ ସମ୍ପୂର୍ଣ୍ଣ କରିବା, ଦେବୀ ଦୋଳଠାରେ ବ୍ୟାରେଜ ନିର୍ମାଣ କରି ଜଳ ସଂରକ୍ଷଣ କରିବାକୁ ସେମାନେ ଦାବି କରିଛନ୍ତି। ଏଥିସହ ଭାଗଚାଷୀଙ୍କୁ ସରକାରୀ ସହାୟତା ଯୋଗାଇବା ପାଇଁ ଆଇନଗତ ବ୍ୟବସ୍ଥା କରିବା, କୃଷିଜାତ ଦ୍ରବ୍ୟର ଅଭାବି ବିକ୍ରି ବନ୍ଦ କରିବା, ଧାନ ମଣ୍ଡିରେ ସୁବିଧାରେ ଧାନ ଦେବା ପାଇଁ ବ୍ୟବସ୍ଥା କରିବା, ବ୍ଲକ କାର୍ଯ୍ୟାଳୟରୁ ତହସିଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ନାଉଗାଁ ବସଷ୍ଟାଣ୍ଡରେ ଶୌଚାଳୟ ନିର୍ମାଣ ଆଦି ୧୨ ଦଫା ଦାବି ନେଇ ସଂଘ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ନବ କିଶୋର ମହାନ୍ତି, ବଂଶୀଧର ବେହେରା, ନାରାୟଣ ମହାରଣା, ରଞ୍ଜିତ ଜେନା, ମହେଶ୍ୱର ଦାସ, ଆର୍ତ୍ତ ଦାସ, ବସନ୍ତ ମଲିକ, ସୁବାସ ସ୍ୱାଇଁ ପ୍ରମୁଖ ଧାରଣାରେ ବସିଥିଲେ। ପରେ ୧୨ ଦଫା ସମ୍ବଳିତ ଏକ ଦାବିପତ୍ର ବିଡିଓ ରଶ୍ମିରେଖା ମଲିକଙ୍କୁ ପ୍ରଦାନ କରିଥିଲେ। ଉକ୍ତ ଦାବି ସମ୍ପର୍କରେ ଅଳ୍ପଦିନ ମଧ୍ୟରେ ସଂଘର କେତେଜଣ ସଦସ୍ୟଙ୍କୁ ନେଇ ଆଲୋଚନା କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।




ଧାରଣାରେ ବସିଥିବା ସଂଗଠନର କର୍ମକର୍ତ୍ତା।

CLASSIFIED DISPLAY













MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable



## ସଂକ୍ଷେପରେ

### ସାମାଜିକ କର୍ମୀଙ୍କ ବିୟୋଗରେ ସ୍ମୃତିଚାରଣ ସଭା

ପଞ୍ଚାମୁଣ୍ଡାଇ,୨୮।୨(ସ୍ୱ.ପ୍ର)-ପଞ୍ଚାମୁଣ୍ଡାଇ ଅଞ୍ଚଳର ସାମାଜିକ କର୍ମୀ ବିଷ୍ଣୁଚରଣ ରାୟଙ୍କ ବିୟୋଗରେ ମଙ୍ଗଳବାର ମଧ୍ୟାହ୍ନରେ ଆମ୍ବେରସ୍ଥିତ ତାଙ୍କ ବାସଭବନରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ରାୟଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଅତିଥିମାନେ ତାଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାରେ ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଅଲେଖ ଚନ୍ଦ୍ର ଜେନା, ଦୁର୍ଗାଶିଷ ମହାନ୍ତି, ମଳୟ ଦାସ, ଅବସରପ୍ରାପ୍ତ ପ୍ରଶାସକ କେଳୁଚରଣ ସ୍ୱାଇଁ, ଅଧାପକ ସଂଗ୍ରାମ କେଶରୀ ମଲିକ, ବାମପନ୍ଥୀ ନେତା ବାବାଜୀ ପରିଡା, କାଳୀ ପ୍ରସାଦ ନାୟକ, ଦାମୋଦର ଧଳ, କ୍ଷେତ୍ରବାସୀ ପ୍ରଧାନ, ଶଲିଳେନ୍ଦୁ ମହାନ୍ତି ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ରାୟଙ୍କ ବହୁମୁଖୀ ପ୍ରତିଭା ଓ ଜନସେବା ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ଗୋକୁଳ ଚନ୍ଦ୍ର ରାଉତ, ବିଜୟ କୁମାର ନାୟକ, ଧବଳେଶ୍ୱର ଖଣ୍ଡାୟୀ, ପ୍ରହ୍ଲାଦ କର, ସୁଧୀର ରାୟ ପ୍ରମୁଖ ଯୋଗ ଦେଇଥିଲେ। ସତ୍ୟପ୍ରକାଶ ବାରିକ ବେଦପାଠ କରିଥିଲେ। ଏହି ସ୍ମୃତିସଭାରେ ଆଖପାଖ ଗ୍ରାମର ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଯୋଗ ଦେଇଥିଲେ । ଶେଷରେ ସୁଧୀର ଚନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ସଂକୀର୍ତ୍ତନ ମହାମଣ୍ଡଳ ଗଠନ

ରାଜନଗର,୨୮।୨(ଡିଏନଏ) ରାଜନଗର ବ୍ଲକର କେରଡାଗଡସ୍ଥିତ ଶ୍ରୀ ଶ୍ରୀ ନାମାଚାର୍ଯ୍ୟ ବାୟାବାବାଙ୍କ ଆଶ୍ରମରେ ନିକଟରେ ଏକ ବୈଠକ ବସି ବ୍ଲକର ସମସ୍ତ ଗାଁରେ ଥିବା ସଂକୀର୍ତ୍ତନ ମଣ୍ଡଳୀଙ୍କୁ ନେଇ ସଂକୀର୍ତ୍ତନ ମହାମଣ୍ଡଳ ଗଠନ କରାଯାଇଛି। ସଂକୀର୍ତ୍ତନ ମହାମଣ୍ଡଳ ଗୁଡିକୁ ପଞ୍ଜୀକରଣ କରାଯାଇ ପରିଚାଳକମାନଙ୍କ ମତାମତ ଅନୁଯାୟୀ ଏହି ମହାମଣ୍ଡଳ ଗଠନ କରାଯାଇଛି। ମହାମଣ୍ଡଳର ସଭାପତି ଭାବେ ସନାତନ ନାୟକ, ସଂପାଦକ ଭାବେ ବସନ୍ତ କୁମାର ପାତ୍ର, ଯୁଗ୍ମ ସଂପାଦକ ଭାବେ ନିତ୍ୟାନନ୍ଦ ସିଂ, କୋଷାଧକ୍ଷ ଭାବେ ବନମାଳୀ ବେହେରା ଓ ଉପଦେଷ୍ଟା ଭାବେ ନିତ୍ୟାନନ୍ଦ ଦାସ, ବଟକୃଷ୍ଣ ରାଉତ, ହାଡିବନ୍ଧୁ ବେହେରା, ସନାତନ ମହାନ୍ତି, ନିରଞ୍ଜନ ସ୍ୱାଇଁ, ସୁନାକର ସ୍ୱାଇଁ, ଶଙ୍କର୍ଷଣ ରାଉତ, ସଚ୍ଚିଦାନନ୍ଦ ବିଶ୍ୱାଳଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ଆସନ୍ତା ମାସ ୮ ରୁ ୧୨ ତାରିଖ ଯାଏଁ ବାୟାବାବାଙ୍କ ଜନ୍ମପୀଠରେ ହେବାକୁ ଥିବା ଭକ୍ତ ସମ୍ମିଳନୀରେ ସଂକୀର୍ତ୍ତନ ଦଳ ଯୋଗ ଦେବା ପାଇଁ ବୈଠକରେ ସ୍ଥିର ହୋଇଛି।

## ■ ଜମଧର ସେବା ସମବାୟ ସମିତିର ବୈଠକ
# ମଣ୍ଡିରେ ଧାନ ପଡ଼ିରହିବା ନେଇ ଉଦ୍‌ବେଗ

ଡେରାବିଶ,୨୮।୨ (ସ୍ୱ.ପ୍ର.)

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ଜମଧର ସେବା ସମବାୟ ସମିତିର ସଭାପତି କାର୍ତ୍ତିକ ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ସମିତି କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପୁଲୱାମାରେ ଶହୀଦ ହୋଇଥିବା ଯବାନ ଏବଂ ସମବାୟ ସମିତିର ସଭ୍ୟ କୃଷକ ଅରବିନ୍ଦଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ସମ୍ପାଦକ ବୈରାଗୀ ଚରଣ ସାହୁ ପୂର୍ବସଭାର ବିବରଣୀ ପାଠ କରିଥିଲେ । ଏହି ଅବସରରେ ରବିଋତୁ ପାଇଁ ୩୭ ଜଣ ଚାଷୀଙ୍କ ଋଣ ମଞ୍ଜୁରୀ ସମ୍ପର୍କରେ ଜଣାଇଥିଲେ । ଏହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । ବିଶେଷ କରି କୃଷକମାନଙ୍କ ଠାରୁ ସଂଗୃହୀତ ଧାନ ବହୁ ଦିନ ଧରି ମଣ୍ଡିରେ ଜମା ହୋଇ ରହିଥିବା ଏବଂ ମିଲର ଧାନ ନେଉ ନ ଥିବା କାରଣରୁ ବୈଠକରେ ସଭ୍ୟ ବିଶ୍ୱନାଥ ମହାନ୍ତି, ଅକ୍ଷୟ କୁମାର ବାରିକ, ଜିତେନ୍ଦ୍ର କୁମାର ମହାନ୍ତି, ଧୀରେନ୍ଦ୍ର ନାଥ ସ୍ୱାଇଁ ଉଦ୍‌ବେଗ ପ୍ରକାଶ କରିଥିଲେ । ଏହି ସମସ୍ୟାର ସମାଧାନ ପାଇଁ ସଭ୍ୟ ଅରୁଣ କୁମାର ରାଉତ, ବସନ୍ତ କୁମାର ଜେନା, ହେମନ୍ତ କୁମାର ସ୍ୱାଇଁ, ଅଜୟ କୁମାର ମଲ୍ଲିକ ପ୍ରମୁଖ ବୈଠକରେ ଉପସ୍ଥିତ ଥିବା ଜିଲା ସହକାରୀ ନିବନ୍ଧକ ଲକ୍ଷ୍ମଧର ସୁବୁଦ୍ଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ସଭ୍ୟ ଅଭିମନ୍ୟୁ ମହାନ୍ତି, କେଶବ ଚନ୍ଦ୍ର ପରିଡା, ଧନେଶ୍ୱର ସିଂ, ସଭ୍ୟା ଉର୍ମିଳା ସେଠୀ, ଗୀତାଞ୍ଜଳି ବେହେରା କହିଥିଲେ ଯେ, ଏବେ ସୁଦ୍ଧା ବହୁ ଚାଷୀ ସେମାନଙ୍କର ଧାନ ବିକ୍ରି କରି ପାରି ନାହାନ୍ତି । ଅପରପକ୍ଷରେ ମଣ୍ଡି ବନ୍ଦ ହେବା ଆଶଙ୍କାରେ ଚାଷୀମାନେ ହତାଶ ହୋଇ ପଡିଛନ୍ତି । ଆସନ୍ତା ମାସରେ ସମିତିର ସ୍ୱନକ୍ଷତ୍ର ଦିବସ ପାଳନ , ବହୁ ଚାଷୀ ବ୍ୟାଙ୍କରେ ଜମା ଖାତା ଖୋଲି ମଧ୍ୟ ପାସ୍‌ବୁକ୍ ପାଇ ନ ଥିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସଭାପତି ନାୟକ ଏସବୁ ସମ୍ପର୍କରେ ସବିଶେଷ ଆଲୋଚନା କରି ସମାଧାନର ସୂତ୍ର ବାହାର କରିଥିଲେ । ଶେଷରେ ସହକାରୀ ସମ୍ପାଦକ ପ୍ରଭାତ କୁମାର ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ । କର୍ମଚାରୀ କରୁଣାକର ବାରିକ, ପ୍ରମୋଦ କୁମାର ବାରିକ, ରଘୁନାଥ ସାହୁ, ସରୋଜିନୀ ତ୍ରିପାଠୀ, ରମେଶ ଚନ୍ଦ୍ର ଜେନା ବୈଠକ ପରିଚାଳନା କରିଥିଲେ ।


ବୈଠକରେ ଉପସ୍ଥିତ ସମିତିର ସଭ୍ୟ ଓ ଅନ୍ୟମାନେ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛେଚା ଗରଗଡ଼ା ମାଳି**
**ଛେଚୁଥିଲେ ମୋର ଦେହକୁ ସୁହାଏ**
**ନ ଛେଚିଲେ ଘରେ କଳି ।**

କଥାରେ କୁହନ୍ତି ମାଡ଼କୁ ମହାଦେବଙ୍କ ଡର। ମାଡୁଆ ପ୍ରକୃତିର ବ୍ୟକ୍ତିଙ୍କୁ କେବଳ ମାଡ଼ ଦ୍ୱାରା ଶାସନ କରି ହୋଇଥାଏ। ବେଳେ ବେଳେ ଅବାଧ୍ୟକୁ ସାଧ୍ୟ କରିବାକୁ ହେଲେ ଟିକେ ଗରମ ଦେଖେଇବାକୁ ପଡ଼ିଥାଏ। ମାଡ଼ ବସାଇଲେ ସିଏ ବଳେ ସାବାଡ ହୋଇଯାଏ। ମାଡ଼ ଖାଇବା ପରେ କିଛିଟା ନରମ ଅବସ୍ଥା ସୃଷ୍ଟି ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛୋଟ ଲୋକ ବଡ଼ ପଦ ପାଏ**
**ହଗି ଗଲେ ଗୀତ ଗାଉଥାଏ ।**

ନୀଚସ୍ତରର ଲୋକ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟି ପଡ଼ନ୍ତି। ସ୍ଥାନ, କାଳ ପାତ୍ରକୁ ଭୁଲି ନିଜ ଅହଂଭାବ ଦେଖେଇ ହୁଅନ୍ତି। ନୀଚ ଲୋକ ଉଚ୍ଚ ପଦବୀର ଅପବ୍ୟବହାର କରି ବସିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବାୟାବାବା କଲେଜରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର



କଲେଜ ସଭାଗୃହରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଅଧ୍ୟାପିକାଅଧ୍ୟାପକମାନେ।

ମହାକାଳପଡ଼ା, ୨୮।୨ (ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକସ୍ଥିତ ବାୟାବାବା କଲେଜ ଇଂଲିଶ ବିଭାଗ ପକ୍ଷରୁ ରାଜାରାଓଙ୍କ କାନ୍ଥାପୁରା ଉପନ୍ୟାସର ଗାନ୍ଧୀବାଦ ଶୀର୍ଷକ ଏକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ୟୁଜିସି ଆୟୋଗ ଦ୍ୱାରା କଲେଜ ସଭାଗୃହରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ କଲେଜ ଅଧ୍ୟକ୍ଷ ତଥା ବିଭାଗୀୟ ମୁଖ୍ୟ ଡା. ସୁଧାଂଶୁ ଶେଖର ଦ୍ୱିବେଦୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ଚଣ୍ଡିଖୋଲସ୍ଥିତ ବିବି ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂଲିଶ ବିଭାଗ ପ୍ରାଧ୍ୟାପକ ଯତୀନ୍ଦ୍ର କୁମାର ରାଉତ ଯୋଗଦେଇ ଇଂଲିଶ ଭାଷାର ପ୍ରଚାର ପ୍ରସାର ସମ୍ପର୍କରେ ଆଲୋଚନା କରିଥିଲେ। କଲେଜ ଛାତ୍ରୀ କାଜଲ ଓ ରୋଜି ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ଲକ୍ଷ୍ମୀକାନ୍ତ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଗଙ୍ଗାଧର ପରିଡ଼ା ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡା. ଅମିୟ କୁମାର ରାଉତ, ଡା. ସଂଗ୍ରାମ ବିହାରୀ, ଅଧ୍ୟାପକ ଫିରୋଜ କୁମାର ସାହୁ, ଡା. ସୁଶୀଲ କୁମାର ସାହୁ, ପ୍ରାଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ରାଉତରାୟ, ଅଧ୍ୟାପିକା ସୁଲୋଚନା ଦାଶ, ଅଧ୍ୟାପକ ସତ୍ୟରଞ୍ଜନ ନାୟକ ଓ ଅଧ୍ୟାପିକା ଜୟଶ୍ରୀ ପ୍ରଧାନଙ୍କ ସମେତ ଇଂଲିଶ ବିଭାଗର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଭାରତୀ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

କେନ୍ଦ୍ରାପଡା ଅଫିସ,୨୮।୨

ମାର୍ଶାଘାଇ ବ୍ଲକ କୁହୁଡି ଗ୍ରାମସ୍ଥିତ ସିଦ୍ଧ ଭାରତୀ ବିଦ୍ୟାମନ୍ଦିର ପରିସରରେ ମାତୃ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପରିଚାଳନା ସମିତି ସଭାପତି ମଦନମୋହନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀ ହୋଇଥିଲା । ଏଥିରେ ସୁନାଇଲୋସ୍ଥିତ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶିକ୍ଷାକେନ୍ଦ୍ର ସଞ୍ଚାଳିକା ବି.କେ. ସ୍ନେହା, ଶିକ୍ଷାବିତ ସୁବାଷ ଚନ୍ଦ୍ର ପାଣି, ଶିକ୍ଷାବିତ ଦିବାକର ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ମଧୁସୂଦନ ମୁଦୁଲି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଶିକ୍ଷାର୍ଥୀଙ୍କ ପାଇଁ ମାଆର ଗୁରୁତ୍ୱସମ୍ପର୍କରେଆଲୋକପାତକରିଥିଲେ। ଗୁରୁଜୀ ନିର୍ମଳ ଚନ୍ଦ୍ର ସାମଲ, ଗୁରୁମା ରୁବାଲିନ ପାତ୍ର, ଲିପିକା ରାଣୀ ଦାସ, ସ୍ନେହାଞ୍ଜଳି ସ୍ୱାଇଁ, ତପସ୍ୱିନୀ ପରିଡା ପ୍ରମୁଖ ସମ୍ମିଳନୀ ପରିଚାଳନା କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ପ୍ରେମିକଙ୍କ ପରିବାର ଲୋକେ ପ୍ରେମିକାଙ୍କୁ ତଡିଦେଲେ
# ଯୁବତୀଙ୍କୁ ଉଦ୍ଧାର କଲା ପୋଲିସ

ରାଜନଗର, ୨୮।୨ (ଡିଏନଏ)

ଦୀର୍ଘ ୧ ବର୍ଷ ଧରି ଉଭୟ ଉଭୟଙ୍କୁ ଭଲ ପାଉଥିଲେ। ନିକଟରେ ପ୍ରେମିକ ପ୍ରେମିକାଙ୍କୁ ତାଙ୍କ ଘରୁ ନେଇ ଆସିଥିଲେ। ଗୁରୁବାର ପ୍ରେମିକ ତାଙ୍କ ପ୍ରେମିକାଙ୍କୁ ଚିହ୍ନିନାହିଁ ବୋଲି କହିବା ପରେ ପରିବାର ଲୋକେ ଯୁବତୀଙ୍କୁ ଘର ନିକଟରୁ ତଡି ଦେଇଛନ୍ତି। ମାଡ ବି ମାରିଛନ୍ତି। ଖବର ପାଇ ପୋଲିସ ଯୁବତୀଙ୍କୁ ଉଦ୍ଧାର କରି ଥାନାକୁ ଆଣି ପଚରା ଉଚୁରା କରୁଛି।

ରାଜନଗର ଥାନା ଅନ୍ତର୍ଗତ ଡିଆପାରି ଗାଁର ଜଣେ ଯୁବକ ଯାଜପୁର ଜିଲା ମଙ୍ଗଳପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଗତ ୨୬ ତାରିଖ ଦିନ ସଂପୃକ୍ତ ଯୁବକଙ୍କ ସହ ଯୁବତୀ ଜଣକ ନିଜ ଘର ଛାଡି ଚାଲି ଆସିଥିଲେ। ଉଭୟ ସିଂହପୁର ଅଞ୍ଚଳରେ ଜଣେ ସମ୍ପର୍କୀୟଙ୍କ ଘରେ ଥିଲେ। ଗୁରୁବାର ସକାଳେ ଯୁବକ ଜଣକ ଆସୁଛି କହି ସେଠାରୁ ଚାଲି ଯାଇଥିଲେ। ପ୍ରେମିକ ନ ଫେରିବା ଓ ତାଙ୍କ ଫୋନ ସୁଇଚ୍ ଅଫ ଥିବାରୁ ଯୁବତୀ ଜଣଙ୍କ ଗୁରୁବାର ରାତି ପ୍ରାୟ ୭ ଟାରେ ପ୍ରେମିକଙ୍କ ଘର ନିକଟରେ ପହଞ୍ଚିଥିଲେ। ତେବେ ଯୁବତୀଙ୍କୁ ଚିହ୍ନି ନ ଥିବା ଯୁବକ ଜଣକ ପରିବାର ଲୋକଙ୍କୁ କହିଥିବାରୁ ସେମାନେ ତଡି ଦେଇଥିଲେ। ଯୁବତୀ ସେଠାରେ ରହିବାକୁ ଜିଦ୍ ଧରିବାରୁ ଯୁବକଙ୍କ ପରିବାର ଲୋକେ ତାଙ୍କୁ ମାଡ ମାରିଥିଲେ। ଏ ନେଇ ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ରାଜନଗର ପୋଲିସ ଖବରପାଇ ଘଟଣାସ୍ଥଳରୁ ଯୁବତୀଙ୍କୁ ଉଦ୍ଧାର କରି ଥାନାରେ ରଖି ପଚରାଉଚୁରା କରୁଛି। ସବ୍-ଇନ୍ସପେକ୍ଟର ବିଭୁ ପ୍ରସାଦ ରାଉତ ଘଟଣାର ତଦନ୍ତ କରୁଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ତରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

କେନ୍ଦ୍ରାପଡା ଅଫିସ, ୨୮।୨

କେନ୍ଦ୍ରାପଡା ବ୍ଲକ ତରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷାବିତ୍ ବାନାମ୍ବର ସାହୁ ଅଧ୍ୟକ୍ଷତା କରିଥିଲେ । ଏହି ଉତ୍ସବରେ ଡା. ପୁରୁଷୋତ୍ତମ ସାହୁ, ସ୍ୱୟଂ ପ୍ରକାଶ ଦାଶ, ଭାଗିରଥୀ ଜେନା, ମଧୁସୂଦନ ନାଥ, ରବିନ୍ଦ୍ର କୁମାର ରାଉତ, ସିଆରସିସି ଶ୍ରୀଧର ବେହେରା, ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ମଳିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଶିକ୍ଷାର୍ଥୀଙ୍କ ପାଇଁ ସମୟ ଜ୍ଞାନ, ଶାରୀରିକ କ୍ରୀଡାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ତ୍ରିପାଠୀ, ଶିକ୍ଷକ ବୀର କିଶୋର ଦାସ, ବୀରବର ଦାସ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

## ■ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର
# ୮୫ ହିତାଧିକାରୀଙ୍କୁ ବିଭିନ୍ନ ଉପକରଣ ପ୍ରଦାନ


ବ୍ଲକ ପରିସରରେ ଅନୁଷ୍ଠିତ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର।

ମହାକାଳପଡା,୨୮।୨(ଡି.ଏନ.ଏ.)

ବ୍ଲକ ପରିସର ମଧ୍ୟରେ ଦ୍ୱିତୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତଥା ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ ଦିବ୍ୟାଙ୍ଗ ଯୋଗ ଦେଇ ନାମ ପଞ୍ଜୀକୃତ କରିଥିଲେ। ଏହି ଅବସରରେ ବ୍ଲକ ସଭାଗୃହଠାରେ ଏକ ସଭା ହୋଇଥିଲା। ବ୍ଲକ ଅଧ୍ୟକ୍ଷା ସସ୍ମିତା ବରାଳ ଓ ଜିଲା ପ୍ରଶାସନ ପକ୍ଷରୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ବିଡିଓ ରମେଶ ଚନ୍ଦ୍ର ସେଠୀ ଯୋଗଦେଇ ଭୀମଭୋଇଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିବା ସହ ଶିବିରକୁ ଉଦଘାଟନ କରିଥିଲେ। ଏହି ଶିବିରରେ ୮୫ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ବିଭିନ୍ନ ଉପକରଣ ଯଥା ତିନିଚକିଆ ସାଇକେଲ, କୃତ୍ରିମ ଗୋଡ, ଶ୍ରବଣ ଯନ୍ତ୍ର ସମେତ ଅନ୍ୟାନ୍ୟ ଉପକରଣ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିଲା। ଶିବିର ଅବସରରେ ସ୍ଥାନୀୟ ଜାଲକଣା ଗ୍ରାମର ଶୁଭଶ୍ରୀ ପାଇଟାଳ ଓ ଚଣ୍ଡିଆପଲୀ ଗ୍ରାମର ରଞ୍ଜିତ କୁମାର ସେଠୀ (୪୦)ଙ୍କୁ ନୂତନ କୃତ୍ରିମ ଗୋଡ ଲଗାଯାଇ ଥିଲା । ଫଳରେ ଉଭୟ ସ୍ୱାଭାବିକ ଭାବେ ଚାଲି ଚାଲି ଯିବା ଦେଖିବାକୁ ମିଳିଥିଲା। ସେହିପରି ଅନ୍ୟମାନଙ୍କୁ ୩ ଚକିଆ ସାଇକେଲ ଓ ଅନ୍ୟାନ୍ୟ ସାମଗ୍ରୀ ଦିଆଯାଇଥିଲା। ଏହି ଶିବିରରେ ମୋଟ ୩୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ହିତାଧିକାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ପରିଚାଳନା କରିଥିଲେ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914
9319817746
9650353144
Add. : T-51, Gali No. 8, Gautampuri, Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତ୍ତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତ୍ତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

Baba Kamal Khan
7th Time Gold Medalist
Jharsuguda, Odisha
୭ ଇଲମ ଜାଣିବାରେ ମାହିର
(ମୋହିନି ବଶିକରଣ ଏବଂ ମୁଠକରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି,ବିବାହରେ ବାଧା, ଗୃହକ୍ଲେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ,ଜୁଆ, ଭୁତ-ପ୍ରେତ ଇତ୍ୟାଦି ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରସ୍କାର
7064890616

LOAN
ଟଙ୍କା ନେଉନୁ - ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ଧନଲକ୍ଷ୍ମୀ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110 - 7351444489
କଟକ - 7618439473
ଯାଜପୁର - 7088008550 - 8447055760
ସୁନ୍ଦରଗଡ଼ - 7351004140 - 7055111132
3rd Floor, D.N. Enclave, Meerut, U.P.

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

## ସଂକ୍ଷେପରେ

### ବୋମାମାଡ଼ ସ୍ଥଳ ଅନୁଧ୍ୟାନ କଲେ ଏସ୍‌ପି

ବିରିଡ଼ି,୨୮।୨(ଡି.ଏନ.ଏ): ବିରିଡ଼ି ଥାନା ଅନ୍ତର୍ଗତ ୨୨ ମୌଜା ଉକୁନ୍ଦରା ପଞ୍ଚାୟତର ସରପଞ୍ଚ ଚନ୍ଦ୍ରଶେଖର ଦାଶଙ୍କ ଘରକୁ ୨ ଜଣ ଦୁର୍ବୃତ୍ତ ବୋମାମାଡ଼ କରିଥିଲେ। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା କାହାକୁ ଗିରଫ କରାଯାଇନାହିଁ। ଫଳରେ କଂଗ୍ରେସ ପକ୍ଷରୁ ରାସ୍ତାରୋକୋ ଡାକରା ଦିଆଯାଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ବୁଧବାର ଜଗତ୍‌ସିଂହପୁର ଏସପି ସୁଧା ସିଂ ଘଟଣାସ୍ଥଳକୁ ଆସି ଅନୁଧାନ କରିଛନ୍ତି। ଏଥିସହ କେତେଜଣ ଲୋକଙ୍କୁ ପଚରାଉଚରା କରି ଫେରିଛନ୍ତି। ଅନ୍ୟପକ୍ଷରେ ପୋଲିସ ପ୍ରଶାସନ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଥିବା ଜିଲା କଂଗ୍ରେସ ଉପସଭାପତି ଲିଙ୍ଗରାଜ ମଲ୍ଲ କହିଛନ୍ତି। ଯଦି ୭ ଦିନ ମଧ୍ୟରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଯାଏ ତେବେ ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

### ବ୍ରାହ୍ମଣ ସମାଜ ବୈଠକ

ତିର୍ତ୍ତୋଲ,୨୮।୨(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦା ଗ୍ରାମର ଆଖଣ୍ଡଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବ୍ଲକ ବ୍ରାହ୍ମଣ ସମାଜର ଏକ ସାଧାରଣ ବୈଠକ ରାଜକିଶୋର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ପଣ୍ଡିତ ନାଗୁଚରଣ ଦେବତା, ଶୁକଦେବ ନନ୍ଦ, ରଘୁନାଥ ପଣ୍ଡା, ଗୌରାଙ୍ଗ ଚରଣ ନନ୍ଦ, ପବିତ୍ର ପଣ୍ଡା, ଧନେଶ୍ୱର ପଣ୍ଡା, ବିଭୂତି ଭୂଷଣ ନନ୍ଦ, ପ୍ରଭାତ ଚନ୍ଦ୍ର ଦାଶ, ବରଦା ପ୍ରସାଦ ନନ୍ଦ, ବିଭୁରଞ୍ଜନ ନନ୍ଦ, ଶରତ କୁମାର ଦାଶ, ଧିରେନ୍ଦ୍ର କୁମାର କର, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୁସ୍ଥ ସମାଜ ଗଠନ ନିମନ୍ତେ ବୈଦିକ ବିଧି ବିଧାନକୁ ପାଥେୟ କରି ବେଦ ବେଦାନ୍ତ ଉପନିଷଦର ନୀତିକୁ ସମସ୍ତେ ଆଦର୍ଶ ଭାବେ ଗ୍ରହଣ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ବୃତ୍ତିଗତ ଶ୍ରଦ୍ଧାର ଅଭାବ ଯୋଗୁ ବଂଶାନୁକ୍ରମିକ ପୂଜା ପାଠ ଲୋପ ପାଉଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା।

# ପୌର କାର୍ଯ୍ୟାଳୟ ଘେରିଲା ବିଜେଡି

ଜଗତ୍‌ସିଂହପୁର ଅଫିସ,୨୮।୨

ଜଗତ୍‌ସିଂହପୁର ପୌର ପରିଷଦ ଏବେ ଦୁର୍ନୀତିରେ ଉବୁଟୁବୁ ହେଉଛି। ରାସ୍ତା ନିର୍ମାଣଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଦ୍ୟ ସୁରକ୍ଷା ଓ ପାଇଖାନା ନିର୍ମାଣ ଆଦି କ୍ଷେତ୍ରରେ ବ୍ୟାପକ ଦୁର୍ନୀତି କରାଯାଉଥିବା ଅଭିଯୋଗ କରିଛି ବିଜେଡି। ଏନେଇ ଗୁରୁବାର ଦଳ ପକ୍ଷରୁ ପୌର କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏଥିସହ ୩ ଦିନ ମଧ୍ୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ପୂର୍ବାହ୍ନ ୧୧ଟାରେ ବିଜେଡି କର୍ମକର୍ତ୍ତାମାନେ ପୌର ପରିଷଦ ଆଗରେ ଏକତ୍ରିତ ହୋଇ ବିକ୍ଷୋଭ କରିଥିଲେ। ସହରରେ ରାସ୍ତା ନିର୍ମାଣ ଓ ପୁନରୁଦ୍ଧାର ଆଳରେ ବହୁ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ସେଗୁଡ଼ିକ କେବଳ ଉପରଠାଉରିଆ ହେଉଥିବା ସେମାନେ ଅଭିଯୋଗ କରିଥିଲେ। ବଡ଼ବାଗ-କଣ୍ଟାବଲ୍ଲଭପୁର ରାସ୍ତା କାମ ହେବାର ଅଳ୍ପଦିନ ମଧ୍ୟରେ ସେଥିରେ ଫାଟ ସୃଷ୍ଟି ହୋଇଛି। ସେହିପରି ସିପି ମକୁନ୍ଦପୁର, ମରିଚାପଦା ଧବଳେଶ୍ୱର ମହାଦେବ ପାଖ ରାସ୍ତା, ମାଧପୁର କେନାଲ ବନ୍ଧ ଧଡାସାହିକୁ ଯାଇଥିବା ରାସ୍ତାରେ ମଧ୍ୟ ଫାଟ ସୃଷ୍ଟି ହୋଇଛି। ନିମ୍ନମାନର କାମ ଯୋଗୁ ଏଭଳି ହୋଇଛି। ଆଉ କେତେକ ରାସ୍ତା ଭଲ ଥିବାବେଳେ ସେଗୁଡ଼ିକ ଖରାପ ଥିବା ଦର୍ଶାଇ କାମ ହୋଇଛି। ଉପରଠାଉରିଆ ଦେଢ଼ ଇଞ୍ଚ ଢଳେଇ କରାଯାଇ ମିଥ୍ୟା ବିଲ୍ କରାଯାଇଛି। ଏପରି କି କେତେକ ରାସ୍ତାର ଦୈର୍ଘ୍ୟ ଓ ପ୍ରସ୍ଥ ଅଧିକ ଦର୍ଶାଇ ଅର୍ଥ ତୋଷରପାତ କରାଯାଇଛି।

ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦଲାଲ ସକ୍ରିୟ ହୋଇଛନ୍ତି। ଯେହେତୁ ୪, ୬ ମାସ ଭିତରେ ଘର କାମ ସାରିଲେ ୨୦ ଓ ୧୦ ହଜାର ଟଙ୍କା ପୁରସ୍କାର ବ୍ୟବସ୍ଥା ଅଛି, ତେଣୁ ଏହି ରାଶି ହାତେଇବା ପାଇଁ ନୂଆ ଫନ୍ଦା ବାହାର କରାଯାଇଛି। ଘର କାମ ଶେଷ ହୋଇ ନ ଥିଲେ ସୁଦ୍ଧା ୪ ମାସ ଭିତରେ ସାମ୍ନାପଟ ପ୍ଲାଷ୍ଟର, ରଙ୍ଗ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲେଖାଯାଇ ୨୦ ହଜାର ଟଙ୍କା ବିଲ୍ କରାଯାଉଛି। ଏହି ରାଶିକୁ ଦଲାଲ, ପରିଷଦ କର୍ମଚାରୀ ଓ ଘର ମାଲିକ ଭାଗ ବାଣ୍ଟି ନେଉଥିବା ଅଭିଯୋଗ ହୋଇଛି। ଏହା ପୂର୍ବତନ ଜିଲାପାଳ ଯାମିନୀ ଷଡ଼ଙ୍ଗୀଙ୍କ ଦୃଷ୍ଟିକୁ ଆସିଥିଲା। ତଦନ୍ତ ହେବ ବୋଲି ସେ କହିଥିଲେ। କିନ୍ତୁ ପରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଖାଦ୍ୟ ସୁରକ୍ଷା ଆଇନରୁ ବହୁ ଗରିବ ବଞ୍ଚିତ ହୋଇଛନ୍ତି। ପାଇଖାନା ନିର୍ମାଣରେ ମଧ୍ୟ ଅନୁରୂପ ସମସ୍ୟା। ଯେଉଁ ଲୋକଙ୍କ ୨ ମହଲା କୋଠା ଅଛି ସେମାନଙ୍କୁ ପାଇଖାନା ଦିଆଯାଉଥିବା ବେଳେ ଗରିବ ଲୋକେ ବଞ୍ଚିତ ହେଉଛନ୍ତି। ବିଜେଡି ଲୋକଙ୍କ ନାମ ଉଦ୍ଦେଶ୍ୟମୂଳକ ଭାବେ ତାଲିକାରୁ କଟାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ବିକ୍ଷୋଭରେ ଜଗତ୍‌ସିଂହପୁର ପୌର ପରିଷଦ ସଭାପତି ଦୋଳଗୋବିନ୍ଦ ଦାସ, ଯୁବ ବିଜେଡି ଜିଲା ସଭାପତି ଅମରେନ୍ଦ୍ର ଦାସ, ଜଗତ୍‌ସିଂହପୁର ପୌର ପରିଷଦ ପୂର୍ବତନ ଅଧ୍ୟକ୍ଷ ମଧୁସୂଦନ ସାହୁ, ମିନତୀ ଦାସ, ଦଳ ଜିଲା ଉପସଭାପତି ଦୀପ୍ତି ଦାସ, ପରିଷଦ ଯୁବ ବିଜେଡି ସମ୍ପାଦକ ସରୋଜ ବିଶ୍ୱାଳ, ପୂର୍ବତନ କାଉନସିଲର ରଶ୍ମିରଞ୍ଜନ ମାଣିଆ, ସିକନ୍ଦର, ଲାଲା ଅନୀଲ କୁମାର ରାୟ ଓ ବିନୋଦ ବିହାରୀ ନାୟକ ପ୍ରମୁଖ ସାମିଲ ଥିଲେ। ଶେଷରେ ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।



ପୌର କାର୍ଯ୍ୟାଳୟ ଆଗରେ ବିକ୍ଷୋଭରତ ବିଜେଡି ନେତା ଓ କର୍ମୀ।

■ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ
■୩ ଦିନରେ ନ ସୁଧୁରିଲେ ତୀବ୍ର ହେବ ଆନ୍ଦୋଳନ

## ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ

ପାରାଦୀପ,୨୮।୨(ସ୍ୱ.ପ୍ର.)

ପାରାଦୀପ ଉପକଣ୍ଠ ନୂଆଗଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ବାବୁରାମ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେତନ କୁମାର ତ୍ରିପାଠୀ, ସୁଚିତା ଲେଙ୍କା, ଝୁଲଣା ଦେଇ, ମମତା ବାରିକ ପ୍ରମୁଖ ଯୋଗଦେଇ ବିଜ୍ଞାନ ଦିବସ ଉପରେ ଆଲୋକପାତ କରିଥିଲେ। ବୈଜ୍ଞାନିକ ସାର ଚନ୍ଦ୍ରଶେଖର ଭେଙ୍କଟରମଣ କିପରି ଆଲୋକର ଗତି ସମ୍ପର୍କରେ କହିଥିଲେ, ତାହା ବକ୍ତାମାନେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏଥିସହ ଚଳିତବର୍ଷ ସରକାର ଦେଇଥିବା ବାର୍ତ୍ତା 'ମଣିଷ ପାଇଁ ବିଜ୍ଞାନ ଓ ବିଜ୍ଞାନ ପାଇଁ ମଣିଷ' ସମ୍ପର୍କରେ କୁହାଯାଇଥିଲା। ପ୍ରସନ୍ନଜିତ ସାହୁ, ପ୍ରେମଲତା ରାଉତ ପ୍ରମୁଖ ସଂଚାଳନା କରିଥିଲେ।







## ସଂକ୍ଷେପରେ

### ଅଭିଭାବକ ସଚେତନତା କାର୍ଯ୍ୟକ୍ରମ

ରାଜନଗର, ୨୮ା୨ (ଡି.ଏନ୍.ଏ.): ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ପଦ୍ମନାଭପୁର ମବିଦ୍ୟାଳୟରେ ଅଭିଭାବକ ସଚେତନତା କାର୍ଯ୍ୟକ୍ରମ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ, ବରିଷ୍ଠ ଅଧ୍ୟାପକ ସତ୍ୟବାଦୀ ଜେନା, ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାପାତ୍ର, ପତ୍ରକାର ଜଗନ୍ନାଥ ଦାସ, ପାଣ୍ଡବ ବିଶ୍ୱାଳ, ଭରତ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ସୁପରିଚାଳନାରେ ଅଭିଭାବକମାନଙ୍କର ନୈତିକ କର୍ତ୍ତବ୍ୟ ସମ୍ପର୍କରେ ଏଠାରେ ଆଲୋଚନା ହୋଇଥିଲା। ସହକାରୀ ଶିକ୍ଷକ ଭରତ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ରାଉତ ଧନ୍ୟବାଦ ଦେଇଥିଲେ।

### ୧୯୯୫ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ

ମାର୍ଶାଘାଇ, ୨୮ା୨ (ଡି.ଏନ୍.ଏ.) ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୫ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ରବିବାର ବାଲିକଷୋଟି ଲୁଣାନଦୀପଠା ଝାଉଁବଣରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପ୍ରଶାନ୍ତ ବେହେରା, ମାନସ ମିଶ୍ର, ବୈଷ୍ଣବ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ପ୍ରମୋଦ ଦାସ, ସତ୍ୟବ୍ରତ ବେହେରା, ଗୋଲେଖ ସାହୁ, ସରୋଜ ନାୟକ, ରମେଶ ପ୍ରଧାନ, ପତିତ ପାବନ ମହାନ୍ତି, ଚିତ୍ତରଞ୍ଜନ ନାୟକ, ସୁଭାସିନୀ ନାୟକ, ପଦ୍ମାବତୀ ବେଉରା, ସ୍ନେହଲତା ବେହେରା, ମିନତି ମଲ୍ଲିକ, ସସ୍ମିତା ସାହୁ, ଅଶୋକ ବସନ୍ତିଆ, ବୈକୁଣ୍ଠ ପ୍ରଧାନ, ଅକ୍ଷୟ ସାହୁ, ଧୀରେନ୍ଦ୍ର ରାଉତ, ସୁବାସ ରାଉତଙ୍କ ସମେତ ୪୫ ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ତ୍ରିକୋଣଭୂମି ବିକାଶ ପରିଷଦର ବନ୍ଧୁମିଳନ

ମାର୍ଶାଘାଇ,୨୮ା୨(ଡିଏନ୍ଏ) ମାର୍ଶାଘାଇ ବ୍ଲକ କରିଲୋପାଟଣା ହାଟପଡିଆରେ ତ୍ରିକୋଣଭୂମି ବିକାଶ ପରିଷଦ ତରଫରୁ ବନ୍ଧୁମିଳନ ଓ ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିକାଶ ପରିଷଦର ସଭାପତି ମୃତ୍ୟୁଞ୍ଜୟ ମହାନ୍ତିଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ବନ୍ଧୁ ମିଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେଡି ସମ୍ପାଦକ ରବି ସାମଲ ଯୋଗ ଦେଇଥିଲେ। ଏହି ବନ୍ଧୁମିଳନ ଉତ୍ସବରେ ବହୁ ସଂଖ୍ୟାରେ ମହିଳା ଉପସ୍ଥିତ ଥିବାରୁ ସେଥିରୁ ରାଜନୈତିକ ବାସ୍ନା ବାରି ହୋଇ ପଡିଥିଲା । ଏଥିରେ ସମ୍ମାନିତ ଅତିଥି ଭାବେ ମେଜର ଭରତ ଚନ୍ଦ୍ର ଜେନା, କେଦାରନାଥ ସାମନ୍ତରାୟ, ଭୁବନମୋହନ ଜେନା, ସରପଞ୍ଚ ଜ୍ୟୋତିରଞ୍ଜନ ଦାସ,ପୂର୍ବତନ ସରପଞ୍ଚ ଅଜୟ କୁମାର ରାଉତ,କରିଲୋପାଟଣା ସରପଞ୍ଚ ସୁକାନ୍ତ କୁମାର ସାହୁ,ଶିକ୍ଷାବିତ ନୃସିଂହ ଚରଣ ପରିଡା,ଛାତ୍ରନେତା ଶୁଭାଶିଷ ମହାନ୍ତି, ବିବେକ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ପୁଲୱାମା ଆତଙ୍କବାଦୀ ଆକ୍ରମଣର ଦୃଢ ନିନ୍ଦା କରିଥିଲେ । ଏହି ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ବଳିଦାନକୁ ଦେଶବାସୀ ସଦାସର୍ବଦା ମନେରଖିବେ ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ଶହୀଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ତ୍ରିକୋଣଭୂମି ବିକାଶ ପରିଷଦ ଦ୍ୱାରା କିଭଳି ତ୍ରିକୋଣ ଭୂମିର ସାମୁହିକ ବିକାଶ ସମ୍ଭବ ହୋଇପାରିଛି ବୋଲି କହିଥିଲେ । ତ୍ରିକୋଣଭୂମିର କରିଲୋପାଟଣା, ଜଳପୋକ ଓ ଆୟତିପୁର ଅଞ୍ଚଳର ଶତାଧିକ ମହିଳା ଯୋଗ ଦେଇଥିଲେ । ଏହି ଅବସରରେ ପରିଷଦ ପକ୍ଷରୁ ଶିକ୍ଷାବିତ୍ ନୃସିଂହ ଚରଣ ପରିଡା, କେଦାରନାଥ ସାମନ୍ତରାୟ,ଭୈରବ କୁମାର ବ୍ରହ୍ମା,ପରେଶ ଚନ୍ଦ୍ର ଦାସ, ସନ୍ତୋଷ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

■ ଆଗକୁ ସାଧାରଣ ନିର୍ବାଚନ

# କାର୍ଯ୍ୟବ୍ୟସ୍ତରେ ମାର୍ବଲ ଖୋଦେଇ କାରିଗର

କେନ୍ଦ୍ରାପଡା ଅଫିସ, ୨୮ା୨

ଆଗକୁ ସାଧାରଣ ନିର୍ବାଚନ । ଏହାର ପ୍ରଭାବ ବିଭିନ୍ନ କ୍ଷେତ୍ରରେ ଦେଖିବାକୁ ମିଳୁଛି। ବହୁ ଦିନ ଧରି ଘର କାନ୍ଥରେ ମାର୍ବଲ ନାମ ଫଳକ ଲେଖୁଥିବା କାରିଗର ଗତ ଦୁଇ ମାସ ଧରି କାର୍ଯ୍ୟରେ ତତ୍ପର ହୋଇ ଉଠିଛନ୍ତି । ଜିଲାର ୨୦ରୁ ଊର୍ଦ୍ଧ୍ୱ କାରିଗରଙ୍କୁ ଶୋଇବାକୁ ସମୟ ହେଉନାହିଁ। ଏପରିକି ଫଳକ ନିର୍ମାଣ ପରେ କାରିଗରଙ୍କ ପରିବାର ସଦସ୍ୟ ଫଳକରେ ରଙ୍ଗ ଭରିବା ଦେଖାଯାଉଛି । ସୀମିତ ସମୟ ମଧ୍ୟରେ ଶିଳାନ୍ୟାସ, ଉଦ୍‌ଘାଟନ ସଂପର୍କିତ ଫଳକ ନିର୍ମାଣ କରିବା ଏବେ ରୋଜଗାରର ମୁଖ୍ୟ ମାଧ୍ୟମ ପାଲଟିଛି। ଏ ସମ୍ପର୍କରେ କେନ୍ଦ୍ରାପଡା ସହର ନିକଟ କଳପଡା- ବଗଡାସ୍ଥ କାରିଗର ଗଣେଶ ନାୟକ କୁହନ୍ତି ଯେ, କୌଣସି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟେନ ପାଇଁ ମାର୍ବଲ , ଗ୍ରାନାଇଟ ଫଳକ ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ପ୍ରଥମ ପସନ୍ଦ । ନିର୍ବାଚନ ଋତୁ ଯୋଗୁ ଏବେ ପ୍ରତିଦିନ ବହୁ ଅର୍ଡର ଆସୁଛି। ଅଧିକାଂଶ ଅର୍ଡରକୁ ଧରିବା ପାଇଁ ସମୟ ହେଉନାହିଁ। ଏଥିପାଇଁ ଗତ ୩ ମାସ ପୂର୍ବରୁ ଅନ୍ୟ ଜଣଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିଛି । ତେବେ ସର୍ବଦା ମାର୍ବଲ ଲେଖା ପାଇଁ ଅର୍ଡର ଆସୁ ନ ଥିବାରୁ ଏଥିପାଇଁ ନୂତନ ଶିଳ୍ପୀ ମିଳିବା କଷ୍ଟକର ହେଉଛି । ଅର୍ଥ ରୋଜଗାରର ସମୟ ହୋଇଥିବାରୁ ଅନ୍ୟ କାର୍ଯ୍ୟ ସତ୍ତ୍ୱେ ସ୍ତ୍ରୀ ଭାଗ୍ୟବତୀ ରଙ୍ଗ ଦେବା କାର୍ଯ୍ୟରେ ସହଯୋଗ କରୁଛନ୍ତି । ପଟ୍ଟାମୁଣ୍ଡାଇର ଅନ୍ୟତମ କାରିଗର ବିଜୟ ନାୟକ କୁହନ୍ତି ଯେ, ପୂର୍ବରୁ ଦେଖା ନ ଥିବା ଲୋକ ପ୍ରତିନିଧିଙ୍କୁ ଏବେ ଫଳକ ରାଜନୀତି ଘାରିଛି । ପ୍ରତିନିଧିମାନେ ଅଙ୍ଗନୱାଡି କେନ୍ଦ୍ର ଠାରୁ ଆରମ୍ଭ କରି ରାସ୍ତା ନିର୍ମାଣର ଶିଳାନ୍ୟାସ ଲାଗି ବରିଷ୍ଠ ନେତାଙ୍କ ପାଇଁ ଫଳକ ନିର୍ମାଣ କରୁଛନ୍ତି । ସେହିପରି କେତେକ ପ୍ରଶାସନିକ ଅଧିକାରୀ ସ୍ଥାନୀୟ ରାଜନେତାଙ୍କ କାର୍ଯ୍ୟକ୍ରମ ପାଇଁ ଅର୍ଡର ଦେଉଛନ୍ତି । ସେ ପ୍ରକାଶ କରିଛନ୍ତି ଯେ, ମାର୍ବଲ ଅପେକ୍ଷା ଏବେ ଗ୍ରାନାଇଟ ଫଳକର ଆଦର ବଢିଛି । ମାର୍ବଲର ପ୍ରତି ବର୍ଗଫୁଟ ୧୦୦ରୁ ୧୬୦ ଟଙ୍କା ଥିବା ବେଳେ ଗ୍ରାନାଇଟର ମୂଲ୍ୟ ୧୫୦ରୁ ୨୫୦ ଟଙ୍କା ଯାଏ ରହିଛି। ଏଥିରେ ଲେଖିବା ପାଇଁ ଅକ୍ଷର ପ୍ରତି ୧୫ରୁ ୨୫ ଟଙ୍କା ଯାଏ ରେଟ ରହିଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟତମ କାରିଗର ଭାଗ୍ୟଧର ସ୍ୱାଇଁ କୁହନ୍ତି ଯେ, ସବୁ ସମୟରେ ଏହି କାର୍ଯ୍ୟ ମିଳୁ ନ ଥିବାରୁ ପଥର ଖୋଦେଇ, କାଠ ଉପକରଣ ତିଆରି କରିଥାଉ । ତେବେ ନିର୍ବାଚନକୁ ଦୃଷ୍ଟିରେ ରଖି ଫଳକ ନିର୍ମାଣ ଅର୍ଡର ଆସୁଥିବାରୁ ଅଧିକ ଲାଭ ଆଶାରେ ଏଥିରେ ନିୟୋଜିତ ହୋଇଛୁ। ସୂଚନାଯୋଗ୍ୟ ଯେ, ଗତ ୩ ମାସ ମଧ୍ୟରେ କେନ୍ଦ୍ରାପଡା ଜିଲାର ବିଭିନ୍ନ ସ୍ଥାନରେ ୧୦୦୦ରୁ ଅଧିକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇଯାଇଛି । ଗତ ଡିସେମ୍ବର ୮ ତାରିଖରେ ମେଗା ପାନୀୟ ଜଳ ପ୍ରକଳ୍ପ ସହ ୨୨ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଛନ୍ତି । ସେହିପରି ଗତ ୧୫ ତାରିଖରେ କାଳିଆ ସମାବେଶ ପରିସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ୨୦ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଏହାଛଡା ଜିଲାର ବିଭିନ୍ନ ସ୍ଥାନରେ ଥିବା ସେତୁ, ରାସ୍ତା, ଅଙ୍ଗନୱାଡି କେନ୍ଦ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ଗୃହ ଆଦିର ଶିଳାନ୍ୟାସ ଓ ଉଦ୍ ଘାଟନ ଚାଲିଛି ।




କାରିଗର ଓ ତାଙ୍କ ପରିବାର ଫଳକରେ ରଙ୍ଗ ଦେବାରେ ବ୍ୟସ୍ତ ।

### ୩୫ ଲିଟର ମଦ ଜବତ, ଜଣେ ଗିରଫ

ପଟ୍ଟାମୁଣ୍ଡାଇ, ୨୮ା୨ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚୋରା ମଦ କାରବାର ଚାଲିଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଗୁରୁବାର ପଟ୍ଟାମୁଣ୍ଡାଇ ଥାନାର ନୂତନ ଆଇଆଇସି ରାକେଶ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ବିଜୟ କୁମାର ଦାସଙ୍କ ନେତୃତ୍ୱରେ ଗଠିତ ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୫ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଛି। ପଟ୍ଟାମୁଣ୍ଡାଇ ବ୍ଲକ ଡାମରପୁର ଛକଠାରେ ଏକ ନମ୍ବରବିହୀନ ବାଇକ୍‌ରେ ଯାଉଥିବା ଜଣେ ବ୍ୟକ୍ତିଙ୍କ ଠାରୁ ଚୋରା ମଦ ଜବତ ହୋଇଛି। ସେ ହେଲେ କେନ୍ଦ୍ରାପଡା ସଦର ଥାନା ଅଧୀନ ମାଗୁରଗଣ୍ଡ (ପଟଣା) ଗ୍ରାମର ରମେଶ ଚନ୍ଦ୍ର ସେଠୀ ଓରଫ୍ କୁନା । ତାଙ୍କ ବାଇକ୍ ଜବତ ହୋଇଛି । ପୋଲିସ ୭୨/୨୦୧୯ ନଂରେ ଏକ ମାମଲା ରୁଜୁ କରି ଗିରଫ ରମେଶଙ୍କୁ ପଟ୍ଟାମୁଣ୍ଡାଇ କୋର୍ଟକୁ ଚାଲାଣ କରିଛି। ଏହି ସ୍କ୍ୱାଡ୍‌ରେ କନେଷ୍ଟବଳ ପରୀକ୍ଷିତ ସେଠୀ, ଲତିକା ଦାସ, ବୀରବର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ, ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବେଆଇନ ଭାବେ ଚାଲିଥିବା ଚୋରା ମଦ କାରବାରକୁ ବନ୍ଦ କରିବା ପାଇଁ ପୋଲିସ ପକ୍ଷରୁ ଧରପଗଡ଼ କରାଯାଉଛି। ପୋଲିସର ଚଢାଉରେ ଚୋରା ମଦ କାରବାରରେ ଲିପ୍ତ ଥିବା ବେପାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

# ଦଳକୁ ମଜଭୁତ କରିବାକୁ ଆହ୍ୱାନ



ସଭାରେ ଉପସ୍ଥିତ ନେତୃମଣ୍ଡଳୀ।

ଡେରାବିଶ,୨୮ା୨ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ଭୋଳହାଟଠାରେ ଗୁରୁବାର ଭାଜପା ପକ୍ଷରୁ ମୋ ବୁଥ୍ ସବୁଠୁ ମଜଭୁତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ ସଭାପତିତ୍ୱ କରିଥିଲେ । କେନ୍ଦ୍ର ପେଟ୍ରୋଲିୟମ୍ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳକୁ ମଜଭୁତ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ଲୋକସଭା ନିର୍ବାଚନ ମଣ୍ଡଳୀର ସହ ପ୍ରଭାରୀ ଲମ୍ବୋଦର ପ୍ରଧାନ, ଗତ ନିର୍ବାଚନରେ ଦଳର ଲୋକସଭା ପ୍ରାର୍ଥୀ ବିଷ୍ଣୁ ଦାସ, ଗତ ନିର୍ବାଚନରେ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀର ଦଳୀୟ ପ୍ରାର୍ଥୀ ମାନସ ମହାନ୍ତି, ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡ଼ା, ଅଲେଖ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ଭୁବନମୋହନ ଜେନା, ଅଶୋକ ତ୍ରିପାଠୀ, ଉମାକାନ୍ତ ପଟ୍ଟନାୟକ, ବିକ୍ରମ ରାଉତରାୟ, ଶାରଦା ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ । ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଭାଜପା ନେତାମାନେ ଅବଗତ କରାଇଥିଲେ । ଆଗାମୀ ନିର୍ବାଚନରେ ରାଜ୍ୟରେ ଚାଲିଥିବା ସରକାରକୁ ମୂଳୋତ୍ପାଟନ କରିବାକୁ ଆହ୍ୱାନ ଦେଇଥିଲେ । ବର୍ତ୍ତମାନ ଦେଶରେ ଉପୁଜିଥିବା ଘଡିସନ୍ଧିମୁହୂର୍ତ୍ତରେ ପାକିସ୍ତାନକୁ କଡା ଜବାବ ଦେଇଥିବା ଭାରତୀୟ ସୈନ୍ୟବାହିନୀଙ୍କୁ ପ୍ରଶଂସା କରିଥିଲେ । କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅର୍ତାମୂଳସ୍ଥିତ ମିନି ଷ୍ଟାଡିୟମ୍‌ରେ ପହଞ୍ଚିବା ପରେ କର୍ମୀମାନେ ତାଙ୍କୁ ବାଇକ ରାଲିରେ ଭୋଳହାଟସ୍ଥିତ ସଭାସ୍ଥଳକୁ ପାଛୋଟି ନେଇଥିଲେ । ଏହି ସଭାରେ ଉପସ୍ଥିତ ଥିବା ୧୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦି ମୋ ବୁଥ୍ ସବୁଠୁ ମଜଭୁତ୍ ସମ୍ପର୍କରେ ଅବଗତ କରାଇଥିଲେ । ଶେଷରେ ୧୪ ନଂ ଜୋନ୍ ସଭାପତି ଅମିୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ନାରୀନେତ୍ରୀ ଗୀତା ସେଠୀ, ଉର୍ମିଳା ସେଠୀ, କଲ୍ୟାଣୀ ନାୟକ, ପ୍ରସନ୍ନ ପରିଡା, ବିଜୟ ନାୟକ, ଗୌତମ ପରିଡା, ଅଶ୍ୱିନୀ ମହାନ୍ତି, ସ୍ଥାନୀୟ ସରପଞ୍ଚ ଯୁଗଳ ମହାନ୍ତିଙ୍କ ସମେତ ଜିଲାର ବହୁ ତୁଙ୍ଗ ନେତା ସଭା ପରିଚାଳନାରେ ସହଯୋଗ କରିଥିଲେ ।

## ତେଣ୍ଡାକୁଡାରେ ଗୁଳିମାଡ

**କେନ୍ଦ୍ରାପଡା ଅଫିସ, ୨୮ା୨** ପାଟକୁରା ଥାନା ଅଧୀନ ତେଣ୍ଡାକୁଡା ପଞ୍ଚାୟତ ବଡନୟନୀପୁର ଛକରେ ଗୁରୁବାର ରାତି ୧୧ଟାରେ ଗୁଳିକାଣ୍ଡ ହୋଇଛି । ୩ ଜଣ ଯୁବକ ଏକ ବାଇକରେ ଆସି ଛକସ୍ଥିତ ଗ୍ୟାରେଜ ଉପରକୁ ଗୁଳି ମାରି ଫେରାର ହୋଇ ଯାଇଛନ୍ତି । ଗୁଳିକାଣ୍ଡ ଯୋଗୁ ଗ୍ୟାରେଜରେ ଥିବା ପ୍ରଶାନ୍ତ ବାରିକ ଗୁରୁତର ହୋଇଛନ୍ତି । ପ୍ରଶାନ୍ତଙ୍କୁ କଟକ ବଡ ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଛି । ଏ ସମ୍ପର୍କରେ ପାଟକୁରା ପୋଲିସ ତଦନ୍ତ ଆରମ୍ଭ କରିଛି ।

## ରାଜସ୍ୱ ନିରୀକ୍ଷକ ଓ ଗ୍ରାମ୍ୟ କୃଷି ଅଧିକାରୀଙ୍କୁ ମାଡ଼

ରାଜନଗର,୨୮ା୨(ଡିଏନଏ)

ଶିବରାତ୍ରି ପାଇଁ ଚାନ୍ଦା ମାଗିବାକୁ କେନ୍ଦ୍ରକରି ଦୁଇଜଣ ସରକାରୀ ଅଧିକାରୀ ଯୁବକମାନଙ୍କୁ ମାଡ ଦେବା ଓ ସେମାନଙ୍କ ଠାରୁ ମାଡ ଖାଇବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଅମରାବତୀ ଗ୍ରାମରେ ଏଭଳି ଘଟଣା ଘଟିଛି । ମଙ୍ଗଳବାର ସନ୍ଧ୍ୟାରେ ଏହି ଗ୍ରାମର କେତେଜଣ ଯୁବକ ଶିବରାତ୍ରୀ ପାଳନ ପାଇଁ ଗାଁ ଛକରେ ରାସ୍ତାରେ ଯାଉଥିବା ଲୋକଙ୍କ ଠାରୁ ଚାନ୍ଦା ଆଦାୟ କରୁଥିଲେ। ଏହି ସମୟରେ ସେହି ବାଟ ଦେଇ ଯାଉଥିବା ରଙ୍ଗଣୀ ସର୍କଲର ରାଜସ୍ୱ ନିରୀକ୍ଷକ ଆର୍. ହାଁସଦା ଓ ଗ୍ରାମ୍ୟ କୃଷି ଅଧିକାରୀ ପି.କେ. ସାମଲଙ୍କୁ ଯୁବକମାନେ ଚାନ୍ଦା ମାଗିଥିଲେ। ମାତ୍ର ସରକାରୀ ଅଧିକାରୀ ଦୁଇଜଣ ଚାନ୍ଦା ଦେବା ବଦଳରେ ସଂପୃକ୍ତ ଯୁବକମାନଙ୍କୁ ମାଡ ମାରିଥିଲେ । ପରେ ଆଖପାଖ ଅଞ୍ଚଳର ଯୁବକମାନେ ସେଠାରେ ପହଞ୍ଚି ଦୁଇଜଣଙ୍କୁ କାବୁ କରି ମାଡ ମାରିଥିଲେ। ଖବରପାଇ ତାଳଚୁଆ ଏଏସ୍‌ଆଇ ସୁଦର୍ଶନ ସାମଲ ସେଠାରେ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରିଥିଲେ। ସରକାରୀ କର୍ମଚାରୀ ଦୁଇଜଣ ମଦ୍ୟପାନ କରି ଏପରି କାଣ୍ଡ ଘଟାଇଥିବା କୁହାଯାଉଛି। ଏହି ଘଟଣାର ଚିତ୍ର ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି।

## ଶ୍ରୀ ବୈରାଗୀ ଚେତନା ସଂଘ ପକ୍ଷରୁ ଗାୟତ୍ରୀ ମହାଯଜ୍ଞ

ରାଜକନିକା , ୨୮ା୨ (ଡିଏନଏ)

ରାଜକନିକା ବ୍ଲକ ଅନ୍ତର୍ଗତ କଣ୍ଡିଆର ଶ୍ରୀବୈରାଗୀ ଚେତନା ସଂଘ ପକ୍ଷରୁ ଗୁରୁବାର ୩୦ତମ ଗାୟତ୍ରୀ ମହାଯଜ୍ଞ ପାଇଁ କଳସ ପୂଜନ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ରାଜକନିକା ,ଆଳି ଓ ବିଞ୍ଝାରପୁର ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା ଗାୟତ୍ରୀ ପୀଠରୁ କଳସ ଯାତ୍ରାରେ ବାହାରି କଣ୍ଡିଆ ଗ୍ରାମ ପରିକ୍ରମା କରିଥିଲେ । ଗ୍ରାମବାସୀ ହରିବୋଲ ଓ ହୁଳହୁଳି ପକାଇ କଳସଯାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ । ଏହି ସମୟରେ ଭଜନ କୀର୍ତ୍ତନ କରାଯାଇଥିଲା । ମହିଳାମାନେ ଖରସ୍ରୋତା ନଦୀ ନିକଟରେ ପୂଜା କରି ସେଠାରୁ ଜଳ ଆଣି ଘଟ ସ୍ଥାପନ କରିଥିଲେ । ଏହି ଘଟ ସ୍ଥାପନ ଉତ୍ସବକୁ ଆଚାର୍ଯ୍ୟ ବସନ୍ତ କୁମାର ପତି ଓ ସାଥୀ ସଞ୍ଚାଳନ କରିଥିଲେ । ଏହି ଅବସରରେ ଶ୍ରୀ ଗାୟତ୍ରୀ ଦେବୀ ପୂଜନ,ଚଣ୍ଡିପାଠ,ନବକୁମାରୀ ପୂଜନ, ଗୋପୂଜା, ବୈଦିକ ରୀତିରେ ବିବାହ ,ଗାୟତ୍ରୀ ମନ୍ତ୍ର ଜପ ,ଗୋପୂଜା ପ୍ରଭୃତି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆସନ୍ତା ରବିବାର ମହାଯଜ୍ଞର ପୂର୍ଣ୍ଣାହୁତି ହେବ । ଏହି ଯଜ୍ଞର କର୍ତ୍ତା ଭାବେ ସମୀର କୁମାର ନାୟକ ଓ କର୍ତ୍ତୀ ଭାବେ ପ୍ରଜ୍ଞାରାଣୀ ନାୟକ ଯୋଗ ଦେଇଛନ୍ତି । ଶ୍ରୀ ବୈରାଗୀ ଚେତନା ସଂଘର ସଭାପତି ପରୀକ୍ଷିତ ପଡିଆରୀ, ସଂପାଦକ ବାସୁଦେବ କୁଅଁର, ସହ ସଂପାଦକ ପୀତାମ୍ବର ପଲାଇ. କାର୍ଯ୍ୟକାରୀ ସଭାପତି ଗଗନ ବିହାରୀ ସାମଲ , ଆଶ୍ରମ ସଞ୍ଚାଳକ ଲମ୍ବୋଦର ରାଉତ, ପ୍ରଦୀପ୍ତ ଜେନା ,ବିଷ୍ଣୁ ଚରଣ ନାୟକ , ନିମାଇଁ ଚରଣ ରାଉତ ପ୍ରମୁଖ ଯଜ୍ଞ ପରିଚାଳନା କରୁଛନ୍ତି ।



ମହାଯଜ୍ଞ ପାଇଁ ଭକ୍ତଙ୍କ ସମାଗମ।

■ ଆଳି ନିର୍ବାଚନ ମଣ୍ଡଳୀ

# ଭାଜପା ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବଢୁଛି



ଭକ୍ତବନ୍ଧୁ ମିଶ୍ର



ବିଶିକେଶନ ଦାସ



ବ୍ରଜ ସୁନ୍ଦର ଭୂୟାଁ



ଦୋଳଗୋବିନ୍ଦ ନାୟକ



ସୁଜାତା ବାରିକ



ରଶ୍ମିରଞ୍ଜନ ବେହୁରା



ସଞ୍ଜୟ ବେହୁରା

ଆଳି, ୨୮ା୨ (ଡି.ଏନ୍.ଏ.)

ଆଳି ଓ ରାଜକନିକା ବ୍ଲକର ୬୩ ପଞ୍ଚାୟତକୁ ନେଇ ଆଳି ନିର୍ବାଚନ ମଣ୍ଡଳୀ ଗଠିତ। ବିଗତ ନିର୍ବାଚନଗୁଡ଼ିକରେ ଏଠାରେ ଭାଜପାରସ୍ଥିତି ଅତି ଦୁର୍ବଳ ଥିବା ବେଳେ ସଂଗଠନ ଅତି ସୁଦୃଢ଼ ନ ଥିଲା। ତେବେ ଗତ ପଞ୍ଚାୟତ ନିର୍ବାଚନ ପରେ ଯଦିଓ ଏଠାରେ ଭାଜପା ସଂଗଠନ ଧୀରେଧୀରେ ସୁଦୃଢ଼ ହେଉଥିବା ଦେଖାଯାଉଛି, କିନ୍ତୁ ଏହା ଅନ୍ୟ ଦୁଇ ପ୍ରମୁଖ ଦଳଠାରୁ ପଛରେ ରହିଛି। ଦଳକୁ ସୁଦୃଢ଼ କରିବା ପରିବର୍ତ୍ତେ ଆଗାମୀ ସାଧାରଣ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରୁ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏବେ ସୁଦ୍ଧା ଏହି ନିର୍ବାଚନ ମଣ୍ଡଳୀରୁ ୮ଜଣ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ତେବେ ରାଜ୍ୟ ନେତୃବୃନ୍ଦ କୌଣସି ଜଣେ ଆଶାୟୀଙ୍କୁ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭରସା ଦେଇନାହାନ୍ତି। ଏପରିକି କାହାକୁ ପ୍ରାର୍ଥୀ କରାଯିବ ସେ ନେଇ ସବୁଜ ସଙ୍କେତ ମିଳିନାହିଁ। ଫଳରେ ସମସ୍ତ ଆଶାୟୀ ନିଜ ନିଜ ଢଙ୍ଗରେ ନିର୍ବାଚନୀ ପ୍ରଚାରରେ ଲାଗିପଡ଼ିଛନ୍ତି। ନୂଆବର୍ଷ ଆରମ୍ଭରୁ ଅନେକ ଆଶାୟୀ ବିଭିନ୍ନ ସ୍ଥାନରେ ଦଳୀୟ ଚିହ୍ନ ସହ ନିଜ ନାମର ହୋର୍ଡିଂ ଲଗାଇ ଭୋଟରଙ୍କ ନିକଟତର ହେବାକୁ ଉଦ୍ୟମ କରିଛନ୍ତି।

୨୦୦୯ ଓ ୨୦୧୪ ନିର୍ବାଚନରେ ଆଳି ନିର୍ବାଚନ ମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ବ୍ରଜ ସୁନ୍ଦର ଭୂୟାଁଙ୍କୁ ପ୍ରାର୍ଥୀ ଭାବରେ ଟିକେଟ ପ୍ରଦାନ କରାଯାଇଥିଲା। ବ୍ରଜସୁନ୍ଦର ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରିଥିବା ବେଳେ ପ୍ରଥମେ ଆଳି ଅଞ୍ଚଳରେ ଭାଜପାର ସଂଗଠନ ଆରମ୍ଭ କରିଥିଲେ। କିନ୍ତୁ ସେ ଲଗାତାର ଦୁଇଟି ନିର୍ବାଚନରେ ଟିକେଟ ପାଇବାରୁ ନିଜ ଦଳମଧ୍ୟରେ ହିଁ ଘୋର ବିରୋଧର ସମ୍ମୁଖୀନ ହୋଇଥିଲେ। ଫଳରେ ତାଙ୍କୁ ଯେତିକି ଭୋଟ ମିଳିବା କଥା ତାହା ମିଳିବା ପରିବର୍ତ୍ତେ ଯଥେଷ୍ଟ କମି ଯାଇଥିଲା। ଏହାସତ୍ତ୍ୱେ ଆଗାମୀ ସାଧାରଣ ନିର୍ବାଚନରେ ବ୍ରଜସୁନ୍ଦର ଟିକେଟ୍ ପାଇବା ପାଇଁ ଆଶାବାଦୀ ଅଛନ୍ତି। ଅପରପକ୍ଷେ ଆଳିର ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ ଦୁଇଥର କଂଗ୍ରେସ ପ୍ରାର୍ଥୀ ଭାବରେ ନିର୍ବାଚିତ ହୋଇଥିଲେ। କିଛିଦିନ ପାଇଁ ସେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିବା ବେଳେ ୨୦୧୮ରେ ଭାଜପାରେ ଯୋଗଦେଇଛନ୍ତି। ଏବେ ନାୟକ ଆଳି ନିର୍ବାଚନ ମଣ୍ଡଳୀରୁ ଭାଜପା ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ଆଶାୟୀ ଅଛନ୍ତି। ଯେହେତୁ ଏହି ନିର୍ବାଚନ ମଣ୍ଡଳୀରୁ ସେ ପୂର୍ବରୁ ୨ ଥର ବିଧାୟକ ହୋଇଛନ୍ତି, ତେଣୁ ତାଙ୍କର କିଛି ନିଜସ୍ୱ ଭୋଟ ଥାଇପାରେ ଭାବି ଭାଜପା ତାଙ୍କୁ ଟିକେଟ ଦେଇପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟଜଣେ ସଂଗଠକ ବିଶିକେଶନ ଦାସ ଭାଜପାରୁ ଟିକେଟ ପାଇବା ପାଇଁ ଲବି କରିବା ସହ ପ୍ରତ୍ୟେକ ସଭା ସମିତିରେ ନିଜକୁ ଆଗଧାଡିରେ ରଖିବା ପାଇଁ ଚେଷ୍ଟା ଚଳାଇଛନ୍ତି। ଯୁବନେତା ରଶ୍ମିରଞ୍ଜନ ବେହୁରା ବିଧାୟକ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢିବା ପାଇଁ ନିଜ ପକ୍ଷରୁ ବିଭିନ୍ନ ସଭା ସମିତିର ଆୟୋଜନ କରି ରାଜ୍ୟ ନେତୃତ୍ୱଙ୍କ ଦୃଷ୍ଟିଆକର୍ଷଣ କରିବାକୁ ଉଦ୍ୟମ କରୁଛନ୍ତି। ସେହିପରି ସାମାଜିକ କର୍ମୀ ସଞ୍ଜୟ ବେହୁରା ଓ ସତ୍ୟ ଜେନା, ରାଜ୍ୟ ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ ସୁଜାତା ବାରିକ ଆଶାୟୀ ଅଛନ୍ତି। ସେହିପରି ଅନ୍ୟତମ ଦାବିଦାର କେନ୍ଦ୍ରାପଡା ଜିଲା ଉପସଭାପତି ଭକ୍ତବନ୍ଧୁ ମିଶ୍ର ମଧ୍ୟ ଆଶାୟୀଙ୍କ ତାଲିକାରେ ରହି ଜୋରଦାର ଲବି ଚଳାଇଛନ୍ତି। ନିର୍ବାଚନ ପାଣିପାଗ ଉଷ୍ମ ହେଲେ ଦୁର୍ବଳ ସଂଗଠନର ମଙ୍ଗ କିଏ ଧରିବ ଜଣାପଡିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।



ସତ୍ୟରଞ୍ଜନ ପଟ୍ଟନାୟକ

# ଓଡ଼ିଶା ଚେସ୍‌ର ତରୁଣ ତାରକା

**ଯେଉଁଠି ଶ୍ରମ ତ୍ୟାଗର ରୂପ ନିଏ, ପରିଶ୍ରମ ଫଳ ଧରେ, ଏକାଗ୍ରତାର ପାଣି ଛିଞ୍ଚି ଚାରା ବଢ଼ାଯାଏ ତାହା କେବେ ବ୍ୟର୍ଥ ହୁଏନାହିଁ। ବିଶ୍ୱର ବହୁ ସାର୍ଥକ ମଣିଷ ସେମାନଙ୍କ ତରୁଣାବସ୍ଥାରେ ହିଁ ପ୍ରସ୍ଫୁଟିତ ହୋଇଛନ୍ତି, ଏହି ବୟସରେ ହିଁ ସେମାନଙ୍କ ପ୍ରତିଭାର ବାସ୍ନା ମହ ମହ ହୋଇ ଚତୁଃପାର୍ଶ୍ୱକୁ ସୁଗନ୍ଧିତ କରିଛି। ସମ୍ପ୍ରତି ଅନେକ ତରୁଣ ଓଡ଼ିଆ କ୍ରୀଡ଼ାବିତ୍ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ରୀଡ଼ାରେ ପ୍ରଚଣ୍ଡ ପ୍ରତିଭାର ପରିଚୟ ଦେଇ ଓଡ଼ିଶାର ନାମକୁ ଉଜ୍ଜ୍ୱଳ କରୁଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ତରୁଣ ଓଡ଼ିଆ ଚେସ୍ ତାରକା ଆଗରେ ରହିଛନ୍ତି...**

(ଭାଗ-୧)

ସୃଜନଶୀଳତା, ଶୃଙ୍ଖଳା, ସ୍ମରଣଶକ୍ତି, ଏକାଗ୍ରତା, ମାନସିକ ଦକ୍ଷତା, ଗଣନା ଦକ୍ଷତା, ଦୂରଦୃଷ୍ଟି, ଭାବନା ଶକ୍ତି ବିଶେଷ କରି ଜଣେ ପିଲାର ଜ୍ଞାନ ଓ ଚେତନାକୁ ବିକଶିତ କରୁଥିବା ତଥା ବ୍ୟକ୍ତିତ୍ୱରେ ସାମଗ୍ରିକ ବିକାଶ ଘଟାଉଥିବା ରାଜକୀୟ କ୍ରୀଡ଼ାରେ ଓଡ଼ିଶାର ତରୁଣ ଚେସ୍ ଖେଳାଳିମାନେ ବର୍ତ୍ତମାନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଫୁରନ୍ତ କୃତିତ୍ୱ ହାସଲ କରିଚାଲିଛନ୍ତି। ତାହା ଯେ କେବଳ ଓଡ଼ିଶାର ଗର୍ବ ଓ ଗୌରବକୁ ବିଶ୍ୱ ଦରବାରରେ ପହଞ୍ଚାଉଛି ତାହା ନୁହେଁ ଦେଶର ବିଭିନ୍ନ ବୟସବର୍ଗର ଦଳଗୁଡ଼ିକୁ ଶକ୍ତି ପ୍ରଦାନ କରିବାରେ ସହାୟକ ହୋଇଛି, ଯାହା ଫଳରେ ଓଡ଼ିଶା ଏକ ଚେସ୍ ଶକ୍ତି ଭାବରେ ଉଭା ହୋଇଛି।

## ପ୍ରଥମ ଆଇଏମ୍ ଶେଖର



ଯେଉଁମାନେ ଓଡ଼ିଶାର ଚେସ୍ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି, ଆମପାଇଁ ଗର୍ବ ଗୌରବର ପ୍ରତୀକ, ଯାହାଙ୍କ ବିଚକ୍ଷଣ ପ୍ରଜ୍ଞା ପ୍ରତିଭା ଆମ ପାଇଁ ସବୁବେଳେ ପ୍ରେରଣାର ଉତ୍ସ ହୋଇଛି ସେମାନଙ୍କ ମଧ୍ୟରେ ଶିଖରରେ ରହିବେ ଶେଖର ସାହୁ। ୧୯୮୬ରେ ୟୁଏସସିଏଫ ପକ୍ଷରୁ ସିନିୟର ୟୁଏସ ଚେସ୍ ମାଷ୍ଟର ଟାଇଟଲ ହାସଲ କରିଥିବା ଶେଖର ୧୯୮୯ରେ ଓଡ଼ିଶାର ପ୍ରଥମ ଖେଳାଳି ଭାବେ ସମ୍ମାନଜନକ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଟାଇଟଲ୍ ଲାଭ କରିଥିଲେ। ଏଥିସହ ସେ ଓଡ଼ିଶା ଚେସ୍‌ର ମୂଳଦୁଆ ସ୍ଥାପନ କରି ନୂଆ ପିଢ଼ି ପାଇଁ ପ୍ରଶଂସନୀୟ ଉଦାହରଣ ସୃଷ୍ଟି କରିଥିଲେ। ୧୯୮୭ରେ ସେ ଜାତୀୟ 'ଏ' ଚେସ୍ ଚାମ୍ପିୟନଶିପ୍‌ରେ ଭାରତର ବିଶ୍ୱନାଥନ୍ ଆନନ୍ଦଙ୍କ ପଛକୁ ୨ୟ ସ୍ଥାନରେ ରହି ରନର୍ସଅପ୍ ହୋଇଥିଲେ। ଏକାଧାରରେ ଜଣେ ଉତ୍ସର୍ଗୀକୃତ ଖେଳାଳି, ଦକ୍ଷ କୋଚ୍, ସଂଗଠକ ଓ ପ୍ରଶାସକ ଭାବେ ସେ ଓଡ଼ିଶା ଚେସ୍‌କୁ ନିଜର ଦେହ, ମନ, ପ୍ରାଣ ସବୁକିଛି ସମର୍ପି ଦେଇଚାଲିଛନ୍ତି। ଓଡ଼ିଶା ଚେସ୍‌କୁ ଆତ୍ମନିର୍ଭରଶୀଳ, କ୍ଷମତାଶାଳୀ ଓ ବିତ୍ତଶାଳୀ କରିବାରେ ତାଙ୍କର ଭୂମିକା ଅନବଦ୍ୟ। ୧୯୯୦ରେ ଜାତୀୟ 'ବି'ଚାମ୍ପିୟନ, ବହୁବାର ବିଦେଶରେ ରାଜ୍ୟ ଓ ଦେଶ ପାଇଁ ପ୍ରତିନିଧିତ୍ୱ କରିଥିବା ଶେଖର ଓଡ଼ିଶା ଚେସ୍‌କୁ (ଗ୍ରାଣ୍ଡ୍ ମାଷ୍ଟର ଚେସ୍ ପ୍ରତିଯୋଗିତା ମାଧ୍ୟମରେ) ବିଶ୍ୱ ଚେସ୍ ମାନଚିତ୍ରରେ ସ୍ଥାନିତ କରିବା ଅଗ୍ରଣୀ ଭୂମିକା ନେଇ ପାଲଟି ଯାଇଛନ୍ତି ଚେସ୍‌ର ମୁକୁଟ ବିହୀନ ସମ୍ରାଟ। ୨୦୧୦ରେ ସେ ଭାରତର ପ୍ରଥମ ଫିଡେ ସିନିୟର ଟ୍ରେନର ହୋଇଥିଲେ। ସେହିବର୍ଷ ସେ ପୋଲାଣ୍ଡ ବିଶ୍ୱ ଜୁନିୟର ଚେସ୍‌ରେ ଭାରତୀୟ ଦଳର କୋଚ୍ ଥିଲେ। ଓଡ଼ିଶା ଚେସ୍ ସଂଘର କ୍ରମାଗତ ୩ ଥର ପ୍ରତିଷ୍ଠାତା ସଭାପତି, ସର୍ବଭାରତୀୟ ଚେସ ମହାସଂଘର ଉପସଭାପତି ଓ ଗୁଜରାଟ ରାଜ୍ୟର ସରକାରୀ ଚେସ୍ ପ୍ରଶିକ୍ଷକ ଭାବେ ସେ ବିଶ୍ୱବିଦିତ। ଚେସ୍ ମହାକୁମ୍ଭ ଅଲିମ୍ପିଆଡ଼ରେ ସେ ନେପାଳ ଦେଶର ମୁଖ୍ୟ ପ୍ରଶିକ୍ଷକ ହେବାସହ ବର୍ତ୍ତମାନ ସେ ଭାରତର ଏକମାତ୍ର ଫିଡେ ସିନିୟର ଟ୍ରେନର(ଏଫ୍ଏସ୍‌ଟି) ଭାବେ କାର୍ଯ୍ୟରତ।

## ରୋଲ ମଡେଲ ସ୍ୱୟଂଶୁ

ଜଣେ ମେଧାବୀ ଛାତ୍ର ଓ ବିଦ୍ୱାନ ଚେସ୍ ଖେଳାଳି ଭାବରେ ପରିଚିତ ସ୍ୱୟଂଶୁ ସତ୍ୟପ୍ରଜ୍ଞ ଓଡ଼ିଶା ଚେସ୍‌ର ଜଣେ ଆଗଧାଡ଼ିର ତରୁଣ ତାରକା। ୧୯୮୬ରୁ ବର୍ତ୍ତମାନ ପର୍ଯ୍ୟନ୍ତ ନିଷ୍ଠା, ଏକାଗ୍ରତା ଓ ଧୈର୍ଯ୍ୟର ସହ ଖେଳ ଜାରି ରଖିଥିବା ସତ୍ୟପ୍ରଜ୍ଞ ଓଡ଼ିଶାର ଦ୍ୱିତୀୟ ଖେଳାଳି ଭାବେ ସମ୍ମାନଜନକ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ହାସଲ କରିଥିଲେ। ଚାରି ଥର ଅତ୍ୟନ୍ତ ବିରଳ ଗ୍ରାଣ୍ଡ ମାଷ୍ଟର ନର୍ମର ଅଧିକାରୀ ହୋଇଥିବା ସତ୍ୟପ୍ରଜ୍ଞ ନବେ ଦଶକର ଶେଷ ଭାଗରେ ବେଶ୍ ଚର୍ଚ୍ଚାରେ ରହିବା ସହ ଓଡ଼ିଶା ଚେସ୍ ଖେଳାଳିମାନଙ୍କ ପାଇଁ ରୋଲ୍ ମଡେଲ୍ ସାଜିଥିଲେ। ଚେଷ୍ଟା, ଅଧ୍ୟବସାୟ ଓ ଅସୀମ ଧୈର୍ଯ୍ୟର ସେ ହେଉଛନ୍ତି ମୂର୍ତ୍ତିମନ୍ତ ପ୍ରତୀକ। ସେ ଯେ କେବଳ ଓଡ଼ିଶା ଚେସ୍‌କୁ ରୁଦ୍ଧିମନ୍ତ କରିଛନ୍ତି ତା' ନୁହେଁ, ଜଣେ ନୀରବ ସମ୍ରାଟ ଭାବେ ଏହାକୁ ଏକ ମର୍ଯ୍ୟାଦାଜନକ ଆସନରେ ଅବସ୍ଥାପିତ କରାଇବା ଦିଗରେ ତାଙ୍କର ଅବଦାନ ଅତୁଳନୀୟ ଓ ଅଭିନନ୍ଦନୀୟ। ୧୯୯୦ରେ ମାତ୍ର ୮ ବର୍ଷ ବୟସରୁ ଜାତୀୟ ଚାମ୍ପିୟନ ହୋଇଥିବା ସତ୍ୟପ୍ରଜ୍ଞ ୧୯୯୫ରେ ୧୫ ବର୍ଷରୁ କମ୍ ଓ ୨୦୦୦ରେ ୨୫ ବର୍ଷରୁ କମ୍ ଜାତୀୟ ଚାମ୍ପିୟନ ହେବା ସହ ୧୯୯୭ରେ ୧୬ ବର୍ଷରୁ କମ୍ ଏସୀୟ ଯୁବ ଚେସ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ଏହାଛଡ଼ା ଏସୀୟ ଟିମ୍ ଚେସ୍‌ରେ ଭାରତୀୟ 'ବି' ଦଳର ଅଧିନାୟକ ହେବା ଏବଂ ଜାତୀୟ ଜୁନିୟରରେ ୨ଥର ରନର୍ସ ଅପ୍ ହେବା ତଥା ୧୯୯୨ରେ ମାତ୍ର ୧୦ ବର୍ଷ ବୟସରେ ଟେଲିଗ୍ରାଫ୍ ସ୍କୁଲ୍ ଚେସ୍‌ରେ ଶ୍ରେଷ୍ଠ ୩ଜଣ ବିଶ୍ୱ ଚେସ୍ ଚାମ୍ପିୟନଙ୍କ ବିପକ୍ଷରେ ଅଢ଼େଇ ପଏଣ୍ଟ ହାସଲ କରିବା ସେତେବେଳେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ଚେସ୍‌ର ରେଟିଂ ଗଣିତରେ ସାମାନ୍ୟ ପଛେଇ ଯାଇଥିବା ସତ୍ୟପ୍ରଜ୍ଞ ଗ୍ରାଣ୍ଡମାଷ୍ଟର ହେବା ପାଇଁ ତାଙ୍କର ଅନବରତ ଉଦ୍ୟମ ଓ ଅସୀମ ଧୈର୍ଯ୍ୟ ଜାରି ରଖିଛନ୍ତି। ସେ ବର୍ତ୍ତମାନ ଭୁବନେଶ୍ୱରରେ ଏୟାର ଇଣ୍ଡିଆରେ ଜଣେ



ବରିଷ୍ଠ ଅଧିକାରୀ ଓ ରାଜ୍ୟର ଜଣେ ବରିଷ୍ଠ ଚେସ୍ ପ୍ରଶିକ୍ଷକ ଭାବେ ସ୍ୱୀକୃତିପ୍ରାପ୍ତ।

## ଚେସ୍‌ରେ ଆଶାର କିରଣ

ଓଡ଼ିଶା ମହିଳା ଚେସ୍‌ର ଆଶାର କିରଣ ହେଉଛନ୍ତି ଚେସ୍ କୁଇନ୍ କିରଣ ମନୀଷା ମହାନ୍ତି। ତାଙ୍କର ଆବିର୍ଭାବ ଓଡ଼ିଶାରେ ବାଳିକାମାନଙ୍କ ମନରେ ଆଶାର ସଞ୍ଚାର କରିଥିଲା। ଚେସ୍‌ର ବିରଳ ଶବ୍ଦ ଗ୍ରାଣ୍ଡମାଷ୍ଟର ପ୍ରଥମେ ତାଙ୍କର ନାମରୁ ହିଁ ଆରମ୍ଭ ହୋଇଥିଲା। ୨୦୧୦ରେ ସେ ଓଡ଼ିଶାର ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟରର କୀର୍ତ୍ତିସ୍ତମ୍ଭ ସ୍ଥାପନା କରିଥିଲେ। କିରଣଙ୍କ ଆବିର୍ଭାବ ରାଜ୍ୟ ଚେସ୍ ଜଗତରେ ଏକ ଆନ୍ଦୋଳନ ସୃଷ୍ଟି କରିଥିଲା। ୨୦୦୨ରେ ୧୪ ବର୍ଷରୁ କମ୍ ଜାତୀୟ ରାପିଡ୍ ଚେସ୍‌ରେ ଚାମ୍ପିୟନ ହୋଇ ସେ ପ୍ରଥମେ ଲୋକଲୋଚନକୁ ଆସିଥିଲେ। ୨୦୦୬ରେ ସେ ମହିଳା ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ



ପାଇଥିଲେ। ୨୦୦୭ରେ ୧୭ ବର୍ଷରୁ କମ୍ ଜାତୀୟ ଚାମ୍ପିୟନ ଓ ୩୪ ତମ ମହିଳା 'ବି' ଚେସ୍ ଚାମ୍ପିୟନ ହୋଇ କିରଣ ତାଙ୍କ ପ୍ରତିଭାର ଉପଯୁକ୍ତ ମୂଲ୍ୟାୟନ କରିଥିଲେ। ରାଜ୍ୟଗୋଷ୍ଠୀ ଚେସ୍‌ରେ ବହୁବାର ସେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତି ନିଜେ ନିଜର ପ୍ରତିଦ୍ୱନ୍ଦ୍ୱୀ ହୋଇଥିଲେ। ଅନେକ କ୍ଷେତ୍ରରେ ସେ ରାଜ୍ୟର ପ୍ରଥମ ମହିଳା ଚେସ୍ ଖେଳାଳି ହେବାର ଗୌରବ ଅର୍ଜନ କରିଥିଲେ। ୨୦୦୩-୦୪ରେ ପ୍ରଥମ ଓଡିଆ ଭାବେ ବିଶ୍ୱ ଚେସ୍ ଅଲିମ୍ପିଆଡ୍‌ରେ ଭାରତରୁ ପ୍ରତିନିଧିତ୍ୱ କରିବା, ପ୍ରଥମ ଅନ୍ତର୍ଜତୀୟ ମହିଳା ମାଷ୍ଟର ଟାଇଟଲ ହାସଲ କରିବା, ସର୍ବୋପରି ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଏଲୋ ରେଟେଡ୍ ମହିଳା ଖେଳାଳି ହେବାର ସୌଭାଗ୍ୟ କେବଳ କିରଣଙ୍କ ନାମରେ ହିଁ ରହିଛି। ଏସୀୟ ଜୁନିୟର ଚେସ୍‌ରେ ରନର୍ସ ଅପ୍ କିରଣ ମନୀଷା ୩୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ଚେସ୍‌ରେ ଭାରତ ତରଫରୁ ପ୍ରତିନିଧିତ୍ୱ କରି ସଫଳତାର ଶିଡ଼ିରେ ବର୍ତ୍ତମାନ ଆଗକୁ ବଢ଼ିବାରେ ବ୍ୟସ୍ତ। ସମ୍ମାନଜନକ ଏକଲବ୍ୟ କ୍ରୀଡ଼ା ପୁରସ୍କାର (୨୦୧୧) ସହ ଅନେକ ସମ୍ମାନ ଓ ପୁରସ୍କାର କିରଣଙ୍କୁ ଓଡ଼ିଶା ଚେସ୍‌ରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାର ଦେଇଛି। ଏଲଆଇସିରେ କାର୍ଯ୍ୟରତ କିରଣ ୨୦୧୮ ମୁମ୍ବାଇ ମେୟର୍ସ ଚେସ୍‌ରେ କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ମାଷ୍ଟର ନର୍ମ ହାସଲ କରିଛନ୍ତି। ୨୦୦୮ରେ ସେ କ୍ୟାରିୟର ଶ୍ରେଷ୍ଠ ୨୩୧୬ ରେଟିଂ ପଏଣ୍ଟ ସ୍ପର୍ଶ କରିଥିଲେ।

## ମେଧାବୀ ଅନ୍ୱେଷ

ଜଣେ ଭଲ ମଣିଷ କେବେ ବି ବିଫଳ ହୁଏ ନାହିଁ। ନିଜର ଆଚରଣ, ଉଚ୍ଚାରଣରେ ବେଶ୍ ଯତ୍ନବାନ ଓ ଶୃଙ୍ଖଳିତ ଅନ୍ୱେଷ ଉପାଧ୍ୟାୟ ୨୦୧୧ରେ ତୃତୀୟ(ଶେଖର ସାହୁ, ସତ୍ୟପ୍ରଜ୍ଞଙ୍କ ପରେ) ଓଡ଼ିଆ ପୁଅ ଭାବେ ସମ୍ମାନଜନକ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ହାସଲ କରି ଓଡ଼ିଶାର ଗୌରବମୟ ଚେସ୍‌ର ଗରିମା ବୃଦ୍ଧି କରିଥିଲେ। ଜଣେ ମେଧାବୀ ଛାତ୍ର ଓ ବିଚକ୍ଷଣ ଖେଳାଳିଭାବେ ଅନ୍ୱେଷଙ୍କ ପାଇଁ ୨୦୦୯ ମସିହା ଥିଲା ଅତ୍ୟନ୍ତ ସଫଳତାର ବର୍ଷ। ଏହି ବର୍ଷ ସେ ମର୍ଯ୍ୟାଦାଜନକ ରାଜ୍ୟ ସିନିୟର ଚେସ୍ ଚାମ୍ପିୟନ ହେବା ସହ ପ୍ରଥମ ଅନ୍ତର୍ଜାତୀୟ ମାଷ୍ଟର ନର୍ମ ହାସଲ କରିଥିଲେ। ସମସ୍ତ ଦକ୍ଷ ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ଚକ୍ରଧରପୁରଠାରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ଚାମ୍ପିୟନ ହୋଇ ଲୋକଲୋଚନକୁ ଆସିଥିଲେ। ଭାରତ ପକ୍ଷରୁ ବିଶ୍ୱ ଜୁନିୟର ଚେସ୍ (ଗ୍ରୀସ୍), ଏସୀୟ ଯୁବ ଚେସ୍ (ଚାଇନା)ରେ ସିଲଭର ମେଡାଲ ପାଇବା ସହ ଶ୍ରୀଲଙ୍କାରେ ଅନୁଷ୍ଠିତ ବୁଦ୍ଧି ଅନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତାରେ ଚାମ୍ପିୟନ ହୋଇ ଓଡ଼ିଶା ଚେସ ସଫଳତାର



ମହୋତ୍ସବରେ ନିଜକୁ ସାମିଲ କରିଥିଲେ।

୧୯୯୨ ଜୁଲାଇ ୭ରେ କଟକରେ ଜନ୍ମ ଗ୍ରହଣ କରିଥିବା ଅନ୍ୱେଷ ବର୍ତ୍ତମାନ ୟୁକ୍ରେନ୍‌ରେ ଡାକ୍ତରୀ ପଢ଼ିବା ପରେ ତାଙ୍କର ଅନନ୍ୟ ପ୍ରୟାସ ଜାରି ରଖିଛନ୍ତି। ୨୦୧୭ରେ ସମସ୍ତ ଦକ୍ଷ ବିଚକ୍ଷଣ ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ଅନ୍ୱେଷ ଜାତୀୟ ର୍ୟାପିଡ୍ ଚେସ୍ ଚାମ୍ପିୟନ୍ ହୋଇ ବୁଲେଟ ରାଜାର ମାନ୍ୟତା ପାଇଥିଲେ। ସେ ରାଜ୍ୟସ୍ତରରେ ୨୫ ବର୍ଷରୁ କମ୍ (୨ଥର) ରାଜ୍ୟ ସିନିୟର (୨ଥର) ୧୭ ବର୍ଷରୁ କମ୍ (୨ଥର) ୧୯ ବର୍ଷରୁ କମ୍ (୨ଥର) ଚାମ୍ପିୟନ ହେବା ସହ ତିରୁପତିଠାରେ ୨୦୦୭ରେ ୫୨ତମ ଜାତୀୟ ସ୍କୁଲ ଗେମ୍ସରେ ଓଡ଼ିଶା (ସ୍କୁଲ ଚେସ୍) ଦଳକୁ ଚାମ୍ପିୟନ କରାଇଥିଲେ। ୨୦୦୨ ଟେଲିଗ୍ରାଫ ସ୍କୁଲ ଚେସ୍‌ରୁ ତାଙ୍କର ସଫଳତାର ଯାତ୍ରା ଆରମ୍ଭ କରିଥିଲେ। ୨୦୦୭ରେ ଅନ୍ୱେଷ ସର୍ବକନିଷ୍ଠ ଖେଳାଳିଭାବେ ରାଜ୍ୟ ସିନିୟର ଚାମ୍ପିୟନ ହୋଇଥିଲେ। ସେ ଜଣେ ପୋଜିଶନାଲ ପ୍ଲେୟର ଭାବେ ପରିଚିତ ଏବଂ ୨୦୧୧ ଜାନୁୟାରୀରେ କ୍ୟାରିୟର ଶ୍ରେଷ୍ଠ ୨୪୩୫ ରେଟିଂ ପଏଣ୍ଟ ସ୍ପର୍ଶ କରିଥିଲେ।

## ସ୍ୱଳ୍ପଭାଷୀ ସ୍ୱୟମ୍ଭ

ସରଳ ନିଷ୍କପଟ ସ୍ୱୟମ୍ଭ ସାଧାରଣରେ ବେଶ୍ ଧୀର ସ୍ଥିର ଓ ଚୁପଚାପ ପ୍ରକୃତିର। ସ୍ୱଳ୍ପଭାଷୀ ସ୍ୱୟମସ୍‌ଙ୍କର କିନ୍ତୁ ଚେସ୍ ବୋର୍ଡ ବହୁତ କଥା କୁହେ। ତାଙ୍କର ସବୁଠାରୁ ଭଲଗୁଣ ହେଲା ପ୍ରଶିକ୍ଷକଙ୍କୁ ଉପଯୁକ୍ତ ସମ୍ମାନ ଦେବାରେ କେବେ ବି କୃପଣତା ଦେଖାଇ ନାହାନ୍ତି। ୧୯୯୭ରେ ସେ ରାଜ୍ୟସ୍ତରରେ ପ୍ରଥମ ପଦକ, ୨୦୦୨ରେ ଜାତୀୟ ଚେସ୍‌ରେ ଓ ୨୦୦୫ରେ ଅନ୍ତର୍ଜାତୀୟ ଚେସ୍‌ରେ ପଦାର୍ପଣ କରିଥିଲେ। ୧୯୯୭ ଓଡ଼ିଶାର ପ୍ରଥମ ଓଡ଼ିଆ କ୍ରୀଡ଼ାବିତ୍ ଭାବେ ବିଶ୍ୱ ଯୁବ ଚେସ୍ ଅଲିମ୍ପିଆଡରେ ଦଳଗତ ସ୍ୱର୍ଣ୍ଣ ଜିତି କ୍ୟାରିୟରର ଚମତ୍କାର ଶୁଭାରମ୍ଭ କରିଥିଲେ। ଗୁରୁତ୍ୱପୂର୍ଣ୍ଣ ମୁମ୍ବାଇ ମେୟର୍ସ କପ୍ ଗ୍ରାଣ୍ଡ ମାଷ୍ଟର ଚେସ୍‌ରେ ପ୍ରଥମ ଓଡ଼ିଆ ଭାବେ ସର୍ବୋତ୍ତମ ଦକ୍ଷତା ପ୍ରଦର୍ଶନ କରି ତୃତୀୟ ସ୍ଥାନ ଲାଭ କରିଥିଲେ।

ତୀବ୍ର ବେଗରେ ସଫଳତାର ଶିଡ଼ି ଚଢ଼ୁଥିବା ଏହି ତରୁଣ ତାରକା ଭାରତ ତରଫରୁ ବହୁବାର ବିଶ୍ୱ ଯୁବଚେସ୍‌ରେ ଭାଗ ଦେଇ ସଫଳତାର ଶୀର୍ଷରେ ପହଞ୍ଚିପାରିଥିଲେ। ୨୦୧୨ରେ ରାଜ୍ୟଗୋଷ୍ଠୀ ଚେସ୍‌ରେ ରୌପ୍ୟ ପଦକ ଜିତିଥିବା ସ୍ୱୟମ୍ଭ ଦେବାଶିଷଙ୍କ ପରେ ଓଡ଼ିଶାର ଦ୍ୱିତୀୟ ବିରଳ ଗ୍ରାଣ୍ଡ ମାଷ୍ଟର ହେବାର ସମ୍ଭାବନା ସୃଷ୍ଟି କରିଛନ୍ତି। ନିଜର ଅଧ୍ୟବସାୟ ବଳରେ ଚେସ୍‌ର ସବୁ



ବିଭାଗରେ ବେଶ୍ ଶକ୍ତିଶାଳୀ ଥିବା ସ୍ୱୟମ୍ଭ ୨୦୧୨ରେ ଓଡ଼ିଶାର ୫ମ ଓଡ଼ିଆ ଭାବେ ସମ୍ମାନଜନକ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ଲାଭ କରିଥିଲେ। ସ୍ୱୟମ୍ଭ ୨୦୧୪-୧୫ରେ ଅନ୍ତର୍ଜାତୀୟ ଗ୍ରାଣ୍ଡ ମାଷ୍ଟର ଚେସ୍ ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଓଡ଼ିଶାର ୩ୟ ଖେଳାଳି ଭାବେ ଦ୍ୱିତୀୟ ବିରଳ ଗ୍ରାଣ୍ଡ ମାଷ୍ଟର ନର୍ମ ହାସଲ କରିଛନ୍ତି। ଜଣେ ସଫଳ ଖେଳାଳି ସହିତ ସେ ଅନ୍ ଲାଇନ୍ ଓ ଅଫ୍ ଲାଇନ୍ କୋଚ୍ ଭାବେ ମଧ୍ୟ ବିଶେଷ ପରିଚିତ। ୨୦୧୪ ଅକ୍ଟୋବରରେ ସେ କ୍ୟାରିୟର ଶ୍ରେଷ୍ଠ ୨୪୯୧ ରେଟିଂ ପଏଣ୍ଟ ହାସଲ କରିଥିଲେ।

*-ଫିଡେ ଇନ୍‌ଷ୍ଟ୍ରକ୍ଟର, ସଂପାଦକ*
*ଏସ୍.ଆର୍. ଚେସ୍ ସେଣ୍ଟର*

'ଓଡ଼ିଶା ଚେସ୍‌ର ତରୁଣ ତାରକା'ର ଦ୍ୱିତୀୟ ଭାଗରେ ସିଦ୍ଧାନ୍ତ ମହାପାତ୍ର, ରାକେଶ ଜେନା, ଉତ୍କଳ ରଞ୍ଜନ ସାହୁ, ସାଇନା ସାଲୋନିକା ଆଦି ପ୍ରତିଭା ସମ୍ପନ୍ନ ଖେଳାଳିଙ୍କ ସମ୍ପର୍କରେ ପ୍ରକାଶ ପାଇବ।

## ଏକମାତ୍ର ଗ୍ରାଣ୍ଡମାଷ୍ଟର ଦେବାଶିଷ

ବର୍ତ୍ତମାନର ଓଡ଼ିଶା ଚେସ୍ ତାଙ୍କ ନାମରୁ ଆରମ୍ଭ ହୁଏ ଓ ତାଙ୍କ ନାମରେ ଶେଷ ହୁଏ। ଅନ୍ୟ ଖେଳାଳିମାନେ ଯାହା କେବଳ ସ୍ୱପ୍ନରେ ହିଁ ଚିନ୍ତା କରି ଆସୁଥିଲେ ତାହାକୁ ବାସ୍ତବରୂପ ଦେଇଥିଲେ ଚମ୍ପେଶ୍ୱର ଗ୍ରାମର ଚାମ୍ପିୟନ ଖେଳାଳି ଦେବଙ୍କ ଆଶିଷ ପାଇଥିବା ଦେବାଶିଷ ଦାସ। ରାମକୃଷ୍ଣ ପରମହଂସଙ୍କ ଭକ୍ତ ତଥା ଠାକୁର ବିଶ୍ୱାସୀ ଦେବାଶିଷ ମାତ୍ର ୨୦ ବର୍ଷ ବୟସରେ ଦମ୍‌ଦାର ଓ ଚମତ୍କାର ପ୍ରଦର୍ଶନ ଦ୍ୱାରା ଓଡ଼ିଶାର ପ୍ରଥମ ବିରଳ ଗ୍ରାଣ୍ଡ ମାଷ୍ଟର ହୋଇ ଏକ ନୂତନ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛନ୍ତି। ସେଦିନ ଥିଲା ୨୦୧୩ ଅକ୍ଟୋବର ୧୮। ଯାହା ଓଡ଼ିଶା କ୍ରୀଡ଼ା ଇତିହାସ ପାଇଁ ଏକ ସ୍ମରଣୀୟ ଦିବସ ଏବଂ ସବୁଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଫାଇଲିନ୍ ବାତ୍ୟାର ଚର୍ଚ୍ଚାକୁ ସେହି ସମୟରେ ପ୍ରତିହତ କରି ଓଡ଼ିଶା କ୍ରୀଡ଼ାକାଶର ଅନ୍ୟତମ ଉଜ୍ଜ୍ୱଳ ନକ୍ଷତ୍ର ଦେବାଶିଷ ନିଜର କଠିନ ପରିଶ୍ରମ, ବିଚକ୍ଷଣତା, ଚେସ୍‌କୁ ଭଲ ପାଇବା, ମାତ୍ରାଧିକ ଆଗ୍ରହ, କଠୋର ଅଧ୍ୟବସାୟ, ନିରନ୍ତର ଉଦ୍ୟମ, ଅସୀମ ଧୈର୍ଯ୍ୟ ଓ ସାହସ ମାଧ୍ୟମରେ ହାସଲ କରିଥିଲେ ରାଜ୍ୟର ପ୍ରଥମ ଗ୍ରାଣ୍ଡମାଷ୍ଟର ମୁକୁଟ। ଏହା ପୂର୍ବରୁ ଶେଖର ସାହୁ ଓ ସତ୍ୟପ୍ରଜ୍ଞଙ୍କ ଅନେକ ଦିନର ଅନ୍ତରରେ ଦେବାଶିଷ ଓଡ଼ିଶାର ତୃତୀୟ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ଲାଭ କରିଥିଲେ। ୩୦ରୁ ଊର୍ଦ୍ଧ୍ୱ ଦେଶରେ ଓଡ଼ିଶାର ନାଁକୁ ଉଚ୍ଚ ରଖିବା ସହ ଚଉଷଠି କୋଠରିର ଯୁବରାଜ ପାଲଟିଥିଲେ ଦେବାଶିଷ। ୨୦୧୧ରେ ସେ ବ୍ରାଜିଲରେ ଅନୁଷ୍ଠିତ ୱାର୍ଲ୍ଡ ୟୁଥ୍ ଚେସ୍‌ର ୧୮ ବର୍ଷରୁ କମ୍ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୦୧୨ରେ ୫୦ତମ ଜାତୀୟ ଚ୍ୟାଲେଞ୍ଜର ଚାମ୍ପିୟନ ହେବା ସହ ୨୦୧୫ରେ ଏସିଆନ୍ କଣ୍ଟିନେଣ୍ଟାଲ୍ (ୟୁଏଇ)ରେ ବ୍ରୋଞ୍ଜ ପଦକ ପାଇଥିଲେ। ସେହିବର୍ଷ ରାଉରକେଲାରେ ଅନୁଷ୍ଠିତ ଜାତୀୟ ର୍ୟାପିଡ୍ ଚେସ୍‌ରେ ସେ ଚାମ୍ପିୟନ ହୋଇଥିଲେ। ୨୦୧୭ରେ ସେ ସମସ୍ତ ଦକ୍ଷ ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ଭାରତର ସବୁଠାରୁ ଶକ୍ତିଶାଳୀ ଟୁର୍ନାମେଣ୍ଟଭାବେ ପରିଚିତ ଏସ୍ଏନ୍‌ସିଏ ଅନ୍‌ଲାଇନ୍ ବ୍ଲିଜ୍ ପ୍ରତିଯୋଗିତାରେ ମଧ୍ୟ ଚାମ୍ପିୟନ ହୋଇଥିଲେ। ୨୦୧୭ରେ ସେ ନ୍ୟାଶନାଲ ପ୍ରିମିୟର ଚେସ୍‌ରେ ମଧ୍ୟ ଟାଇଟଲ ହାସଲ କରିଥିଲେ। ୨୦୧୮ରେ ରାଜ୍ୟଗୋଷ୍ଠୀ ଚେସ୍ ଓପନ୍ ବିଭାଗର ସିନିୟର ସ୍ତରରେ ଶ୍ରେଷ୍ଠ ୩ ଜଣଙ୍କ ମଧ୍ୟରେ ରହି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ବିଶ୍ୱ ଯୁବ ଚେସ, ବିଶ୍ୱ ଜୁନିୟର ଚେସ୍, ଏସୀୟ ଯୁବ ଚେସ୍ ଓ ରାଜ୍ୟଗୋଷ୍ଠୀ ଚେସ୍‌ରେ ସମ୍ମାନର ସହ ଭାରତ ପକ୍ଷରୁ ଜିଣିଛନ୍ତି ୩୦ରୁ ଊର୍ଦ୍ଧ୍ୱ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ। ଇଂଲଣ୍ଡରେ ଅନୁଷ୍ଠିତ ଜିବ୍ରାଲ୍ଟର ଚେସ୍‌ରେ ସେ ବିଶ୍ୱର ଅନ୍ୟତମ ପ୍ରତିଷ୍ଠିତ ଖେଳାଳି ବୁଲଗେରିଆର ଭେସଲିନ୍ ଟୋପାଲୋଭଙ୍କ ବିପକ୍ଷ ମ୍ୟାଚକୁ ଡ୍ର ରଖି ଅନେକ ଅନୁଭୂତି ସାଉଁଟିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା ପୂର୍ବତନ ବିଶ୍ୱ ଚାମ୍ପିୟନ ରୁଷୀୟ କିମ୍ବଦନ୍ତୀ ଗ୍ୟାରି କାସ୍ପାରୋଭ ଦେବାଶିଷଙ୍କର ଏକ ଚମତ୍କାର ଖେଳକୁ ଅତି ପ୍ରାଞ୍ଜଳ ଭାବରେ ଦୀର୍ଘ ୮ ପୃଷ୍ଠାରୁ ଅଧିକ ଘନ ଘନ ବିଶ୍ଳେଷଣ କରି ଚେସ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବହି 'ଚେସ୍ ଇନ୍‌ଫରମେଟର' (୧୧୩)ରେ ତାକୁ ସ୍ଥାନିତ କଲେ। ଓଡ଼ିଶା କ୍ରୀଡ଼ା ଇତିହାସରେ ସର୍ବକନିଷ୍ଠ ଖେଳାଳି ଭାବରେ ଅତି ସମ୍ମାନଜନକ ଓଡ଼ିଶା ସିଟିଜେନ୍ ଆୱାର୍ଡ, ଏକଲବ୍ୟ ପୁରସ୍କାର(୨୦୧୧) ଓ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର (୨୦୧୪) ସହ ଅନେକ ପୁରସ୍କାର ଓ ସମ୍ମାନ କେବଳ ଯେ ଦେବାଶିଷଙ୍କୁ ସମାଜରେ ପ୍ରତିଷ୍ଠିତ କରିଛି ତା' ନୁହେଁ, ଓଡ଼ିଶାର ଅନେକ ତରୁଣ ଚେସ୍ ତାରକାଙ୍କ ପାଇଁ ସେ ପାଲଟିଛନ୍ତି ଗର୍ବ, ଗୌରବ ଓ ଆଦର୍ଶ। ବିଶ୍ୱର ଅନେକ ଆଗଧାଡ଼ିର ଖେଳାଳିଙ୍କୁ ଭେଟିବା ସହ ସମ୍ମାନ ଜନକ ଡ୍ର ଓ ପ୍ରତିଶୋଧମୂଳକ ବିଜୟ ଓଡ଼ିଶାର କ୍ରୀଡ଼ାପ୍ରେମୀଙ୍କୁ ବେଶ୍ ଆନନ୍ଦ ଦେଇଥିଲା। ଗତ ୨୭ରେ ରୁଷିଆରେ ଶେଷ ହୋଇଥିବା ଏରୋଫ୍ଲୋଟ ଓପନ ଚେସ୍(ଏ-କାଟେଗୋରି) ରେ ଦେବାଶିଷ ଚମତ୍କାର ପ୍ରଦର୍ଶନ କରି ୬.୩ ରେଟିଂ ପଏଣ୍ଟ ବଢ଼ାଇବାରେ ସକ୍ଷମ ହୋଇଛନ୍ତି।



## ପ୍ରସ୍ଫୁଟିତ ପ୍ରତିଭା ପଦ୍ମିନୀ

ପଦ୍ମିନୀ ରାଉତ ଏକ ପ୍ରସ୍ଫୁଟିତ ପ୍ରତିଭା, ଯାହାଙ୍କ ପ୍ରଜ୍ଞା ଓ ପ୍ରତିଭା ଓଡ଼ିଶା ଚେସ୍ ପାଇଁ ସବୁବେଳେ ପ୍ରେରଣାର ଉତ୍ସ। ଓଡ଼ିଶା ଚେସ୍ ଜନମଞ୍ଚରେ ବିଶେଷ ପରିଚିତ ଓ ଚର୍ଚ୍ଚିତ ଚାମ୍ପିୟନ ଖେଳାଳି ପଦ୍ମିନୀ ଓଡ଼ିଶା ଚେସ୍ ନବଜାଗରଣର ମନ୍ତ୍ରଦାତ୍ରୀ କହିଲେ ଅତ୍ୟୁକ୍ତି ହେବ ନାହିଁ। ଓଡ଼ିଶା ଚେସ୍‌ରେ ପ୍ରକୃତ ବୈପ୍ଳବିକ ପରିବର୍ତ୍ତନର ସ୍ରୋତ ପଦ୍ମିନୀଙ୍କଠାରୁ ହିଁ ଆରମ୍ଭ ହୋଇଥିଲା। ନିଜର ଅସାଧାରଣ ପ୍ରତିଭା ମାଧ୍ୟମରେ ପ୍ରଥମ ଓଡ଼ିଆ ଖେଳାଳିଭାବେ ୨୦୦୮ରେ ଭିଏତନାମଠାରେ ଅନୁଷ୍ଠିତ ବିଶ୍ୱଯୁବ ଚେସ୍‌ର ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଚାମ୍ପିୟନ, ୨୦୦୯ରେ ଏସୀୟ ଜୁନିୟରରେ ଚାମ୍ପିୟନ, ୨୦୧୦ ପୋଲାଣ୍ଡ ବିଶ୍ୱ ଜୁନିୟର ମହିଳା ଚେସ୍‌ରେ ବ୍ରୋଞ୍ଜ ପଦକ ପଦ୍ମିନୀଙ୍କୁ ପାନ ଦୋକାନରୁ ପାର୍ଲାମେଣ୍ଟ ଯାଏ ବେଶ୍ ଚର୍ଚ୍ଚିତ କରିଥିଲା। ୧୯୯୪ ଜାନୁୟାରୀ ୫ରେ ଜନ୍ମଗ୍ରହଣ କରିଥିବା ପଦ୍ମିନୀ ୯ ବର୍ଷ ବୟସରେ ୨୦୦୩ରେ ପ୍ରଥମେ ଚେସ୍‌ରେ ପାଦ ଥାପିଥିଲେ। ସେ ୧୪ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ୍ ହେବା ପରେ ଓଡ଼ିଶାରେ ଚେସ୍ ପ୍ରତି ରାଜ୍ୟବାସୀଙ୍କର ଶ୍ରଦ୍ଧା ଓ ସମ୍ମାନ ହଠାତ୍ ବଢ଼ିଯାଇଥିଲା। ସଫଳତାର ଶୀର୍ଷରେ ପହଞ୍ଚିବା ସହଜ କିନ୍ତୁ ଏହାକୁ ବଜାୟ ରଖିବା ଏତେ ସହଜ ନୁହେଁ। ପଦ୍ମିନୀ ୨୦୦୫ରେ ୧୧ ବର୍ଷରୁ କମ୍ ଜାତୀୟ ବାଳିକା ଚାମ୍ପିୟନ୍, ୨୦୦୬ରେ କ୍ରମାନ୍ୱୟରେ ୧୩ ବର୍ଷରୁ କମ୍ ଜାତୀୟ ଚାମ୍ପିୟନ, ୨ଥର ୧୨ ବର୍ଷରୁ କମ୍ ଏସୀୟ ଯୁବ ଚେସ ଚାମ୍ପିୟନ (୨୦୦୫), ୧୪ ବର୍ଷରୁ କମ୍ ଏସୀୟ ଚାମ୍ପିୟନ (୨୦୦୬), ୨୦୦୮ରେ ଓଡ଼ିଶାର ୨ୟ ମହିଳାଭାବେ ସମ୍ମାନଜନକ ଅନ୍ତର୍ଜାତୀୟ ମହିଳା ମାଷ୍ଟର ହେବା ସହ ୨୦୦୭ରେ ମହିଳା ଗ୍ରାଣ୍ଡମାଷ୍ଟର(ଡବ୍ଲ୍ୟୁଜିଏମ) ଟାଇଟଲ ହାସଲ କରିଥିଲେ। ଜାତୀୟ ସିନିୟର ପ୍ରିମିୟର ମହିଳା ଚେସ୍‌ରେ ୨୦୧୪ରୁ ୨୦୧୭ ପର୍ଯ୍ୟନ୍ତ ୪ ଥର ଚାମ୍ପିୟନ୍ ହୋଇ ସେ ନିଜ ଦକ୍ଷତାର ପ୍ରମାଣ ଦେଇ ଚାଲିଛନ୍ତି। ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କୁ ଭକ୍ତି କରୁଥିବା ପଦ୍ମିନୀ ସବୁ ସମୟରେ ସବୁ ପରିସ୍ଥିତିରେ ସମାନ ରହିବା ପାଇଁ ଭଗବଦ୍‌ଗୀତା ଅଧ୍ୟୟନ କରିଥାନ୍ତି। ଡାକ ନାମ ସାନୁ ଭାବେ ପରିଚିତ ପଦ୍ମିନୀ ମାତ୍ର ୧୬ ବର୍ଷ ବୟସରେ ୨୦୦୭ରେ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଓ ୨୦୦୯ରେ ଏକଲବ୍ୟ ପୁରସ୍କାର ପାଇଥିଲେ। ବିଶ୍ୱ ମହିଳା ବ୍ୟକ୍ତିଗତ ଚେସ୍, ମର୍ଯ୍ୟାଦାଜନକ ମହିଳା ଚେସ୍ ଅଲିମ୍ପିଆଡ଼ରେ ସ୍ୱର୍ଣ୍ଣ ପଦକ (ବ୍ୟକ୍ତିଗତ ରିଜର୍ଭ ବୋର୍ଡରେ ୨୦୧୪)ଜିତିବା ତଥା ବିଶ୍ୱ ମହିଳା ଦଳଗତ ଚେସ୍ ଓ ଏସିଆନ କଣ୍ଟିନେଣ୍ଟାଲ୍ ଚେସ୍‌ରେ ସ୍ୱର୍ଣ୍ଣ ବିଜୟୀ ହେବା ତାଙ୍କ କ୍ୟାରିୟରକୁ ଅଧିକ ରୁଦ୍ଧିମନ୍ତ କରିଥିଲା। ୨୦୧୩ରେ ରାଜ୍ୟଗୋଷ୍ଠୀ ଚେସ୍‌ରେ ସ୍ୱର୍ଣ୍ଣ ସହ ୨୦୧୫ରେ ପୁରୁଷମାନଙ୍କ ପାଇଁ ଉଦ୍ଦିଷ୍ଟ ବିରଳ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ୍ ଓ ଗ୍ରାଣ୍ଡ ମାଷ୍ଟର୍ ନର୍ମ ହାସଲ କରିଥିଲେ। ୨୦୧୫ରେ ସେ କ୍ୟାରିୟରର ସର୍ବୋଚ୍ଚ ୨୪୫୪ ରେଟିଂ ପଏଣ୍ଟ ହାସଲ କରିଥିଲେ। ବିଶ୍ୱ ସିନିୟର ମହିଳା ଚେସ୍‌ରେ ସେ ଭାରତରୁ ପ୍ରତିନିଧିତ୍ୱ କରୁଛନ୍ତି। ଏରୋଫ୍ଲୋଟ ଓପନ ଚେସ୍ (ବି-କାଟେଗୋରି)ରେ ପଦ୍ମିନୀ ଚମତ୍କାର ପ୍ରଦର୍ଶନ କରି ୨୪.୩ ରେଟିଂ ପଏଣ୍ଟ ବଢ଼ାଇବାରେ ସକ୍ଷମ ହୋଇଛନ୍ତି।



| Dollar | Sensex | Nifty | Gold | Silver |
|---|---|---|---|---|
| 70.72 (52) | 35,867.44 (37.99) | 10,792.50 (14.15) | 34,200.00 (₹450) | 41,050.00 (₹425) |

"ଭାରତ ସର୍ବଦା ନୂତନ ଉଦ୍ଭାବନ ତଥା କଟିଂ ଏଜ୍ ଟେକ୍ନୋଲୋଜିର ଏକ ପ୍ରମୁଖ ଉତ୍ସ ହୋଇ ରହି ଆସିଛି।
– ଏରିନ୍ ଓମାର, ଡେପୁଟି ସିଇଓ, ଏୟାର ଏସିଆ



"ବେସାମରିକ ବିମାନ ଶିଳ୍ପର ବିକାଶ ଲାଗି ରାଜ୍ୟ ଗୁଡ଼ିକ କେନ୍ଦ୍ର ସହ ସହଯୋଗିତା ଭିତ୍ତିରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି।
–ସୁରେଶ ପ୍ରଭୁ, କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରୀ



## ସଂକ୍ଷେପରେ

■ ଦିଲ୍ଲୀ ପୋଲିସକୁ ଅନୁମତି ଦେଲେ ସୁପ୍ରିମକୋର୍ଟ

### ଆମ୍ରପାଲି ଗ୍ରୁପ୍ ସିଏମ୍‌ଡି, ୨ ନିର୍ଦ୍ଦେଶକ ଗିରଫ ହେବେ

ନୂଆଦିଲ୍ଲୀ,୨୮-୨: ଆମ୍ରପାଲି ଗ୍ରୁପ୍ ସିଏମ୍‌ଡି ଅନିଲ ଶର୍ମାଙ୍କୁ ଗିରଫ କରିବା ଲାଗି ସୁପ୍ରିମକୋର୍ଟ ଗୁରୁବାର ଦିଲ୍ଲୀ ପୋଲିସକୁ ଅନୁମତି ଦେଇଛନ୍ତି। ତାଙ୍କ ବିରୋଧରେ ଆପରାଧିକ ମାମଲା ଦାଏର ହୋଇଥିଲା। ଏଥିସହ ଆମ୍ରପାଲି ଗ୍ରୁପ୍‌ର ଦୁଇ ନିର୍ଦ୍ଦେଶକ ଶିବ ପ୍ରିୟ ଏବଂ ଅଜୟ କୁମାରଙ୍କୁ ମଧ ଗିରଫ କରାଯାଇପାରିବ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ ଅରୁଣ ମିଶ୍ର ଏବଂ ୟୁ.ୟୁ. ଲଳିତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଉତ୍ତର ପ୍ରଦେଶ ପୋଲିସ ନଜରରେ ଏକ ହୋଟେଲରେ ରହୁଥିବା ଅନିଲ ଓ ଅନ୍ୟ ନିର୍ଦ୍ଦେଶକଙ୍କୁ ଗିରଫ କରିବା ଲାଗି ସୁପ୍ରିମକୋର୍ଟ କେବେ ବି ବାରଣ କରିନାହାନ୍ତି। ସିଏମ୍‌ଡି ଅନିଲ ଏବଂ ଅନ୍ୟ ଦୁଇ ନିର୍ଦ୍ଦେଶକଙ୍କର ବ୍ୟକ୍ତିଗତ ସମ୍ପତ୍ତି ଜବତ କରିବାକୁ ସୁପ୍ରିମକୋର୍ଟ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ବିରୋଧରେ ଦିଲ୍ଲୀ ପୋଲିସର ଆପରାଧିକ ଶାଖାରେ ଏକ ମାମଲା ଦାଏର ହୋଇଥିଲା। ସୂଚନାଥାଉ କି, ପ୍ରାୟ ୪୨ ହଜାର ଫ୍ଲାଟ୍ କ୍ରେତାଙ୍କ ପକ୍ଷରୁ ଆଗତ ଏକାଧିକ ମାମଲାର ଶୁଣାଣି କରୁଥିବା ସର୍ବୋଚ୍ଚ ଅଦାଲତ ଆମ୍ରପାଲି ଗ୍ରୁପ୍ ସିଏମ୍‌ଡି ଓ ନିର୍ଦ୍ଦେଶକଙ୍କ ବିରୋଧରେ ପଦକ୍ଷେପ ନେଇ ସେମାନଙ୍କୁ ଏକ ହୋଟେଲରେ ବନ୍ଦୀ ଭଳି ଅଟକ ରଖିଛନ୍ତି। ସୁପ୍ରିମକୋର୍ଟ ନିର୍ଦ୍ଦେଶ ପରେ ଅନିଲ ଓ ଅନ୍ୟ ଦୁଇ ନିର୍ଦ୍ଦେଶକଙ୍କୁ ଗିରଫ କରିବା ସହଜ ହେବ।

### ଟିକସ ଆଦାୟ ବଢ଼ାଇବାକୁ ସିବିଡିଟିର ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୮-୨: ଟିକସ ସଂଗ୍ରହ ବୃଦ୍ଧି ସହ ଆୟକରଦାତାଙ୍କ ସଂଖ୍ୟା ବଢ଼ାଇବାକୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ(ସିବିଡିଟି)ର ନୂଆ ଅଧକ୍ଷ ପି.ସି.ମୋଦି ଆୟକର ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଛୋଟ ଟିକସଦାତାଙ୍କ ଅସୁବିଧାକୁ ବୁଝି ସେମାନଙ୍କ ଅଭିଯୋଗ ଦୂର କରିବା ଲାଗି ଆୟକର ଅଧିକାରୀମାନଙ୍କୁ ନିଜ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ସହ ଉତ୍ତରଦାୟୀ ହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଗତ ୨୬ରେ ଲେଖିଥିବା ପତ୍ରରେ ନୂଆ ଅଧକ୍ଷ ମୋଦି କହିଛନ୍ତି ଯେ, ରାଜସ୍ୱ ଆଦାୟ ବୃଦ୍ଧି କରିବା ସମସ୍ତଙ୍କର ପ୍ରାଥମିକତା ହେବା ଆବଶ୍ୟକ। ଏଥିସହି ଟିକସଦାତାଙ୍କ ସଂଖ୍ୟାକୁ ବ୍ୟାପକ ହାରରେ ବଢ଼ାଇବାକୁ ସେ ପରାମର୍ଶ ଦେଇଛନ୍ତି। ସୂଚନାଥାଉ କି, ସିବିଡିଟିର ନୂଆ ଅଧକ୍ଷ ମୋଦି ଚଳିତ ବର୍ଷ ଜୁନ୍ ପର୍ଯ୍ୟନ୍ତ ନିଜ ଦାୟିତ୍ୱ ତୁଲାଇବେ।

### ପୁଣି ବ୍ୟାଙ୍କ ମିଶ୍ରଣର ସଙ୍କେତ ଦେଲେ ଜେଟ୍‌ଲୀ

ନୂଆଦିଲ୍ଲୀ,୨୮-୨: ଦେଶରେ ଦୁର୍ବଳ ଓ ଛୋଟ ବ୍ୟାଙ୍କଗୁଡ଼ିକୁ ମିଶାଇ ଦେବା ସପକ୍ଷରେ ମତପ୍ରକାଶ କରିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ। ବିଶ୍ୱ ସ୍ତରରେ ବଡ଼ ଓ ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ ବ୍ୟାଙ୍କର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ଇଣ୍ଡିଆନ ବ୍ୟାଙ୍କସ୍ ଆସୋସିଏଶନରେ ଉଦ୍‌ବୋଧନ ଦେଇ ଜେଟ୍‌ଲୀ କହିଛନ୍ତି ଯେ, ଗତ ୨-୩ ତ୍ରୈମାସରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ (ଏନ୍‌ପିଏ)ପରିମାଣ ଯଥେଷ୍ଟ ହ୍ରାସ ପାଇଛି। ଏନ୍‌ଡିଏ ସରକାର ଫୋନ ବ୍ୟାଙ୍କିଂ ବ୍ୟବସ୍ଥାକୁ ବନ୍ଦ କରିଦେଇଛନ୍ତି। ରାଷ୍ଟ୍ରାୟତ୍ତ ବ୍ୟାଙ୍କର କାର୍ଯ୍ୟକଳାପରେ ସରକାର ହସ୍ତକ୍ଷେପ କରୁନାହାନ୍ତି। ବ୍ୟାଙ୍କ ଏବଂ ବ୍ୟାଙ୍କିଂ ସେକ୍ଟରକୁ ସୁଦୃଢ଼ କରିବା ଲାଗି ଆଇନ ସମେତ ଯାହା ଆବଶ୍ୟକ ପଡ଼ିବ, ସେନେଇ ସରକାର ପଦକ୍ଷେପ ନେବେ।

# ୬.୬%କୁ ଖସିଲା ଜିଡିପି ହାର

ନୂଆଦିଲ୍ଲୀ,୨୮-୨




ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) ବିକାଶ ହାର ୬.୬%କୁ ହ୍ରାସ ପାଇଛି। ପ୍ରଥମ ଓ ଦ୍ୱିତୀୟ ତ୍ରୈମାସରେ ଏହା ଯଥାକ୍ରମେ ୮.୨% ଓ ୭.୧% ରହିଥିଲା।

ଘରୋଇ ଓ ବିଦେଶରେ ଚାହିଦା କମିବା ଯୋଗୁ ଜିଡିପି ବିକାଶ ହାର ୭ ପ୍ରତିଶତରୁ କମ୍ ରହିଛି। ତଥାପି ଭାରତର ଅର୍ଥନୀତି ବିକାଶ ହାର ପଡୋଶୀ ଚାଇନାଠାରୁ ଆଗରେ ରହିଛି। ତୃତୀୟ ତ୍ରୈମାସରେ ପଡୋଶୀ ଦେଶର ଜିଡିପି ୬.୪% ରହିଛି। ଅପରପକ୍ଷରେ ପ୍ରଥମ ତ୍ରୈମାସର ଜିଡିପି ବିକାଶ ହାରକୁ ସଂଶୋଧିତ କରି ୮% ରଖାଯାଇଛି, ଯାହାକି ପୂର୍ବରୁ ୮.୨% ରହିଥିଲା। ସେହିପରି ଦ୍ୱିତୀୟ ତ୍ରୈମାସର ଅଭିବୃଦ୍ଧି ହାରକୁ ୭ ପ୍ରତିଶତକୁ ସଂଶୋଧିତ କରାଯାଇଛି, ଯାହାକି ୭.୧୨% ରହିଥିଲା। ମାନୁଫାକ୍ଚରିଂ ସେକ୍ଟରରେ ଦେଶର ପ୍ରଦର୍ଶନ ଭଲ ରହିଥିଲା ଓ ଏହା ବିଶ୍ୱରେ ୬ଷ୍ଠ ସବୁଠାରୁ ବଡ଼ ଅଟୋ ଉତ୍ପାଦକ ଭାବେ ଉଭା ହୋଇଛି। ଅନୁରୂପ ଭାବେ ଏହା ସ୍ମାର୍ଟଫୋନ ଉତ୍ପାଦନରେ ମଧ ବ୍ୟାପକ ବିସ୍ତାର କରିଚାଲିଛି। ଗତ ୩ ବର୍ଷରେ ମାନୁଫାକ୍ଚରିଂ ସେକ୍ଟରର ଜିଡିପିରେ ଅଂଶଧନ ମାତ୍ର ୧.୫% ବୃଦ୍ଧି ପାଇ ପ୍ରାୟ ୧୮ ପ୍ରତିଶତରେ ପହଞ୍ଚିଯାଇଛି। ଉଚ୍ଚ ଟିକସ ହାର, ଭିତ୍ତିଭୂମି ନିର୍ମାଣ ହ୍ରାସ ପାଇବା ଓ ନିୟାମକୀୟ ନାଳିଫିତା କାରଣରୁ ଭାରତ ଭଳି ଦେଶରେ କାମ କରିବା କଠିନ ହୋଇପଡୁଛି ବୋଲି ନିବେଶକମାନେ ଅଭିଯୋଗ କରୁଛନ୍ତି। ରିଜର୍ଭ ବ୍ୟାଙ୍କର ଡିସେମ୍ବର ମୁଦ୍ରା ନୀତିରେ ଆର୍ଥିକବର୍ଷ ୨୦୧୮-୧୯ ଲାଗି ବିକାଶ ହାର ୭.୪% ରହିବ ବୋଲି ଅନୁମାନ କରାଯାଇଛି। ସେହିପରି ସିଏସ୍‌ଓ ମଧ ଆର୍ଥିକବର୍ଷ ୨୦୧୮-୧୯ ପାଇଁ ଦେଶର ଜିଡିପି ବିକାଶ ହାର ୭.୨% ରହିବ ବୋଲି ଅନୁମାନ କରିଛି। ଅନୁରୂପ ଭାବେ ୨୦୧୯-୨୦ ଆର୍ଥିକବର୍ଷ ଲାଗି ଜିଡିପି ବିକାଶ ହାର ୭.୪% ରହିବ ବୋଲି ଅନୁମାନ କରାଯାଇଛି।

## କୋର୍ ସେକ୍ଟର ଅଭିବୃଦ୍ଧି ୧.୮%କୁ ହ୍ରାସ

ନୂଆଦିଲ୍ଲୀ,୨୮-୨

ଅଶୋଧିତ ତେଲ, ରିଫାଇନେରି ଉତ୍ପାଦ ଓ ବିଜୁଳି କ୍ଷେତ୍ରରେ ଉତ୍ପାଦନ କମିବା କାରଣରୁ ଜାନୁୟାରୀରେ ଦେଶର ୮ ପ୍ରମୁଖ ଉଦ୍ୟୋଗକୁ ନେଇ ଗଠିତ କୋର୍ ସେକ୍ଟର ଅଭିବୃଦ୍ଧି ହାର ୧୯ ମାସର ସର୍ବନିମ୍ନ ସ୍ତର ୧.୮%କୁ ହ୍ରାସ ପାଇଛି। ଗୁରୁବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, କୋଇଲା, ଅଶୋଧିତ ତେଲ, ପ୍ରାକୃତିକ ବାଷ୍ପ, ରିଫାଇନେରି ଉତ୍ପାଦ, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଜୁଳି ଉଦ୍ୟୋଗରେ ଅଭିବୃଦ୍ଧି ହାର ଜାନୁୟାରୀ ୨୦୧୮ରେ ୬.୨% ରହିଥିଲା। ଜାନୁୟାରୀରେ ଅଶୋଧିତ ତେଲ, ରିଫାଇନେରି ଉତ୍ପାଦ ଓ ବିଜୁଳି କ୍ଷେତ୍ରରେ ଉତ୍ପାଦନ ହ୍ରାସ ପାଇ କ୍ରମଶଃ ୪.୩୫, ୨.୬% ଓ ୨.୬% ରହିଥିଲା। ସେହିପରି କୋଇଲା ଓ ସିମେଣ୍ଟ ସେକ୍ଟରରେ ବିକାଶ ହାର ଜାନୁୟାରୀରେ ହ୍ରାସ ପାଇ ଯଥାକ୍ରମେ ୧.୭% ଓ ୧୧ ପ୍ରତିଶତ ରହିଥିଲା। ୨୦୧୮ ଜାନୁୟାରୀରେ ଏହା କ୍ରମଶଃ ୩.୮% ୧୯.୬% ରହିଥିଲା। ତେବେ ଆଲୋଚ୍ୟ ମାସରେ ପ୍ରାକୃତିକ ବାଷ୍ପ, ସାର ଓ ଇସ୍ପାତ ଉତ୍ପାଦନ ଯଥାକ୍ରମେ ୬.୨%, ୧୦.୫% ଓ ୮.୨%କୁ ବୃଦ୍ଧି ପାଇଛି। ପାରମ୍ପରିକ ଢାଞ୍ଚା କ୍ଷେତ୍ର ଧିମା ହେବାର ପ୍ରଭାବ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ ଉପରେ ପଡିବ, କାରଣ ଫ୍ୟାକ୍ଟ୍ରି ଉତ୍ପାଦନରେ ଏହିସବୁ କ୍ଷେତ୍ରର ଅଂଶ ପ୍ରାୟ ୪୧% ରହିଛି। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ୨୦୧୮-୧୯ ଆର୍ଥିକବର୍ଷର ଏପ୍ରିଲରୁ ଜାନୁୟାରୀ ମଧ୍ୟରେ ୮ କୋର୍ ସେକ୍ଟର ଅଭିବୃଦ୍ଧି ହାର ୪.୫% ରହିଥିବାବେଳେ ପୂର୍ବବର୍ଷ ଏହା ୪.୧% ରହିଥିଲା।

## ବଜାଜ ଅଟୋର ସିଏନ୍‌ଜି ମଡେଲ ଉନ୍ମୋଚନ



ଭୁବନେଶ୍ୱର,୨୮-୨(ବ୍ୟୁରୋ)

ବଜାଜ ଅଟୋ କମ୍ପାନୀ ଲିମିଟେଡ ପକ୍ଷରୁ ଏହାର ପୁରୀସ୍ଥିତ ଗ୍ରାଣ୍ଡ ଅଟୋମୋବାଇଲ ସହଯୋଗରେ ନୂଆ ସିଏନ୍‌ଜି ପ୍ରଡକ୍ଟ ଉନ୍ମୋଚନ କରାଯାଇଛି। ପୁରୀ ଏବଂ ଉତ୍ତରା ସିଏନ୍‌ଜି ଷ୍ଟେଶନଠାରେ ମଡେଲଗୁଡ଼ିକର ପ୍ରଦର୍ଶନ କରାଯାଇଛି। କମ୍ପାନୀ ପକ୍ଷରୁ ଗିରିଶ ପତି, ମନୋଜ ସାହୁ, ଦିବ୍ୟଲୋଚନ ପାତ୍ର, ଧର୍ମେନ୍ଦ୍ର ଦ୍ୱିବେଦୀ ଏବଂ ଡିଲର ଟିମ୍ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଥିଲେ। କମ୍ପାନୀ କମ୍ପାକ୍ଟ ସିଏନ୍‌ଜି, ମାକ୍ସିମା ଜେଡ୍ ସିଏନ୍‌ଜି, ଓ୍ୱାଇଡର ସିଏନ୍‌ଜି, କାର୍ଗୋ ସିଏନ୍‌ଜି ଭଳି ୪ଟି ରେଞ୍ଜର ଯାନ ବଜାରକୁ ଆଣିଛି। ଗ୍ରାହକଙ୍କୁ ସର୍ବୋତ୍ତମ ସର୍ଭିସ ସୁବିଧା ପ୍ରଦାନ କରାଯାଉଥିବା ଡିଲର ରବି ନାରାୟଣ ଖୁଣ୍ଟିଆ କହିଛନ୍ତି। ମଡେଲଗୁଡ଼ିକରେ ଗ୍ରାହକ ଲିଟର ପିଛା ୫୦ କିମି ମାଇଲେଜ, ନ୍ୟୁନ ମେଣ୍ଟେନାନ୍ସ ଖର୍ଚ୍ଚ, ସର୍ବୋଚ୍ଚ ପୁନଃ ବିକ୍ରି ଭାଲ୍ୟୁ ଲାଭ କରିପାରିବେ। ସେହିଭଳି ଶୋ'ରୁମ ପକ୍ଷରୁ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ଇଏମ୍‌ଆଇ ସ୍କିମ ଘୋଷଣା କରାଯାଇଛି।

## ଓଜିବି ଅଫିସର୍ସ ଆସୋସିଏଶନର ସାଧାରଣସଭା




ଭୁବନେଶ୍ୱର,୨୮-୨(ବ୍ୟୁରୋ)

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି) ଅଫିସର୍ସ ଆସୋସିଏଶନ ପକ୍ଷରୁ ଦ୍ୱିବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଅଧକ୍ଷ ବୃନ୍ଦାବନ ନାୟକ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଏଆଇଆର୍‌ଆର୍‌ବିଇଏର ସାଧାରଣ ସମ୍ପାଦକ ଭେଙ୍କଟେଶ୍ୱର ରେଡ୍ଡୀ ଯୋଗଦେବା ସହ ସଂଘର ବିଚାରାଧାରା ଉପରେ ଆଲୋକପାତ କରିଥିଲେ। ବ୍ୟାଙ୍କର ସଫଳତା ଏବଂ ଲାଭ ଉପରେ ଅଧକ୍ଷ ନାୟକ ସୂଚନା ଦେଇଥିଲେ। ବେଫି ସଙ୍ଗଠନ ଓଡ଼ିଶା ଶାଖାର ସମ୍ପାଦକ ପ୍ରକାଶ ରାଏ, ପ୍ରଦୀପ ଷଡଙ୍ଗୀ, ସଂଘର ସଭାପତି ସ୍ୱରୂପ ବସା, ସାଧାରଣ ସମ୍ପାଦକ ପି.କେ. ଭଞ୍ଜ, ଗ୍ରାମ୍ୟ ବ୍ୟାଙ୍କ ଓଡ଼ିଶା ସଙ୍ଗଠନର ସଭାପତି ଅକ୍ଷୟ ସାହୁ, ସମ୍ପାଦକ ପୁଳିନ ମିଶ୍ର, କେନ୍ଦ୍ରୀୟ ସଙ୍ଗଠନ ସଭ୍ୟ, ମହେଶ୍ୱର ମହାରଣା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ସଂଘର ନୂତନ କର୍ମକର୍ତ୍ତା ଭାବେ ସ୍ୱରୂପ ବାସା ସଭାପତି, ସାଧାରଣ ସମ୍ପାଦକ ଭାବେ ପି.କେ ଭଞ୍ଜ, ସତ୍ୟବ୍ରତ ନନ୍ଦ କାର୍ଯ୍ୟକାରୀ ସଭାପତି, ଅସିତ ଖଣ୍ଡେଇ ଉପସାଧାରଣ ସମ୍ପାଦକ ରୂପେ ନିର୍ବାଚିତ ହୋଇଥିଲେ।

## କଟକରେ ଏମ୍‌ଏସ୍‌ଏମ୍‌ଇ ଆଉଟରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୮-୨(ବ୍ୟୁରୋ)

ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ପକ୍ଷରୁ କଟକଠାରେ ଏକ ଏମ୍‌ଏସ୍‌ଏମ୍‌ଇ ଆଉଟରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଏବଂ ରାଜ୍ୟ ସରକାର, ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକାରୀ ସଂସ୍ଥା, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ଆର୍ଥିକ ସଂସ୍ଥାଗୁଡ଼ିକର ସହଯୋଗରେ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପାରମ୍ପରିକ ଫିଲିଗ୍ରୀ କାରିଗର ଏବଂ ପ୍ରମୋଟରଙ୍କୁ ସହାୟତା ପ୍ରଦାନ ଲକ୍ଷ୍ୟରେ ଏଭଳି ଏକ ପଦକ୍ଷେପ ନିଆଯାଇଛି। ଏଥିରେ ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚରଣ ସିଂ ଯୋଗ ଦେଇଥିଲେ। ଜିଲାସ୍ତରରେ କ୍ଷୁଦ୍ର ଉଦ୍ୟୋଗୀଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ଆର୍ଥିକ ସହାୟତା ଉପଲବ୍ଧ କରାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ଅବସରରେ ହିତାଧିକାରୀଙ୍କୁ ଋଣ ଅନୁମୋଦନ ପତ୍ର ପ୍ରଦାନ କରାଯାଇଥିଲା।



## ସିଣ୍ଡିକେଟ ବ୍ୟାଙ୍କ ପକ୍ଷରୁ ଟାଉନହଲ ବୈଠକ



ଭୁବନେଶ୍ୱର,୨୮-୨

ସିଣ୍ଡିକେଟ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ-୧ ପକ୍ଷରୁ ବାଲେଶ୍ୱରର ଏକ ହୋଟେଲରେ ଟାଉନ୍‌ହଲ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବ୍ୟାଙ୍କର ମହାପ୍ରବନ୍ଧକ ଜେ.ଏମ୍.ପ୍ରହ୍ଲାଦ କର୍ମଚାରୀଙ୍କୁ ସମ୍ବୋଧନ କରିବା ସହ ବ୍ୟାଙ୍କର ସର୍ବାଙ୍ଗୀନ ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ-୧ର ପ୍ରବନ୍ଧକ କେ.ସି.ଟୁଡୁ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

**NATIONAL INSTITUTE OF FASHION TECHNOLOGY, BHUBANESWAR**
(Ministry of Textile, Govt. of India)
NIFT Campus, IDCO Plot No.24, Chandaka Industrial Estate, Patia, Bhubaneswar-751024 Phone : 0674-2305700 Fax: 2305710
Website: www.nift.ac.in/bhubaneswar

"नामुमकिन अब मुमकिन है"

**E-TENDER NOTICE**

E-Tenders are invited by NIFT Bhubaneswar for annual contract for Coffee Shop and procurement of items for Photography Lab, last date for receipt of e-tenders are **22.03.2019** & **25.03.2019** respectively. Details available in e-tender portal and NIFT website www.nift.ac.in/bhubaneswar

Director

**SAMBALPUR UNIVERSITY INSTITUTE OF INFORMATION TECHNOLOGY**

**QUOTATION CALL NOTICE**

No.: 187 / SUIIT Date: 28.02.2019

Sealed quotations are invited from authorized and intending Firms / Printing Press having valid GST Registration, VATCC, PAN etc. for printing of blank answer script of SUIIT. The quotation should reach to the undersigned on or before dated 11.03.2019 by 3:00 PM and the quotations will be opened on the same day at 4:00 PM.

For details of Specification / quantities of Answer Scripts and other terms and conditions visit www.suiit.ac.in.

Sd./- Director, SUIIT

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o the GM (Elect.) E.H.T. Construction Circle, Bhubaneswar-22. **CIN: U40102OR2004SGC007553**

Advt. No. GM-EHT (C) Circle-BBSR-04/2018-19 Dated 27.02.2019

**NOTICE INVITING TENDER**

Sealed tenders are invited from registered Vehicle owners / Travel Agencies having valid PAN card, GSTIN registration No., Contract carrying certificate/Taxi Permit, State road permit to run the vehicle within the state of Odisha & fulfilling all other criteria as per rules of transport department for "Hiring of Diesel Run Commercially registered light vehicle (AC. Indigo or equivalent) on monthly basis with daily hiring rate for official use by the G.M. (Ele.) EHT(C) Circle, Bhubaneswar" for a contract period of 1 (One) Year. **Cost of Tender Paper (Non-refundable) :** Rs.2,000/- + 12% GST = Rs.2,240/- only. **EMD :** 1% of total estimated cost. **Sale of Tender Documents :** From 07.03.2019 to 18.03.2019 (11:00 AM to 03:00 PM). **Last Date of Submission of Tender :** 19.03.2019 up to 03.00PM. **Date & Time of Opening of Tender :** 19.03.2019 at 04:00 PM. For details, please visit our website **www.optcl.co.in.** **Corrigendum, if any, will be published in the website or in the office notice board only.**

Sd/- General Manager (Elect.)

Please connect us: optcl.odisha optcl_odisha energyodisha

idco Your power to grow ISO 9001 & 14001 CORPORATION | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR
Tender Call Notice No. HO/CIVIL/ T&E-E-4315/01/2016/ 4082 Dt-25.02.19

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work :** Supply, delivery, installation, testing and commissioning of Sound Reinforcement system at Jawaharlal Nehru Indoor Stadium, Cuttack.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (Civil), IDCO, IDCO Towers, Janpath, Bhubaneswar. | Bid ID.No. Civil - EST -71/ 2018-19 | 11.00 Hours of dt- 02.03.2019 | 17.00 Hours of dt- 12.03.2019 |

Further details can be seen from the e-procurement portal. **www.tendersodisha.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website**.

Sd/-
Chief General Manager (Civil), I/C
IDCO, Bhubaneswar

**BHUBANESWAR MUNICIPAL CORPORATION**

No. 7424 **NOTICE INVITING TENDER (NIT)** Date. 27.02.2019

**NATIONAL COMPETITIVE BIDDING THROUGH e-Procurement**
**Tender/Bid Identification No. BMC-CE-(II) 2/2018-2019 Dt.27.02.2019**

On behalf of the Commissioner, Bhubaneswar Municipal Corporation (BMC), City Engineer, Bhubaneswar Municipal Corporation invites **Percentage Rate Bids through e-Procurement** in conformity with the terms and conditions of the Detailed Tender Call Notice (DTCN) in Two Bid system (Part-I : General & Technical Bid and Part-II: Financial Bid/Price Bid/BOQ) from intending **bidders** fulfilling the minimum eligibility criteria as and other detailed qualifying requirements given in this DTCN and to be eventually drawn up in the standard $P_1$ Contract Form of BMC.The bid should be submitted on-line through the website ***www.tendersorissa.gov.in*** by eligible class of contractors. The bidders should have the necessary Portal Enrolment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before signing agreement as per prevalent registration norms of state.

| Sl. No. | Name of the work | Amount put to Tender (In Lakh) | E.M.D * (In Lakhs) | Cost of Tender Documents | Period of Completior in days | Class of Contractor Eligible to Participate |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Rejuvenation and sustainable conservation of Bindusagar. | 2,33,71,292/- | 23.375 | 11200.00 | 365 | "B" or "A" |
| 2 | Rejuvenation and sustainable conservation of Periphery Ponds of Bindusagar. | 67,13,548/- | 6.715 | 11200.00 | 180 | "D" or "C" |

2. Mode of Submission of tender : Tender should be submitted online in **www.tendersodisha.gov.in.**
3. The bidders desirous to participate in bidding must possess compatible Digital Signature Certificate of Class-II or Class-III and should follow the changes/ modifications/ addendum to DTCN, if any.
4. Cost of BID document and EMD should be submitted through online only (refer-23.2 (A) of DTCN.
5. **Critical Dates:-**

| SN | Description | | Critical Dates |
|---|---|---|---|
| I | Period of availability of tenders on-line | : | 04.03.2019 to 25.03.2019 |
| ii | Last date & time of seeking clarification as per Schedule - J | : | 18.03.2019 up to 5.00 PM |
| iii | Last date & time of bidding on-line | : | 25.03.2019 up to 5.00 PM |
| iv | Date & time of opening of Technical Bid | : | 27.03.2019 at 04.00 PM |
| v | Date & time of opening of Financial Bid | : | Will be intimated to Technically successful bidder (s) |

5. **Minimum Eligibility Criteria:-**

I) Average Annual Financial turnover during the last 3 year, ending 31st March of the previous financial year, should be at least 30% of the estimated cost.
ii) Experience of having successfully completed similar works during last 7 years ending last day of the month previous to the one in which application are invited should be either of the following : -
   a. Three similar completed works costing not less than the amount equal to 40% of the estimated cost.
   **or**
   b. Two similar completed works costing not less than the amount equal to 50% of the estimated cost.
   **or**
   c. One similar completed works costing not less than the amount equal to 80% of the estimated cost.

**Note :-** " Similar work" such as Renovation/Reclamation/Construction of Water bodies. The firm shall have to submit the performance certificate of the works constructed by them for satisfactory performance from appropriate authority i.e., not below the rank of Executive Engineer/equivalent.

6. The bid for the work shall remain open for acceptance for a period of **120 days** from the date of opening of price bids. If any Bidder/ Tenderer withdraws his bid/tender before the said period or makes any modifications in the terms and conditions of the bid, the said earnest money shall stand forfeited.
7. Other details can be seen in the bidding documents, which is available in website **www.tendersorissa.gov.in.**
8. The Bidder should have not been black listed by any Govt/ Govt. Undertaking or should have not been debarred from BMC on the bid opening date. Self-declaration certificate by Bidder in the form of Affidavit is to be submitted.
9. Subsequent corrigendum if required shall be appeared in the website.
10. Authority reserves the right to reject any or all the tenders without assigning any reasons thereof.

**By Order of Commissioner, BMC**

City Engineer
Bhubaneswar Municipal Corporation

**Progress Through Partnership for a Better Bhubaneswar**

# ଗେଲ୍‌ଙ୍କ ବିସ୍ଫୋରକ ଶତକ ନିଷ୍ପ୍ରଭ

**ସେଣ୍ଟ ଜର୍ଜ୍ସ (ଗ୍ରେନାଡ), ୨୮।୨(ଏଏଫ୍‌ପି)**

କ୍ରିସ୍ ଗେଲ୍‌ଙ୍କ ବିସ୍ଫୋରକ ଶତକ ସତ୍ତ୍ୱେ ୱେଷ୍ଟଇଣ୍ଡିଜ ଏଠାରେ ଖେଳାଯାଇଥିବା ୪ର୍ଥ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଇଂଲଣ୍ଡଠାରୁ ୨୯ ରନରେ ପରାସ୍ତ ହୋଇଛି। ଜୋଶ୍ ବଟ୍‌ଲର ଓ ଅଧିନାୟକ ଇଅନ ମୋର୍ଗାନଙ୍କ ଶତକ ସାଙ୍ଗକୁ ଲେଗ୍-ସ୍ପିନର ଆଡିଲ ରଶିଦ ୫ଟି ବଲରେ ୪ଟି ଉଇକେଟ୍ ଅକ୍ତିଆର କରି ଇଂଲଣ୍ଡକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ବିଜୟ ସହ ଇଂଲଣ୍ଡ ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୨-୧ରେ ଅଗ୍ରଣୀ ଲାଭ କରିଛି। ସିରିଜର ଅନ୍ତିମ ତଥା ନିର୍ଣ୍ଣାୟକ ୫ମ ମ୍ୟାଚ୍ ଆସନ୍ତା ଶନିବାର ସେଣ୍ଟ ଲୁସିଆଠାରେ ଖେଳାଯିବ। ପୂର୍ବରୁ ବର୍ଷା ଯୋଗୁ ୩ୟ ମ୍ୟାଚ୍ ବାତିଲ ହୋଇଥିଲା।

ଏହି ହାଇସ୍କୋରିଂ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ଅଧିନାୟକ ମୋର୍ଗାନଙ୍କ ୧୦୩ (୮୮ ବଲ୍, ୮ ଚୌକା, ୬ ଛକା) ଓ ଉଇକେଟ୍‌କିପର ବଟଲରଙ୍କ ୧୫୦ ରନର (୭୭ ବଲ, ୧୩ ଚୌକା, ୧୨ ଛକା)ଦ୍ରୁତ ଶତକ ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ୍ ହରାଇ ୪୧୮ ରନ କରିଥିଲା। କାରବୀୟ ମାଟିରେ ଏହା ସର୍ବାଧିକ ଦିନିକିଆ ସ୍କୋରର ମାନ୍ୟତା ପାଇଛି। ଚତୁର୍ଥ ଉଇକେଟ୍ ଯୋଡ଼ିରେ ବଟଲର ଓ ମୋର୍ଗାନ ୨୦୪ ରନର ପାର୍ଟନରଶିପ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲେକ୍ସ ହେଲ୍ସ ୮୨ ଓ ଜନୀ ବେୟାରଷ୍ଟୋ ୫୬ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଘରୋଇ ଦଳ ପକ୍ଷରୁ କାର୍ଲୋସ ବାର୍ଥୱେଟ୍ ଓ ଓସାନେ ଥୋମାସ ୨ଟି ଲେଖାଏ ଉଇକେଟ୍ ମିଳିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ଗେଲ୍‌ଙ୍କ ୯୭ ବଲରୁ ୧୬୨ ରନର ମାରାଥନ ଇନିଂସ ସତ୍ତ୍ୱେ ୪୮ ଓଭରରେ ୩୮୯ ରନରେ ସୀମିତ ରହିଥିଲା। ଗେଲ୍‌ଙ୍କ ଏହି ଇନିଂସ ମଧ୍ୟରେ ୧୧ ଚୌକା ଓ ୧୪ ଛକା ସାମିଲ ଥିଲା। ଡ୍ୱେନ ବ୍ରାଭୋ (୬୧), ବାର୍ଥୱେଟ୍ (୫୦) ଓ ଆସଲୀ ନର୍ସ (୪୩) ଉପଯୋଗୀ ଇନିଂସ ଖେଳିଥିଲେ ମଧ୍ୟ ଦଳ ଟାର୍ଗେଟ୍‌ଠାରୁ ୨୯ ରନ ପଛରେ ରହିଯାଇଥିଲା। ବିଜୟୀ ଦଳ ପକ୍ଷରୁ ରଶିଦ ୫ ଓ ମାର୍କ ଉଡ୍ ୪ଟି ଉଇକେଟ୍ ଅକ୍ତିଆର କରିଥିଲେ। ମ୍ୟାଚ୍‌ର ୪୮ତମ ଓଭରରେ ରଶିଦ ୪ଟି ଉଇକେଟ୍ ନେଇ ୱେଷ୍ଟଇଣ୍ଡିଜର ବିଜୟ ଆଶା ଧୂଳିସାତ୍ କରିଥିଲେ। ଏହି ହାଇସ୍କୋରିଂ ମ୍ୟାଚ୍‌ରେ ଉଭୟ ଦଳ ମୋଟ୍ ୮୦୭ ରନ କରିଥିଲେ, ଯେଉଁଥିରେ ମୋଟ୍ ୪୬ ଛକା ରହିଥିଲା। ଗୋଟିଏ ଦିନିକିଆ ମ୍ୟାଚ୍‌ର ଉଭୟ ଇନିଂସରେ ଏହା ରେକର୍ଡ ସଂଖ୍ୟକ ଛକା।

**ରେକର୍ଡ ୨୪ ଛକା**

ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍‌ର ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିବାର ରେକର୍ଡ ଇଂଲଣ୍ଡ ନାମରେ ହୋଇଛି। ଏହି ମ୍ୟାଚ୍‌ରେ ମୋଟ୍ ୪୬ ଛକା ହୋଇଥିବାବେଳେ ସେଥିମଧ୍ୟରୁ ଇଂଲଣ୍ଡ ଇନିଂସରେ ୨୪ ଛକା ଦେଖିବାକୁ ମିଳିଥିଲା। ଇଂଲଣ୍ଡ ପକ୍ଷରୁ ବଟଲର ୧୨, ମୋର୍ଗାନ ୬, ବେୟାରଷ୍ଟୋ ୪ ଓ ହେଲ୍ସ ୨ଟି ଛକା ମାରିଥିଲେ। ପୂର୍ବରୁ ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିବା ରେକର୍ଡ ୱେଷ୍ଟଇଣ୍ଡିଜ ନାମରେ ରହିଥିଲା। ଚଳିତ ସିରିଜର ପ୍ରଥମ ଦିନିକିଆରେ ୱେଷ୍ଟଇଣ୍ଡିଜ ୨୩ଟି ଛକା ମାରିଥିଲା।

---

## Food Corporation of India
### Regional Office, Bhubaneswar

No. S&S/2/OMSS (D)/BC/Wheat/2018-19/Vol.I Date : 28.02.2019

**SALE OF WHEAT BY FCI THROUGH E-AUCTION**

Bids are invited for weekly sale of wheat under OMSS (D) for the month of Mar-19 from Bulk Consumers already empanelled with FCI through E-Auction platform of mjunction services limited. Empanelment of new bulk consumers / traders shall be carried out by mjunction services limited.
The notice of e-auction will be issued on 1st, 8th, 15th & 22nd Mar-19 and e-auction will be conducted on 6th, 13th, 20th & 27th Mar-19 respectively between 11.00 AM to 2.00 PM on the auction day in the mjunction services limited website : http://www.valuejunction.in/fci. For further details please visit http://fci.gov.in and http://www.valuejunction.in/fci.

GENERAL MANAGER (ODISHA)

---

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
O/o the DGM, E.H.T. (O&M) Division, Cuttack, GRIDCO Coloney, Badambadi. CIN: U40102OR2004SGC007553

**OPEN TENDER CALL NOTICE**

Sealed Tenders are invited by the undersigned from Reputed Manufacturers / Experienced Suppliers / Authorised Dealers having valid PAN & GST Registration Certificate for **Tender Call Notice No. 16 (Part-A)** towards supply of different type of PT & CT Console box for Jagatsinghpur Grid S/S & **No. 16 (Part-B)** supply of Silica gel breathers required for different Grid S/S. **Cost of Tender Paper** is Rs.672.00 against Tender Call Notice No. 16 (PART-A) & Rs.448.00 against Tender Call Notice No. 16 (PART-B) which is non-refundable. **EMD** (in the shape of DD from reputed Nationalised Bank) is Rs.2,000.00 against Tender Call Notice No. 16 (PART-A) & Rs.500.00 against Tender Call Notice No. 16 (PART-B). **Sale of Tender Documents** : Dt.28.02.2019 to Dt.11.03.2019 up to 1:00 PM (During office Hours), **Last Date of Receipt of Tender Paper** : Dt.11.03.2019 up to 5:00PM. **Tenders will be Opened** : on Dt.12.03.2019 i.e. Tender No. 16 at 4:00 PM. **Corrigendum, if any, will be published in the website only i.e www.optcl.co.in.**

Sd/-
Dy. General Manager (Elect.)

Please connect us: optcl.odisha optcl_odisha energyodisha

---

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: ୫୮୪୧/ଭୁ.ଉ.କ., ଭୁବନେଶ୍ୱର ତା୨୨।୦୨।୨୦୧୯ରିଖ
KNH - 446/93

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗନଗର ଜମି ପ୍ରକଳ୍ପ ଅନ୍ତର୍ଗତ LIG Plot No.K-4-539 କୁ ଶ୍ରୀ କ୍ଷେତ୍ରମୋହନ ମୁର୍ମୁ, ପିତା- ପୂର୍ଣ୍ଣଚନ୍ଦ୍ର ମୁର୍ମୁ, ଗ୍ରାମ ଉପରବେଡା, ପୋଅ- ହାଟବଦ୍ରା, ଥାନା-ରାଇରଙ୍ଗପୁର, ଜିଲ୍ଲା- ମୟୂରଭଞ୍ଜଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ କ୍ଷେତ୍ରମୋହନ ମୁର୍ମୁ ଗତ ତା.18.09.2014ରିଖରେ ମୃତ୍ୟୁବରଣ କରିଅଛନ୍ତି। ବର୍ତ୍ତମାନ ମୃତ ଆବଣ୍ଟନଗ୍ରାହୀଙ୍କ ସ୍ତ୍ରୀ-ଶ୍ରୀମତୀ ହେମ୍ବ୍ରମ, ପୁତ୍ର-ମୋହିନୀ ମୋହନ ମୁର୍ମୁ ଏବଂ ଝିଅ-ମୀନାକ୍ଷୀ ଦେବୀ ମୁର୍ମୁ ଉକ୍ତ ପ୍ଲଟ୍‌କୁ ଉତ୍ତରାଧିକାରୀ ସୂତ୍ରେ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ ପ୍ଲଟ୍‌ର ଉତ୍ତରାଧିକାରୀ ସୂତ୍ରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(୧୫)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୨

---

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: ୫୩୫୮/ଭୁ.ଉ.କ., ଭୁବନେଶ୍ୱର ତା୧୮।୦୨।୨୦୧୯ରିଖ
NSH - 641/07

**ନୋଟିସ୍**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଗାଡକଣସ୍ଥିତ ନେତାଜୀ ସୁବାସ ଏନ୍‌କ୍ଲେଭ୍ ଗୃହ ନିର୍ମାଣ ପ୍ରକଳ୍ପରେ ଗୃହ ନଂ-HIG Flat No.R-05 କୁ ଶ୍ରୀ ହେମନ୍ତ କୁମାର ମୋରେ ପିତା: ଲକ୍ଷ୍ମୀନାରାୟଣ ମୋରେ, ଗ୍ରାମ-ପ୍ରୋଫେସର ପଡା, କେନାଲ ରୋଡ୍, ପୋ- କଲେଜ ସ୍କୋୟାର, ଥାନା- ମଙ୍ଗଳାବାଗ, ଜିଲ୍ଲା- କଟକ, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଶ୍ରୀ ହେମନ୍ତ କୁମାର ମୋର ଉକ୍ତ ଗୃହକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ପ୍ରଭାତ କୁମାର ମହାନ୍ତି, ପିତା- ଶରତ ଚନ୍ଦ୍ର ମହାନ୍ତି, ପ୍ଲଟ୍ ନଂ-୪୭୨୮/୨, ଲକ୍ଷ୍ମୀବିହାର, ସୈନିକ ସ୍କୁଲ୍, ଭୁବନେଶ୍ୱର-୭୫୧୦୦୫, ଜିଲ୍ଲା- ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦରଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୧,
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

---

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର,
ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨
କ୍ରମିକ ସଂଖ୍ୟା : ୨୨୧୭ / IND-II-PH-756 ତାରିଖ : ୨୮।୦୨।୨୦୧୯

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଦ୍ୱାରା ତା ୨୯।୦୧।୨୦୧୯ ରିଖରେ "The Times of India" ଏବଂ ''ଧରିତ୍ରୀ'' ଖବରକାଗଜରେ ମେସର୍ସ ଶ୍ରୀ ମହାବୀର ଫେରୋଆଲୋଏଜ୍ ପ୍ରା. ଲି. ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା, କାଲୁଙ୍ଗା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, କାଲୁଙ୍ଗା ଅନ୍ତର୍ଗତ ଜିଆବାହାଲ ଗ୍ରାମରେ ସ୍ଥିତ ପେଲେଟ ପ୍ଲାଣ୍ଟର ସମ୍ପ୍ରସାରଣ ଓ ଉପାଦେୟତା (ଦୈନିକ ୧୮୦୦ ଟନ୍‌ରୁ ୪୮୦୦ ଟନ୍), ଡିଆରଆଇ ପ୍ରକଳ୍ପ (ଦୈନିକ ୩୦୦ ଟନ୍‌ରୁ ୧୦୦୦ ଟନ୍), ଏସ୍‌ଏମ୍‌ଏସ୍ ପ୍ରକଳ୍ପ (ବାର୍ଷିକ ୦.୧ ନିୟୁତ ଟନ୍‌ରୁ ୦.୩ ନିୟୁତ ଟନ୍), କ୍ୟାପଟିଭ୍ ପାୱାର ପ୍ଲାଣ୍ଟ (୧୨ ମେଗାୱାଟ୍‌ରୁ ୩୮ ମେଗାୱାଟ୍) ଏବଂ ରୋଲିଙ୍ଗ ମିଲ୍ (ବାର୍ଷିକ ୦.୨୫ ନିୟୁତ ଟନ୍) ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ ''ସର୍ବସାଧାରଣ ଶୁଣାଣି'' ତା୦୧।୦୩।୨୦୧୯ ରିଖ ଦିବା ୧୧.୦୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, ଲାଠିକଟା ବ୍ଲକ, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଜୟବାହାଲ ଶିବମନ୍ଦିର ପଛ ପ୍ଲଟ୍ ନଂ ୮୨୯, ଖାତା ନଂ ୧୦୬, କାଲୁଙ୍ଗା ''କ'' ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଥିବା ବିଷୟରେ ବିଜ୍ଞାପନ ପ୍ରକାଶ ପାଇଥିଲା। ମାତ୍ର ତା. ୦୧।୦୩।୨୦୧୯ ରିଖରେ ହେବାକୁ ଥିବା ସର୍ବସାଧାରଣ ଶୁଣାଣି କେତେକ ଅନିବାର୍ଯ୍ୟ କାରଣବଶତଃ ସ୍ଥଗିତ କରାଯାଇଅଛି। ପରବର୍ତ୍ତୀ ଶୁଣାଣି ତାରିଖ ଆପଣଙ୍କ ଗୋଚରାର୍ଥେ ବିଭିନ୍ନ ସମ୍ବାଦପତ୍ର ମାଧ୍ୟମରେ ପ୍ରକାଶ କରାଯିବ।
ଏଥି ଜନିତ ଅସୁବିଧା ପାଇଁ ଆମେ ଦୁଃଖିତ।

ସ୍ୱା./- ସଦସ୍ୟ ସଚିବ

---

## PARADIP PORT TRUST
### e-TENDER NOTICE

Name of the work : **"Engagement of 04 nos. of 52 seater buses for transportation of workers inside the custom bound area & CISF personnel's to their duty points".** Estimated cost put to tender **₹60,64,776/-.** The last date & time of submission of bid is **11.03.2019 upto 1700 Hrs.** For details please refer our website : **www.paradipport.gov.in / https://eprocure.gov.in/eprocure/app.**

**Asst. Secretary (Admn.)**
**PPT/PR/663/2018-19, Dt.28.02.2019**

---

## BRAHMAPUR DEVELOPMENT AUTHORITY

Court road, Courtpeta, Brahmapur, Ganjam, Odisha PIN- 760004,
www.bdabrahmapur.in, e-mail: bda.brahmapur311@gmail.com, Phone No- 0680 2292797

**NATIONAL COMPETITIVE BIDDING THROUGH e-PROCUREMENT**
**Invitation for Bids (IFB) No.86/BeDA(Engg.), Dt.27.02.2019**

| Sl. No. | Name of Work | Bid Identification No | Estimated Cost (Rs.) | Class of Contractor | Period of Completion | Availability of Bid Document for Online Bidding From | To | Name & Address of Officer Inviting Bid |
|---|---|---|---|---|---|---|---|---|
| 1. | Design, Construction of Fire exit (M/s.Stair Case) at Administrative Building of Brahmapur Development Authority, Brahmapur. | EM-BeDA-33/ 2018-19 | 880470/- | Regd. Firm only | 3 (Three) Calendar Months | 01.03.19 11Hours | 15.03.19 17Hours | Engineer Member, Brahmapur Development Authority, Courtpeta Brahmapur-760004. |

●Corrigendum and addenda shall be published in official website only. ●The Bidder shall have to participate in **ONLINE** bidding process only. ●Tender shall be opened online on **Dt.16.03.2019** at 11 Hour for EM-BeDA-33/2018-19 ●Further details can be seen from the e-Procurement portal **www.tendersorissa.gov.in** and **www.bdabrahmapur.in**.

**Engineer Member**

---

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: ୫୬୯୫/ଭୁ.ଉ.କ., ଭୁବନେଶ୍ୱର ତା୨୧।୦୨।୧୯ରିଖ
KNH-492/93

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗନଗର ଜମି ପ୍ରକଳ୍ପର ପ୍ଲଟ୍ ନଂ. K8-27 କୁ ବିକ୍ରାନ୍ତ ପ୍ରହରାଜ, ପିତା: ଭିକାରୀ ଚରଣ ପ୍ରହରାଜ, ସା- ପାହାଙ୍ଗା, ଥାନା- ଗୋବିନ୍ଦପୁର, ଜିଲ୍ଲା- କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ବିକ୍ରାନ୍ତ ପ୍ରହରାଜ ଉକ୍ତ ପ୍ଲଟ୍‌କୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଶବ୍ୟସଚି ବେଉରିଆ, ପିତା- ଶରତ ଚନ୍ଦ୍ର ବେଉରିଆ, ପ୍ଲଟ୍ ନଂ.୧୯୩, ବାୟାବାବା ମଠ ରୋଡ, ୟୁନିଟ୍-୯, ଭୁବନେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଠାରେ ଆବେଦନ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୨

---

## OFFICE OF THE NOTIFIED AREA COUNCIL, BINKA

**Dist : Subarnapur (Pin- 767019),**
**Email id : nacbinka@gmail.com, Phone/Fax : 06654-241113**
**E-Tender call notice no. 308/27.02.2019**

### Tender Reference No. BINKA- NAC-4/2018-19

Bid Documents consisting of Work, Estimated Cost, Cost of Tender Paper, EMD Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| | | | |
|---|---|---|---|
| 1 | Type of the Work | : | Civil work |
| 2 | No. of Works | : | 20 nos |
| 3 | Estimated Cost | : | As per DTCN |
| 4 | Period of Completion | : | As per DTCN |
| 5 | Date & Time of Bidding from | : | Dtd. 01.03.2019 after 11.00 AM |
| 6 | Last date & time for receipt online | : | Dtd. 06.03.2019 upto 05.00 PM |
| 7 | Documents will be received by post on or before | : | Dtd. 12.03.2019 upto 05.00 PM. |
| 8 | Bids received shall be opened on | : | Dtd. 13.03.2019 at 11.00 AM |
| 9 | Name and Address of the Officer inviting Bid | : | Executive Officer, Binka N.A.C. |

Further details can be seen from the procurement portal i.e. www.tendersorissa.gov.in

**Sd/- Executive Officer**
**Notified Area Council, Binka**

---

## ପୌର ପରିଷଦ କାର୍ଯ୍ୟାଳୟ, ତାଳଚେର

ପତ୍ର ସଂଖ୍ୟା: ୪୯୭ ତା. ୨୭।୦୨।୧୯

**- ନୋଟିସ -**

**No.521-C:-** ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ତାଳଚେର ପୌର ପରିଷଦ ଅନ୍ତର୍ଗତ ନିମ୍ନ ତଫସିଲ ବର୍ଣ୍ଣିତ ସଇରାତଗୁଡ଼ିକ ସ୍ୱ ୨୦୧୯-୨୦ ବର୍ଷ ପାଇଁ ତା୦୧।୦୪।୨୦୧୯ରିଖଠାରୁ ତା୩୧।୦୩।୨୦୨୦ରିଖ ପର୍ଯ୍ୟନ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଟେଣ୍ଡରରେ ଭାଗନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ତା ୨୮।୦୨।୨୦୧୯ରିଖ ଠାରୁ ତା୦୨।୦୩।୨୦୧୯ରିଖ ଅପରାହ୍ନ ୪.୦୦ ଘ. ମଧ୍ୟରେ (ସରକାରୀ ଛୁଟିଦିନ ବ୍ୟତୀତ) ନିର୍ଦ୍ଦିଷ୍ଟ ଟେଣ୍ଡର ଫର୍ମ ଟ.୨୦୦/-ଙ୍କା (ଦୁଇଶତ ଟଙ୍କା) ଦାଖଲ କରି ପୌର କାର୍ଯ୍ୟାଳୟରୁ କ୍ରୟ କରିପାରିବେ। ଟେଣ୍ଡର ତା୦୬।୦୩।୨୦୧୯ରିଖ ପୂର୍ବାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ ଗ୍ରହଣ କରାଯିବ ଓ ତା୦୬।୦୩।୨୦୧୯ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ। ଟେଣ୍ଡର ପକାଇବା ସମୟରେ ନିମ୍ନବର୍ଣ୍ଣିତ ସର୍ତ୍ତାବଳୀ ପାଳନ କରିବେ ଏବଂ ପରିଷଦର ନିୟମାନୁଯାୟୀ ସମ୍ପତ୍ତି ପରିଚାଳନା କରିବେ ଏବଂ ଫି ଇତ୍ୟାଦି ଆଦାୟ କରିବେ।

**ସର୍ତ୍ତାବଳୀ**

୧. ଜଉମୁଦ ଟେଣ୍ଡରରେ ଭାଗନେବା ବ୍ୟକ୍ତି ଯେଉଁ ସଇରାତ ସମ୍ପତ୍ତିକୁ ଟେଣ୍ଡରରେ ନେବାକୁ ଚାହାନ୍ତି ସେହି ସମ୍ପତ୍ତିର ନିର୍ଦ୍ଧାରିତ ଅମାନତ ଟଙ୍କା ନିର୍ବାହୀ ଅଧିକାରୀ, ତାଳଚେର ମ୍ୟୁନିସିପାଲିଟିଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଟେଣ୍ଡର ପେପର ସହିତ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ଜଉମୁଦ ଲଫାପାରେ ପକାଇବେ, ଯାହାଙ୍କର ଟେଣ୍ଡର ସିଦ୍ଧାନ୍ତ ହେବ ନାହିଁ ତାଙ୍କ ଟଙ୍କା ଫେରସ୍ତ ଦିଆଯିବ।
୨. ଯେଉଁ ବ୍ୟକ୍ତିଙ୍କ ଉପରେ ପରିଷଦର ବକେୟା ପାଉଣା ଥିବ ସେମାନେ ଟେଣ୍ଡରରେ ଭାଗ ନେଇପାରିବେ ନାହିଁ, ଯଦି କରିଥାନ୍ତି ତାହା ଗ୍ରହଣୀୟ ହେବ ନାହିଁ।
୩. ଟେଣ୍ଡର ଫର୍ଦ୍ଦ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମୋଦନ ହେବା ପରେ ଟେଣ୍ଡରଧାରୀ ଉକ୍ତ ଦିନ ସଙ୍ଗେ ସଙ୍ଗେ ସମସ୍ତ ଟଙ୍କା ଏକକାଳୀନ ଦାଖଲ କରିବେ ଓ ୩ (ତିନି) ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ପରିଷଦ ସହିତ ଚୁକ୍ତିନାମା ସମ୍ପାଦନା କରିବେ। ଏହାପରେ ତାଙ୍କୁ ସମ୍ପତ୍ତି ପରିଚାଳନା ନିମନ୍ତେ ହସ୍ତାନ୍ତର କରାଯିବ।
୪. ଯେଉଁ ବ୍ୟକ୍ତିଙ୍କ ନାମରେ ଟେଣ୍ଡର ଧାର୍ଯ୍ୟ ହେବ, ଯଦି ସେହି ବ୍ୟକ୍ତି ସମସ୍ତ ଟଙ୍କା ପଇଠ ନ କରନ୍ତି, ତାଙ୍କ ଟେଣ୍ଡରଟି ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଦେଇଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ।
୫. ଟେଣ୍ଡେରଧାରୀ ନିମ୍ନ ସମ୍ପତ୍ତି ପାଇଁ ପରିଷଦର ନିର୍ଦ୍ଧାରିତ ଧାର୍ଯ୍ୟ ସ୍ଥାନରୁ ମହାସୁଲ ଆଦାୟ କରିବେ।
୬. ଦୈବୀଦୁର୍ବିପାକ କିମ୍ବା କୌଣସି କାରଣରୁ ଟେଣ୍ଡରଧାରୀ ଯଦି କ୍ଷତି ସହନ୍ତି, ତେବେ ପରିଷଦ ଦାୟୀ ରହିବେ ନାହିଁ କିମ୍ବା ଟେଣ୍ଡରଧାରୀ କିଛି ଦାବି କରିପାରିବେ ନାହିଁ। ଏଥିପାଇଁ କୌଣସି ରିହାତି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ।
୭. ଟେଣ୍ଡରଧାରୀ ପରିଷଦର ନିର୍ଦ୍ଦେଶ ପ୍ରକାରେ ଚୁକ୍ତିପତ୍ରର ସର୍ତ୍ତାବଳୀ ମୁତାବକ ସମ୍ପତ୍ତି ପରିଚାଳନା କରିବେ, କୌଣସି ସର୍ତ୍ତ ଖିଲାପ କଲେ କିମ୍ବା ନିୟମାନୁଯାୟୀ ସେହି ସମ୍ପତ୍ତି ପରିଚାଳନା ନ କରିଲେ ଟେଣ୍ଡର ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଅମାନତ ଟଙ୍କାକୁ ବାଜ୍ୟାପ୍ତି କରାଯିବ।
୮. ଟେଣ୍ଡରକାରୀ (ନିର୍ବାହୀ ଅଧିକାରୀ) ଯେ କୌଣସି ଟେଣ୍ଡରର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ ନିମନ୍ତେ ବାଧ୍ୟ ନୁହନ୍ତି। ସେ ଇଚ୍ଛା କଲେ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ କରିପାରିବେ।
୯ ଟେଣ୍ଡର ଖୋଲାଯିବା ସମୟରେ ଟେଣ୍ଡରଧାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିମାନେ ଯଦି ଉପସ୍ଥିତ ନ ରୁହନ୍ତି ତେବେ ବି ନିୟମାନୁଯାୟୀ ଟେଣ୍ଡର ଠିକ୍ ସମୟରେ ଖୋଲାଯିବ। ଏ ବାବଦରେ କୌଣସି ପ୍ରକାର ଅଭିଯୋଗ ଟେଣ୍ଡର ଖୋଲାଯିବା ପରେ ଗ୍ରହଣୀୟ ହେବ ନାହିଁ।
୧୦. ତା.୨୮।୦୨।୨୦୧୯ ରିଖ ଠାରୁ ତା.୦୨।୦୩।୨୦୧୯ ରିଖ ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସରେ ପରିଷଦ କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଟେଣ୍ଡର ଫର୍ମ ଟ.୨୦୦.୦୦ (ଦୁଇ ଶହ ଟଙ୍କା) ମାତ୍ର ଦାଖଲ କରି ପାଇପାରିବେ ଓ ଟେଣ୍ଡର ସମ୍ବନ୍ଧୀୟ ତଥ୍ୟ ବୁଝି ପାରିବେ।
୧୧. ଖାଲପାଳ ନଦୀଘାଟ ପାଇଁ ଯେଉଁ ବ୍ୟକ୍ତି ଟେଣ୍ଡର ପକାଇବେ ଟେଣ୍ଡର ପେପର ସହିତ ଡଙ୍ଗାର ଫିଟନେସ୍ ସାର୍ଟିଫିକେଟ୍ ଓ ଚାଳକ ଲାଇସେନ୍ସ ଦାଖଲ କରିବେ ନଚେତ୍ ଉକ୍ତ ଟେଣ୍ଡର ପେପରଟିକୁ କର୍ତ୍ତୃପକ୍ଷ ରଦ୍ଦ କରିବାକୁ ବାଧ୍ୟ ହେବେ।

| ସଇରାତ ସମ୍ପତ୍ତିଗୁଡ଼ିକର ନାମ | ସରକାରୀ ଡାକ | ଅମାନତ ଟଙ୍କା |
|---|---|---|
| ୧) ଦୈନିକ ଗୁଜୁରୀ ହାଟ | ଟ. ୧,୦୬,୦୦୦/- | ଟ. ୨୨,୦୦୦/- |
| ୨) ରାଣୀପାର୍କ ବସ୍ ପାର୍କିଂ ଫି | ଟ. ୩,୧୧,୦୦୦/- | ଟ. ୬୨,୦୦୦/- |
| ୩) ରାଣୀପାର୍କ ଶୌଚାଳୟ | ୧,୦୫,୦୦୦/- | ଟ. ୨୧,୦୦୦/- |
| ୪) ହାଟତୋଟା ଶୌଚାଳୟ | ଟ. ୨୩,୫୦୦/- | ଟ. ୫,୦୦୦/- |
| ୫) ଅଙ୍ଗାରୁଆ ଶୌଚାଳୟ | ଟ. ୨୧,୦୦୦/- | ଟ. ୫,୦୦୦/- |
| ୬) ଆଡଭାଟାଇଜ୍ ବୋର୍ଡ | ଟ. ୧,୨୫,୦୦୦/- | ଟ. ୨୫,୦୦୦/- |
| ୭) ବିରାଦରପଡା ମାଂସ ଦୋକାନ-୨ ଗୋଟି | ଟ. ୨୬,୫୦୦/- | ଟ. ୫,୫୦୦/- |
| ୮) ହାଟତୋଟା ରୋଡ୍ ମାଂସ ଦୋକାନ ନଂ.୧ | ଟ. ୩୪,୫୦୦/- | ଟ. ୬,୫୦୦/- |
| ୯) ହାଣ୍ଡିଧୁଆଁଛକ ମାଂସ ଦୋକାନ-୫ ଗୋଟି | ଟ. ୯,୫୦୦/- | ଟ. ୨,୦୦୦/- |
| ୧୦) ଜେଲ ରୋଡ ମାଛ ମାର୍କେଟ ମାଂସ ଦୋକାନ-୧ | ଟ.୩,୫୦୦/- | ଟ. ୧,୦୦୦/- |
| ୧୧) ବାଘୁଆବୋଲ ରୋଡ ମାଂସ ଦୋକାନ (୧) | ଟ.୩,୫୦୦/- | ଟ. ୧,୦୦୦/- |
| ୧୨) ଚିତ୍ରକୂଟ ବନ୍ଧ ମାଂସ ଦୋକାନ (୧) | ଟ. ୨୦,୦୦୦/- | ଟ. ୪,୦୦୦/- |
| ୧୩) ଦିନ ଦୟାଲ ଭବନ | ଟ. ୧୮,୫୦୦/- | ଟ. ୪,୦୦୦/- |
| ୧୪) ଚିତ୍ରକୂଟ ଅଟୋଷ୍ଟାଣ୍ଡ | ଟ. ୪୩,୭୦୦/- | ଟ. ୯,୦୦୦/- |
| ୧୫) ଖାଲପାଲ ନଦୀ ଘାଟ | ଟ. ୪୦,୦୦୦/- | ଟ. ୮,୦୦୦/- |
| ୧୬) ଶର୍ମାଛକ ମାଂସ ଦୋକାନ (୨) | ଟ. ୨୯,୦୦୦/- | ଟ. ୬,୦୦୦/- |
| ୧୭) ଦେଉଳବେଡା କୋଲିୟରି ମାଂସ ଦୋକାନ | ଟ. ୧୨,୫୦୦/- | ଟ. ୩,୦୦୦/- |
| ୧୮) ୟୁଜର ଫି ମଙ୍ଗଳା ମନ୍ଦିର ଠାରୁ ଶିବ ସାହୁ କଚେରି ରୋଡ | ଟ. ୩୦,୦୦୦/- | ଟ. ୬,୦୦୦/- |
| ୧୯) ରାଣୀ ପାର୍କ ଅଟୋ ଷ୍ଟାଣ୍ଡ | ଟ. ୫,୦୦୦/- | ଟ. ୧,୦୦୦/- |

13075/11/0005/1819 ସ୍ୱା./- ନିର୍ବାହୀ ଅଧିକାରୀ, ତାଳଚେର ପୌରପରିଷଦ

---

See Career Appointment on every Wednesday & Saturday

---

## GEDCOL SAIL POWER CORPORATION LIMITED

**(A Joint Venture Company of GEDCOL & SAIL)**
Regd. Office: GEDCOL Corporate Office, 2nd Floor, OSPH &WC Building, Vani Vihar, Janpath, Bhoinagar, Bhubaneswar-751022, Tel.: 0674-2547061, Fax: 0674-2542102, Web: www.gedcol.com , Email: info.gspcl@gmail.com
CIN NO.: U40300OR2018SGC029410

**No.CAD-1519:-**

No. GEDCOL/Tech/04/Part/2019/ 57 /Dated: 27.02.2019

NOTICE INVITING TENDER NO: 01/2018-19, DATED: 26.02.2019 FOR IMPLEMENTATION OF 10MW SMALL HYDRO ELECTRIC PROJECT AT MANDIRA DAM, DIST: SUNDERGARH, ODISHA

GEDCOL SAIL Power Corporation Limited (GSPCL) (A Joint Venture Company of Green Energy Development Corporation of Odisha Ltd (GEDCOL) and Steel Authority of India Ltd (SAIL) is planning to develop 10MW Small Hydro Electric Project at the above mentioned site.

Sealed Tenders are now invited by GEDCOL SAIL Power Corporation Limited (GSPCL)., Bhubaneswar for the following work from eligible bidders.

| Work of Brief Description | Earnest Money Deposit (in Rs.) | Cost of tender documents (Non-refundable) (in Rs.) | Target date for commissioning of project. | Availability of detail tender call notice in the website and sale of tender documents | Date and time of pre-bid meeting | Last date and time of submission of tender. |
|---|---|---|---|---|---|---|
| Design Engineering, Procurement, Construction and post commissioning , Operation and Maintenance for 5 years of 10MW grid connected Small Hydro Electric Project at Mandira Dam, near Rourkela, Dist- Sundergarh, Odisha | 80,00,000/- | 23,600 /- | 30 months after LOA. | 01.03.2019 till 15.03.2019 | 10.04.2019 (Provisional . To be confirmed) | 21.05.2019 up to 15:00 hrs. & it will be opened at 15:30 hrs. of same date. |

For detail tender call notice, please visit website: www.gedcol.com of GEDCOL. Future addendum/ corrigendum related to this tender will be available only in the website of GEDCOL. Tender papers can also be downloaded from website and submitted alongwith the tender cost.

For and on behalf of GSPCL

Sr. General Manager (El)
GSPCL

04012/11/0038/1819

---

## OFFICE OF THE ANGUL MUNICIPALITY, ANGUL

**No.1640** **Dt.28.02.2019**

### e-Procurement
**Tender Ref. No.EO/AGLM-12/2018-19**
**Bid Identification No.2019_ORURLB_54212**

Bid documents consisting of work, estimated cost, cost of Tender paper, E.M.D. time of completion, Class of contractors and the set of terms & conditions of contract and other necessary documents can be seen in Govt. website i.e. **www.tendersorissa.gov.in**

| | | |
|---|---|---|
| Name of the work | : | Civil works & others |
| No. of works | : | 19 Nos. |
| Estimated Cost | : | Rs.0.50 lakh to 20.00 lakhs |
| Date & time of availability of Bid documents in the portal | : | from 10.00 AM. of dt 28.02.2019 to 11.03.2019 up to 5.00 PM. |
| Last date of receive of Bid through online | : | On or before 11.03.2019 up to 5.00PM. |
| Bid receive online shall be opened on | : | At 11.00 AM. on 13.03.2019. |

**Sd./- Executive Officer**
**Angul Municipality**

---

## THE ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

### NOTICE INVITING TENDER NO.03/OMC/C/CT/2019

**No. CAD-1517:-**

Tender from the registered Civil contractors are invited having registration of PF, PAN and GST for the below noted works.

| Sl. No. | Name of the works | Estimated cost. (in lakhs) | Time period of the work | Class of contractor | E.M.D in D.D. (in Rs.) | Cost of bid document (Rs) |
|---|---|---|---|---|---|---|
| 1 | Renovation to 1st floor of Civil Division Office at Central Township, Kaliapani in the district of Jajpur. | 4.46 | Two months | D & C | 4460.00 | 2000.00 + 18% GST |
| 2 | Renovation of settling pond & earthen drain near ore plot at Sukurangi M.L area in the dist. of Jajpur. | 4.49 | One month | D & C | 4490.00 | 2000.00 + 18% GST |
| 3 | Repar, renovation & painting to footpath & shed for children park at C/T Kaliapani in the district of Jajpur. | 4.29 | One month | D & C | 4290.00 | 2000.00 + 18% GST |
| 4 | Renovation to Lady club at Central Township, Kaliapani in the district of Jajpur. | 4.73 | Two months | D & C | 4730.00 | 2000.00 +18% GST |
| 5 | Construction of toilet block near ore plot in Sukurangi Mines in the dist. of Jajpur. | 4.48 | One month | D & C | 4480.00 | 2000.00 +18% GST |

01. Date & time of selling of bids: - From dt.05 .03.2019 to dt.12 .03 .2019 up to 3.00PM.
02. Last date and time of submission of bids at allocated Tender Box:-Dt.12.03 .2019 up to5.00PM.
03. Date & time of opening of bid: - Dt.13.03 .2019 at 11.00 AM.
04. For the details you may refer D.T.C.N.
05. Tender inviting authority: Sr.Manager (Civil), OMC, Kaliapani.

The Odisha Mining Corporation Ltd. reserves the right to reject any or all tenders without assigning any reason thereof.

Sd/-26.02.19
**Sr.Manager (Civil)**
**Kaliapani**

30005/11/0194/1819

---

## GOVERNMENT OF ODISHA
## S.T. & S.C. DEVELOPMENT DEPARTMENT

**No.4215/SSD/** **Date:28.02.2019**

**STSCD-OM-VCONT-008-2013**

No.105-V **QUOTATION CALL NOTICE**

Sealed quotations in plane papers/ letter pads are invited from the intending Authorised Dealers of Canon having valid GST Registration Certificate along with Income Tax clearance certificate for supply of one Canon Photocopier Make & Model No.iR-Adv-6555i on buyback basis of one old Digital Canon Photo Copier bearing Model No.iR-Adv-6055 for installation in issue section of ST & SC Development Department.

The copies of valid GST Registration Certificate and Income,e Tax clearance certificate should be furnished in their quotation. The price of Canon **Photocopier Make & Model No.iR-Adv-6555i** and GST along with buyback price of old Photo Copier bearing Model No.iR-Adv-6055 should be shown separately. The quotationers should drop their sealed quotations in a box located in OE-II Section of ST & SC Development Department by 2.00 PM. dated 07.03.2019.

The quotations will be opened on the same day, i.e. 07.03.2019 in the Office Chamber of Additional Secretary to Government, ST & SC Development Department at 4.30 PM. in presence of the quotationers or their authorized representatives. The authority reserves the right to reject all or any quotations without assigning any reason thereof. The quotations received incomplete or after the scheduled date and time shall be rejected.

26001/11/0033/1819 **Sd./- Under Secretary to Govt.**

> ଅନ୍ତର୍ଜାତୀୟ ଦିନିକିଆରେ ୭ମ ସ୍ଥାନ ପରିବର୍ତ୍ତେ ମୋତେ ଆଗୁଆ ବ୍ୟାଟିଂ କରିବାକୁ ସୁଯୋଗ ଦିଆଗଲେ ମୁଁ ଆହୁରି ଭଲ ପ୍ରଦର୍ଶନ କରିପାରନ୍ତି।
> – ଗ୍ଲେନ ମାକ୍ସୱେଲ, ଅଷ୍ଟ୍ରେଲୀୟ କ୍ରିକେଟର



> ବିଗ୍‌ବାସ୍‌ରେ ପ୍ରଭାବୀ ପ୍ରଦର୍ଶନ ସତ୍ତ୍ୱେ ଇଂଲଣ୍ଡ ବିପକ୍ଷ ଆସେସ ସିରିଜ ଲାଗି ଜାତୀୟ ଦଳରେ ସ୍ଥାନ ମିଳିବା ନେଇ ମୁଁ ନିଶ୍ଚିତ ନୁହେଁ।
> – କାମେରନ ବ୍ୟାଙ୍କ୍ରଫ୍ଟ, ଅଷ୍ଟ୍ରେଲୀୟ କ୍ରିକେଟର




## ସଂକ୍ଷେପରେ

### ମାକ୍ରାନ କପ୍ ବକ୍ସିଂ: ଭାରତକୁ ୬ ପଦକ

ନୂଆଦିଲ୍ଲୀ,୨୮।୨(ପିଟି): ଜାତୀୟ ବକ୍ସିଂ ଚାମ୍ପିୟନ ଦୀପକ ସିଂ (୪୯ କିଗ୍ରା) ଏକମାତ୍ର ଭାରତୀୟ ବକ୍ସର ଭାବେ ଇରାନ ଛବାହାରଠାରେ ଚାଲିଥିବା ମାକ୍ରାନ କପ୍ ବକ୍ସିଂ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ଓ ୫ ରୌପ୍ୟ ସହ ମୋଟ ୬ ପଦକ ସହ ଭାରତ ଅଭିଯାନ ଶେଷ କରିଛି। ଦୀପକ ଫାଇନାଲରେ ଜାଫର ନାସେରିଙ୍କୁ ପରାସ୍ତ କରିଥିବାବେଳେ ୫ ଜଣ ଭାରତୀୟ ବକ୍ସର ଫାଇନାଲ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ପୋଡିୟମ୍‌ର ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବକ୍ସରମାନେ ହେଲେ ପି. ଲଲିଥା ପ୍ରସାଦ(୫୨ କିଗ୍ରା), ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକଧାରୀ ମନୀଷ କୌଶିକ (୬୦ କିଗ୍ରା), ଦୁର୍ଯ୍ୟୋଧନ ସିଂ ନେଗି (୬୯ କିଗ୍ରା), ସଞ୍ଜୀତା (୯୧ କିଗ୍ରା) ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକ ବିଜୟୀ ସତୀଶ କୁମାର (୯୧ କିଗ୍ରାରୁ ଊର୍ଦ୍ଧ୍ୱ)।

### ଗୁଜରାଟଠାରୁ ହାରିଲା ଓଡ଼ିଶା

କଟକ ଅଫିସ,୨୮।୨: ଗୁଜରାଟର ଗୋକୁଳଭାଇ ସୋମଭାଇ ପଟେଲ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ୨୩ ବର୍ଷରୁ କମ୍ ପୁରୁଷ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୬ ଉଇକେଟରେ ଗୁଜରାଟ ନିକଟରୁ ହାରିଯାଇଛି। ଟୁର୍ନାମେଣ୍ଟ ଓଡ଼ିଶା ୭ଟି ମ୍ୟାଚ୍ ଖେଳିଥିବାବେଳେ ଗୋଟିଏ ହେଲେ ମ୍ୟାଚ୍ ଜିତି ପାରି ନାହିଁ। ଗୁରୁବାର ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୮୩ ରନରେ ଅଲଆଉଟ ହୋଇଥିଲା। ଶୁଭମ ଶତ୍ରୁଜିତ ଓ କ୍ଷମାସାଗର ବଳ ସର୍ବାଧିକ ୧୬ ରନ ଲେଖାଏଁ କରିଥିଲେ। ଗୁଜୁରାଟ ୪ ଉଇକେଟ ହରାଇ ବିଜୟ୍ ଲକ୍ଷ୍ୟ ହାସଲ କରିନେଇଥିଲା।

# ଓଡ଼ିଶାର ଅଭିଯାନ ଶେଷ

**ସୟଦ ମୁସ୍ତାକ ଅଲି ଟି୨୦**

କଟକ ଅଫିସ,୨୮।୨

ବାରବାଟୀ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟର ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ୫୧ରନରେ କର୍ଣ୍ଣାଟକଠାରୁ ପରାସ୍ତ ହୋଇଛି। ପରାଜୟ ସହ ଓଡ଼ିଶାର ଅଭିଯାନ ଏହି ଟୁର୍ନାମେଣ୍ଟରୁ ଶେଷ ହୋଇଛି। ଔପଚାରିକତା ଦୃଷ୍ଟିରୁ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଗ୍ରୁପ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍ ବେଙ୍ଗଲ ବିପକ୍ଷରେ ଖେଳିବ। କର୍ଣ୍ଣାଟକ ୬ଟି ମ୍ୟାଚ୍‌ରୁ ୬ଟି ବିଜୟ ସହ ଗ୍ରୁପ-ଡି ପଏଣ୍ଟ ଟେବୁଲ ଶୀର୍ଷରେ ରହିଥିବା ବେଳେ ବେଙ୍ଗଲ ଓ ହରିୟାଣା ସମାନ ସଂଖ୍ୟକ ମ୍ୟାଚ୍‌ରୁ ୪ଟି ଲେଖାଏ ବିଜୟପଏଣ୍ଟ ପାଇଁ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି। ୩ଟି ଲେଖାଏ ମ୍ୟାଚ୍ ଜିତି ଛତିଶଗଡ଼, ଆସାମ ଓ ଓଡ଼ିଶା ଯଥାକ୍ରମେ ୪ର୍ଥରୁ ୬ଷ୍ଠ ସ୍ଥାନ ମଧ୍ୟରେ ଅଛନ୍ତି।

ଶୁଭ୍ରାଂଶୁ ସେନାପତିଙ୍କ ଆହତ କାରଣରୁ କର୍ଣ୍ଣାଟକ ବିପକ୍ଷରେ ମଧ୍ୟ ଅନୁରାଗ ଷଡ଼ଙ୍ଗୀ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ଟସ୍ ଜିତି ଅନୁରାଗ କର୍ଣ୍ଣାଟକକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ୧୫ ଓଭର ସୁଦ୍ଧା କର୍ଣ୍ଣାଟକ ୬ ଉଇକେଟ ହରାଇ ୯୬ରନ କରିଥିବାରୁ ଓଡ଼ିଶା ସମ୍ମୁଖରେ ସହଜ ବିଜୟଲକ୍ଷ୍ୟ ଧାର୍ଯ୍ୟ କରିବ ବୋଲି ଆଶା କରାଯାଉଥିଲା। ହେଲେ ଅପରାଜିତ ଥିବା ରୋହନ ଶେଷ ୫ ଓଭରରେ ଓଡ଼ିଶା ବୋଲରଙ୍କ ଉପରେ ଭାରି ପଡ଼ିଥିଲେ। ଆକ୍ରମଣାତ୍ମକ ଶୈଳୀ ଆପଣାଇ ରୋହନ ୮୯ରନ କରି ଅନ୍ତିମ ଓଭରରେ ଆଉଟ ହୋଇଥିଲେ। ଶ୍ରେୟାସ ଗୋପାଳ ୧୭ ଓ ଅଭିମନ୍ୟୁ ମିଥୁନ ୬ରନ କରିଥିଲେ। ୯ ଉଇକେଟ ହରାଇ କର୍ଣ୍ଣାଟକ ମୋଟ ୧୫୫ରନ କରିଥିଲା। ଓଡ଼ିଶା ପକ୍ଷରୁ ବିପ୍ଳବ ସାମନ୍ତରାୟ ଓ ପପୁ ରାୟ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିବା ବେଳେ ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ ଓ ଦେବବ୍ରତ ପ୍ରଧାନଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ୧୫୬ରନର ବିଜୟଲକ୍ଷ୍ୟକୁ ପିଛା କରି ଓଡ଼ିଶା ୧୦୪ରନରେ ଅଲଆଉଟ ହୋଇଥିଲା। କର୍ଣ୍ଣାଟକର ଲେଗ ସ୍ପିନର ଚରମାନା କାରିଆପା( ୪ ଉଇକେଟ), ପେସ ବୋଲର ଭି କୌଶିକ( ୩ଉଇକେଟ) ଓ ବାମହାତୀ ଅର୍ଥୋଡକ୍ସ ଜଗଦୀଶ ସୁଚିଥ(୨ ଉଇକେଟ) ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୪୪ରନରେ ୬ ଉଇକେଟ ହରାଇ ଓଡ଼ିଶା ଲଜ୍ଜାଜନକ ପରାଜୟ ଦିଗକୁ ଅଗ୍ରସର ହେଉଥିବା ବେଳେ ସୂର୍ଯ୍ୟକାନ୍ତ ପ୍ରଧାନ ଦ୍ରୁତ ୩୨ରନ କରିବା ଫଳରେ ଦଳୀୟ ସ୍କୋର ୧୦୦ ଟପିଥିଲା। ଅଧିନାୟକ ଅନୁରାଗ (୧୨ରନ)ଙ୍କୁ ବାଦ ଦେଇ ଅନ୍ୟ କେହି ପ୍ରମୁଖ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ଏହି ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍‌ରେ ହରିୟାଣା ୭ ଉଇକେଟରେ ଆସାମକୁ ପରାସ୍ତ କରିଛି। ଡ୍ରିମସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଅରୁଣାଚଳ ପ୍ରଦେଶ ୮ ଉଇକେଟରେ ମିଜୋରାମକୁ ଓ ବେଙ୍ଗଲ ୨୬ରନରେ ଛତିଶଗଡ଼କୁ ହରାଇଥିଲା।



ଶଟ୍ ଖେଳିବା ଅବସରରେ କର୍ଣ୍ଣାଟକର ଜଣେ ବ୍ୟାଟ୍ସମ୍ୟାନ।

### ଜାତୀୟ ସବ୍‌ଜୁନିୟର ଭଲିବଲ ଉଦ୍‌ଯାପିତ
# ପଶ୍ଚିମବଙ୍ଗ, ଚଣ୍ଡିଗଡ଼ ଚାମ୍ପିୟନ



ବାଳକ ବିଭାଗ ଚାମ୍ପିୟନ ଚଣ୍ଡିଗଡ଼ ଦଳ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨୮।୨(କ୍ରୀଡ଼ା ପ୍ରତିନିଧି) ଓଡ଼ିଶା ଭଲିବଲ ଆସୋସିଏଶନ(ଓଭିଏ) ଓ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୪୧ତମ ଜାତୀୟ ସବ୍‌ଜୁନିୟର ଭଲିବଲ ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଯାପିତ ହୋଇଛି। ଏହାର ବାଳିକା ବିଭାଗରେ ପଶ୍ଚିମବଙ୍ଗ ଓ ବାଳକରେ ଚଣ୍ଡିଗଡ଼ ଚାମ୍ପିୟନ ହୋଇଛି। ବାଳିକା ବିଭାଗ ଫାଇନାଲରେ ପଶ୍ଚିମବଙ୍ଗ ୩-୦ ସେଟ୍‌ରେ ହରିୟାଣାକୁ ପରାସ୍ତ କରିଛି। ପ୍ଲେ-ଅଫ୍‌ରେ ତାମିଲନାଡୁକୁ ୩-୧ ସେଟ୍‌ରେ ହରାଇ ରାଜସ୍ଥାନ ତୃତୀୟସ୍ଥାନ ହାସଲ କରିଛି। ପଶ୍ଚିମବଙ୍ଗ କ୍ରମାଗତ ୩ ବର୍ଷ ଚାମ୍ପିୟନ ହୋଇ ହ୍ୟାଟ୍ରିକ କରିଛି। ବାଳକ ଫାଇନାଲରେ ଚଣ୍ଡିଗଡ଼ ୩-୦ ସେଟ୍‌ରେ ଉତ୍ତର ପ୍ରଦେଶକୁ ହରାଇ ଟାଇଟଲ ହାସଲ କରିଛି। ଦିଲ୍ଲୀକୁ ୩-୦ରେ ପରାସ୍ତ କରି ଗୁଜରାଟ ୩ୟ ସ୍ଥାନ ଅଧିକାର କରିଛି। ପୋଲିସ ଆଇଜି ଅମିତାଭ ଠାକୁର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ, ଭଲିବଲ ଫେଡେରେଶନ ଅଫ ଇଣ୍ଡିଆର ସଭାପତି ଏସ.ବାସୁଦେବନ, ଉପସଭାପତି ରଥୀନ୍ଦ୍ରନାଥ ରୟ ଚୌଧୁରୀ, କୋଷାଧ୍ୟକ୍ଷ ଶେଖର ବୋଷ, ଓଡ଼ିଶା ଭଲିବଲ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ସଞ୍ଜୟ ଦାସ, ସମ୍ପାଦକ ଗଗନେନ୍ଦୁ ଦାଶ, ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୁ ପଟ୍ଟନାୟକ ମିନି ମାରାଥନ ୫ରେ

ଭୁବନେଶ୍ୱର, ୨୮।୨(ସ୍ପୋର୍ଟ୍ସ ବ୍ୟୁରୋ)

ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମଦିବସ ଅବସରରେ ମାର୍ଚ୍ଚ ୫ ତାରିଖରେ ବିଜୁ ପଟ୍ଟନାୟକ ମିନି ମାରାଥନ ଆୟୋଜନ କରାଯିବ। ୩ଟି ବୟସ ବର୍ଗରେ ଏହି ମାରାଥନ ଆୟୋଜନ ହେବ। ୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା, ୧୫ରୁ ୧୮ ବର୍ଷ ବୟସ ମଧ୍ୟରେ ବାଳକ ଓ ବାଳିକା, ୧୮ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ବର୍ଗରେ ମାରାଥନ ଦୌଡ଼ ଆୟୋଜନ ହେବ। ରେଜିଷ୍ଟ୍ରେଶନ ପାଇଁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମର ସ୍କାଏ ୱାକ୍-୫ ନିକଟରେ ଏଣ୍ଟ୍ରିଗେଟ୍ ୩ ନମ୍ବରରେ ଥିବା କାଉଣ୍ଟର ଖୋଲା ରହିବ। ଆସନ୍ତା ୨,୩ ଓ ୪ ତାରିଖରେ ପ୍ରତିଯୋଗୀମାନେ ମାରାଥନରେ ଅଂଶଗ୍ରହଣ କରିବା ପାଇଁ ନାମ ପଞ୍ଜୀକରଣ କରିପାରିବେ। ପ୍ରତ୍ୟେକ ବର୍ଗରେ ଶ୍ରେଷ୍ଠ ୫ଜଣ ପୁରୁଷ ଓ ମହିଳା ପ୍ରତିଯୋଗୀଙ୍କୁ ୩୦ଟି ନଗଦ ପୁରସ୍କାର ରାଶି ପ୍ରଦାନ କରାଯିବ। ମୋଟ ଉପରେ ୧,୫୮,୦୦୦ ଟଙ୍କା ପୁରସ୍କାର ରାଶି ରଖାଯାଇଛି। ଏହି ମାରାଥନ ବିଜୁ ପଟ୍ଟନାୟକ ପାର୍କ (ଫ୍ଲାଗ୍ ଅଫ୍ ପଏଣ୍ଟ)ରୁ ଆରମ୍ଭ ହୋଇ ଶିଶୁ ଭବନ ଛକ- ରାଜ ମହଲ ଛକ- ଗଭର୍ନର ହାଉସ୍ ଛକ- ପାୱାର ହାଉସ୍ ଛକ ଦେଇ କଳିଙ୍ଗ ଷ୍ଟାଡିୟମ ମୁଖ୍ୟ ଗ୍ରାଉଣ୍ଡରେ ଶେଷ ହେବ। ୫ କି.ମି. ବ୍ୟାପୀ ଏହି ମାରାଥନ ସକାଳ ୭ଟାରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

### ରୌପ୍ୟ ଜିତିଲେ ମିନତି

କଟକ ଅଫିସ, ୨୮।୨

ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ୬୭ତମ ସର୍ବଭାରତୀୟ ପୋଲିସ ପ୍ରତିଯୋଗିତାରେ ଓଡ଼ିଶା ପୋଲିସର ମହିଳା ପ୍ରତିଯୋଗୀ ମିନତୀ ଦାସ ରୌପ୍ୟ ପଦକ ଜିତିଛନ୍ତି। ସେ ଭାରୋତ୍ତୋଳନ ଇଭେଣ୍ଟ ୪୫କେଜି ବର୍ଗରେ ଅଂଶଗ୍ରହଣ କରିଥିଲେ। ମିନତୀ ବ୍ରହ୍ମପୁର ଜିଲା ପୋଲିସରେ କନେଷ୍ଟବଳ ଭାବେ କାର୍ଯ୍ୟରତ। ଏହି ସଫଳତା ପାଇଁ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ମହିଳା ଫୁଟ୍‌ବଲ: ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ

କଟକ ଅଫିସ,୨୮।୨

ବିଡ଼ାନାସୀ ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ଫାଓ ମହିଳା ଲିଗ୍‌ର ଏକ ମ୍ୟାଚରେ ସ୍ପୋର୍ଟ୍ସ ହଷ୍ଟେଲ ୫-୦ ଗୋଲରେ ବିଡ଼ାନାସୀ କ୍ଳବକୁ ପରାସ୍ତ କରିଛି। ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ମିତାଲି ମୁଣ୍ଡା ୨ଟି ଗୋଲ ସ୍କୋର କରିଥିବା ବେଳେ ସସ୍ମିତା ତନ୍ତି, ଦୀପ୍ତିରାଣୀ କୁଜୁର ଓ ସରିତା ସୋରେଙ୍ଗ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

### ଡିନ୍ ଜୋନ୍ସ
# ପରାଜୟରୁ ଶିକ୍ଷା

ଅଷ୍ଟ୍ରେଲିଆ କ୍ରିକେଟ ଟିମ୍ ଭାରତକୁ ପରାସ୍ତ କରିବ ଏହା ମୋ କଳ୍ପନା ବାହାରେ ଥିଲା। କିନ୍ତୁ ପେସାଦାରୀ ପ୍ରଦର୍ଶନ ସହ ଶକ୍ତିଶାଳୀ ଭାରତୀୟ ଟି୨୦ ଦଳକୁ ପରାସ୍ତ କରିବାରେ ସମର୍ଥ ହୋଇଛି। ତେଣୁ ଭାରତରେ ବର୍ତ୍ତମାନର ଅଷ୍ଟ୍ରେଲିଆ ଦଳର ପ୍ରଦର୍ଶନ ନେଇ ମୁଁ ଯେଉଁ ଭ୍ରାନ୍ତ ପୂର୍ବାନୁମାନ କରିଥିଲି ସେଥିପାଇଁ ମୁଁ କ୍ଷମାପ୍ରାର୍ଥନା କରୁଛି। ସାଧାରଣତଃ ବିଜୟ ଅପେକ୍ଷା ପରାଜୟରୁ ଅନେକ ଶିକ୍ଷା ମିଳିଥାଏ। ଓପନିଂରେ ବ୍ୟାଟିଂ କରିବାକୁ ଆସିଥିବା ଡି'ଆର୍ସି ଶର୍ଟଙ୍କୁ ଅତୀତରେ ଉପମହାଦେଶରେ ସଂଘର୍ଷ କରିବାକୁ ପଡ଼ିଛି। ଏଥର ତାଙ୍କ ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହୋଇଛି। ସ୍ପିନରଙ୍କ ବିପକ୍ଷରେ ଭଲ ଖେଳିବାକୁ ପଡ଼ିବ। ସେ ଚମତ୍କାର ଲେଗ୍ ସ୍ପିନ୍ ବୋଲିଂ କରି ଅଷ୍ଟ୍ରେଲିଆ ବୋଲିଂ ଲାଇନ୍‌ଅପ୍‌କୁ ଅଧିକ ଆକ୍ରମଣାତ୍ମକ କରିବାରେ ସହାୟକ ହୋଇ ପାରିଛନ୍ତି। ବୁଧବାର ମ୍ୟାଚରେ ଗ୍ଲେନ ମାକ୍ସୱେଲ ପ୍ରଭାବୀ ବ୍ୟାଟିଂ କରିଛନ୍ତି। ଆଗକୁ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିବାକୁ ଥିବାରୁ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖିବା ଜରୁରୀ ହୋଇପଡ଼ିଛି। ୨୦୧୫ ପରେ ପଛକୁ ପଛ ଦୁଇଥର ଭଲ ସ୍କୋର କରିବାରେ ସେ ସଫଳ ହୋଇ ପାରିନାହାନ୍ତି। ସେହିବର୍ଷ ସେ ଯଥାକ୍ରମେ ୯୫, ୬୬, ୧୮, ୧୦୨ ଓ ୪୨* ସ୍କୋର କରିପାରିଥିଲେ। ତାଙ୍କ ନିକଟରେ ଦକ୍ଷତା ରହିଥିବା ଆମେ ସମସ୍ତେ ଜାଣୁ କିନ୍ତୁ ସ୍ଥିର ପ୍ରଦର୍ଶନ ବଡ଼ ସମସ୍ୟା। ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ଅଷ୍ଟ୍ରେଲିଆ ତରଫରୁ ୫ନମ୍ବର ସ୍ଥାନରେ ବ୍ୟାଟିଂ କରିବା ଲାଗି ଆସିବା ଦରକାର। ଅଷ୍ଟ୍ରେଲିଆ ତରଫରୁ ଭଲ ଖେଳିଥିବା ଅନ୍ୟ ଜଣେ ଖେଳାଳି ହେଲେ ଆଡାମ ଜାମ୍ପା। ଅତୀତରେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ବିପକ୍ଷରେ ବୋଲିଂ ବେଳେ ସେ ସଂଘର୍ଷ କରୁଥିଲେ। ମାତ୍ର ଦ୍ୱିତୀୟ ଟି୨୦ରେ ସେ ଉଚ୍ଚକୋଟୀର ବୋଲିଂ କରିଛନ୍ତି। ସେ କୌଣସି ଉଇକେଟ ନେଇ ନ ଥିଲେ ମଧ୍ୟ ଟାଇଟ୍ ବୋଲିଂ କରି ମାତ୍ର ୨୩ ରନ ଦେଇଛନ୍ତି। ବର୍ତ୍ତମାନ ଫର୍ମ ହେଉଛି ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ଦିନିକିଆ ଦଳ ମଧ୍ୟ ଖୁବ୍ ଶକ୍ତିଶାଳୀ। ଦିନିକିଆ ସିରିଜରେ ଅଷ୍ଟ୍ରେଲିଆକୁ ଏହାର ଫର୍ମ ଜାରି ରଖିବାକୁ ପଡ଼ିବ। ଅନ୍ୟପକ୍ଷରେ ଭାରତକୁ ଏହାର ବୋଲିଂରେ ତ୍ରୁଟିରେ ସୁଧାର ଆଣିବାକୁ ପଡ଼ିବ। ସେମାନେ ସହଜରେ ମଧ୍ୟ ଏହା କରିପାରିବେ। ଆଉ ଏକ କଥା ହେଲା ବିରାଟ କୋହଲିଙ୍କ ଅପରାଜିତ ୭୨ରନ ଏବଂ ଧୋନୀଙ୍କ ଭଲ ପ୍ରଦର୍ଶନ ସତ୍ତ୍ୱେ ଭାରତ ପରାଜିତ ହୋଇଛି। ଘରୋଇ ଦଳ ୧୯୦ରନ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆ ପାଇଁ ଯଥେଷ୍ଟ ନ ଥିଲା। ମୁଁ ଆଶା କରୁଛି ଭାରତ ଦିନିକିଆ ସିରିଜରେ ପରାଜୟର ପ୍ରତିଶୋଧ ନେବାକୁ ଚେଷ୍ଟା କରିବ । ଏଥିରେ କଡ଼ା ଟକ୍କର ହେବ। ଖେଳପ୍ରେମୀ ଏହାକୁ ମିସ୍ କରିବାକୁ ଚାହିଁବେ ନାହିଁ। **(ଗେମ୍‌ପ୍ଲାନ)**




### ୟୁଥ୍ ଟେଷ୍ଟ: ଭାରତର କ୍ଲିନ୍ ସୁଇପ୍

ଥିରୁଭାନନ୍ତପୁରମ, ୨୮।୨(ପି.ଟି.)

ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅନୁଷ୍ଠିତ ଅନ୍ତିମ ତଥା ୨ୟ ୟୁଥ୍ ଟେଷ୍ଟ (୧୯ ବର୍ଷରୁ କମ୍) ମ୍ୟାଚ୍‌କୁ ଭାରତ ଏକ ଇନିଂସ ଓ ୧୫୮ ରନରେ ଜିତିନେଇଛି। ୨୪୩ ରନ ପଛରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ଗୁରୁବାର ୩ୟ ଦିବସରେ ମାତ୍ର ୮୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ମାଥ୍ୟୁ ମଣ୍ଟଗୋନି ସର୍ବାଧିକ ୩୬ ରନ କରିଥିଲେ। ଘରୋଇ ଭାରତୀୟ ଦଳର ବାମହାତୀ ଦ୍ରୁତ ବୋଲର ରେକ୍ସ ସିଂ ୧୮ ରନରେ ୪ ଏବଂ ଅଂଶୁଲ କାମ୍ବୋଜ ୨୦ ରନରେ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ପୂର୍ବରୁ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ସ୍କୋର ୧୫୨ ରନ ଜବାବରେ ଭାରତ ଯଶସ୍ୱୀ ଜୈଶୱାଲ (୧୭୩) ଓ ବୈଭବ କଣ୍ଡପାଲ (୧୨୦)ଙ୍କ ଶତକ ବଳରେ ୩୯୫ ରନରେ ଅଲ୍‌ଆଉଟ୍ ହୋଇଥିଲା। ଏହି ବିଜୟ ସହ ଯୁବ ଭାରତୀୟ ଦଳ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନ ସୁଇପ୍ କରିଛି।

# ଜାତୀୟ ଜୁନିୟର ହକି: ଓଡ଼ିଶା ଚାମ୍ପିୟନ

କଟକ ଅଫିସ,୨୮।୨

ମହାରାଷ୍ଟ୍ରର ଔରଙ୍ଗାବାଦଠାରେ ଅନୁଷ୍ଠିତ ୯ମ ଜାତୀୟ ଜୁନିୟର ବାଳକ ହକି ଚାମ୍ପିୟନଶିପ (ଡିଭିଜନ-ଏ)ରେ ଓଡ଼ିଶା ଟାଇଟଲ ହାସଲ କରିଛି। ଗୁରୁବାର ରୋମାଞ୍ଚକ ଫାଇନାଲ ମୁକାବିଲାରେ ଉତ୍ତରପ୍ରଦେଶକୁ ପରାସ୍ତ କରି ଓଡ଼ିଶା ଏହି ସଫଳତା ପାଇଛି। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟ କ୍ୱାର୍ଟରର ଅନ୍ତିମ ମିନିଟରେ ସୁଶାନ୍ତ ଟପ୍ପୋ ଓଡ଼ିଶା ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ। ୩ୟ କ୍ୱାର୍ଟରେ ମଧ୍ୟ ଗୋଲ ଶୂନ୍ୟ ରହିଥିଲା। ନିର୍ଣ୍ଣାୟକ ତଥା ୪ର୍ଥ କ୍ୱାର୍ଟରରେ ଉତ୍ତରପ୍ରଦେଶ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ଶିବମ ଆନନ୍ଦ ଫିଲ୍ଡ ଗୋଲ ମାଧ୍ୟମରେ ଏକ ଗୋଲ ସ୍କୋର କରି ମ୍ୟାଚ୍‌କୁ ସମାନ ସ୍ଥିତିରେ ପହଞ୍ଚାଇଥିଲେ। ପରେ କୌଣସି ଗୋଲ ନ ହେବା ଯୋଗୁ ପେନାଲ୍ଟି ସୁଟଆଉଟରେ ସହାୟତା ନିଆଯାଇଥିଲା। ଏଥିରେ ଓଡ଼ିଶା ୪ଟି ଗୋଲ ସ୍କୋର କରିଥିବା ବେଳେ ଉତ୍ତରପ୍ରଦେଶ ପକ୍ଷରୁ ୩ଟି ଗୋଲ ହୋଇଥିଲା। ପେନାଲ୍ଟି ସୁଟଆଉଟରେ ଓଡ଼ିଶା ପକ୍ଷରୁ ପ୍ରକାଶ ଧୀର, ସୁଶୀଲ ଧନୱାର, ଲବନ ଲାଗୁନ ଓ ଅଧିନାୟକ କ୍ରୀଷ୍ଟା ତିର୍କୀ ଗୋଲ ଦେଇଥିଲେ। ଓଡ଼ିଶା କୋଚ୍ ପ୍ରଣବ ପଟ୍ଟନାୟକ ବିଜୟର ଶ୍ରେୟ ସମସ୍ତ ଖେଳାଳିଙ୍କୁ ଦେଇଥିବା ବେଳେ ହକି ଓଡ଼ିଶା ସଭାପତି ଜଷ୍ଟିସ ଏ.ଏସ. ନାଇଡୁ, ସମ୍ପାଦକ ପ୍ରତାପ ଶତପଥୀ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।




ଚାମ୍ପିୟନ ଓଡ଼ିଶା ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଓଡ଼ିଶା ବ୍ୟାଡ୍‌ମିଣ୍ଟନର ନୂଆ ଆଶା**
# ଉଡାନ୍ ଏକାଡେମୀ

ଭୁବନେଶ୍ୱର, ୨୮।୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାରେ ଏବେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମୀ ସଂଖ୍ୟା ବଢ଼ିବାରେ ଲାଗିଛି। ଏଥିରେ ଅଗ୍ରଣୀ ଭୂମିକା ନେଇଛି ରାଜଧାନୀ ଭୁବନେଶ୍ୱର। କଳିଙ୍ଗ ଷ୍ଟାଡିୟମରେ ଏକାଧିକ ଇଭେଣ୍ଟର ବିଶ୍ୱସ୍ତରୀୟ ଭିତ୍ତିଭୂମୀ ଉପଲବ୍ଧ ହୋଇଥିବାରୁ ଭୁବନେଶ୍ୱର ଏବେ ଦେଶର ଅଘୋଷିତ କ୍ରୀଡ଼ା ରାଜଧାନୀଭାବେ ବିବେଚିତ ହେଉଛି। ଭିତ୍ତିଭୂମି ଦିଗରେ ଏବେ ଆଉ ପାଦେ ଆଗକୁ ବଢ଼ିଛି ଭୁବନେଶ୍ୱର। ଏହି କ୍ରମରେ ଭୁବନେଶ୍ୱରରେ ଏବେ ଏକ ଅତ୍ୟାଧୁନିକ ବ୍ୟାଡ୍‌ମିଣ୍ଟନ ଏକାଡେମୀ ଉଦ୍‌ଘାଟନ ହେବାକୁ ଯାଉଛି। ଏହାର ନାମ ରଖା ଯାଇଛି ଉଡାନ ବ୍ୟାଡ୍‌ମିଣ୍ଟନ ଏକାଡେମୀ। କେ.ସି.ମେମୋରିଆଲ ଟ୍ରଷ୍ଟର ଚେୟାରମ୍ୟାନ ଅଶୋକ ମିଶ୍ର ଏବଂ ଉଡାନ୍ ଏକାଡେମୀର ଚେୟାରମ୍ୟାନ ସଞ୍ଜୟ ମହାନ୍ତିଙ୍କ ମିଳିତ ଉଦ୍ୟମରେ ପଟିଆରେ ନିର୍ମିତ ଏହି ଏକାଡେମୀ ଏବେ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ପାଇଁ ଆଶା ସଞ୍ଚାର କରିଛି। ଏଥିରେ ୪ଟି ଅତ୍ୟାଧୁନିକ ସିନ୍ଥେଟିକ୍ କୋର୍ଟ ରହିଛି। ଏହାଛଡ଼ା ପିଲାଙ୍କ ରହିବାପାଇଁ ରୁମ୍, କ୍ୟାଣ୍ଟିନ, ଫିଟ୍‌ନେସ ସେଣ୍ଟର, ହଷ୍ଟେଲ ପ୍ରମୁଖ ଗୋଟିଏ ଛାତତଳେ ଉପଲବ୍ଧ। ବିଭିନ୍ନ ସମୟରେ ବାହାରୁ କୋଚ୍ ଆସି ପିଲାମାନଙ୍କୁ ପ୍ରଶିକ୍ଷଣ ଦେବେ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

ଭୁବନେଶ୍ୱରରେ ଏପରି ଏକ ବ୍ୟାଡ୍‌ମିଣ୍ଟନ ଏକାଡେମୀ ପ୍ରତିଷ୍ଠା ହୋଇଥିବାରୁ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ଅନ୍ୟତମ ସିନିୟର ଖେଳାଳି ତଥା ୧୨ଥର ରାଜ୍ୟ ଚାମ୍ପିୟନ ଚିତ୍ତରଞ୍ଜନ ଶତପଥି। ଭୁବନେଶ୍ୱରର ସହିଦ ନଗରଠାରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ)ର ରିଜିଓନାଲ ଏକାଡେମୀ ରହିଛି। ମାତ୍ର ଏହା ସମଗ୍ର ପୂର୍ବାଞ୍ଚଳ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ଅଧିକ ଓଡ଼ିଶା ଖେଳାଳି ସୁଯୋଗ ପାଇବା ସମ୍ଭବ ହେଉନାହିଁ। ତେଣୁ ଓଡ଼ିଆ ପିଲାଙ୍କ ଏହି ଅଭାବକୁ ପୂରଣ କରିବ ଉଡାନ ଏକାଡେମୀ। ପ୍ରାୟ ୧୨,୮୦୦ ସ୍କୋୟାର ଫୁଟ ପରିମିତ ଜମିରେ ନିର୍ମିତ ଏହି ଏକାଡେମୀରେ ୪ଟି କୋର୍ଟ ଉପଲବ୍ଧ। ମର୍ଣ୍ଣିଂ ଟ୍ରେନିଂ ପାଇଁ ଗ୍ରାଉଣ୍ଡ ରହିଛି। ପିଲାଙ୍କ ପାଇଁ ରେଷ୍ଟରୁମ୍ ରହିଛି। ପିଲାମାନଙ୍କୁ ଏଠାରେ ଖେଳ ସମ୍ପର୍କରେ ଶିକ୍ଷା ଦିଆଯିବା ସହ ଅଭ୍ୟାସ ସୁଯୋଗ ମିଳିବ। ପ୍ରତିଟି ବିଭାଗ ପାଇଁ ଭିନ୍ନଭିନ୍ନ କୋଚ୍ ରହିବେ। ବ୍ୟାଡ୍‌ମିଣ୍ଟନ ଖେଳ ପାଇଁ ୬ ଜଣ କୋଚ୍‌ଙ୍କୁ ନିଯୁକ୍ତ ଦିଆଯିବା ଯୋଜନା ରହିଛି। ଅନ୍ୟ ଖେଳପରି ଓଡ଼ିଶାରେ ବ୍ୟାଡ୍‌ମିଣ୍ଟନ ସେତେ ଲୋକପ୍ରିୟ ହୋଇ ପାରିନାହିଁ। ତେଣୁ ଏହି ଗେମ୍‌କୁ ପ୍ରୋତ୍ସାହନ ଦେବା ଏହି ଏକାଡେମୀର ମୁଖ୍ୟ ଉଦ୍ଦେଶ୍ୟ। ଏବେ ଦକ୍ଷିଣାଞ୍ଚଳରେ ବ୍ୟାଡ୍‌ମିଣ୍ଟନ ବେଶ୍ ଲୋକପ୍ରିୟ। ଆଗାମୀ ଦିନରେ ଉଡାନରେ ଅଭ୍ୟାସ କରି ପିଲାମାନେ ଜାତୀୟ/ଅନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରି ପାରିବେ। ବ୍ୟାଡ୍‌ମିଣ୍ଟନ ଏକ ବ୍ୟୟବହୁଳ କ୍ରୀଡ଼ା। ତେବେ ଏଠାରେ ଭିନ୍ନକ୍ଷମ ଏବଂ ଗରିବ ପିଲାଙ୍କୁ ମାଗଣାରେ କୋଚିଂ ଦିଆଯିବାର ଯୋଜନା ରହିଛି। ଅନ୍ୟ ପିଲାଙ୍କୁ ସୁହାଇଲାଭଳି ଫି’ ଧାର୍ଯ୍ୟ କରାଯିବ। ଯେପରି ଅଧିକରୁ ଅଧିକ ପିଲା ଏଠାରେ ଟ୍ରେନିଂ ନେଇପାରିବେ ତା ଉପରେ ଧ୍ୟାନ ଦିଆଯିବ। ରାଜ୍ୟ ସରକାରଙ୍କୁ ଆବେଦନ କରି ଆମେ ଭଲ କୋଚ୍‌ଙ୍କୁ ଆଣିବାକୁ ମଧ୍ୟ ଚେଷ୍ଟା କରିବୁ। ରାଜ୍ୟର କିଛି ସିନିୟର ଖେଳାଳି ମଧ୍ୟ ପିଲାଙ୍କୁ ଗାଇଡ୍ କରିବେ। ଏବେ ଭୁବନେଶ୍ୱରରେ ସାଇ ଏକାଡେମୀକୁ ଛାଡ଼ିଦେଲେ ଉତ୍କଳ ବିଶ୍ୱବିଦ୍ୟାଳୟ, ମଞ୍ଚେଶ୍ୱର, ନାଲ୍‌କୋ, ବରଗଡ଼, ଚିନ୍ତାମଣିଶ୍ୱର, ଉତ୍କଳ ହାଇଟ୍ସ ଆଦି ବିଭିନ୍ନ ସ୍ଥାନରେ ସିଙ୍ଗଲ ବ୍ୟାଡ୍‌ମିଣ୍ଟନ କୋର୍ଟର ସୁବିଧା ରହିଛି। ମାତ୍ର ଉଡାନ ପରି ସିନ୍ଥେଟିକ କୋର୍ଟ କେଉଁଠି ଉପଲବ୍ଧ ନାହିଁ। ଏହି ଏକାଡେମୀରେ ନାମ ଲେଖାଇବା ପାଇଁ ବହୁ ପିଲା ଆଗ୍ରହ ପ୍ରକାଶ କଲେଣି। ଅଭିଭାବକମାନେ ମଧ୍ୟ ଆଗ୍ରହ ଦେଖାଉଛନ୍ତି। ଭୁବନେଶ୍ୱର ବାହାର ପିଲାମାନେ ହଷ୍ଟେଲରେ ରହି ଖେଳିପାରିବେ। ଏଠାରେ ଅଭିଜ୍ଞ କୋଚ୍‌ଙ୍କ ସହ ରାଜ୍ୟର ସିନିୟର ଖେଳାଳିମାନେ କୋଚିଂ ଦେବେ ବୋଲି ଚିତ୍ତରଞ୍ଜନ ପ୍ରକାଶ କରିଛନ୍ତି।



# ବାଂଲାଦେଶ ୨୩୪ରେ ସୀମିତ

ହାମିଲଟନ, ୨୮।୨

ତମିମ ଇକବାଲଙ୍କ ଶତକ ସତ୍ତ୍ୱେ ଗୁରୁବାରଠାରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ବାଂଲାଦେଶ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ୫୯.୨ ଓଭରରେ ୨୩୪ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଓପନର୍ ତମିମ ୧୨୬ ରନର (୧୨୮ ବଲ, ୨୧ ଚୌକା, ୧ ଛକା ) ସାହସିକ ଇନିଂସ ଖେଳିଥିଲେ ମଧ୍ୟ ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁ ଭ୍ରମଣକାରୀ ବାଂଲାଦେଶ ବଡ଼ ସ୍କୋର ସଂଗ୍ରହ କରିବାରେ ବିଫଳ ହୋଇଥିଲା। ଏକଦା ୨ ଉଇକେଟ୍‌ରେ ୧୪୭ ରନ କରିଥିବା ବାଂଲାଦେଶ ପରବର୍ତ୍ତୀ ୮୭ ରନରେ ବଳକା ୮ ଉଇକେଟ୍ ହରାଇଥିଲା। ଘରୋଇ ଦଳ ପକ୍ଷରୁ ବାମହାତୀ ମଧ୍ୟଗତିର ବୋଲର ନିଲ ୱାଗନର ସର୍ବାଧିକ ୫ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ଷ୍ଟମ୍ପ ଅପସାରଣ ସୁଦ୍ଧା କୌଣସି ଉଇକେଟ୍ ନ ହରାଇ ୮୬ ରନ କରିଛି।

# ଇଂଲଣ୍ଡର ସାନ୍ତ୍ୱନାମୂଳକ ବିଜୟ

ମୁମ୍ବାଇ,୨୮।୨(ପି.ଟି.)

ଭାରତ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଇଂଲଣ୍ଡ ମହିଳା ଦଳ ବେଶ୍ ରୋମାଞ୍ଚକ ଢଙ୍ଗରେ ୭ଟି ବଲ ବାକିଥାଇ ୨ ଉଇକେଟରେ ବିଜୟ ହାସଲ କରିଛି। ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୧୭୪ ରନରେ ୭ ଉଇକେଟ ହରାଇଥିଲେ ମଧ୍ୟ ସଂଘର୍ଷ କରି ୪୮.୫ ଓଭରରେ ୮ ଉଇକେଟ ହରାଇ ୨୦୮ ରନ କରି ବିଜୟ ହାସଲ କରିଛି। ଉପଯୋଗୀ ୧୮ ରନ ସଂଗ୍ରହ କରିବା ସହ ମୂଲ୍ୟବାନ ୫ ଉଇକେଟ ଅକ୍ତିଆର କରିଥିବା ଇଂଲଣ୍ଡ ଦ୍ରୁତ ବୋଲର କାଥେରାଇନ୍ ବ୍ରଣ୍ଟ ପ୍ଲେୟାର ଅଫ୍ ଦି ମ୍ୟାଚ ଓ ସାରା ସିରିଜ୍‌ରେ ସ୍ଥିର ପ୍ରଦର୍ଶନ କରିଥିବା ଭାରତୀୟ ଓପନର ସ୍ମୃତି ମନ୍ଧାନା ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।

■ମଙ୍ଗଳପୁର ଏମ୍ଆଇପି ଲକ୍ଷ୍ୟଚ୍ୟୁତ

# ମିଳୁଛି ପର୍ଯ୍ୟାପ୍ତ ଅନୁଦାନ, ଶୁଖିଲା ପଡୁଛି ଡ୍ୟାମ

ଯାଜପୁର ଅଫିସ,୨୮।୨



■ମରୁଡ଼ି କବଳରେ ଚାଷୀ, ସ୍ୱପ୍ନ ଧୂଳିସାତ୍
■ଠିକାଦାର, ଯନ୍ତ୍ରୀଙ୍କ ସ୍ୱାର୍ଥରେ ଯୋଜନା

ଜଳସେଚନ ସୁବିଧାକୁ ପ୍ରାଧାନ୍ୟ ଦେଇ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ(ଏମ୍ଆଇପି) ଓ ଚେକ୍ଡ୍ୟାମ ଜରିଆରେ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିବର୍ଷ ଯୋଜନା ପ୍ରସ୍ତୁତ କରୁଛନ୍ତି। ଯାଜପୁର ଜିଲାରେ ଏମ୍ଆଇପି ଜରିଆରେ ପ୍ରାୟ ୧,୪୫୦ହେକ୍ଟର ଜମିରେ ରବି ଓ ୬,୫୦୦ ହେକ୍ଟର ଜମିରେ ଖରିଫ ଋତୁରେ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଥିବା ବିଭାଗ ପକ୍ଷରୁ ଦାବି କରାଯାଉଛି। ହେଲେ ବାସ୍ତବ କ୍ଷେତ୍ରରେ ତାହାର ୫୦ପ୍ରତିଶତ ଜମିରେ ବି ଏହା ସମ୍ଭବ ହୋଇପାରୁ ନାହିଁ। ଜିଲାର କେତେକ ଏମଆଇପି ପ୍ରକଳ୍ପକୁ ଅବଲୋକନ କଲେ ଏହା ସ୍ପଷ୍ଟ ହୋଇଛି। କେବଳ ୨୦୧୭-୧୮ ଆର୍ଥିକ ବର୍ଷରେ ଜିଲାର ୧୯୪ଟି ଏମ୍ଆଇପି ଓ ଚେକ୍ଡ୍ୟାମ ପ୍ରକଳ୍ପର ମରାମତି ଓ ଉନ୍ନତିକରଣ ନାମରେ କ୍ରିକିଲ, ଚେକଡ୍ୟାମ, ଷ୍ଟେଟପ୍ଲାନ ପ୍ରଭୃତି ଯୋଜନାରେ ୫୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ ହୋଇଛି। ନିମ୍ନମାନର କାର୍ଯ୍ୟ କରି ପର୍ଯ୍ୟାପ୍ତ ଅନୁଦାନର ସିଂହଭାଗ ଅର୍ଥରେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ମାଲାମାଲ ହେଉଥିବାବେଳେ ଚାଷୀଙ୍କ ଜମିରେ ଇଞ୍ଚେ ବି ଜଳସେଚନ ପରିମାଣ ବୃଦ୍ଧି ଘଟି ନାହିଁ। ସରକାର ଆଖିବୁଜି ବିଭାଗୀୟ ରିପୋର୍ଟକୁ ଗ୍ରହଣ କରି ନେଉଥିବାରୁ ସେଚ ଜମିର ବାସ୍ତବ ଚିତ୍ର ସବୁବେଳେ ଅସ୍ପଷ୍ଟ ରହୁଛି।

ଶିଳ୍ପ ଓ ଖଣିରେ ଭରପୁର ସୁକିନ୍ଦା, ଦାନଗଦୀ ବ୍ଲକ ଅଣଜଳସେଚନ ଅଞ୍ଚଳ ଭାବେ ପରିଚିତ। ଏହି ବ୍ଲକରେ ଚେକ୍ଡ୍ୟାମ ଓ ଏମଆଇପି ମରାମତି ତଥା ଉନ୍ନତିକରଣ ପାଇଁ ସୁକିନ୍ଦା ଏମ୍ଆଇପି ଡିଭିଜନ ରହିଛି। ୨୦୧୭-୧୮ ଆର୍ଥିକ ବର୍ଷରେ ଏହି ଡିଭିଜନରେ ୬୫ଟି ଏମ୍ଆଇପି ଓ ଚେକ୍ ଡ୍ୟାମର ମରାମତି ତଥା ଉନ୍ନତିକରଣ ନାମରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ କାର୍ଯ୍ୟାଦେଶ ବଣ୍ଟନ ହୋଇଛି। ସେଥିମଧ୍ୟରୁ ଏଠାରେ ମଙ୍ଗଳପୁର ଏମ୍ଆଇପିକୁ ଉଦାହରଣ ଭାବେ ନିଆଯାଇ ପାରିବ। ଏହି ପ୍ରକଳ୍ପରେ ୨୦୧୭-୧୮ ଆର୍ଥିକ ବର୍ଷରେ ଦୁଇ ଦୁଇଟି ବ୍ୟୟ ଅଟକଳ ହୋଇଥିଲା। ପ୍ରଥମରେ ୧୯ ଲକ୍ଷ ୯୯ହଜାର ଓ ଦ୍ୱିତୀୟରେ ୧୪ଲକ୍ଷ ୯୮ହଜାର ଟଙ୍କା ମଞ୍ଜୁର ହୋଇଥିବାବେଳେ ଉଭୟରେ ୧୪.୯୯ପ୍ରତିଶତ ଲେଖାଏ କମ୍‌ରେ ୨ଜଣ ଠିକାଦାରଙ୍କୁ ଟେଣ୍ଡର ମିଳିଥିଲା। ତେବେ ଚାଷୀଙ୍କ କହିବା ଅନୁସାରେ ବନ୍ଧର କେତେକ ୱାଲ କାର୍ଯ୍ୟ ହୋଇଥିବାବେଳେ ବାକି ଅନୁଦାନ ଅର୍ଥକୁ ଚଳୁ କରି ନିଆଯାଇଛି। ଏନେଇ ଚାଷୀମାନେ ଅଭିଯୋଗ କରିଥିଲେ ସୁଦ୍ଧା ସେମାନେ କାହାରି କଥାକୁ ଶୁଣି ନାହାନ୍ତି। ବିଭାଗୀୟ ଯନ୍ତ୍ରୀ ମଧ୍ୟ କାଁଭାଁ କାର୍ଯ୍ୟସ୍ଥଳକୁ ଆସି ଆଖିବୁଜି ମିଥ୍ୟା ବିଲ୍ ଭାଉଚରରେ ଦସ୍ତଖତ କରି ମଞ୍ଜୁର କରି ଦିଆଯାଉଛି। ସମ୍ପୃକ୍ତ ଠିକାଦାରମାନଙ୍କ ଉପରେ ଶାସକ ଦଳର ସମର୍ଥନ ରହିଥିବାରୁ କେହି ମୁହଁ ଖୋଲିବାକୁ ସାହାସ ଜୁଟାଇ ପାରୁ ନାହାନ୍ତି। ଫଳରେ ମଙ୍ଗଳପୁର ଏମ୍ଆଇପି ଜରିଆରେ ରବି ଋତୁରେ ଇଞ୍ଚେ ଜମିରେ ବି ପାଣି ମାଡୁନାହିଁ। ଖରିଫ ଋତୁରେ ବର୍ଷା ଜଳ ସଂରକ୍ଷିତ ରହୁଥିଲେ ହେଁ ଆବଶ୍ୟକସ୍ଥଳେ ପ୍ରାୟ ୩୦ଏକର ଜମିରେ ପାଣି ମାଡୁଛି। ବାକି ଜମିରେ ପାଣି ମାଡୁ ନଥିବାରୁ ଚାଷୀକୁଳଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି । ଏହାବାଦ ଗତ ବର୍ଷ କେନାଲ କଂକ୍ରିଟ କାର୍ଯ୍ୟ ହୋଇଛି। ସ୍ଥାନେ ସ୍ଥାନେ ଏହି କଂକ୍ରିଟକରଣ ହୋଇଥିବାରୁ ପ୍ରକଳ୍ପ ପାଣି ଠିକ ଭାବେ ପ୍ରବାହିତ ହୋଇପାରୁ ନାହିଁ। ଯଦ୍ୱାରା ତଳମୁଣ୍ଡରେ ଥିବା ଚାଷୀମାନେ ବେଳେ ବେଳେ ମରୁଡିର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ନବେ ଦଶକରେ ଏହି ପ୍ରକଳ୍ପ ଆରମ୍ଭ ହେବା ପରେ ଚାଷୀଙ୍କ ମନରେ ନୂତନ ଆଶାର କିରଣ ଉଦ୍‌ଭାସିତ ହୋଇଥିଲା। ଚାଷୀଙ୍କ ଜମିରେ ପାଣି ମାଡ଼ିବ। ସୁନାର ଫସଲ ଫଳିବ। ମରୁଡ଼ି ଦାଉରୁ ସେମାନେ ମୁକ୍ତି ପାଇବେ। ହେଲେ ସମ୍ପୃକ୍ତ ଚାଷୀଙ୍କ ଏହି ଆଶା ମଉଳି ଯାଉଛି। ଜମିକୁ ପାଣି ମାଡ଼ିବା ତ ଦୂରର କଥା କେବଳ ଚାଷୀଙ୍କ ଆଖିରୁ ଲୁହ ଝରୁଛି। ଜିଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଏମ୍ଆଇପିର ଅବସ୍ଥା ଅନୁରୂପ ଅଟେ। ସରକାରଙ୍କ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଆଦୌ କ୍ଷେତ୍ର ପରିଦର୍ଶନ ନ କରି ବିଭାଗୀୟ ରିପୋର୍ଟକୁ ଆଖିବୁଜି ଗ୍ରହଣ କରିନେଉଛନ୍ତି। ଏଥିରେ କାହାରି କ୍ଷତି ହେଉ ନ ଥିଲେ ହେଁ କୃଷି ଓ କୃଷକଙ୍କ ବିକାଶ ସମ୍ଭବ ହୋଇପାରୁ ନାହିଁ। ଚାଷୀ ନରେନ୍ଦ୍ର ସିଂ ସାମନ୍ତ, ସୁନୁ ସିଂ ସାମନ୍ତ, ସରୋଜ ବାରିକ, ମଣ୍ଟୁ ସିଂ ସାମନ୍ତ ପ୍ରମୁଖ କୁହନ୍ତି ଡ୍ୟାମକୁ ଅଧିକ ଗଭୀର କରାଗଲେ ପାଣି ସଂରକ୍ଷିତ ରହି ଚାଷୀଙ୍କ ଜମିକୁ ପାଣି ମାଡି ପାରନ୍ତା । କିନ୍ତୁ ଯେଉଁ ଅନୁଦାନ ଆସୁଛି ତାର ସିଂହଭାଗ ଅର୍ଥ ଠିକାଦାର ଓ ଯନ୍ତ୍ରୀଙ୍କ ପକେଟକୁ ଯାଉଛି। ଫଳରେ ଚାଷୀ ଉପକୃତ ହୋଇପାରୁ ନାହାନ୍ତି । ଏସଂକ୍ରାନ୍ତରେ ଏମ୍ଆଇପି ଯନ୍ତ୍ରୀ ଦିଲୀପ କୁମାର ଦାସଙ୍କୁ ପଚାରିବାରେ ସେ କହିଛନ୍ତି ଗତ ୫ ବର୍ଷ ମଧ୍ୟରେ ମଙ୍ଗଳପୁର ଏମ୍ଆଇପିର ସଟର ୨ଥର ଚୋରି ହୋଇଛି। ଫଳରେ ଖରା ମାସରେ ଜଳଧାରଣ କ୍ଷମତା ହ୍ରାସ ପାଉଛି। ତେବେ ଖରିଫ ଋତୁରେ ଏହି ଡ୍ୟାମରୁ ଚାଷୀ ଉପକୃତ ହେଉଛନ୍ତି ବୋଲି ସେ କହିଛନ୍ତି।

# ଲାଞ୍ଚ: ଅବସରପ୍ରାପ୍ତ ଭିଏଲ୍‌ଡବ୍ଲ୍ୟୁ ଦଣ୍ଡିତ

କଟକ ଅଫିସ,୨୮।୨

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକର ଅବସରପ୍ରାପ୍ତ ଭିଲେଜ ଲେଭେଲ ୱାର୍କର (ଭିଏଲ୍‌ଡବ୍ଲ୍ୟୁ) ବୃନ୍ଦାବନ ସାହୁ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ସାହୁଙ୍କୁ କଟକ ସ୍ପେଶାଲ ଭିଜିଲାନ୍ସ ଅଦାଲତ ପକ୍ଷରୁ ଜେଲ ଓ ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଇଛି। ସୂଚନାଯୋଗ୍ୟ, ୨୦୧୦ ମସିହାରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜଇମରା ଗାଁର ଅଭିମନ୍ୟୁ ସ୍ୱାଇଁଙ୍କଠାରୁ ଇନ୍ଦିରାଆବାସ କରାଇଦେବା ପାଇଁ ବୃନ୍ଦାବନ ତାଙ୍କ କାର୍ଯ୍ୟାଳୟରେ ୭୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏ ନେଇ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୩୦/୧୦) ରୁଜୁ ହୋଇଥିଲା। ମାମଲାଟି କଟକ ସ୍ପେଶାଲ ଭିଜିଲାନ୍ସ ଅଦାଲତରେ ବିଚାରାଧୀନ ଥିଲା। ଗୁରୁବାର ଆଗତ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ବିଚାରପତି ରାକେଶ ସାହୁ ବୃନ୍ଦାବନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୁର୍ନୀତି ନିବାରଣ ଆଇନର ପୃଥକ ଧାରା ଅନୁଯାୟୀ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଓ ୫୦୦୦ ଟଙ୍କା ଜରିମାନା ଦଣ୍ଡ ଦିଆଯାଇଛି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୨ ମାସ ଜେଲ ଭୋଗିବାକୁ ପଡିବ ବୋଲି ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ୩ ଦିନ ହେଲା ଧାରଣାରେ ବସିଛନ୍ତି ଟାଟା ବିସ୍ଥାପିତ



ଧାରଣାରେ ବସିଥିବା ବିସ୍ଥାପିତ ପରିବାର ।

- ଶୁଣୁନି କମ୍ପାନୀ, ପ୍ରଶାସନ
- ପୁନର୍ବାସ, ଥଇଥାନ ନୀତି ପ୍ରଣୟନ ଦାବି
- କମ୍ପାନୀ ପ୍ରଭାବରେ ବସୁନି ଆରପିଡିଏସି ବୈଠକ

ଯାଜପୁର ଅଫିସ/ବିରଜାକ୍ଷେତ୍ର (ଡି.ଏନ.ଏ.),୨୮।୨

ଶିଳ୍ପାୟନରେ ବିସ୍ଥାପିତ ଓ ପ୍ରଭାବିତଙ୍କ ଥଇଥାନ ଉଦ୍ଦେଶ୍ୟରେ ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି (ଆରପିଡିଏସି) କଳିଙ୍ଗନଗରରେ ପ୍ରହସନ ହୋଇଛି । ଦୀର୍ଘ ଅଢେଇ ବର୍ଷ ହେଲା ଆରପିଡିଏସି ବୈଠକ ବସୁ ନ ଥିବାରୁ ଶିଳ୍ପ ବିସ୍ଥାପିତଙ୍କ ଅନେକ ସମସ୍ୟା ଅସମାହିତ ରହିଛି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ପୁନର୍ବାସ ଥଇଥାନ ନୀତି ଟାଟା ଷ୍ଟିଲ ପାଇଁ ପ୍ରଜୁଜ୍ୟ ହେଉନାହିଁ। ଏହି କ୍ରମରେ ପ୍ରଭାବିତ ଅଞ୍ଚଳବାସୀ ତଥା କ୍ଷତିଗ୍ରସ୍ତ ପରିବାରଙ୍କ ସମସ୍ୟାଠାରୁ ପ୍ରଶାସନ ଓ ଶିଳ୍ପ କର୍ତ୍ତୃପକ୍ଷ ଦୂରେଇ ଯାଇଛନ୍ତି। ସମ୍ପ୍ରତି ଟାଟା ଷ୍ଟିଲ କର୍ତ୍ତୃପକ୍ଷଙ୍କ ବୈମାତୃକ ମନୋଭାବ ଯୋଗୁ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜମିହରା ଉନ୍ନୟନ କମିଟି ପକ୍ଷରୁ ଗାଡପୁର, ଚମ୍ପାକୋଇଲି ଓ କଳାମାଟିଆ ଗ୍ରାମର ପ୍ରଭାବିତ ଲୋକ ଗତ ୩ଦିନ ହେଲା ଆନ୍ଦୋଳନ ଚଳାଇଛନ୍ତି। ହେଲେ ଟାଟା କମ୍ପାନୀର ପ୍ରଭାବ ବଳରେ ପ୍ରଶାସନ ଏଠାରେ ନୀରବି ଯାଇଛି।

୨୦୦୬ରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ପୁନର୍ବାସ ଥଇଥାନ ନୀତି ଟାଟା ଷ୍ଟିଲ ପାଇଁ ପ୍ରଜୁଜ୍ୟ ହେଉନାହିଁ। ବିସ୍ଥାପିତ ପରିବାରଗୁଡିକର ଯୋଗ୍ୟ ପ୍ରାର୍ଥୀମାନେ ବହୁବିଧ କାରଣରୁ ବର୍ଷ ବର୍ଷ ଧରି ନିଯୁକ୍ତି ପାଇ ନ ପାରି ସେମାନଙ୍କ ମଧ୍ୟରେ ଅସନ୍ତୋଷର ବହ୍ନି ଜଳିବାରେ ଲାଗିଛି। ଯାହାର ପ୍ରତିଫଳନ ଏବେ ଦେଖିବାକୁ ମିଳିଛି। ବିସ୍ଥାପିତ ଲୋକେ ବାରମ୍ବାର କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ନିକଟକୁ ଧାଇଁ ଶେଷରେ ଦାବି ହାସଲ କରି ନ ପାରି ନୟାନ୍ତ ହେଉଛନ୍ତି। ଏପରିସ୍ଥଳେ ଭିଟାମାଟି ଜମି, ଘର, ବୃତ୍ତି ସବୁ କିଛି ହରାଇଥିବା ଲୋକେ ବିଦ୍ରୋହୀ ହେବା ସ୍ୱାଭାବିକ। ବାରମ୍ବାର ଆନ୍ଦୋଳନ ଯୋଗୁ ଟାଟା ଷ୍ଟିଲ ଭଳି ବୃହତ କମ୍ପାନୀ ଉପରେ ଲୋକଙ୍କ ନକରାତ୍ମକ ଭାବନା ସୃଷ୍ଟି ହେଉଥିବାବେଳେ ପ୍ରଶାସନ ପାଇଁ ମଧ୍ୟ ମୁଣ୍ଡବ୍ୟଥାର କାରଣ ହେଉଛି। ଏହିସବୁ ଗ୍ରାମର ଚାଷଜମି କମ୍ପାନୀରେ ବ୍ୟବହାର ହୋଇ ସାରିଲାଣି। ହେଲେ ଜନ ବସତି କେବଳ ବିସ୍ଥାପନ ଅପେକ୍ଷାରେ ରହିଛି । ଫଳରେ ବିବାଦ ମଧ୍ୟ ଦିନକୁ ଦିନ ବଢି ଚାଲିଛି। ଏଭଳି ପରିସ୍ଥିତିରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଲୋକ ଏବଂ ଟାଟା ଷ୍ଟିଲ୍ ମଧ୍ୟରେ ବ୍ୟବଧାନ ବଢି ଚାଲିଛି। ଉଚ୍ଚସ୍ତରରେ ପ୍ରତିନିଧିତ୍ୱ କରୁଥିବା ଜନ ପ୍ରତିନିଧିଙ୍କ ଭୂମିକା ମଧ୍ୟ ସନ୍ତୋଷଯୋଗ୍ୟ ଓ ଗ୍ରହଣଯୋଗ୍ୟ ଲୋକଙ୍କ ପାଇଁ ହେଉନାହିଁ। କେନ୍ଦ୍ର ଓ ରାଜ୍ୟରେ ପରସ୍ପର ବିରୋଧୀ ସରକାର ଥିବାରୁ ନେତାଏ ଖାଲି ରାଜନୈତିକ ଦୃଷ୍ଟିରୁ ପରସ୍ପର ଉପରେ ଦୋଷ ଲଦାଲଦିରେ ବ୍ୟସ୍ତ। ଆଉ ବିସ୍ଥାପିତ ଲୋକେ ଯେଉଁ ତିମିରେକୁ ସେହି ତିମିରେ। ବିସ୍ଥାପିତ ସମୟରେ ଉପରୋକ୍ତ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ୧୩ ହଜାର ଟଙ୍କା ଲେଖାଏ କ୍ଷତିପୂରଣ ମିଳିଥିଲା । ପରବର୍ତ୍ତୀ ଅବସ୍ଥାରେ ଏହି ବିସ୍ଥାପିତଙ୍କୁ ଘରଡିହ ଯୋଗାଇଦେବା ସହ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଟାଟା କମ୍ପାନୀ ଓ ଜିଲା ପ୍ରଶାସନ ପ୍ରତିଶ୍ରୁତି ପୂରଣ ନ କରିବାରୁ ୨୦୧୦ରୁ କ୍ଷତିଗ୍ରସ୍ତ ପ୍ରଜା ଆନ୍ଦୋଳନ ଚଳାଇ ଆସୁଛନ୍ତି । ଘରଡିହ ପଟ୍ଟା ଯୋଗାଇଦେବା, ପ୍ରଧାନମନ୍ତ୍ରୀ ଆବାସ, କର୍ମନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳର ବ୍ୟବସ୍ଥା କରିବା ଏବଂ ଟାଟା କମ୍ପାନୀଠାରୁ ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ ନେଇ ଆନ୍ଦୋଳନ ଚାଲିଛି। ଦୀର୍ଘ ପ୍ରାୟ ୧୦ ବର୍ଷ ହେଲା ଆନ୍ଦୋଳନ ଓ ଦାବି କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଆନ୍ଦୋଳନ ସମ୍ପର୍କରେ ଜିଲାପାଳ ଆବଶ୍ୟକ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନୁସାରେ ଟାଟା ଷ୍ଟିଲ ସହ ଆଲୋଚନା କରି ବିହିତ ପଦକ୍ଷେପ ନେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଟାଟା ଷ୍ଟିଲର ଜେନେରାଲ ମ୍ୟାନେଜର ପ୍ରଶାନ୍ତ କୁମାର ମଲ୍ଲିକଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ହେଁ କୌଣସି ମତାମତ ମିଳିପାରିନାହିଁ।

# ଖଏରା ଗ୍ରାମକୁ ମିଳିଲା ସୁସ୍ଥ ଗାଁ ପୁରସ୍କାର

ଚଣ୍ଡିଖୋଲ,୨୮।୨(ଡି.ଏନ.ଏ.)

ପ୍ରତ୍ୟେକ ପଞ୍ଚାୟତକୁ ସୁସ୍ଥ ଏବଂ ସ୍ୱଚ୍ଛ ରଖିବା ପାଇଁ ଗାଁ କଲ୍ୟାଣ ପାଣ୍ଠିକୁ ସରକାର ପ୍ରତି ବର୍ଷ ୧୦ ହଜାର ଟଙ୍କା ପ୍ରଦାନ କରିଥାନ୍ତି। ଗାଁ କଲ୍ୟାଣ ସମିତି ପରିବେଶ ସୁରକ୍ଷା ସହ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଅଗ୍ରାଧିକାର ଭିତ୍ତିରେ ଯେଉଁମାନେ କାର୍ଯ୍ୟ କରିଥାନ୍ତି ସେମାନଙ୍କୁ ପୁରସ୍କୃତ କରାଯାଏ। ଏହି ପରିପେକ୍ଷୀରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଏରା ଗ୍ରାମକୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଗୁରୁବାର ଜିଲା ଜନ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୁସ୍ଥ ଗାଁ ପୁରସ୍କାର ପ୍ରଦାନ କରାଯାଇଛି। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ପ୍ରଦତ୍ତ ଏହି ପୁରସ୍କାରକୁ ଖଏରା ସରପଞ୍ଚ ହରପ୍ରିୟା ବରାଳଙ୍କୁ ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଳିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରଶ୍ମିରଞ୍ଜନ ପଶାୟତ ପ୍ରଦାନ କରିଛନ୍ତି। ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ସହ ଏକ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଡାକ୍ତର ପାର୍ଥସାରଥି ପଣ୍ଡା, ଯୁବ ନେତା ଗଣେଶ୍ୱର ବରାଳ, ସୋଲର ସରପଞ୍ଚ ନୀଳମଣି ରାଉତ, ଶାଳପଡ଼ା ସରପଞ୍ଚ ବଟକୃଷ୍ଣ ନାୟକ, ଖଏରା ସମିତି ସଭ୍ୟା ସ୍ନେହଲତା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।


boyanika 62
ବୟନିକା
୬୨ ବର୍ଷର ଉତ୍କର୍ଷ
ଦ୍ୱାରା ଆୟୋଜିତ
Government of Odisha

## ଜାତୀୟ ହସ୍ତତନ୍ତ ମେଳା ୨୦୧୯

ସ୍ଥାନ : ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର
୦୧ ମାର୍ଚ୍ଚ ସନ୍ଧ୍ୟା ୬.୩୦ ଘଟିକା ସମୟରେ
ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ
ମାନନୀୟା ମନ୍ତ୍ରୀ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ଓଡ଼ିଶା
ଶୁଭ ଉଦ୍‌ଘାଟନ କରିବେ
ଭବ୍ୟ ଉପସ୍ଥିତି
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଡଃ (ପ୍ରଫେସର) ପ୍ରସନ୍ନ କୁମାର ପାଟ୍ଟଶାଣୀ
ମାନ୍ୟବର ସାଂସଦ, ଲୋକସଭା, ଭୁବନେଶ୍ୱର
ଶ୍ରୀଯୁକ୍ତ ବିଜୟ କୁମାର ମହାନ୍ତି
ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର
ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀମତୀ ଶୁଭା ଶର୍ମା, ଭା.ପ୍ର.ସେ.
କମିଶନର ତଥା ଶାସନ ସଚିବ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା
ଶ୍ରୀଯୁକ୍ତ ସୁଶାନ୍ତ କୁମାର ବାରିକ, ଓ.ପ୍ର.ସେ. (ଏସ୍.ଏସ୍)
ବୟନଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶା
ଏହି ଉତ୍ସବରେ ଯୋଗ ଦେବା ନିମନ୍ତେ ବିନମ୍ର ଅନୁରୋଧ
ବିକାଶ ଚନ୍ଦ୍ର ମହାପାତ୍ର, ଓ.ପ୍ର.ସେ.(ଏସ୍.ଏ.ଜି)
ପରିଚାଳନା ନିର୍ଦ୍ଦେଶକ, ବୟନିକା
ଶେଷ କୁମାର ମେହେର
ସଭାପତି, ବୟନିକା
୧ - ୨୮ ମାର୍ଚ୍ଚ ୨୦୧୯
ପ୍ରତ୍ୟେକ ଦିନ ଅପରାହ୍ନ ୨.୦୦ ରୁ ସନ୍ଧ୍ୟା ୯.୩୦ ପର୍ଯ୍ୟନ୍ତ
ପ୍ରାୟୋଜକ: ହସ୍ତତନ୍ତ ଉନ୍ନୟନ ଆୟୋଗ, ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର
ଆୟୋଜକ: ବୟନିକା, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର


# ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ: ୨ ଆହତ

ଯାଜପୁରରୋଡ,୨୮।୨(ନି.ପ୍ର.)

ଯାଜପୁରରୋଡ ଥାନା ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତ ହାଇସ୍କୁଲ ନିକଟ ହିଙ୍ଗୁଳା ପଡ଼ିଆରେ ଗୁରୁବାର ବିଜେଡିର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇ ୨ ଜଣ ଆହତ ହୋଇଛନ୍ତି। ପ୍ରକାଶ ଯେ, କୋରେଇ ବିଧାୟକ ଆକାଶ ଦାସନାୟକ ଲକ୍ଷ୍ମୀନଗରଠାରେ ଏକ ସଭାରେ ଯୋଗଦେବାକୁ ଆସିଥିଲେ। ଏହି ସମୟରେ ତରାପୁର ଓ ଲକ୍ଷ୍ମୀନଗର ଗ୍ରାମର ଦୁଇ ଯୁବ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଫଳରେ ବିଧାୟକ ସଭାରେ ଯୋଗ ନ ଦେଇ ଫେରିଯାଇଥିଲେ। ଗୋଷ୍ଠୀ ସଂଘର୍ଷର କାରଣ ଜଣାପଡ଼ି ନ ଥିବାବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ ମଧ୍ୟ କୌଣସି ଅଭିଯୋଗ ହୋଇନାହିଁ।

# ୩୩/୧୧ କେଭି ସବ୍‌ଷ୍ଟେଶନ ଉଦ୍‌ଘାଟିତ

କୋରେଇ,୨୮।୨(ସ୍ୱ.ପ୍ର.)

କୋରେଇ ବ୍ଲକ ଅନ୍ତର୍ଗତ ୨୦ନଂ. ଜାତୀୟ ରାଜପଥ ପାର୍ଶ୍ୱ ଅନ୍ଧାରୀ ନିକଟରେ ନିର୍ମାଣ ହୋଇଥିବା ରଗଡ଼ି ୩୩/୧୧ କେଭି ସବ୍‌ଷ୍ଟେଶନ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓପିଟିସିଏଲ ପକ୍ଷରୁ ଏହାର ନିର୍ମାଣ କରାଯାଇଥିବା ବେଳେ ନେସ୍କୋ ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରହଣ କରିଛି। ଏହି ସବ୍‌ଷ୍ଟେଶନ ଦ୍ୱାରା ଅନ୍ଧାରୀ, ପଚ୍ଛିକୋଟ, କାଟରାସାହି, କନ୍ତୋର, ଗୌରପୁର ତଥା ଅସନଝର ପଞ୍ଚାୟତର ୪ ହଜାରରୁ ଅଧିକ ଉପଭୋକ୍ତା ଉପକୃତ ହୋଇପାରିବେ ବୋଲି ବିଭାଗୀୟ ଯନ୍ତ୍ରୀ ସୂଚନା ଦେଇଛନ୍ତି। ବିଦ୍ୟୁତ୍ ଯୋଗାଣ ନିମନ୍ତେ ୨ ପାୱାର ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ଯାଜପୁରରୋଡ଼ ଅଧୀକ୍ଷଣ ଯନ୍ତ୍ରୀ ନିର୍ମଳ ଦାସ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ତପନ କୁମାର ବେହେରା, ଉପଖଣ୍ଡ ଅଧିକାରୀ ପାର୍ଥ ସାରଥି ଦାସ, କନିଷ୍ଠ ଯନ୍ତ୍ରୀ ରାମହରି ନାୟକଙ୍କ ସମେତ ୱାପକସର ଅଧିକାରୀ ଭାଗବତ ବାରିକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲା ପରିଷଦ ଉପାଧ୍ୟକ୍ଷା ଅମୂଲ୍ୟବାଳା ପାତ୍ର, ୨ନଂ. ଜୋନ ଜିଲାପରିଷଦ ସଭ୍ୟା ମାତାଜୀ ଆଏଚ, କୋରେଇ ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ, କୋରେଇ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ଆଇନ୍‌ଜୀବୀ ଧନେଶ୍ୱର ବାରିକ, ଅନ୍ଧାରୀ ପୂର୍ବତନ ସରପଞ୍ଚ ରାଜେନ୍ଦ୍ର କୁମାର ରାଉତରାୟ, ପଚ୍ଛିକୋଟ ସରପଞ୍ଚ ମହେନ୍ଦ୍ର ପ୍ରତାପ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେବ ବୋଲି ଅଧିକ୍ଷଣ ଯନ୍ତ୍ରୀ ଦାସ ଖବରଦାତାଙ୍କୁ ସୂଚନା ଦେଇଥିଲେ। ଏଥି ସହିତ ଅନ୍ଧାରୀ ପଞ୍ଚାୟତରେ ଆମ ଗାଁ ଆମ ବିକାଶ ଓ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ନିର୍ମିତ ହୋଇଥିବା ବିଭିନ୍ନ ପ୍ରକଳ୍ପକୁ ବିଧାୟକ ଦାସ ନାୟକ ଉଦ୍‌ଘାଟନ କରିଥିଲେ। କିଆପଦା ଗ୍ରାମର ଗ୍ରାମ ବିକାଶ ଗୋଷ୍ଠୀକେନ୍ଦ୍ର ଓ ବିଧାୟକଙ୍କ ହାତ ପାଣ୍ଠିରେ ନିର୍ମାଣ ହୋଇଥିବା ମହିମା ଗୋଷ୍ଠୀକେନ୍ଦ୍ର, ଆବୁଲୁପୁରା ଗ୍ରାମର ନିତାଇଗୌର ଗୋଷ୍ଠୀକେନ୍ଦ୍ର, କୋରାବନ୍ଦୀ ଗ୍ରାମର ହାପି ଯୁବକ ସଂଘ ଆଦି ଉଦ୍‌ଘାଟିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ଧାରୀ ସମିତି ସଭ୍ୟ କୁଳମଣୀ ଦାସ, ଅସନଝର ସରପଞ୍ଚ ନିରଞ୍ଜନ ବାରିକ, କନ୍ତୋର ସରପଞ୍ଚ ରୁନୁ ଭୂୟାଁ, ସମିତି ସଭ୍ୟ ଅଶୋକ ବାରିକ, କାଟରାସାହି ବିଜେଡି ସଭାପତି ଗୌରୀଶଙ୍କର ମହାପାତ୍ର, ଗଣେଶ ଦାସ, ପାଣିକୋଇଲି ସମିତି ସଭ୍ୟ ସେଖ ଜହର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

- ବରିଷ୍ଠ ନାଗରିକଙ୍କ ଘରେ ଲୁଟ୍ ଘଟଣା

# ଘଟଣାସ୍ଥଳ ଅନୁଧ୍ୟାନ କଲେ ଏସଡିପିଓ

ବିଞ୍ଝାରପୁର, ୨୮।୨ (ଡି.ଏନ.ଏ)

**ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଦାବି**

ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟ ନିକଟରେ ରହୁଥିବା ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ଅଧ୍ୟାପକ ଅଜୟ କୁମାର ଓଝାଙ୍କ ଘରେ ମଙ୍ଗଳବାର ରାତିରେ ଲୁଟ୍ ହୋଇଥିଲା। ଦୁର୍ବୃତ୍ତମାନେ ଓଝା ଓ ତାଙ୍କ ପରିବାକୁ ଆକ୍ରମଣ କରି ୫ଲକ୍ଷ ଟଙ୍କାର ସୁନା ଅଳଙ୍କାର ସମେତ ନଗଦ ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ଗୁରୁବାର ଯାଜପୁର ଏସଡିପିଓ ରବୀନ୍ଦ୍ର କୁମାର ଜେନା ଘଟଣା ସ୍ଥଳରେ ପହଁଚି ତଦନ୍ତ କରିଛନ୍ତି। ଏହି ଲୁଟ ଘଟଣାକୁ ପୋଲିସ ପକ୍ଷରୁ ଗୁରୁତ୍ୱ ଭାବେ ଗ୍ରହଣ କରାଯାଇଛି। ସବୁ ଦିଗ ଉପରେ ପୋଲିସ ତଦନ୍ତ କରିବା ସହିତ ଏହି ପରିବାର ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିବା ଏସ୍‌ଡିପିଓ ଜେନା ପ୍ରକାଶ କରିଛନ୍ତି। ପୋଲିସ ଏହି ଚୋରି ଘଟଣାରେ ଏଯାବତ୍ କାହାକୁ ଗିରଫ କରି ନ ଥିଲେ ମଧ୍ୟ ଖୁବ ଶୀଘ୍ର ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରାଯିବ ବୋଲି ନୂତନ ଭାବେ ଯୋଗ ଦେଇଥିବା ଥାନା ଅଧିକାରୀ ଶିବ ଚରଣ ବେହେରା ପ୍ରକାଶ କରିଛନ୍ତି । ତେବେ ଏହି ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଏସଡିପିଓ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ମଙ୍ଗଳବାର ରାତିରେ ୫ଜଣ ମୁଖା ପିନ୍ଧା ଲୁଟେରା ଓଝାଙ୍କ ଘର ଭିତରକୁ ପ୍ରବେଶ କରି ତାଙ୍କୁ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ବନ୍ଧୁକ, ଭୁଜାଲି ଦେଖାଇ ଭୟଭିତ କରିବା ସହିତ ପ୍ରାୟ ୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଥିଲେ।






### ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଗୋଟିଏ ଦିନ ବାକି

# କ୍ଷେତ୍ର ପରିଦର୍ଶନ କଲେ ପ୍ରଶାସନିକ ଅଧିକାରୀ

ଚଣ୍ଡିଖୋଲ,୨୮।୨(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୨ ତାରିଖ ତଥା ଶନିବାର ବଡ଼ଚଣା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରିବେ। ଏଥିସହ ଚଣ୍ଡିଖୋଲ ନିକଟ ସୁଙ୍ଗୁଡ଼ା ଖେଳପଡ଼ିଆଠାରେ ଏକ ସାଧାରଣ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେ ନେଇ ଯାଜପୁର ଜିଲା ପ୍ରଶାସନ ତରଫରୁ ସଭାସ୍ଥଳ ପରଦର୍ଶନ କରାଯାଇଛି। ଏଥିରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ଏସ୍‌ପି ଚରଣ ସିଂ ମୀନା, ଏମ୍‌ପି ରୀତା ତରାଇ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ପ୍ରମୁଖ ପରିଦର୍ଶନରେ ସାମିଲ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ପୂର୍ତ୍ତ ବିଭାଗ ଅଧୀନରେ ନିର୍ମାଣ ହୋଇଥିବା ବାଇଶିମୌଜା ସେତୁ ଉଦ୍‌ଘାଟନ, ଲଳିତଗିରି-ଉଦୟଗିରି ରାସ୍ତାର ଆଧୁନିକୀକରଣ, ବନ୍ଧାଲୋ-ଏଣ୍ଡରପଦା ରାସ୍ତାର ଉନ୍ନତୀକରଣ ସହ ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଉକ୍ତ ବ୍ଲକ ଅନ୍ତର୍ଗତ ମଖିପଡ଼ାଠାରେ ଏକ ମେଗା ପାନୀୟଜଳ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହେବ। ସଭା ସ୍ଥଳରେ ୫୦ ହଜାର ଲୋକ ଯୋଗଦେବେ ବୋଲି ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ତରଫରୁ କ୍ଷେତ୍ର ପରିଦର୍ଶନ ସମୟରେ ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ସୁଙ୍ଗୁଡ଼ା ସରପଞ୍ଚ ଚାଟାଲିନ ସ୍ୱାଇଁ, ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର ନାୟକ, ପଲ୍ଲୀ ମଙ୍ଗଳ ସେବା ସମବାୟ ସମିତି ସଭାପତି ସଞ୍ଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବାଇଶିମୌଜା ସେତୁ ଓ ସଂଯୋଗୀକରଣ ରାସ୍ତା ପାଇଁ ୨୦ କୋଟି ୪୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ବନ୍ଧାଲୋ-ଏଣ୍ଡରପଦା ରାସ୍ତାର ୫ରୁ ୧୦ କି.ମି. ପର୍ଯ୍ୟନ୍ତ ଅଂଶର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ପାଇଁ ୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଲଳିତଗିରି-ଉଦୟଗିରି-ରତ୍ନଗିରି ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ପାଇଁ ୧୧ କୋଟି ୫୧ ଲକ୍ଷ ୪୮ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ସବୁ ପ୍ରକଳ୍ପ ସହ କେତେକ ଛୋଟ ଛୋଟ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ।


CLASSIFIED DISPLAY













MORE SPACE • SAME PRICE

CLASSIFIED DISPLAY

(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable





ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ



## ସଂକ୍ଷେପରେ

### ବାଇକକୁ ପଛରୁ ଧକ୍କା ଦେଲା ଟ୍ରକ୍, ଜଣେ ଗୁରୁତର

**ଚଢ଼େଇଧରା/ଜେନାପୁର, ୨୮।୨(ଡି.ଏନ୍.ଏ):** ଜେନାପୁର ଥାନା ଅନ୍ତର୍ଗତ ଡୁବୁରୀ-ଚଣ୍ଡିଖୋଲ ୫୩ ନମ୍ବର ଜାତୀୟ ରାଜପଥର ତାରିଣୀ ଛକଠାରେ ଗୁରୁବାର ସନ୍ଧ୍ୟାରେ ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ତାଙ୍କ ପରିଚୟ ମିଳି ପାରି ନାହିଁ। ଖବର ପାଇ ଜେନାପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଓ ବାଇକକୁ ଜବତ କରବା ସହ ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫ ଡ୍ରାଇଭର ଜଣଙ୍କ ବିରଞ୍ଚି ମହାରଣା ବୋଲି ଜଣାପଡିଛି। ପ୍ରକାଶ ଯେ, ବାଇକ୍ ଆରୋହୀ ଜଣଙ୍କ ଚଢେଇଧରା ଯାଉଥିବାବେଳେ ଡୁବୁରୀ-ଚଣ୍ଡିଖୋଲଠାରେ ଟ୍ରକ୍‌ଟି ପଛପଟୁ ଧକ୍କା ଦେଇଥିଲା।

### ଆଦର୍ଶ ପଞ୍ଚାୟତରେ ଯକ୍ଷ୍ମା ଆତଙ୍କ

**ଯାଜପୁର ଅଫିସ,୨୮।୨:** ଯାଜପୁର ଜିଲା ଧର୍ମଶାଳା ବ୍ଲକ ଶ୍ରେଷ୍ଠ ପଞ୍ଚାୟତ ସୁନ୍ଦରିଆ ପଞ୍ଚାୟତ ଅନ୍ତର୍ଗତ ଷଣ୍ଢପୁର ଗ୍ରାମରେ ଯକ୍ଷ୍ମା ରୋଗ ବ୍ୟାପିବାରେ ଲାଗିଛି। ଗତ ଦୁଇ ମାସ ମଧ୍ୟରେ କାଣି ଖଟୁଆ ଓ ଗୋଲକ ଖଟୁଆଙ୍କ ମୃତ୍ୟୁ ହୋଇଛି। ଏହାବାଦ ୧୦ରୁ ଊର୍ଦ୍ଧ୍ୱ ଲୋକ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୦୧୮ ଏପ୍ରିଲ ମାସରେ ସାରା ରାଜ୍ୟରେ ସୁନ୍ଦରିଆ ପଞ୍ଚାୟତକୁ ପାନୀୟ ଜଳ, ସ୍ୱାସ୍ଥ୍ୟ, ପରିମଳ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରେଷ୍ଠ ପଞ୍ଚାୟତଭାବେ ଘୋଷଣା କରାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟ ଯେ, ଏହି ପଞ୍ଚାୟତରେ ଏବେ ପାନୀୟ ଜଳ ସଙ୍କଟ ସହ ଲୋକେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏନେଇ ସମିତି ସଭ୍ୟ ରିଲୁ ବେହୁରା ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

### ୨୦୩ ୟୁନିଟ ରକ୍ତ ସଂଗ୍ରହ

**ଯାଜପୁର ରୋଡ, ୨୭।୨(ନି.ପ୍ର):** ବ୍ୟାସନଗର ବିଜୁଯୁବ ଛାତ୍ରବାହିନୀ ପକ୍ଷରୁ ବୁଧବାର ଜୀବନ ବିନ୍ଦୁ ଯୋଜନାରେ ଏକ ମେଗା ରକ୍ତଦାନ ଶିବିର ଯାଜପୁର ରୋଡ ରକ୍ତ ଭଣ୍ଡାର ପରିସରରେ ଅନୁଷ୍ଠିତ ହୋଇଛି। କୋରାଇ ବିଧାୟକ ଆକାଶ ଦାସ ନାୟକ ଓ ଯାଜପୁର ଏମ୍‌ପି ରୀତା ତରାଇଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରରେ ୨୦୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ଜଣାପଡିଛି। ପୂର୍ବତନ ଉପ ନଗରପାଳ ସୁବାସ ଜନ୍ଦ୍ର ବଳ, ବ୍ୟାସନଗର ବିଜୁଜନତା ଦଳ ଉପସଭାପତି ଶିବାନନ୍ଦ ନାୟକ, ପୂର୍ବତନ ପୌରାଧକ୍ଷା ସବିତା ରାଉତ, ରାଜେଶ ରାଉତ, ସଂଘମିତ୍ରା ଜେନାଙ୍କ ସମେତ ବହୁ ବିଜୁ ଯୁବ ବାହିନୀର ନେତୃବୃନ୍ଦ ଉପସ୍ଥିତ ଥିଲେ।

### ଅଗ୍ନିକାଣ୍ଡରେ ୬ ବଖରା ଭସ୍ମୀଭୂତ

**ବିରଜାକ୍ଷେତ୍ର/ବରୀ,୨୮।୨(ଡି.ଏନ୍.ଏ/ସ୍ୱ.ପ୍ର.):** ଯାଜପୁର ବ୍ଲକ ଅନ୍ତର୍ଗତ ସାହାସପୁର ପଞ୍ଚାୟତର ଗୋବିନ୍ଦପୁର ଗ୍ରାମରେ ଗୁରୁବାର ମଧ୍ୟାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟି ସୁପ୍ରଭା ସାହାଣୀ, ଧ୍ରୁବଚରଣ ସାହାଣୀ, ପ୍ରଦୀପ ସାହାଣୀ, ପ୍ରକାଶ ସାହାଣୀ, ଅଶୋକ ସାହାଣୀ, ବିରଞ୍ଚି ସାହାଣୀଙ୍କର ୬ ବଖରା ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ମଧ୍ୟାହ୍ନ ସମୟରେ ରୋଷେଇ କରୁଥିବା ସମୟରେ ଚୂଲିରୁ ନିଆଁ ଉଠି ଅଗ୍ନିକାଣ୍ଡ ଘଟିବା ଫଳରେ ୬ ବଖରା ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହେବାସହ ଘରର ସମସ୍ତ ଆସବାସପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ବରୀ ଓ ଯାଜପୁରର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ୬ ବଖରା ସମ୍ପୂର୍ଣ୍ଣ ପୋଡ଼ିଯାଇଛି।

### ଡମ୍ଫର ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ଧର୍ମଶାଳା,୨୮।୨(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ଧର୍ମଶାଳା-କବାଟବନ୍ଧ ରାସ୍ତାର ମା' ପଳାସବୁଢୀ ଠାକୁରାଣୀଙ୍କ ମନ୍ଦିର ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ଡମ୍ଫର ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ଇମାମନଗର ଗ୍ରାମର ଉଦୟନାଥ ଅର୍ଜୁନ ଜେନା ଓ ବିଚିତ୍ରା ନନ୍ଦ ବଳ। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। ସେଠାରୁ ପ୍ରାଥମିକ ଚିକିତ୍ସା ପରେ ଅର୍ଜୁନଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି। ଏମାନେ ବାଇକ୍‌ରେ ଜାରକାରୁ ଘରକୁ ଫେରୁଥିବା ବେଳେ ଜାରକାକୁ ଆସୁଥିବା ଏକ କଳାପଥର ବୋଝେଇ ଡମ୍ଫର ସହିତ ଧକ୍କା ହୋଇଥିଲେ।

## ବିଭାଗୀୟ ଅଧିକାରୀ-ଠିକାଦାରଙ୍କ ମଧୁଚନ୍ଦ୍ରିକା

# କାମ ସରିନି, ପାଇସାରିଲେଣି ବିଲ୍

**ରସୁଲପୁର,୨୮।୨(ଡିଏନଏ)**

ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ-୨ରେ ବିଭାଗୀୟ ଅଧିକାରୀଙ୍କ କୋହଳ ମନୋଭାବ ଯୋଗୁ ଠିକାଦାରଙ୍କ ମନୋମୁଖି କାର୍ଯ୍ୟ ବଢିଯାଇଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ନିର୍ମାଣ କାର୍ଯ୍ୟକୁ ପ୍ରଭାବିତ କରୁଛି। ରାସ୍ତା ନିର୍ମାଣବେଳେ ନିୟମ କାନୁନ୍‌କୁ ଅଣଦେଖା କରାଯାଉଛି। ଏଥିପ୍ରତି ଧ୍ୟାନ ଦିଆ ନ ଯାଇ ଠିକାଦାରଙ୍କୁ ବିଲ୍ ପୈଠ କରାଯାଉଛି। ଏଭଳି ରାସ୍ତାଗୁଡିକ ମଧ୍ୟରୁ ବିଭାଗ ଅଧୀନ ରସୁଲପୁର ବ୍ଲକର ପ୍ରଥମାଖଣ୍ଡ-ବନ୍ଧଡିହ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କକୁ ଉଦାହରଣ ଭାବେ ନିଆଯାଇ ପାରେ। ଏହି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ସତ୍ତ୍ୱେ ଠିକାଦାର ପ୍ରତି ଅନୁକମ୍ପା ପ୍ରଦର୍ଶନ କରାଯାଇଥିବା କୁହାଯାଉଛି।

ପ୍ରକାଶ ଯେ, ପ୍ରଥମାଖଣ୍ଡି ପଞ୍ଚାୟତର ମୂଳାପାଳ ଛକଠାରୁ ବନ୍ଧଡିହ ପଞ୍ଚାୟତକୁ ସଂଯୋଗ କରୁଥିବା ୧୭.୫ କି.ମି. ରାସ୍ତା ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ କରାଯାଉଛି। ଏଥିପାଇଁ ୮କୋଟି ୫୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଉକ୍ତ ରାସ୍ତାର ୧୪.୧୦ କି.ମି. ପିଚୁ ଓ ୩.୪୦୦ କି.ମି. ରାସ୍ତା ଢଳେଇ କରାଯିବାକୁ ଆକଳନ କରାଯାଇଛି। ୧୦ ଫୁଟ ଚଉଡ଼ା ପୁରୁଣା ରାସ୍ତାକୁ ୧୫ଫୁଟ ଚଉଡା କରାଯିବା ପାଇଁ ପ୍ରାବଧାନ ରହିଛି। ଏଥିସହ ରାସ୍ତାର ତଳସ୍ତରକୁ ବାଲି ଓ ମୋରମ ପକାଯାଇ ସୁଦୃଢ କରାଯିବ। ଏହି ସ୍ତରକୁ ୬ଇଞ୍ଚରେ ସୀମିତ ରଖାଯିବ। ଏଥିସହ କଳା ମେଟାଲକୁ ଦୁଇଟି ସ୍ତରରେ ୩ଇଞ୍ଚ ଲେଖାଏ ମୋଟ ୬ଇଞ୍ଚରେ କରାଯିବା ସହ ରାସ୍ତାର ଉଭୟ ପାର୍ଶ୍ୱକୁ ୩.୫ଫୁଟ୍ ଚଉଡା କରିବା ପାଇଁ ଆକଳନରେ ଉଲ୍ଲେଖ ରହିଛି। ଏହି ସକାଶେ ୨୦୧୬ରେ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ମେସର୍ସ ଆଶୁତୋଷ କନଷ୍ଟ୍ରକଶନ, ଜାରକାକୁ ଏହି ଟେଣ୍ଡର ମିଳିଥିଲା। କାର୍ଯ୍ୟ ୨୧।୧୨।୨୦୧୬ରେ ଆରମ୍ଭ କରାଯାଇ ୨୦।୧୨।୨୦୧୭ରେ ଶେଷ କରିବାକୁ ଚୁକ୍ତି ହୋଇଥିଲା। ଇତିମଧ୍ୟରେ ଅବଧି ଶେଷ ହେବାକୁ ୧୫ମାସ ବିତିଗଲାଣି। ମାତ୍ର ରାସ୍ତା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଠିକାଦାର ଚୁକ୍ତିନାମାକୁ ଖିଲାପ କରିଚାଲିଛନ୍ତି। ମାତ୍ର ବିଭାଗ ପକ୍ଷରୁ ଠିକାଦାରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଦଳରେ ଠିକାଦାର ପକ୍ଷରୁ କରାଯାଇଥିବା ଅଧାପନ୍ତରିଆ କାର୍ଯ୍ୟକୁ ନେଇ ବିଲ୍ ପୈଠ କରିଦିଆଯିବା ଘଟଣା ବିଭାଗର ଠିକାଦାର ପ୍ରୀତିକୁ ପ୍ରମାଣିତ କରୁଛି। ଏହାଛଡା ଶେଷ ହୋଇଥିବା କାର୍ଯ୍ୟରୁ ପିଚୁ ଉଠିଗଲାଣି। ସ୍ଥାନେସ୍ଥାନେ ଗାଡ ସୃଷ୍ଟି ହେଲାଣି। ଏ ଦିଗରେ ଗୁରୁତ୍ୱ ଦିଆଯାଉ ନାହିଁ। ହେଲେ ରାସ୍ତା ଶେଷ ହେବାର ୫ବର୍ଷ ପର୍ଯ୍ୟନ୍ତ ମରାମତି କରାଯିବା ନେଇ ବିଧି ରହିଛି। ହେଲେ ତାହାକୁ ଠିକାଦାର ପାଳନ କରୁନାହାନ୍ତି। ଆକଳନକୁ ଅଣଦେଖା କରାଯାଉଛି। ନିମ୍ନମାନର ରାସ୍ତା କାର୍ଯ୍ୟକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଉକ୍ତ ଠିକାଦାରଙ୍କୁ ବଦଳାଇବା ସହ ନିମ୍ନମାନର କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରାଯିବାକୁ ଦାବି ହେଉଛି। ଠିକାଦାରଙ୍କ ମନୋମୁଖି କାର୍ଯ୍ୟକୁ ବିଭାଗୀୟ ଅଧିକାରୀମାନେ ଅଣଦେଖା କରିବା ସହିତ ସହାକରୀ ଯନ୍ତ୍ରୀ ସୁଶାନ୍ତ କୁମାର ମହନ୍ତ ଅଧିକାଂଶ ସମୟ ଜାରକା କାର୍ଯ୍ୟାଳୟରେ ବସି ରହୁଛନ୍ତି। ହେଲେ କାର୍ଯ୍ୟସ୍ଥଳ ପରିଦର୍ଶନରେ ଯାଉନାହାନ୍ତି। କୁଆଖିଆ ସେକ୍ସନ ଯନ୍ତ୍ରୀ ଭିମସେନ ମହାରଣା ଏକାଧିକ ନିର୍ମାଣ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି, ତାଙ୍କୁ ସବୁ କାର୍ଯ୍ୟ ଦେଖିବା ସମ୍ଭବପର ହେଉ ନାହିଁ ବୋଲି କହିଛନ୍ତି। ଏ ସମ୍ପର୍କରେ ସହାକାରୀ ଯନ୍ତ୍ରୀ ମହନ୍ତଙ୍କୁ ପଚାରିବାରୁ, ସେ ଅଧିକାଂଶ ସମୟ ଜାରକା କାର୍ଯ୍ୟାଳୟରେ ବିତାଉଥିବା କଥା ସ୍ୱୀକାର କରିଛନ୍ତି। ମାତ୍ର ସମୟେ ସମୟେ କାର୍ଯ୍ୟସ୍ଥଳ ପରିଦର୍ଶନରେ ଯାଉଥିବା କହିଛନ୍ତି। ଉକ୍ତ ରାସ୍ତା କାର୍ଯ୍ୟ ଉପରେ ଅଭିଯୋଗ ଆସିଲେ ସେ ଯାହାକିଛି କରିବେ ବୋଲି ପ୍ରକାଶ କରିଛନ୍ତି।

**ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ**



- ପ୍ରଥମାଖଣ୍ଡ-ବନ୍ଧଡିହ ରାସ୍ତା ନିର୍ମାଣରେ ଦୁର୍ନୀତି
- ଠିକାଦାର ମନମୁଖି କାର୍ଯ୍ୟକୁ ଅଧିକାରୀଙ୍କ ଅଣଦେଖା
- ଅବଧିର ଦେଢ଼ ବର୍ଷ ପରେ ବି ସରିଲାନି ରାସ୍ତା କାମ

## କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ

**ଦଶରଥପୁର,୨୮।୨(ଡି.ଏନ୍.ଏ.)**

ଦଶରଥପୁର ବ୍ଲକର ବ୍ୟବସାୟ ପ୍ରାଣକେନ୍ଦ୍ର କୁହାଯାଉଥିବା ମଙ୍ଗଳପୁର ବଜାରଠାରେ ଏକ କମ୍ୟୁନିଟି ସେଣ୍ଟର ଓ ବଜାରକୁ ଆଲୋକୀକରଣ ନିମନ୍ତେ ଗୁରୁବାର ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସୂଚନାଯୋଗ୍ୟ ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହେବାକୁ ଥିଲା। ହେଲେ ବିଧାୟକଙ୍କ ବଦଳରେ ତାଙ୍କ ଦାଦା କର୍ଣ୍ଣାଟକେଶରୀ ଦାସଙ୍କୁ ଦେଖି ବହୁ କର୍ମୀଙ୍କୁ ନିରାଶ ହୋଇଥିବା ଶୁଣିବାକୁ ମିଳିଛି। ବିଧାୟକଙ୍କ ପାଇଁ ମଙ୍ଗଳପୁର ବଜାରଠାରୁ ଏକ ବିଶାଳ ଶୋଭାଯାତ୍ରା ସହ ଘୁମୁରା ବାଜା, ବାଣ ଏବଂ ମଙ୍ଗଳପୁର ଥାନା ପ୍ରାୟ ସମସ୍ତ ପୋଲିସ୍ ଷ୍ଟାଫ ରହିଥିବା ଜଣାପଡ଼ିଛି। କମ୍ୟୁନିଟି ସେଣ୍ଟର ପାଇଁ ୧୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିବାବେଳେ ଆଲୋକୀକରଣ ନିମନ୍ତେ ଲକ୍ଷାଧିକ ଟଙ୍କା ପ୍ରଦାନ କରାଯାଇଛି। ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ଏହି ଅର୍ଥ ପ୍ରଦାନ କରାଯାଇଥିବା ଦଶରଥପୁର ବ୍ଲକ ପୂର୍ବତନ ବିଡିଓ ନାରାୟଣ ଚନ୍ଦ୍ର ନାୟକ କହିଛନ୍ତି। ବିଧାୟକଙ୍କ ପ୍ରତିନିଧି ସହ ବ୍ଲକ୍ ଅଧ୍ୟକ୍ଷା ସୁଜାତା ସାହୁ, ବଜାର କମିଟି ସଭାପତି ଅକ୍ଷୟ ପାତ୍ର, ସମ୍ପାଦକ ଭରତ ଚନ୍ଦ୍ର ଦାସ, ପରିକ୍ଷିତ ରାୟ, ମଙ୍ଗଳପୁର ସରପଞ୍ଚ ଶିଶିର ଧଳ, ଅଧର ଧଳ, ଅଭିମନ୍ୟୁ ମହାନ୍ତି ଓ ବ୍ୟବସାୟୀ, ସ୍ଥାନୀୟ ଅଞ୍ଚଳର ବହୁ ଜନପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ମା' ତାରିଣୀ ଅନ୍ ଚ୍ୟାଲେଞ୍ଜ କ୍ରିକେଟ କପ୍ ଉଦ୍‌ଯାପିତ

## ଆଦମପୁର ଚାମ୍ପିୟନ

**ରସୁଲପୁର,୨୮।୨(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ବେତଣ୍ଡା ଗ୍ରାମରେ ଅନୁଷ୍ଠିତ ୨୯ତମ ମା' ତାରିଣୀ ଅନ୍ ଚାଲେଞ୍ଜ କ୍ରିକେଟ୍ କପ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଭଗତପୁରକୁ ହରାଇ ଆଦମପୁର ଚାମ୍ପିୟନ ହୋଇଛି। ଆଦମପୁର କ୍ରିକେଟ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୧୭ ଓଭରରେ ସମସ୍ତ ୱିକେଟ ହରାଇ ୧୫୪ରନ୍‌ରେ ସୀମିତ ରହିଥିଲା। ଜବାବରେ ଭଗତପୁର କ୍ରିକେଟ ଦଳ ୧୪୧ ରନ୍‌ରେ ସମସ୍ତ ୱିକେଟ ହରାଇ ପରାଜୟ ବରଣ କରିଥିଲା। ସନ୍ଧ୍ୟାରେ ଆୟୋଜିତ ଟ୍ରଫି ପ୍ରଦାନ ଉତ୍ସବରେ ୟୁକୋ ବ୍ୟାଙ୍କ, ବାରବାଟୀ ଶାଖା ପରିଚାଳକ ଆଶୁତୋଷ ବେଉରିଆ ମୁଖ୍ୟ ଅତିଥି, ବାରବାଟୀ ସମିତିସଭ୍ୟ ଚୈତନ୍ୟ ନାୟକ, ଅଶୋକ ସ୍ୱାଇଁ, ଅଖିଳ ସ୍ୱାଇଁ, ଅଶ୍ୱିନୀ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଦୋଳଗୋବିନ୍ଦ ମଲିକ ଉଭୟ ବୋଲିଂ ଓ ବ୍ୟାଟିଂରେ ସଫଳତା ପାଇଁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିବା ବେଳେ ମନୋଜ ବାହାଲିଆଙ୍କୁ ମ୍ୟାନ୍ ଅଫ ଦି ସିରିଜ୍ ଭାବେ ପୁରସ୍କୃତ କରାଯାଇଥିଲା। ଅନ୍ ଚାଲେଞ୍ଜ କ୍ଲବ ପକ୍ଷରୁ ତପନ ରାଉତ ଧନ୍ୟବାଦ ଦେଇଥିଲେ।

## ମହୁମାଛି ଆକ୍ରମଣରେ ୬ ଗୁରୁତର

**କଳିଙ୍ଗନଗର, ୨୮।୨(ଡି.ଏନ୍.ଏ.)**

ଦାନଗଦୀ ବ୍ଲକ ଅନ୍ତର୍ଗତ ଖପୁରିଆପଦା ଚକୁଆ ଗ୍ରାମର ମଙ୍ଗଳାପୀଠ ନିକଟରେ ଗୁରୁବାର ସନ୍ଧ୍ୟାରେ ଯଜ୍ଞ ଉତ୍ସବ ସମୟରେ ମହୁମାଛି ଆକ୍ରମଣରେ ୬ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଗୁରୁତର ଅବସ୍ଥାରେ ଦାନଗଦୀ ଗୋଷ୍ଠୀ ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତରମାନେ ହେଲେ ନୃସିଂହ ସାମଲ(୬୦), ହେମଲତା ଜେନା(୫୫), କବିତା ସାମଲ(୩୫), ଦିଲୀପ ସାମଲ (୪୫), ପିଙ୍କି ସାମଲ(୨୦), ସନ୍ଧ୍ୟାରାଣୀ ସାମଲ(୫୦)। ପ୍ରକାଶ ଯେ, ଯଜ୍ଞ ପୀଠ ନିକଟରେ ଥିବା ମାହାଳ ଗଛରେ ବହୁ ଦିନ ଧରି ମହୁମାଛି ବସାକରିଥିଲେ। ଯଜ୍ଞ ଧୂଆଁରେ ବସାରୁ ବାହାରି ଗ୍ରାମବାସୀଙ୍କୁ ଆକ୍ରମଣ କରିଥିଲେ। ଜଙ୍ଗଲ ବିଭାଗ ପକ୍ଷରୁ ତୁରନ୍ତ ଏହି ମହୁ ବସାକୁ ଭାଙ୍ଗିବା ପାଇଁ ସ୍ଥାନୀୟ ସରପଞ୍ଚ ଜାନକୀ ଜେନା ଓ ସମିତିସଭ୍ୟ ନିମାଇ ସାମଲ ଦାବି କରିଛନ୍ତି।

### ମୁଣ୍ଡାକୁଳ ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା ଅଭିଯୋଗ

## ବ୍ଲକ ସମ୍ମୁଖରେ ଧାରଣା ଦେବେ ଗ୍ରାମବାସୀ



ବୈଠକରେ ଉପସ୍ଥିତ ଗ୍ରାମବାସୀ।

**ସୁକିନ୍ଦା, ୨୮।୨(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ ଅନ୍ତର୍ଗତ ମୁଣ୍ଡାକୁଳ ଅଙ୍ଗନୱାଡି କେନ୍ଦ୍ରରେ ଅଣ୍ଡା ଓ ଛତୁଆ ବଣ୍ଟନ କାଗଜ କଲମରେ ରହିଯାଇଛି। ଏପରିକି ଗ୍ରାମ କଲ୍ୟାଣ ସମିତି ବାବଦକୁ ଆସୁଥିବା ଅର୍ଥରାଶିଠାରୁ ଆରମ୍ଭ କରି ପିଲାଙ୍କ ଖାଦ୍ୟ ସମାଗ୍ରୀ ବାଟମାରଣା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଗୁରୁବାର ଗ୍ରାମର ମହିଳା ନେତ୍ରୀ ପଦ୍ମାବତୀ ମହାରଣାଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଏ ବାବଦରେ ଜିଲାପାଳ ଓ ବିଡିଓଙ୍କ ନିକଟରେ ଦାବିପତ୍ର ପ୍ରଦାନ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ପାରିଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣ ଦିଆଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

ମୁଣ୍ଡାକୁଳ ଅଙ୍ଗନୱାଡି କେନ୍ଦ୍ରରେ ପୁବଳ(ବତଲଣ୍ଡା) ଆଦିବାସୀ ବସ୍ତିର ୩୦ ପରିବାରର କୋମଳମତି ଶିଶୁ ପାଠ ପଢୁଛନ୍ତି। କେନ୍ଦ୍ରଟି ନିୟମିତ ଖୋଲାଯାଉ ନ ଥିବାବେଳେ ଗ୍ରାମ କଲ୍ୟାଣ ସମିତି ନାମରେ ପ୍ରତିବର୍ଷ ଆସୁଥିବା ୧୦ ହଜାର ଟଙ୍କା ମଧ ହଡପ କରାଯାଉଛି। ଅପରପକ୍ଷେ ଅଙ୍ଗନୱାଡି କେନ୍ଦ୍ରରେ ଅଣ୍ଡା, ଛତୁଆ ପ୍ରଦାନ କରାଯାଉ ନ ଥିବାବେଳେ ନିୟମିତ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉନାହିଁ। ଅଙ୍ଗନୱାଡି କେନ୍ଦ୍ର ବଦଳରେ କର୍ମୀଙ୍କ ଘରେ ରୋଷେଇ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ନିକଟରେ ଅଙ୍ଗନୱାଡି କେନ୍ଦ୍ରରେ ଛୁଆଁ ଅଛୁଆଁ ଭେଦଭାବକୁ ନେଇ ଦଳିତ ବସ୍ତିର ଗ୍ରାମବାସୀ ଅଭିଯୋଗ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ମଧ କୌଣସି ସୁଫଳ ମିଳିପାରି ନ ଥିବା ଜଣାପଡିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଚମ୍ପା ମୁଣ୍ଡା, ଗିତା ବିରୁଆ, ମୁନି ମୁଣ୍ଡା, କମଳା ମୁଣ୍ଡା,ସାବି ମୁଣ୍ଡା,ପାନ ମୁଣ୍ଡାଙ୍କ, ବିଜୟ ମୁଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଦ୍ୱିତୀୟ ବାର୍ଷିକ ମା' ମଙ୍ଗଳା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**କାଳିଆପାଣି, ୨୮।୨(ଡି.ଏନ୍.ଏ.)**

ଖଣି ଅଞ୍ଚଳର କାଙ୍କଡ଼ପାଳ ପଞ୍ଚାୟତ ଅଧୀନ କାଙ୍କଡ଼ପାଳ ଗ୍ରାମରେ ଗୁରୁବାର ଜିଲାସ୍ତରୀୟ ଦ୍ୱିତୀୟ ବାର୍ଷିକ ମା' ମଙ୍ଗଳା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକିନ୍ଦା ପୂର୍ବତନ ଅଧ୍ୟକ୍ଷା ଭଗବତୀ ମହାନ୍ତ, ସରପଞ୍ଚ ସବିତା ମହାନ୍ତ, ସମିତି ସଭ୍ୟା ରଶ୍ମିରେଖା ଜେନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଇଷ୍ଟକୋଷ୍ଟ ରେଲ୍‌ୱେ (ଭଦ୍ରକ) ଓ ବାଟମଙ୍ଗଳା କ୍ରିକେଟ କ୍ଲବ (ଯାଜପୁର) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଇଷ୍ଟକୋଷ୍ଟ ରେଲୱେ ଭଦ୍ରକ କ୍ରିକେଟ କ୍ଲବ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭର୍‌ରେ ବାଟମଙ୍ଗଳା କ୍ରିକେଟ କ୍ଲବ ୫ ଉଇକେଟ ହରାଇ ୧୮୮ ରନ୍ କରିଥିଲା। ଜବାବରେ ଇଷ୍ଟକୋଷ୍ଟ ଭଦ୍ରକ କ୍ରିକେଟ କ୍ଲବ ୨୦ ଓଭରରେ ୮ ଉଇକେଟ ହରାଇ ୧୭୨ ରନ୍ କରି ପରାସ୍ତ ହୋଇଥିଲା। ଦୀପେନ୍ଦ୍ର ଘୋଷ ଓ ଛାୟାକାନ୍ତ ଦ୍ୱିବେଦୀ ଖେଳ ପରିଚାଳନା କରିଥିଲେ। ମା' ମଙ୍ଗଳା କ୍ଲବର ସନ୍ୟାସୀ ସାମଲ, ଗୟାଧର ପରିଡ଼ା, ଦୀପକ ନାୟକ, ଲିଙ୍ଗରାଜ ବେହେରାଙ୍କ ସହ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସନ୍ତୋଷ ପରିଡ଼ାଙ୍କ ତତ୍ୱବଧାନରେ ଖେଳ ଆୟୋଜିତ ହୋଇଥିଲା। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଖେଳ ଅନୁଷ୍ଠିତ ହେବାନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଗଳିପୋଲ ଭିତ୍ତିପ୍ରସ୍ତର ସ୍ଥାପନ କଲେ କେନ୍ଦ୍ରମନ୍ତ୍ରୀ

**ଚଣ୍ଡିଖୋଲ,୨୮।୨(ଡି.ଏନ.ଏ.)**

୧୬ନଂ. ଜାତୀୟ ରାଜପଥର ବଡ଼ଚଣା ଛକଠାରେ ଗୁରୁବାର କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଗଳିପୋଲର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଆୟୋଜିତ ଉତ୍ସବରେ ଜାତୀୟ ରାଜପଥ ପ୍ରକଳ୍ପ ଅଧିକାରୀ ଶିଶୁ ମୋହନ ଅଧ୍ୟକ୍ଷତା କରିଥିଲେ। ବଡ଼ଚଣା ଭାଜପା ନେତା ଅମର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଆସି ବଡ଼ଚଣା ଛକଠାରେ ଏକ ଗଳିପୋଲର ଆବଶ୍ୟକତା ସମ୍ପର୍କରେ ଯୁକ୍ତି ଉପସ୍ଥାପନ କରିଥିବା କେନ୍ଦ୍ର ମନ୍ତ୍ରୀ ପ୍ରଧାନ କହିଥିଲେ। ସେ ସମ୍ପର୍କରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅନୁଧ୍ୟାନ କରିବା ପରେ ଭୂପୃଷ୍ଠ ଓ ପରିବହନ ମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଜନସାଧାରଣଙ୍କ ହିତ ଦୃଷ୍ଟିରୁ ୧୬ନଂ ଜାତୀୟ ରଜପଥର ୪ ସ୍ଥାନରେ ଗଳିପୋଲ ନିର୍ମାଣ କରାଯିବ ବୋଲି ପ୍ରକାଶ କରିଥିଲେ। ବଡ଼ଚଣା ଠାରେ ହେବାକୁ ଥିବା ଗଳିପୋଲ ପାଇଁ ୪୬କୋଟି ୪୪ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ବଡ଼ଚଣା ଭାଜପା ନେତା ଅମର ନାୟକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିରଞ୍ଜନ ସାହୁ, ପୂର୍ବତନ ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ମହାପାତ୍ର, ପୂର୍ବତନ ସରପଞ୍ଚ ଜ୍ଞାନରଞ୍ଜନ ସାହୁ, ସରପଞ୍ଚ ଭାଗ୍ୟଧର ପ୍ରଧାନ, ସମିତିସଭ୍ୟ ରବୀନ୍ଦ୍ର ନାଥ ଦାଶ, ପୂର୍ବତନ ସରପଞ୍ଚ ରମେଶ ପୃଷ୍ଟି, ସମିତିସଭ୍ୟ ପ୍ରୀତମ ନାୟକ, ଦେବଜାନୀ ପ୍ରଧାନଙ୍କ ସମେତ ବହୁ କର୍ମୀ ଓ ସମର୍ଥକ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ କେନ୍ଦ୍ର ଭୂପୃଷ୍ଠ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ବଡ଼ଚଣାଠାରେ ଜାତୀୟ ରାଜପଥ ଉପରେ ଗଳିପୋଲ ନିର୍ମାଣ ପାଇଁ ୬ ମାସ ପୂର୍ବେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବଡ଼ଚଣା ବ୍ଲକ ଖଇରା ପଞ୍ଚାୟତର ନୂଆ ଶାସନ ଗ୍ରାମରେ ବଡ଼ଚଣା ଭାଜପା ପକ୍ଷରୁ 'ମୋ ବୁଥ୍ ସବୁଠୁ ମଜଭୁତ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଅଞ୍ଚଳର ଶତାଧିକ କର୍ମୀଙ୍କୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଥ୍‌କୁ ମଜଭୁତ କରିବା ପାଇଁ ପରାମର୍ଶ ଦେଇଥିଲେ।

## ମୃତ ବ୍ୟକ୍ତିଙ୍କୁ ବାଦ୍, ନୂତନଙ୍କୁ ସାମିଲ ନିର୍ଦ୍ଦେଶ

**ରାଜ୍ୟ ଖାଦ୍ୟ ଆୟୁକ୍ତଙ୍କ ସମୀକ୍ଷା**

**ଯାଜପୁର ଅଫିସ,୨୮।୨**

ମୃତ ବ୍ୟକ୍ତିଙ୍କୁ ହିତାଧିକାରୀ ଦର୍ଶାଇ ଖାଦ୍ୟ ସୁରକ୍ଷା ଯୋଜନାରେ ସାମଗ୍ରୀ ହରିଲୁଟ ହେଉଛି। ଏନେଇ ଅଭିଯୋଗ ହେବା ପରେ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଏହିକ୍ରମରେ ରାଜ୍ୟ ଖାଦ୍ୟ ଆୟୁକ୍ତ ରଙ୍ଗଲାଲ ଜାମୁଦା ଯାଜପୁର ଜିଲା ଗସ୍ତରେ ଆସି ମୃତ ହିତାଧିକାରୀଙ୍କୁ ବାଦ ଦେଇ ତାଙ୍କ ବଦଳରେ ଅପେକ୍ଷାରେ ରହିଥିବା ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି। ବୁଧବାର ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଆୟୁକ୍ତ ଜାମୁଦା ଜିଲାରେ କାର୍ଯ୍ୟକାରୀ ହେଉଥିବା ଖାଦ୍ୟ ସୁରକ୍ଷା ଯୋଜନାର ବିଭିନ୍ନ ତଥ୍ୟକୁ ଅନୁଧ୍ୟାନ କରିଥିଲେ। ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ, ଅନ୍ତ୍ୟୋଦ୍ୟୟ, ଅନ୍ନପୂର୍ଣ୍ଣା ଯୋଜନା, ମଧ୍ୟାହ୍ନ ଭୋଜନ ଇତ୍ୟାଦି କାର୍ଯ୍ୟକ୍ରମଗୁଡିକୁ ସବିଶେଷ ସମୀକ୍ଷା କରି ଖାଦ୍ୟ ଆୟୁକ୍ତ ବିବିଧ ପରାମର୍ଶ ଦେଇଥିଲେ। ସମସ୍ତ ହିତାଧିକାରୀଙ୍କ ଆଧାର ସଂଯୁକ୍ତ କରିବା, ମୃତ ହିତାଧିକାରୀଙ୍କୁ ବାଦ ଦେବାପାଇଁ ସଂପୃକ୍ତ ପରିବାରର ସଦସ୍ୟଙ୍କଠାରୁ ଘୋଷଣା ପତ୍ର ରଖିବା ସହ ହରିଶ୍ଚନ୍ଦ୍ର ଯୋଜନାର ତାଲିକା, ଭୋଟର ତାଲିକାର ବାଦରେ ଥିବା ମୃତକଙ୍କ ତାଲିକା ଇତ୍ୟାଦିକୁ ତର୍ଜମା କରି ସେମାନଙ୍କୁ ବାଦ ଦେବାକୁ ଆୟୁକ୍ତ ଜାମୁଦା ନିର୍ଦ୍ଦେଶ ଦେଇଥିଲେ। ସେହିପରି ହିତାଧିକାରୀଙ୍କୁ କ୍ୟାଲସିୟମ ବଟିକା ନିୟମିତ ପ୍ରଦାନ, ହିମୋଗ୍ଲୋବିନ ପରୀକ୍ଷା ଓ ଅନ୍ୟାନ୍ୟ ରକ୍ତ ପରୀକ୍ଷା ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଜିଲାର ୧୪,୫୨,୩୨୮ ହିତାଧିକାରୀଙ୍କୁ ସାମିଲର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ତନ୍ମଧ୍ୟରେ ୧୪,୪୮,୨୩୨ ଜଣଙ୍କୁ ସାମିଲ କରାଯାଇଛି। ଏଥିରେ ୩,୧୪,୭୮୩ ପରିବାରଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ୪୫,୫୬୦ ଅନ୍ତ୍ୟୋଦ୍ୟୟ ପରିବାରର ୧,୭୨,୪୧୦ ହିତାଧିକାରୀ ସାମିଲ ହୋଇଛନ୍ତି। ଯାହାର ସଫଳତା ଶତକଡ଼ା ୯୯.୭୨ ଭାଗ। ୮୮୯୨ ମୃତ ହିତାଧିକାରୀ, ବିବାହ କ୍ଷେତ୍ରରେ ୧୧୪୧୬ ଜଣ, ଭୁଲରେ ପଞ୍ଜିକରଣ ହୋଇଥିବାରୁ ୨୪୧୫ ଜଣ ଓ କେବଳ ଜଣିକିଆ ବ୍ୟକ୍ତିଙ୍କ ନାମରେ ଥିବା କାର୍ଡର ହିତାଧିକାରୀଙ୍କ କ୍ଷେତ୍ରରେ ୧୦୪୮ ମୃତ୍ୟୁବରଣ କରିଥିବାରୁ ମୋଟ ୨୩୭୭୧ ଜଣ ହିତାଧିକାରୀଙ୍କୁ ବାଦ ଦିଆଯାଇଛି। ୨୮୫୧ ଅନ୍ନପୂର୍ଣ୍ଣା ହିତାଧିକାରୀଙ୍କୁ ସାମିଲ କରାଯାଇଛି ବୋଲି ସମୀକ୍ଷାରେ ସୂଚନା ଦିଆଯାଇଥିଲା। ପ୍ରାରମ୍ଭରେ ଜିଲାପାଳ ରଞ୍ଜନ କୁମାର ଦାସ ସମସ୍ତଙ୍କୁ ସ୍ୱାଗତ ସହ ଜିଲାରେ କାର୍ଯ୍ୟକାରୀ ଖାଦ୍ୟ ସୁରକ୍ଷା ଯୋଜନାର ବିବିଧ ତଥ୍ୟ ଉପସ୍ଥାପନ କରିଥିଲେ।

## ୨୯ରୁ ୨୩ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା

**ବରୀ ବ୍ଲକ**

- ଆସିଲାଣି ଗ୍ରୀଷ୍ମଋତୁ, ଉତ୍କଟ ହେବ ଜଳ ସମସ୍ୟା
- ଅର୍ଥ ମଞ୍ଜୁର ପରେ ବି ଆରମ୍ଭ ହେଉନି ପ୍ରକଳ୍ପ କାମ

**ରତ୍ନଗିରି,୨୮।୨(ଡି.ଏନ୍.ଏ)**

ଆଗକୁ ଆସୁଛି ଗ୍ରୀଷ୍ମଋତୁ। ବରୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳଯୋଗାଣ କ୍ଷେତ୍ରରେ ଉତ୍କଟ ଅବସ୍ଥା ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ବ୍ଲକର ରତ୍ନଗିରୀ ଅମଠପୁର, ମହାକାଳପଡ଼ା, ଅଲିପୁର, ବାଲିବିଲ, କଳାମାଟିଆ, ବୋଦୁଅ, ଅଟିରା ସମେତ ମୋଟ ୨୯ ପଞ୍ଚାୟତ ମଧ୍ୟରୁ ପ୍ରାୟ ୨୩ଟି ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ରହିଛି। ରତ୍ନଗିରିଠାରେ ସରକାରଙ୍କ ଦ୍ୱାରା ପାନୀୟ ଜଳ ଯୋଗାଣ କେନ୍ଦ୍ର ଥିଲେ ବି କେତେକ ସ୍ଥାନରେ ଜଳ ପାନୀୟ ଉପଯୋଗୀ ହୋଇ ନ ଥିବା ବେଳେ ଆଉ କେତେକ ସ୍ଥାନରେ ନଳକୂପଗୁଡ଼ିକ ଅଚଳ ରହିବା ଯୋଗୁ ଲୋକେ ସଚଳ ନଳକୂପ ନିକଟରେ ଘଣ୍ଟାଘଣ୍ଟା ଅପେକ୍ଷା କରି ରହୁଥିବା ଦେଖିବାକୁ ମିଳିଛି। ବିଶେଷ କରି ରତ୍ନଗିରି ପଞ୍ଚାୟତର ଅଲିଆବାଦ, ରାଉତସାହି, ପଟଣା ଗ୍ରାମର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାନୀୟ ଜଳ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହେବା ପରେ ବି କାର୍ଯ୍ୟ ନେଇଥିବା ଠିକାଦାରଙ୍କ ଦାୟିତ୍ୱହୀନତା ଯୋଗୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଏହି ବ୍ଲକର ଧାରପୁର ପଞ୍ଚାୟତର ପାନୀୟ ଜଳ ପ୍ରକଳ୍ପ ନିମନ୍ତେ ସରକାରଙ୍କ ତରଫରୁ ଅର୍ଥ ମଞ୍ଜୁର ହୋଇଛି। ମାତ୍ର ଦାୟିତ୍ୱରେ ଥିବା ଠିକାଦାର କେବଳ ସେହି ସ୍ଥାନରେ ପାଇପ୍ ପକାଇ କାର୍ଯ୍ୟ ନ କରିବା ଯୋଗୁ ସ୍ଥାନୀୟ ଲୋକେ ବାରମ୍ବାର ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ ତାହା ଅଦ୍ୟାବଧି ଆରମ୍ଭ ହୋଇପାରି ନ ଥିବା ଦେଖିବାକୁ ମିଳିଛି। ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏହି ପଞ୍ଚାୟତର ନାଥପୁର, ପଟଣା ଓ କେନ୍ଦୁଆ ଗ୍ରାମର ୪୦୦ରୁ ଊର୍ଦ୍ଧ୍ୱ ପରିବାର ପାନୀୟ ଜଳ ପାଇବା ସମ୍ଭବ ହୋଇପାରନ୍ତା। ଅପରପକ୍ଷେ ଅଲିପୁରରେ ଥିବା ପାନୀୟ ଜଳ ପ୍ରକଳ୍ପର ଜଳ ଉପଯୋଗୀ ନୁହେଁ। ବାଲିବିଲ ପଞ୍ଚାୟତରେ ଏକ ପ୍ରକଳ୍ପ ଥିଲେ ବି ଏହି ପଞ୍ଚାୟତର ବାଲିବିଲ, କ୍ଷେମେଶ୍ୱର, କେଁକରଡ଼ା, ଡ଼ିହସାହି ରାଜସ୍ୱ ଗ୍ରାମର ଅଧିବାସୀମାନେ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ଅନ୍ୟ ପଞ୍ଚାୟତଗୁଡ଼ିକରେ ମଧ ସମାନ ଅବସ୍ଥା। କେତେକ ଗ୍ରାମର ଅଧିବାସୀ ଏହି ସୁବିଧାରୁ ବଞ୍ଚିତ ହେଉଥିବାରୁ ବାଧ୍ୟ ହୋଇ ଚୁଆ ଓ ନଦୀଜଳକୁ ପାନୀୟ ଭାବେ ବ୍ୟବହାର କରି ବିଭିନ୍ନ ପେଟଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହି ବିଭାଗର କର୍ମଚାରୀଙ୍କ ସଂଖ୍ୟା ପର୍ଯ୍ୟାପ୍ତ ହୋଇ ନ ଥିବାରୁ ନଳକୂପଗୁଡ଼ିକ ଖରାପ ହେଲେ ତାହାର ତୁରନ୍ତ ମରାମତି ସମ୍ଭବ ହୋଇପାରୁ ନାହିଁ। ସ୍ଥାନୀୟ ଅଧିବାସୀଙ୍କ ସମସ୍ୟା ଗ୍ରୀଷ୍ମଋତୁ ପୂର୍ବରୁ ସମାଧାନ ପାଇଁ ଦାବି ହୋଇଆସୁଥିବା ବେଳେ ଏ ବିଷୟରେ ବିଡିଓ ପ୍ରଭାସ କୁମାର ବେହୁରାଙ୍କୁ ପଚାରିବାରେ, ଗ୍ରୀଷ୍ମଋତୁ ପୂର୍ବରୁ ସବୁ ପାନୀୟ ଜଳ ପ୍ରକଳ୍ପ ଶେଷ କରାଯିବାକୁ ଉଦ୍ୟମ କରାଯିବା ସହିତ ଅଞ୍ଚଳର ନଳକୂପଗୁଡ଼ିକୁ ମରାମତି କରାଯିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧ ମାର୍ଚ୍ଚ, ୨୦୧୯



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ହାଇୱାରେ ପିଟି ହୋଇ ସ୍କୁଟି ଆରୋହୀଙ୍କ ମୃତ୍ୟୁ

ଓଡ଼ଗାଁ, ୨୮।୨(ସ୍ୱ.ପ୍ର.): ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ ୨୧ ନମ୍ବର ରାଜ୍ୟ ରାଜପଥ ରଙ୍ଗଣିପାଟଣା ମୋଡରେ ଗୁରୁବାର ଏକ ହାଇୱା ଡାଲାରେ ପିଟି ହୋଇ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶରଣକୁଳ ଥାନା ଶିଖରପୁର ଗ୍ରାମର ବିଦେଶୀ ପାଳ(୬୦)। ସୂଚନା ଅନୁସାରେ ବିଦେଶୀଙ୍କ ପୁଅ ବାହାଘର ନିକଟରେ ଶେଷ ହୋଇଛି। ବୋହୂଭାର ଓ ଲୁଗାପଟା ଦେବା ପାଇଁ ବିଦେଶୀ ସ୍କୁଟିରେ ସମ୍ପର୍କୀୟଙ୍କ ଘର ପାଣ୍ଡେରୀପଡା ଯାଉଥିଲେ। ଏହି ସମୟରେ ସାମ୍ନା ପଟୁ ଆସୁଥିବା ଏକ ହାଇୱା ଡାଲା ସହିତ ସେ ପିଟି ହୋଇଯାଇଥିଲେ। ଦୁର୍ଘଟଣା ଏତେ ଗୁରୁତର ଥିଲା ଯେ, ତାଙ୍କର ଗୋଟିଏ ହାତ ଛିଣ୍ଡି ପ୍ରାୟ ୨୦ ଫୁଟ ଦୂରକୁ ଛିଟିକି ପଡିଥିଲା ଏବଂ ମୁଣ୍ଡ ଫାଟି ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ଏ ନେଇ ୩୨/୧୯ରେ ଏକ ମକଦ୍ଦମା ରୁଜୁ କରିଛି। ଦୁର୍ଘଟଣାଗ୍ରସ୍ତ ହାଇୱା (ଓଡି୨୫ଜି୭୨୯୨) ଓ ସ୍କୁଟି (ଓଡି୨୫ଏଫ୍‌୦୦୯) ପୋଲିସ ଜବତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ହାଇୱା ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

### ସଂସ୍କୃତ ପରୀକ୍ଷାରେ ୧୩୮ ଅନୁପସ୍ଥିତ

ନୟାଗଡ଼ ଅଫିସ,୨୮।୨: ମାଟ୍ରିକ୍ ପରୀକ୍ଷାର ଗୁରୁବାର ଚତୁର୍ଥ ଦିବସ ସଂସ୍କୃତ ପରୀକ୍ଷାରେ ଜିଲାରେ ୧୩,୦୦୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩୮ଜଣ ଅନୁପସ୍ଥିତ ଥିଲେ। ନୟାଗଡ଼ ବ୍ଲକ ବ୍ରଜେନ୍ଦ୍ର ହାଇସ୍କୁଲ ନୋଡ଼ାଲ ସେଣ୍ଟରରେ ୩୧୭୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୧ଜଣ ଅନୁପସ୍ଥିତ ଥିବାବେଳେ ଦଶପଲ୍ଲା ବ୍ଲକ ଦଶପଲ୍ଲା ହାଇସ୍କୁଲ ନୋଡ଼ାଲ ସେଣ୍ଟରରେ ୧୯୬୧ ମଧ୍ୟରୁ ୩୪, ଓଡ଼ଗାଁ ବ୍ଲକ ରଘୁନାଥ ବିଦ୍ୟାପୀଠ ନୋଡ଼ାଲ ସେଣ୍ଟରରେ ୨୩୭୦ଜଣରୁ ୩୨, ରଣପୁର ବ୍ଲକ ବିସି ହାଇସ୍କୁଲ ନୋଡ଼ାଲ ସେଣ୍ଟରରେ ୨୩୬୮ ମଧ୍ୟରୁ ୧୩, ଖଣ୍ଡପଡ଼ା ବ୍ଲକ ରାମଚନ୍ଦ୍ର ହାଇସ୍କୁଲ ନୋଡ଼ାଲ ସେଣ୍ଟରରେ ୨୦୭୪ ମଧ୍ୟରୁ ୧୩ ଓ ଭାପୁର ବ୍ଲକ ଫତେଗଡ଼ ହାଇସ୍କୁଲ ନୋଡ଼ାଲ ସେଣ୍ଟରରେ ୧୦୬୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫ଜଣ ଅନୁପସ୍ଥିତ ଥିବା ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

### ଭାଜପାର ସଂକଳ୍ପ ପଦଯାତ୍ରା



ବୋଲଗଡ଼,୨୮।୨(ଡି.ଏନ.ଏ.): ବୋଲଗଡ଼ ବ୍ଲକ ମାଣିବନ୍ଧ ପଞ୍ଚାୟତ ଅଞ୍ଚଳରେ ଗୁରବାର ଭାଜପାର ଏକ ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରକାଶ ବିଜୁଳିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇଥିଲେ। ବଡପଦର ଗ୍ରାମରୁ ପଦଯାତ୍ରା ଆରମ୍ଭ ହୋଇ ମାଣିବନ୍ଧ ପଞ୍ଚାୟତ ଅଞ୍ଚଳର ସମସ୍ତ ଗ୍ରାମ ଏବଂ ସାହି ପରିକ୍ରମା କରିଥିଲା। ଜନ ସାଧାରଣଙ୍କ ବିଭିନ୍ନ ସମସ୍ୟା ଏବଂ କେନ୍ଦ୍ର ସରକାରଙ୍କ ଯୋଜନା ସମ୍ବନ୍ଧରେ ଭାଜପା ନେତାମାନେ ପ୍ରକାଶ କରିଥିଲେ।

# ଅବାଧରେ ବିକ୍ରି ହେଉଛି ଅପମିଶ୍ରିତ ଖାଦ୍ୟ

ନୟାଗଡ଼ ଅଫିସ,୨୮।୨

ନୟାଗଡ଼ ଜିଲାର ଅଧିକାଂଶ ଦୋକାନରେ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଛି। ଏପରି କି ମିଠା ବି ଏଥିରୁ ବାଦ୍ ପଡୁନି। ମିଠାରେ ଫର୍ମାଲିନ ଭଳି ରାସାୟନିକ ପଦାର୍ଥ ମିଶ୍ରଣ କରାଯାଉଥିବା ନେଇ ନିକଟରେ ଆସିଥିବା ସାମ୍ପଲ ଟେଷ୍ଟ ରିପୋର୍ଟରୁ ଜଣାପଡିଛି। ଖାଦ୍ୟ ଅପମିଶ୍ରିତ ହେଉଥିବା ବାରମ୍ବାର ଅଭିଯୋଗ ପରେ ବିଭାଗ ପକ୍ଷରୁ ବିଭିନ୍ନ ଦୋକାନରେ ଚଢାଉ କରାଯାଇ ନୋଟିସ୍ ଦିଆଯାଇଛି। କେତେଜଣ ହୋଟେଲ ମାଲିକଙ୍କ ନାମରେ ମଧ୍ୟ କେସ୍ କରାଯାଇଛି।

ମିଠାରେ ମିଶୁଛି ଫର୍ମାଲିନ। ଜିଲାର ବିଭିନ୍ନ ସ୍ଥାନରେ ଏହି ରାସାୟନିକ ପଦାର୍ଥ ମିଶ୍ରିତ ମିଠା ବିକ୍ରି ହେଉଛି। ମିଠାକୁ ଅଧିକ ଦିନ ତାଜା ରଖିବା ପାଇଁ ଫର୍ମାଲିନ ମିଶାଯାଉଛି। ସେହିପରି ଏହାକୁ ସୁସ୍ୱାଦୁ କରିବା ପାଇଁ ଷ୍ଟାର୍ଚ ମଧ୍ୟ ମିଶାଯାଉଛି। ରାଜ୍ୟ ଫୁଡ୍ ଟେଷ୍ଟିଂ ଲାବୋରେଟୋରି ଏହି ରିପୋର୍ଟ ଦେଇଛି। ନୟାଗଡ଼ ସହରରେ ଥିବା ଜଣେ ଦୋକାନୀଙ୍କୁ ଏ ନେଇ ନୋଟିସ ଦିଆଯାଇଛି। ଜିଲା ଖାଦ୍ୟ ନିରାପତ୍ତା ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ଦୋକାନରେ ଜାନୁୟାରୀ ମାସରେ ଚଢ଼ାଉ କରାଯାଇ ୫ଟି ମିଠାର ସାମ୍ପଲ ଭୁବନେଶ୍ୱର ପଠାଯାଇଥିଲା। ସେଠାରୁ ଏହି ରିପୋର୍ଟ ଆସିଛି। ନିଆଯାଇଥିବା ୫ଟି ସାମ୍ପଲ ମଧ୍ୟରୁ ଗୋଲାପଜାମୁ ମିଠାରେ



I found the sample to be Golapjamun falling under Regulation No. 2.12.1 of Food Safety and Standards (Food Products and Food Additives) Regulations, 2011. The sample was in a condition fit for analysis and has been analysed on 22.01.19 to 25.01.19 (date of starting and completion of analysis) and the result of its analysis is given below

Analysis report
(i) Sample Description: - Golapjamun (Loose)
(ii) Physical Appearance: - Golapjamun
a) Texture-Soft b) Colour: - Mixed c) Odour-Not Agreeable d) Infestation-Present
e) Other visible contaminants: - Nil
(iii) Label: - Loose

| Sl. No. | Quality/ Characteristics | Name of the method of the test used | Result | Prescribed standards as per (a) Food Safety and Standards (Food Products and Food Additive) Regulations, 2011 (b) As per label declaration for proprietary food (c) As per provisions of the Act, rules and regulations for both the above |
|---|---|---|---|---|
| 1. | Test for Formalin | FSSAI | Positive | Positive |
| 2. | Test for Starch | FSSAI | Positive | Positive |
| 3. | Test for Sugar | FSSAI | Positive | Positive |
| 4. | Test for Artificial Sweetener (Saccharin, Dulcin, Cyclamate) | FSSAI | Negative | Negative |
| 5. | Test for Mineral Oil | FSSAI | Negative | Negative |
| 6. | Added colouring matter | FSSAI | Nil | Nil |

Food Analyst
Govt. of Odisha

ଦୋକାନୀଙ୍କୁ ଦିଆଯାଇଥିବା ନୋଟିସ।

ପରୀକ୍ଷା କରାଯାଇଥିଲା। ଏଥିରେ ଫର୍ମାଲିନ ଓ ଷ୍ଟାର୍ଚ ମିଶ୍ରଣ ପଜିଟିଭ ଥିବା ଦେଖିବାକୁ ମିଳିଛି। କିଛିଦିନ ତଳେ ମାଛରେ ଫର୍ମାଲିନ ମିଶୁଥିବା ନେଇ ରାଜ୍ୟ ସାରା ଚର୍ଚ୍ଚା ଜୋର ଧରିଥିଲା। ନୟାଗଡ଼ ମିଠାରେ ଫର୍ମାଲିନ ମିଶିବା ମିଠାପ୍ରିୟ ଲୋକଙ୍କ ମନରେ ଆଘାତ ଦେଇଛି। ଏହି ମିଠା ଖାଉଥିବା ଲୋକଙ୍କୁ ଶ୍ୱାସ, ଚର୍ମରୋଗ, ବାନ୍ତି, ଗ୍ୟାସ୍, ଆଲାର୍ଜି ଆଦି ହୋଇପାରେ। ଖାଲି ଯେ ମିଠା ତା'ନୁହେଁ, ଜିଲା ସାରା ବିଭିନ୍ନ ଖାଦ୍ୟରେ ଅପମିଶ୍ରଣ ହେଉଛି। ଏପରି କି ସହରରେ ଥିବା ବିଭିନ୍ନ ହୋଟେଲରେ ଖାଦ୍ୟ ଅପମିଶ୍ରଣ ନେଇ ବାରମ୍ବାର ଅଭିଯୋଗ ହେଉଛି। ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରୁଥିବା ଲୋକମାନେ ବାଧ ହୋଇ ଅପମିଶ୍ରିତ ଖାଦ୍ୟ ଖାଉଥିବା ଦେଖିବାକୁ ମିଳୁଛି। ଏଭଳି ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ବିଭାଗ ପକ୍ଷରୁ ଏ ନେଇ ସଚେତନତା ସୃଷ୍ଟି କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ନିବେଦିତା ଭଞ୍ଜଙ୍କୁ ପଚାରିବାରୁ ସେ କହିଥିଲେ, ଜିଲାର ଖାଦ୍ୟ ଅପମିଶ୍ରଣ ହେଉଥିବା ନେଇ ଖବର ପାଇବା ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଜିଲାର ୧୫୦ରୁ ଊର୍ଦ୍ଧ୍ୱ ଦୋକାନରେ ଚଢ଼ାଉ କରାଯାଇ ନୋଟିସ୍ ଦିଆଯାଇଛି। ସେହିଭଳି ୬୦ଟି ସାମ୍ପଲ କଲେକ୍ସନ କରି ପଠାଯାଇଛି। ଜିଲାର ୬ ହୋଟେଲ ମାଲିକଙ୍କ ନାମରେ କେସ୍ କରାଯାଇଛି। ନୟାଗଡ଼ ସହରର ୩, ଇଟାମାଟିର ୧, ଚାନ୍ଦପୁରର ୧ ଓ ଓଡ଼ଗାଁର ୧ ହୋଟେଲ ମାଲିକଙ୍କ ନାମରେ କେସ୍ ହୋଇଥିବା ଭଞ୍ଜ ପ୍ରକାଶ କରିଥିଲେ।

- ଗୋଲାପଜାମୁରେ ମିଶୁଛି ଫର୍ମାଲିନ
- ୧୫୦ ଦୋକାନରେ ଚଢ଼ାଉ କରାଯାଇ ନୋଟିସ ଦିଆଯାଇଛି
- ୬ ହୋଟେଲ ମାଲିକଙ୍କ ନାମରେ ହୋଇଛି କେସ୍

# ଲକ୍ଷ୍ମୀପ୍ରସାଦ ସରପଞ୍ଚ ନିଲମ୍ବିତ

ନୟାଗଡ଼ ଅଫିସ,୨୮।୨

ନୟାଗଡ଼ ଜିଲା ସଦର ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ନିଲମ୍ବନ କରାଯାଇଛି। ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ତାଙ୍କୁ ନିଲମ୍ବନ କରିଥିବା ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରୁ ହୋଇଥିବା ଚିଠିରେ ଦର୍ଶାଯାଇଛି। ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ଧାରା ୨୧ର ଉପଧାରା ୪ ଅନୁସାରେ ତାଙ୍କ ବିରୋଧରେ ଏଭଳି ପଦକ୍ଷେପ ନିଆଯାଇଥିବା ଚିଠିରେ ଉଲ୍ଲେଖ ଅଛି। ତାଙ୍କ ବଦଳରେ ନାଏବ ସରପଞ୍ଚ ପ୍ରମିଳା ଜେନା ସରପଞ୍ଚ ଦାୟିତ୍ୱରେ ରହିବେ। ଗତ ୨୩ ତାରିଖରେ ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ତାଙ୍କୁ ନିଲମ୍ବନ କରାଯାଇଛି। ସୂଚନାଯୋଗ୍ୟ ଫେବୃୟାରୀ ୪ ତାରିଖରେ ସରପଞ୍ଚ ସୌମ୍ୟରଞ୍ଜନ ଗ୍ରାମର ବିଭିନ୍ନ ସମସ୍ୟା ନେଇ ଲୋକମାନଙ୍କ ସାଙ୍ଗରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏହି ସମୟରେ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଗଣ୍ଡଗୋଳ ସହ ମାରପିଟ ହୋଇଥିଲା। ଏହି ଘଟଣାରେ ଟାଉନ ଥାନା ପୋଲିସ ସରପଞ୍ଚ ସୌମ୍ୟଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିଲା।

### କ'ଣ କହେ ୨୧ର ଉପଧାରା ୪

ଏହି ଉପଧାରା ଅନୁଯାୟୀ ଯେତେବେଳେ ସରପଞ୍ଚ କାର୍ଯ୍ୟାଳୟ କିମ୍ବା ଗ୍ରାମରୁ ଲଗାତର ୧୫ଦିନରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଅନୁପସ୍ଥିତ ରୁହନ୍ତି ତେବେ ତାଙ୍କ କ୍ଷମତା ଓ କାର୍ଯ୍ୟ ଗ୍ରାମ ପଞ୍ଚାୟତର କୌଣସି ସଦସ୍ୟଙ୍କ ଉପରେ ନ୍ୟସ୍ତ କରାଯିବ।




# ଭିଜିଲାନ୍ସ ତଦନ୍ତ ଦାବିରେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା




ବ୍ଲକ ସମ୍ମୁଖରେ ଧାରଣା ଦେଇଥିବା ମହିଳାପୁରୁଷମାନେ।

ନୂଆଗାଁ,୨୮।୨(ଡି.ଏନ.ଏ.)

ନୟାଗଡ ଜିଲା ନୂଆଗାଁ ବ୍ଲକ୍‌ରେ ବିଭିନ୍ନ ବିଭାଗରେ ଦୁର୍ନୀତି ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ତାହାର ଭିଜିଲାନ୍ସ ତଦନ୍ତ ଦାବି କରି ଗୁରୁବାର ନୂଆଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କେଶବ ମହାକୁଡ ନାମକ ଜଣେ ବ୍ୟକ୍ତି ଧାରଣାରେ ବସିଥିଲେ। ତାଙ୍କ ସହ ଅନେକ ଅବହେଳିତ ମହିଳା ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଧାରଣାକାରୀଙ୍କ ତିନିଦଫା ସମ୍ବଳିତ ଦାବିପତ୍ର ନୂଆଗାଁ ବିଡିଓଙ୍କୁ ପ୍ରଦାନ କରାଯାଇଛି। ଦାବି ପୂରଣ ପାଇଁ ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

କେଶବଙ୍କ ଅଭିଯୋଗ ମୁତାବକ ନୂଆଗାଁ ବ୍ଲକରେ ଦୁର୍ନୀତି ଚରମ ସୀମାରେ ପହଞ୍ଚି ଥିବା ବେଳେ ସେ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସେହିପରି ଧାରଣାରେ ବସିଥିବା ଗୋଲାପ ନାୟକଙ୍କ କହିବା ଅନୁଯାୟୀ ନୂଆଗାଁ ବ୍ଲକରେ କଳାକାର ଭତ୍ତା ପାଇଁ ହିତାଧିକାରୀ ଚୟନରେ ମଧ୍ୟ ପାତରଅନ୍ତର ନୀତି ଅବଲମ୍ବନ କରାଯାଇଛି। କେଶବଙ୍କ ସମେତ ତିଳୋତ୍ତମା ପ୍ରଧାନ, କୁନି ନାୟକ, ଲକ୍ଷ୍ମୀ ରାଉତଙ୍କ ସମେତ ବହୁ ଧାରଣାକାରୀ ଦିନ ତମାମ ଧାରଣାରେ ବସି ରହିବା ପରେ ସନ୍ଧ୍ୟା ୫ଟାରେ ନୂଆଗାଁ ବିଡିଓ ଶିରିୟାଲ ପଟେଲ, ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ ପହଞ୍ଚି ଦାବିପତ୍ର ଗ୍ରହଣ କରିବା ସହ ଦୁର୍ନୀତିର ତଦନ୍ତ କରିବା ପାଇଁ ପ୍ରତିଶ୍ରୁତି ଦେବାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ମହିଳା ସମାବେଶ ପାଇଁ ପ୍ରସ୍ତୁତି ବୈଠକ

ବୋଲଗଡ଼,୨୮।୨(ଡି.ଏନ.ଏ.)

ବୋଲଗଡ଼ ବ୍ଲକ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ ପ୍ରକୋଷ୍ଠରେ ଆଗାମୀ ମହିଳା ସମାବେଶ ନିମନ୍ତେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ମାର୍ଚ୍ଚ ୩ରେ ଖୋର୍ଦ୍ଧାଠାରେ ହେବାକୁ ଥିବା ଏହି ମହିଳା ସମାବେଶରେ ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ବୈଠକରେ ବୋଲଗଡ଼ ବିଡିଓ ମଧୁସୂଦନ ବେହେରା ସଭାପତିତ୍ୱ କରିଥିଲେ। ସିଡିପିଓ ବନବାସିନୀ ବିଶ୍ୱାଳ ଏବଂ ବିପିଏମ୍ ପ୍ରକାଶ ବଳିୟାରସିଂହ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ବ୍ଲକ ମହିଳା ମହାସଂଘ ଏବଂ ସମସ୍ତ ପଞ୍ଚାୟତସ୍ତରୀୟ ମହିଳା ମହାସଂଘର କର୍ମକର୍ତ୍ତାମାନେ ସଭାରେ ଯୋଗଦେଇଥିଲେ।

# କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଦଶପଲ୍ଲା,୨୮।୨(ଡି.ଏନ.ଏ.)

ଦଶପଲ୍ଲା ଏନ୍‌ଏସିର କୃଷ୍ଣଚନ୍ଦ୍ରପୁର ପାଟଣା ଗ୍ରାମର ଶେଷଦେବ ସେଠୀ (୪୪) ନାମକ ଯୁବକଙ୍କ ମୃତଦେହ ଗୁରୁବାର ଏକ କୂଅ ମଧ୍ୟରୁ ଉଦ୍ଧାର କରାଯାଇଛି। ଶେଷଦେବ ମଙ୍ଗଳବାର ରାତିରୁ ଘରକୁ ଯାଇ ନ ଥିଲେ। ବହୁ ଖୋଜାଖୋଜି ପରେ ବୁଧବାର ତାଙ୍କ ସ୍ତ୍ରୀ ଦଶପଲ୍ଲା ଥାନାରେ ସ୍ୱାମୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ କରିଥିଲେ। ପୋଲିସ ୨୭/୧୯ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଜାରି ରଖିଥିଲ। ଗୁରୁବାର ସକାଳେ ଘର ନିକଟ ଏକ କୂଅ ମଧ୍ୟରେ ମୃତଦେହ ଦେଖି ସ୍ଥାନୀୟ ଲୋକେ ଦମକଳବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି କୂଅରୁ ମୃତଦେହ ଉଦ୍ଧାର କରିଥିଲେ। ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଦଶପଲ୍ଲା ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରିପୋର୍ଟ ମିଳିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଆଇଆଇସି ବିଶ୍ୱଜିତ ରାଉତରାୟ ପ୍ରକାଶ କରିଛନ୍ତି।

# ସାନପଦରରେ ପାସେଞ୍ଜର ରହଣି ଦାବି

ବୋଲଗଡ଼,୨୮।୨(ଡି.ଏନ.ଏ.)

ଖୋର୍ଦ୍ଧା-ବଲାଙ୍ଗୀର ପୂର୍ବତଟ ରେଳପଥର ସାନପଦରଠାରେ ପାସେଞ୍ଜର ରହଣି ନିମନ୍ତେ ବିଭିନ୍ନ ମହଲରେ ଦାବି ହୋଇଆସୁଛି। ବୋଲଗଡ଼ ବ୍ଲକର ଉକ୍ତ ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତବାସୀ ପକ୍ଷରୁ ଦୀର୍ଘଦିନ ଧରି ଦାବି କରାଯାଉଥିଲେ ମଧ୍ୟ ରେଳ ବିଭାଗ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ବିଭିନ୍ନ ମହଲରେ କୁହାଯାଇଛି। ତେଣୁ ସାନପଦର ବିକାଶ ମଞ୍ଚ ପକ୍ଷରୁ ଉକ୍ତ ଦାବି ନେଇ ଗୁରୁବାର ଏକ ଦସ୍ତଖାସ୍ତ ଅଭିଯାନ ଆରମ୍ଭ ହୋଇଛି। ମଞ୍ଚ ସଭାପତି ଦିଲୀପ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ଏକ ବୈଠକ ସାନପଦରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବିତ୍ ରାଜକିଶୋର ବ୍ରହ୍ମା ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପେନ୍ଦ୍ର କୁମାର ନାୟକ, ସୂର୍ଯ୍ୟ ଶ୍ରୀଚନ୍ଦନ, ସୁଧାଂଶୁ ଶେଖର ବାରିକ, ପୂର୍ବତନ ସରପଞ୍ଚ ରଘୁନାଥ ସାହୁ, ବିଜୟ କୁମାର ଗୁମାନସିଂହ, ବିଭୁ ପ୍ରସାଦ ସୁବୁଦ୍ଧି, ବିଦ୍ୟାଧର ନାୟକ, ଭାଗୀରଥି ପରମାଣିକ, ଅମ୍ବିକା ପ୍ରସାଦ ମହାନ୍ତି ଓ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସାନପଦରଠାରେ ଏକ ପାସେଞ୍ଜର ହଲ୍ଟ ନେଇ ସଭାରେ ଦାବି ଉପସ୍ଥାପନ କରାଯାଇଥିଲା।




CLASSIFIED DISPLAY













MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable



## ସଂକ୍ଷେପରେ

### ନଦୀରେ ବୁଡ଼ି ଜଣେ ମୃତ

ହିଞ୍ଜିଳିକାଟୁ,୨୮।୨(ଡି.ଏନ୍.ଏ.): ହିଞ୍ଜିଳିକାଟୁ ଭଗବତୀ ମନ୍ଦିର ନିକଟ ଘୋଡ଼ାହାଡ଼ ନଦୀ ଗଣ୍ଡରେ ବୁଡି ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ହିଞ୍ଜିଳିକାଟୁ ପୌରାଞ୍ଚଳ ନୂଆଗଡର ଉଦୟନାଥ ଗୌଡ (୬୫)। ଉଦୟ ଗୁରୁବାର ପୂର୍ବାହ୍ନରେ ମଇଁଷି ଚରାଇବାକୁ ଭଗବତୀ ମନ୍ଦିର ନିକଟ ଘୋଡ଼ାହାଡ଼ ନଦୀ ପଠାକୁ ଯାଇଥିଲେ। ଗୋଟିଏ ମଇଁଷି ନଦୀ ଗଣ୍ଡ ଭିତରକୁ ପଶି ଯାଇଥିଲା। ମଇଁଷିକୁ ଆଣିବାକୁ ଯାଇ ଉଦୟ ନଦୀ ପାଣିରେ ବୁଡି ଯାଇଥିଲେ। ନିକଟରେ ଥିବା ଅନ୍ୟ ବ୍ୟକ୍ତିମାନେ ଦମକଳକୁ ଜଣାଇଥିଲେ। ହିଞ୍ଜିଳିକାଟୁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହିଞ୍ଜିଳି ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥଲା। ଏ ନେଇ ଥାନାରେ ନଂ.୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଭିଡିଓ କନ୍‌ଫରେନ୍ସିଂରେ ମୋ ବୁଥ୍ ସବୁଠୁ ମଜଭୁତ

ଗଞ୍ଜାମ,୨୮।୨(ଡି.ଏନ.ଏ.): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସିଂ ମାଧ୍ୟମରେ ମୋ ବୁଥ ସବୁଠୁ ମଜଭୁତ କାର୍ଯ୍ୟକ୍ରମରେ ଓଡ଼ିଶାବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଉପଲକ୍ଷେ ରମ୍ଭାରେ ଛତ୍ରପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ନେତା ତଥା ହୁମ୍ମା ମଣ୍ଡଳ ସଭାପତି କୀର୍ତ୍ତନ ଦାସଙ୍କ ନେତୃତ୍ୱରେ ଟିଭି ସ୍କ୍ରିନରେ ଦେଖିବା ପାଇଁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଧରଣୀଧର ବେହେରା, ପୂର୍ବତନ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷ ପ୍ରଶାନ୍ତ କର, ତ୍ରିନାଥ ବେହେରା, ପୂର୍ବତନ ବ୍ଲକ (ଗଞ୍ଜାମ) ଅଧ୍ୟକ୍ଷା ଗୀତାଞ୍ଜଳି ବେହେରା, ପୂର୍ବତନ ଗଞ୍ଜାମ ଏନ୍‌ଏସି କାଉନସିଲର ଶରତ କୁମାର ବେହେରା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର କୁମାର ସାହୁଙ୍କ ସମେତ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

### ଆମ ପୋଲିସ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୨୮।୨(ସ୍ୱ.ପ୍ର.): ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ପରିସରରେ ଗୁରୁବାର ଆମ ପୋଲିସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଅଧିକାରୀ ବାବୁଲି ନାୟକଙ୍କ ଅଧ୍ୟକ୍ଷତାରେ କରିଥିବାବେଳେ ସହରର ବହୁ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଟ୍ରାଫିକ ସୁରକ୍ଷା ବିଷୟରେ ଲୋକେ ସଚେତନ ହେବା ଆବଶ୍ୟକ ବୋଲି ଥାନାଧିକାରୀ ନାୟକ କହିଥିଲେ। ଏଏସ୍‌ଆଇ ଭୋଳାନାଥ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାଧାରଣ ନିର୍ବାଚନ ପ୍ରସ୍ତୁତି

# ଅନ୍‌ସ୍ଲୋ ଷ୍ଟ୍ରଙ୍ଗରୁମ୍‌ର ଅନୁଧ୍ୟାନ

ଛତ୍ରପୁର,୨୮।୨(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଚଳିତ ବର୍ଷ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ବର୍ତ୍ତମାନ ଛତ୍ରପୁରସ୍ଥିତ ଅନସ୍ଲୋ ସରକାରୀ ହାଇସ୍କୁଲ ପରିସରରେ ଷ୍ଟ୍ରଙ୍ଗ ରୁମ୍ ପ୍ରତିଷ୍ଠା ହୋଇଛି। ଏଥିରେ ଇଭିଏମ ଓ ଭିଭିପାଟ୍ ମେଶିନ୍ ରଖାଯାଇ ସିଲ୍ କରାଯାଇଛି। ଏହି ଷ୍ଟ୍ରଙ୍ଗରୁମ୍ ବାହାରେ ୨୪ ଘଣ୍ଟିଆ ସୁରକ୍ଷାକର୍ମୀ ମୁତୟନ ଥିବାବେଳେ ସିସି କ୍ୟାମେରା ନଜର ରଖୁଛି। ଅପରପକ୍ଷରେ ଜିଲାରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ଭୋଟ ପରେ ଇଭିଏମ୍ ଓ ଭିଭିପାଟ୍‌କୁ ଆଣି ଅନସ୍ଲୋ ସରକାରୀ ହାଇସ୍କୁଲର ଷ୍ଟ୍ରଙ୍ଗ୍ ରୁମ୍‌ରେ ରଖାଯିବ। ମାତ୍ର ଉକ୍ତ ଷ୍ଟ୍ରଙ୍ଗରୁମ୍‌ରେ ସ୍ଥାନର ଅଭାବ ରହିଛି। ଏଣୁ ଏହାର ବିକଳ୍ପ ଖୋଜିବା ସହ ଏହା କିଭଳି ତ୍ୱରାନ୍ୱିତ ହେବ ସେନେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଗୁରୁବାର ଅପରାହ୍ନରେ ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଡେପୁଟି ସବ୍‌କଲେକ୍ଟର ସଚ୍ଚିଦାନନ୍ଦ ନାୟକ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା, ରାସ୍ତା ଓ କୋଠାବାଡି ବିଭାଗର ନିର୍ବାହୀଯନ୍ତ୍ରୀ ଅବନୀ ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜି. ରାଜଗୋପାଳ ପ୍ରମୁଖ ସେଠାକୁ ଯାଇ ଅନୁଧ୍ୟାନ କରିଥିଲେ। ଅନସ୍ଲୋ ହାଇସ୍କୁଲର ଉପରକୋଠାରେ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଅସ୍ଥାୟୀ ପାଠପଢା ପାଇଁ ଚିହ୍ନଟ ହୋଇଥିଲା। ଏହି କୋଠାକୁ ଯିବା ପାଇଁ ୨ଟି ଶିଡି ନିର୍ମାଣ କରାଯିବ। ନୂଆ ଷ୍ଟ୍ରଙ୍ଗ ରୁମ୍ ଏଠାରେ ପ୍ରତିଷ୍ଠା କରାଯିବ। ସାଧାରଣ ନିର୍ବାଚନ ପାଇଁ ଭୋଟ ହେବା ପରେ ଇଭିଏମ ଓ ଭିଭିପାଟ୍ ମେଶିନ୍ ଷ୍ଟ୍ରଙ୍ଗରୁମ୍‌ରେ ରଖାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଆବଶ୍ୟକ ଆନୁଷଙ୍ଗିକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ରାସ୍ତା ଓ କୋଠାବାଡି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ପୂର୍ବରୁ ଉକ୍ତ ହାଇସ୍କୁଲ ପରିସରରେ ଜିଲାର ୧୩ ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ବ୍ରହ୍ମପୁର ଓ ଆସିକା ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ହୋଇଥିବା ନିର୍ବାଚନ ପରିପ୍ରେକ୍ଷୀରେ ଭୋଟ ଗଣତି ପରିସରରେ କରାଯିବ ବୋଲି ନିଷ୍ପତି ହୋଇଥିଲା।



ଛତ୍ରପୁର ଉପଜିଲାପାଳ ଅନ୍ୟ ଅଧିକାରୀଙ୍କ ସହ ଅନୁଧ୍ୟାନ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛେଚା ଗରଗଡ଼ା ମାଳି**
**ଛେଚୁଥିଲେ ମୋର ଦେହକୁ ସୁହାଏ**
**ନ ଛେଚିଲେ ଘରେ କଳି ।**

କଥାରେ କୁହନ୍ତି ମାଡ଼କୁ ମହାଦେବଙ୍କ ଡର। ମାଡୁଆ ପ୍ରକୃତିର ବ୍ୟକ୍ତିଙ୍କୁ କେବଳ ମାଡ଼ ଦ୍ୱାରା ଶାସନ କରି ହୋଇଥାଏ। ବେଳେ ବେଳେ ଅବାଧ୍ୟକୁ ସାଧ କରିବାକୁ ହେଲେ ଟିକେ ଗରମ ଦେଖେଇବାକୁ ପଡ଼ିଥାଏ। ମାଡ଼ ବସାଇଲେ ସିଏ ବଳେ ସାବାଡ ହୋଇଯାଏ। ମାଡ଼ ଖାଇବା ପରେ କିଛିଟା ନରମ ଅବସ୍ଥା ସୃଷ୍ଟି ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛୋଟ ଲୋକ ବଡ଼ ପଦ ପାଏ**
**ହଗି ଗଲେ ଗୀତ ଗାଉଥାଏ ।**

ନୀଚସ୍ତରର ଲୋକ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟି ପଡ଼ନ୍ତି। ସ୍ଥାନ, କାଳ ପାତ୍ରକୁ ଭୁଲି ନିଜ ଅହଂଭାବ ଦେଖେଇ ହୁଅନ୍ତି। ନୀଚ ଲୋକ ଉଚ୍ଚ ପଦବୀର ଅପବ୍ୟବହାର କରି ବସିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବରପଲି ପୁଡୁଗେଶ୍ୱର ମନ୍ଦିର ରାସ୍ତା ବିପର୍ଯ୍ୟସ୍ତ

ଗଞ୍ଜାମ,୨୮।୨(ଡି.ଏନ.ଏ.)

ତିନିଦିନ ଗଲେ ମହାଶିବରାତ୍ରି ବା ଜାଗର ଯାତ୍ରା। ଏଥିପାଇଁ ସହରର ବିଭିନ୍ନ ଶୈବପୀଠଗୁଡ଼ିକ ଚଳଚଞ୍ଚଳ ହୋଇ ଉଠିଲାଣି। କିନ୍ତୁ କେତେକ ଶୈବପୀଠ ଯିବା ରାସ୍ତାର ଅବସ୍ଥା ନ କହିବା ଭଲ। ଏନ୍‌ଏସି ଅନ୍ତର୍ଗତ ୱାର୍ଡ ୯ ନଂ. ବରପଲି ଗ୍ରାମରେ ଅବସ୍ଥିତ ବାବା ପୁଡୁଗେଶ୍ୱର ପୀଠ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏପରିକି ପାଦଚଲା ରାସ୍ତା ପାଇଁ ମଧ୍ୟ ଉପଯୋଗୀ ନୁହେଁ। ଅଣଓସାରିଆ ରାସ୍ତା ସାଙ୍ଗକୁ ଉଭୟ ପାର୍ଶ୍ୱରେ ଅନାବନା ଗଛ। ଚାରି ଚକିଆ ଯାନ ଯିବା ସମୟରେ ସାଇକେଲ କିମ୍ବା ବାଇକ୍ ଆରୋହୀଙ୍କୁ ରାସ୍ତାପାର୍ଶ୍ୱ ବିଲକୁ ଓହ୍ଲାଇବାକୁ ପଡ଼ିଥାଏ। ଏଥିସହିତ ବରପଲି ଗ୍ରାମକୁ ସଂଯୋଗ ହୋଇଥିବା ଏହି ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଛି। ଏହିଭଳି ପରିସ୍ଥିତିରେ ଅଷ୍ଟଶମ୍ଭୁ ଦର୍ଶନ ପାଇଁ ଭକ୍ତ କିପରି ଯିବେ ତାହା ଚିନ୍ତାର କାରଣ ପାଲଟିଛି।

ପ୍ରକାଶଯେ, ଏହି ରାସ୍ତା ନିର୍ମାଣ ପାଇଁ ୨୦୧୬ ଫେବୃୟାରୀରେ ଭିତ୍ତିପ୍ରସ୍ତର କରାଯାଇଥିଲା। ଏହା ପୂର୍ତ୍ତ ବିଭାଗ ହାତକୁ ନେଇଛି। ଏ ସମ୍ପର୍କରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ଟୁଡୁଙ୍କୁ ଯୋଗାଯୋଗ କରିବାରୁ ଉକ୍ତ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ସ୍ୱୀକାର କରିବା ସହ ଖାଲ ବା ଗାତ ଥିବା ସ୍ଥାନରେ ମୋରମ ପକାଇବା ବ୍ୟବସ୍ଥା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ କଥାବାର୍ତ୍ତା କରିବେ ବୋଲି ସେ କହିଛନ୍ତି।



ବିପର୍ଯ୍ୟସ୍ତ ବରପଲି ଗ୍ରାମ ରାସ୍ତା।

**ଜାଗର ଯାତ୍ରାକୁ ୩ ଦିନ**

# କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଛତ୍ରପୁର,୨୮।୨(ଡି.ଏନ.ଏ.)

ଛତ୍ରପୁର କଲେଜରେ କ୍ୟାରିୟର ଆଣ୍ଡ୍ କାଉନ୍‌ସେଲିଂ ସେଲ ପକ୍ଷରୁ ଚାଲିଥିବା ତ୍ରିଦିବସୀୟ କ୍ୟାରିୟର ଆଣ୍ଡ୍ କାଉନ୍‌ସେଲିଂ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଦିବସର ପ୍ରଥମ ଅଧିବେଶନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ଡ. ସତ୍ୟନାରାୟଣ ସାହୁ, ପ୍ରାଣୀବିଜ୍ଞାନ ବିଭାଗ ପ୍ରଫେସର ଡ. ତପନ କୁମାର ବାରିକ, ଆଇଆରପିଏମ୍ ବିଭାଗର ଡ. ସତ୍ୟବ୍ରତ ପାତ୍ର ଯୋଗଦେଇ ବିଜ୍ଞାନ ଓ କଳା ବିଭାଗର ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ବୃତ୍ତି ସମ୍ବନ୍ଧୀୟ ସୁଯୋଗ ବିଷୟ ଉପରେ ଅବଗତ କରାଇଥିଲେ। ଅନ୍ୟ ଏକ ଅଧିବେଶନରେ ଆଇସିଏଆଇର ଅଧ୍ୟକ୍ଷ ନରସିଂହ କର, ଇଆରଆଇସି କଲିକତା ଅଧ୍ୟକ୍ଷ ଭେଙ୍କଟରମଣ ଏହି ବିଷୟରେ ଥିବା ବୃତ୍ତି ସୁଯୋଗ ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମର ଶେଷ ଅଧିବେଶନରେ ଫୁଲବାଣୀର ଡେପୁଟି ଟ୍ୟାକ୍ସ କମିଶନର ଡ. ବିଭୁଦତ୍ତ ଆଚାରୀ ଯୋଗଦେଇ ପ୍ରଶାସନିକ କ୍ଷେତ୍ରରେ ଥିବା ବୃତ୍ତି ସୁଯୋଗ ବିଷୟରେ ଅବଗତ କରାଇଥିଲେ। ଛାତ୍ରୀଛାତ୍ରମାନେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ।

# ଜାତୀୟ ବିଜ୍ଞାନ ଦିବସ ପାଳିତ



ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ।

ଧରାକୋଟ,୨୮।୨(ଡି.ଏନ୍.ଏ.)

ସରସ୍ୱତୀ ଶିଶୁ ମନ୍ଦିର, ମୁଣ୍ଡମରାଇଠାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଫେବୃୟାରୀ ୨୮ ତାରିଖକୁ ଭାରତର ବୈଜ୍ଞାନିକ ଡ. ଚନ୍ଦ୍ରଶେଖର ଭେଙ୍କଟ ରମଣଙ୍କ ଜନ୍ମଦିବସକୁ ଜାତୀୟ ବିଜ୍ଞାନ ଦିବସ ଭାବେ ପାଳିତ କରାଯାଏ। ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ପି. ତ୍ରିନାଥ ପାତ୍ର ସଭାପତିତ୍ୱ କରିଥିବା ବେଳେ ପ୍ରଦୀପ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନିତ୍ୟାନନ୍ଦ ସାହୁ ବିଜ୍ଞାନ ଦିବସ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଚାର୍ଯ୍ୟ ବଳରାମ ଡାକୁଆ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ବିଜ୍ଞାନ ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଜ୍ଞାନ କୁଇଜ୍, ବକ୍ତୃତା, ବିଜ୍ଞାନଭିତ୍ତିକ ମ୍ୟାଜିକ୍ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କ ପୁରସ୍କୃତ କରାଯାଇଥିଲା।

# ଅଦିନିଆ ବର୍ଷା: ଭାଙ୍ଗିଲା ୩୦ରୁ ଉର୍ଦ୍ଧ୍ୱ ଘର

କୋଟଗଡ଼, ୨୮।୨(ଡି.ଏନ୍.ଏ.)

କୋଟଗଡ ବ୍ଲକ ଅଞ୍ଚଳରେ ବୁଧବାର ଅଦିନିଆ ବର୍ଷା ପବନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବୁଧବାର ସନ୍ଧ୍ୟାରେ ପ୍ରବଳ ଜୋରରେ ବର୍ଷାପବନ ସହ ଘଡଘଡି ହୋଇଥିଲା। ପ୍ରାୟ ୩ରୁ ୪ ଘଣ୍ଟା ଏହା ଲାଗି ରହିଥିଲା। ସ୍ଥାନୀୟ କଲୋନୀସାହି, ଶଗଡ଼ିଆସାହି, କୃଷ୍ଣନଗର, କେନ୍ଦ୍ରାପଡ଼ା, ମଦାଙ୍ଗି ଇତ୍ୟାଦି ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ଚାଳଛପର ଓ ଆଜବେଷ୍ଟସ୍ ଘର ଭାଙ୍ଗି ଯାଇଛି। କୋଟଗଡ଼ ବ୍ଲକର କେଶ୍ରାଗୁଡ଼ା, ଗୁଗୁରମାହା, ଜୁଡ଼ାବାଲି, ଦୁର୍ଗାପଙ୍ଗା, ଓରା ଆଦି ପଞ୍ଚାୟତରେ ଘର ଭାଙ୍ଗିଥିଲେ ମଧ୍ୟ ସଠିକ୍ ତଥ୍ୟ ମିଳିପାରିନାହିଁ। ତହସିଲ ପ୍ରଶାସନ ତଦନ୍ତ କରି କ୍ଷତିପୂରଣ ଦେବାକୁ କ୍ଷତିଗ୍ରସ୍ତ କଲୋନୀସାହିର ରିଙ୍କୁ ପ୍ରଧାନ, ହରିପୁରଛକ ଗ୍ରାମର କଲରା ନାୟକ, କଳାବତୀ ମାନ୍‌ସେଠ୍, ସସ୍ମିତା ବଳିଆରସିଂ, ଲକ୍ଷ୍ମଣ ସାନ୍‌ସେଠ ପ୍ରମୁଖ ଦାବି କରିଛନ୍ତି। ମାତ୍ର ଗୁରୁବାର ସନ୍ଧ୍ୟା ସୁଦ୍ଧା ସ୍ଥାନୀୟ ପ୍ରଶାସନ କିମ୍ବା ରାଜନେତା ପହଞ୍ଚି ନ ଥିବାରୁ କ୍ଷତିଗ୍ରସ୍ତ ପରିବାରମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



କ୍ଷତିଗ୍ରସ୍ତ ଘର ସମ୍ମୁଖରେ କଳାବତୀ ମାନ୍‌ସେଠ୍।

# ଗୃହବିଜ୍ଞାନ,ଶିକ୍ଷା, ଇଂଲିଶ ବିଭାଗ ପାଠଚକ୍ର




ଗୃହବିଜ୍ଞାନ ପାଠଚକ୍ରରେ ଡ଼.ଆର.ଏନ.ପାଳ ଉଦ୍‌ବୋଧନ ଦେଉଛନ୍ତି।

ଭଞ୍ଜନଗର,୨୮।୨(ଡି.ଏନ.ଏ.)

ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟ ଗୃହବିଜ୍ଞାନ, ଶିକ୍ଷା ଓ ଇଂଲିଶ ବିଭାଗ ପାଠଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଶାନ୍ତି କୁମାରୀ ଉପାଧ୍ୟାୟ ଏଥିରେ ସଭାପତିତ୍ୱ କରିଥିଲେ। ଗୃହବିଜ୍ଞାନ ପାଠଚକ୍ରରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ଡ଼.ଆର.ଏନ.ପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ ପୂଜା ସେଠୀ ସନ୍ଦର୍ଭ ପାଠ କରିଥିବା ବେଳେ ତାଙ୍କୁ ବିଭାଗୀୟ ଅଧ୍ୟାପିକା ସୁବାସିନୀ ଦେବୀ ସହଯୋଗ କରିଥିଲେ। ଅଧ୍ୟାପିକା ଜୟଲକ୍ଷ୍ମୀ ରଥ, ପ୍ରଭାତୀ ମିଶ୍ର ଓ ରଶ୍ମିତା ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷା ବିଭାଗ ପାଠଚକ୍ରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଗଙ୍ଗାଧର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଛାତ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ଦୂରଶିକ୍ଷା ଉପରେ ଲିଖିତ ସନ୍ଦର୍ଭ ପାଠ କରିଥିଲେ। ତାଙ୍କୁ ଅଧ୍ୟାପିକା ଉର୍ମିଳା ପାଢୀଯୋଶୀ ସହଯୋଗ କରିଥିଲେ। ଅଧ୍ୟାପକ ଦୀପକ କୁମାର ଭୂୟାଁ ଧନ୍ୟବାଦ ଦେଇଥିଲେ। ସେହିପରି ଇଂଲିଶ ବିଭାଗ ପାଠଚକ୍ରରେ କଙ୍କରଡ଼ା ବିଜ୍ଞାନ ମହାବିଦ୍ୟାଳୟ ପ୍ରାଧ୍ୟାପକ ସନ୍ତୋଷ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ ଶୁଭଶ୍ରୀ ମୁନି ମହାତ୍ମା ଗାନ୍ଧୀଙ୍କ ଆତ୍ମଜୀବନୀ ଉପରେ ଲିଖିତ ସନ୍ଦର୍ଭ ପାଠ କରିଥିଲେ। ତାଙ୍କୁ ଅଧ୍ୟାପକ ଜୟରାମ ସେନାପତି ସହଯୋଗ କରିଥିଲେ। ଅଧ୍ୟାପିକା ସନ୍ଧ୍ୟାରାଣୀ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦିକା ନର୍ମଦା ବେହେରା ବିବରଣୀ ପାଠ କରିଥିବା ବେଳେ ଛାତ୍ରୀ ଅପରାଜିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914
9319817746
9650353144
Add. : T-51, Gali No. 8, Gautampuri, Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 20 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

Baba Kamal Khan
7th Time Gold Medalist
Jharsuguda, Odisha
୭ ଇଲମ ଜାଣିବାରେ ମାହିର
(ମୋହିନି ବଶିକରଣ ଏବଂ ମୁଠ୍‌କରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି,ବିବାହରେ ବାଧା, ଗୃହକ୍ଲେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ,ଜୁଆ, ଭୁତ-ପ୍ରେତ ଇତ୍ୟାଦି ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରସ୍କାର
7064890616

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଧନଲକ୍ଷ୍ମୀ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

# ବିପଦରେ ବାଲୁଖଣ୍ଡ ହରିଣ

**ପୁରୀ ଅଫିସ,୨୮।୨**

ବିପଦରେ ବାଲୁଖଣ୍ଡ ଅଭୟାରଣ୍ୟର ବନ୍ୟପ୍ରାଣୀ। ଗୋଟିଏ ପଟେ ଜଙ୍ଗଲ ସଙ୍କୁଚିତ ହେଉଥିବା ବେଳେ ଅନ୍ୟପଟେ ବନ୍ୟପ୍ରାଣୀଙ୍କ ବାସ ପାଇଁ ସଙ୍କଟ ସୃଷ୍ଟି ହେଲାଣି। ବିଶେଷକରି ବାଲୁଖଣ୍ଡ ଅଭୟାରଣ୍ୟର ବନ୍ୟପ୍ରାଣୀ କହିଲେ ସାଧାରଣତଃ ହରିଣଙ୍କୁ ହିଁ ବୁଝାଏ। ହେଲେ ଏହି ହରିଣଙ୍କ ଜୀବନ ଏବେ ପ୍ରତିଦିନ ବାଜିରେ ଲାଗୁଛି। ଜଙ୍ଗଲରେ ବୁଲା କୁକୁରଙ୍କ ଭୟ ରହୁଥିବା ବେଳେ ବାହାରକୁ ଗଲେ ବି ଏମାନେ ସୁରକ୍ଷିତ ନୁହନ୍ତି। କେତେବେଳେ ଦୁର୍ଘଟଣାରେ ହେଉ ଅବା ଅନ୍ୟ କୌଣସି କାରଣ ଯୋଗୁ ଏମାନଙ୍କ ମୃତ୍ୟୁ ଘଟୁଛି। ବିଶେଷକରି ବାଲୁଖଣ୍ଡ ହରିଣଙ୍କ ପାଇଁ ମରଣଯନ୍ତା ପାଲଟିଛି ମୁକୁଳା ଡ୍ରେନ୍। ଦିନରେ କୁକୁର ଭୟରେ ଲୁଚି ରହୁଥିବା ହରିଣପଲ ରାତିରେ ଜଙ୍ଗଲ ଛାଡି ବାହାରକୁ ବିଚରଣ କରିବାକୁ ଗଲାବେଳେ ଅନେକ ସମୟରେ ଡ୍ରେନ୍‌ରେ ପଡ଼ି ମୃତାହତ ହେଉଛନ୍ତି। ଗୁରୁବାର ସକାଳେ ଡ୍ରେନ୍ ମଧ୍ୟରେ ଦୁଇଟି ମାଈ ହରିଣ ପଡ଼ିଥିବା ଦେଖିବାକୁ ମିଳିଥିଲା। ସେମାନଙ୍କ ମଧ୍ୟରୁ ଗୋଟିଏ ମରିଯାଇଥିବା ବେଳେ ଅନ୍ୟଟିକୁ ଜୀବିତ ଭାବେ ବନ କର୍ମଚାରୀ ଉଦ୍ଧାର କରି ଅଭୟାରଣ୍ୟରେ ଛାଡି ଦେଇଛନ୍ତି।

ବାଲିଘାଟ-ହରେକୃଷ୍ଣପୁରକୁ ଯାଇଥିବା ରାସ୍ତାର ଗୋପାଳପୁର ତ୍ରିନାଥ ମନ୍ଦିର ନିକଟ ଡ୍ରେନ୍‌ରେ ୨ଟି ହରିଣ ପଡିଥିବା ଗ୍ରାମବାସୀ ଦେଖି ବାଲୁଖଣ୍ଡ ରେଞ୍ଜ୍ ଅଫିସକୁ ଖବର ଦେଇଥିଲେ। ଫରେଷ୍ଟର ଭୀମସେନ ଦାସ, ଫରେଷ୍ଟଗାର୍ଡ ନିର୍ମଳ ପାତ୍ର ଏବଂ ଆଣ୍ଟି ପୋଚିଂ ସ୍କ୍ୱାଡ୍‌ର ୨ ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ଗୋଟିଏ ହରିଣ ମରିଯାଇଥିବା ବେଳେ ଅନ୍ୟଟିକୁ ଜୀବିତ ଅବସ୍ଥାରେ ଉଦ୍ଧାର କରିଥିଲେ। ୨ଟିକୁ ବାଲୁଖଣ୍ଡ ରେଞ୍ଜ୍ ଅଫିସକୁ ଆଣିଥିଲେ। ଏମାନଙ୍କ ବୟସ ୨ରୁ ୩ ବର୍ଷ ହେବ ବୋଲି ଫରେଷ୍ଟର ଦାସ କହିଛନ୍ତି। ତେବେ ମୃତ ହରିଣକୁ ପୋଷ୍ଟମର୍ଟମ କରାଯାଇ ରେଞ୍ଜ୍ କ୍ୟାମ୍ପସ୍ ମଧ୍ୟରେ ଲୁଣ, ଫିନାଇଲ ପକାଇ ପୋତି ଦିଆଯାଇଥିଲା। ଜୀବିତ ହରିଣଟିକୁ ଅଭୟାରଣ୍ୟରେ ଛଡ଼ାଯାଇଥିଲା। ଏହି ହରିଣଙ୍କ ମୃତ୍ୟୁ ପାଇଁ ଗ୍ରାମବାସୀ ଏବଂ ବନ କର୍ମଚାରୀ ମୁକୁଳା ଡ୍ରେନ୍‌କୁ ଦାୟୀ କରିଛନ୍ତି। ଦୀର୍ଘଦିନ ହେଲା ଏହି ଡ୍ରେନ୍ ମୁକୁଳା ପଡିଛି। ପ୍ରାୟ ୫ ଫୁଟ ଗଭୀର ଏବଂ ୪ଫୁଟ ଚଉଡ଼ାର ଏହି ଡ୍ରେନ୍ ଉପରେ କଭର ପକାଯାଇନାହିଁ। ଫଳରେ ଗୋରୁ, ହରିଣ ଇତ୍ୟାଦି ଜୀବଜନ୍ତୁ ଏଥିରେ ପଡ଼ି ମୃତାହତ ହେଉଛନ୍ତି। ପୂର୍ବରୁ ଏହି ମୁକୁଳା ଡ୍ରେନ୍‌ରେ ହରିଣ ପଡି ମରିଥିବାରୁ ବନ ବିଭାଗ ପୂର୍ତ୍ତ ବିଭାଗକୁ ସ୍ଲାବ୍ ପକାଇବା ପାଇଁ ଚିଠି କରିଥିଲା। କିନ୍ତୁ ଏ ଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ।


ମରିପଡିଥିବା ହରିଣ।

- ଜଙ୍ଗଲରେ ବୁଲା କୁକୁର ଭୟ
- ବାହାରେ ମୁକୁଳା ଡ୍ରେନ୍ ନେଉଛି ଜୀବନ
- ପୁଣି ଡ୍ରେନ୍‌ରେ ପଡ଼ି ହରିଣ ମୃତ
- ଚିଠି ପରେ ବି ସ୍ଲାବ୍ ପକାଉନି ପୂର୍ତ୍ତ ବିଭାଗ

ଗତ ଜାନୁୟାରୀ ୧୮ରେ ବାଲିଘାଟ-ଗୋପାଳପୁର ରାସ୍ତାର ତ୍ରିନାଥ ନଗର ଛକ ନିକଟ ଡ୍ରେନ୍‌ରେ ୨ଟି ହରିଣ ମରି ଭାସୁଥିବା ଗ୍ରାମବାସୀ ଦେଖି ବାଲୁଖଣ୍ଡ ରେଞ୍ଜ୍ ଅଫିସକୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ଡ୍ରେନ୍ ମଧ୍ୟରୁ ୨ଟି ହରିଣକୁ ଉଦ୍ଧାର କରିଥିଲେ। ଏଥିମଧ୍ୟରୁ ଗୋଟିଏ ପଚିଯାଇଥିଲା। ୨ଟିଯାକର ବ୍ୟବଚ୍ଛେଦ କରାଯିବା ପରେ ରେଞ୍ଜ କ୍ୟାମ୍ପସ୍ ମଧ୍ୟରେ ପୋତି ଦିଆଯାଇଥିଲା। ଜାନୁୟାରୀ ୯ରେ ତାଳବଣିଆ ଇନ୍‌ଡୋର ଷ୍ଟାଡିୟମ୍ ପରିସରରୁ ଏକ ହରିଣର ମୃତଦେହ ମିଳିଥିଲା। ସେହିପରି କିଛିଦିନ ତଳେ ତାଳବଣିଆ ହେଲିପ୍ୟାଡ୍ ନିକଟ ଡ୍ରେନ୍‌ରୁ ମଧ୍ୟ ବନ କର୍ମଚାରୀ ଏକ ହରିଣକୁ ଉଦ୍ଧାର କରି ବାଲୁଖଣ୍ଡରେ ଛାଡିଥିଲେ। ଏ ସମ୍ପର୍କରେ ପୁରୀ ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି, ଗୁରୁବାର ଦୁଇଟି ହରିଣ ଡ୍ରେନ୍‌ରେ ପଡିଥିବା ଖବର ପାଇ ବନ କର୍ମଚାରୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ଗୋଟିଏର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଟିକୁ ଜଙ୍ଗଲରେ ଛଡା ଯାଇଛି। ବାଲିଘାଟ-ହରେକୃଷ୍ଣପୁରକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱ ଡ୍ରେନ୍ ମୁକୁଳା ଥିବାରୁ ବାରମ୍ବାର ହରିଣ ଏଥିରେ ପଡୁଥିବା ଦେଖିବାକୁ ମିଳୁଛି। ଡ୍ରେନ୍‌ରେ ସ୍ଲାବ୍ ପକାଇବା ପାଇଁ ପୂର୍ତ୍ତ ବିଭାଗକୁ ଚିଠି କରାଯିବା ସହ ଫୋନରେ କୁହାଯାଇଛି। ସେମାନେ ଖୁବ୍‌ଶୀଘ୍ର ସ୍ଲାବ୍ ପକାଇବା ପାଇଁ ପ୍ରତିଶ୍ରୁତି ଦେଇଥିବା ଉଦ୍‌ଗାତା କହିଛନ୍ତି।

# 'ବୈଜ୍ଞାନିକ ମନୋଭାବ ନେଇ ବିଦ୍ୟା ଅଧ୍ୟୟନ କର'

**ପୁରୀ ଅଫିସ,୨୮।୨:** ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣାକୁମାରୀ ଦେଈଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଆର୍‌ସିସି ପତିତପାବନ ଜଗଦ୍ଦେବ ମୁଖ୍ୟଅତିଥି, ବିଦ୍ୟାଳୟ ପରିଚାଳନା ସମ୍ପାଦକ ମହେନ୍ଦ୍ର ବିଶୋଇ, ସରପଞ୍ଚ ରାଜକିଶୋର ରାଉତ, ସଦାଶିବ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୫ମ ଶ୍ରେଣୀରେ ସରକାରୀ ବୃତ୍ତି ଲାଭ କରିଥିବା ଶୁଭଶ୍ରୀ ରାଉତ, ହରମୋହନ ପ୍ରଧାନ ଏବଂ ଆଚାର୍ଯ୍ୟ ହରିହର ଜୟନ୍ତୀ ଉତ୍ସବରେ କୃତିତ୍ୱ ହାସଲ କରିଥିବା ଲରେନ୍ସ ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାରୁତିନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ଜାତୀୟ ବିଜ୍ଞାନ ଦିବସକୁ ଶିକ୍ଷାବିତ୍ ସନ୍ତୋଷ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ଉତ୍ସବରେ ପ୍ରଫେସର ଗୁରୁଚରଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ମିଶ୍ର ଯୋଗଦେଇ ବୈଜ୍ଞାନିକ ସିଭି ରମଣଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ସୁରେଶ ମିଶ୍ର, ଆଚାର୍ଯ୍ୟ ବିଷ୍ଣୁ ପ୍ରସାଦ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଆଚାର୍ଯ୍ୟା ମମତା ରାଉତରାୟଙ୍କ ଦ୍ୱାରା ରଚିତ କ୍ଷୁଦ୍ର ନାଟକକୁ ଛାତ୍ରୀଛାତ୍ର ପରିବେଷଣ କରିଥିଲେ। ପିଲାଙ୍କ ମଧ୍ୟରେ ବିଜ୍ଞାନ ପ୍ରକଳ୍ପ, ପ୍ରଶ୍ନମଞ୍ଚ, ବିଜ୍ଞାନ କର୍ମଶାଳା ଆଦି ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ବିଦ୍ୟାଳୟର ଉପସଭାପତି ଦୀନବନ୍ଧୁ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବିଜ୍ଞାନ ସମାଜର ଅଙ୍ଗ।






ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧ ମାର୍ଚ୍ଚ, ୨୦୧୯



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ

## ସଂକ୍ଷେପରେ

### ମେଳାରେ ଜମୁଛି ଭିଡ଼: ଦ୍ୱିମୁଖୀ ଅପେରା ପ୍ରତିଯୋଗିତା



ଖଣ୍ଡପଡା,୨୮।୨(ସ୍ୱ.ପ୍ର.)-ନୀଳମାଧବ ଜୀଉଙ୍କ ମାଘମେଳାର ଗୁରୁବାର ହେଉଛି ତ୍ରୟୋଦସ ଦିବସ । ଏହି ମେଳା ଯାତ୍ରା ଦଳଙ୍କ ଅପେକ୍ଷାରେ ଥିବାରୁ ଯାତ୍ରାରେ ଏବେ ଭିଡ ପରିଲକ୍ଷିତ ହୋଇଛି । ଗତ ୨ ଦିନ ହେବ ବର୍ଷା ଯୋଗୁ ମେଳା ଖାଁ ଖାଁ ହୋଇ ଯାଇଥିଲା। ଫଳରେ ବ୍ୟବସାୟୀଙ୍କୁ ବେପାର ମାନ୍ଦା ଆଶଙ୍କା ଗ୍ରାସ କରିଥିଲା। ଗୁରୁବାର ଅପରାହ୍ନରୁ ପାଗ ସମ୍ପୂର୍ଣ୍ଣ ଭାବେ ବଦଳି ଯାଇଥିବାରୁ ମେଳାରେ ଗହଳି ଚହଳି ଆରମ୍ଭ ହୋଇଯାଇଛି । ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀ ସେମାନଙ୍କ ଷ୍ଟଲ ଖୋଲିଥିବା ବେଳେ ଗୋଟିଏ ଜାଗାରେ ବିଭିନ୍ନ ସାମଗ୍ରୀ ପାଇବା ନିମନ୍ତେ ଗ୍ରାହକଙ୍କ ଭିଡ ପରିଲକ୍ଷିତ ହେଉଛି । ବହୁ ଯାତ୍ରୀଙ୍କ ସମାଗମ ସତ୍ତ୍ୱେ କଣ୍ଟିଲୋ ମେଳାରେ ଶୌଚାଳୟ ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଗୁରୁବାର ଠାରୁ ଦ୍ୱିମୁଖି ଅପେରା ପ୍ରତିଯୋଗିତା ହେଉଛି। ଉଭୟ ଯାତ୍ରା ଦଳ ପ୍ରଚାର ମାଧମରେ ଦର୍ଶକଙ୍କୁ ନିଜ ଆଡକୁ ଆକର୍ଷିତ କରିବାକୁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି । ପ୍ରକାଶ ଥାଉକି, ମେଳାରେ ପୋଲିସ ପ୍ରଶାସନର ବ୍ୟବସ୍ଥା ନଥିବାରୁ ରାତ୍ରି ସମୟରେ ଶାନ୍ତି ଶୃଙ୍ଖଳା ଭଙ୍ଗ ହେବାର ଆଶଙ୍କା ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି ।

### ଜାତୀୟ ବିଜ୍ଞାନ ଦିବସ ପାଳିତ



ନୟାଗଡ଼ ଅଫିସ,୨୮।୨: ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ମୃତ୍ୟୁଞ୍ଜୟ ମହାପାତ୍ର ଓ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ସୁଶାନ୍ତ କୁମାର ଭଞ୍ଜ ଅତିଥିଭାବେ ଯୋଗ ଦେଇ ଶିଶୁମାନଙ୍କୁ ବୈଜ୍ଞାନିକ ସି.ଭି. ରମଣଙ୍କ ଅନେକ ଅନୁସନ୍ଧାନମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ଶିଶୁମାନଙ୍କ ମଧରେ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏଥିମଧରେ ପତ୍ରବାଚନ, ପ୍ରଶ୍ନମଞ୍ଚ, ବୈଜ୍ଞାନିକଙ୍କ ଫଟୋ ପ୍ରଦର୍ଶନ, ପ୍ରୋଜେକ୍ଟର ଆଦି ସ୍ଥାନ ପାଇଥିଲା । ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକ, ପରିଚାଳନା ସମିତି କର୍ମକର୍ତ୍ତା ଓ ଗୁରୁମାଗୁରୁଜୀଙ୍କ ସଂଯୋଜନାରେ କାର୍ଯ୍ୟ ପରିଚାଳନା କରାଯାଇଥିଲା।

### ନାଟକ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ



ଗଣିଆ,୨୮।୨(ଡି.ଏନ.ଏ.): ନୟାଗଡ ଜିଲା ପୋଲିସ ପ୍ରଶାସନ ଆନୁକୂଲ୍ୟରେ ଗଣିଆ ବ୍ଲକର ମାଓବାଦୀ ପ୍ରଭାବିତ ଅଞ୍ଚଳଗୁଡିକରେ ନାଟକ ପରିବେଷଣ କରି ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଜନାର୍ଦ୍ଦନ ନାଟ୍ୟ ସଂସଦ, ନୟାଗଡର କଳାକାରମାନଙ୍କ ଦ୍ୱାରା ଗୁରବାର ଅପରାହ୍ନରେ ଗଣିଆ ଥାନା ଛାମୁଣ୍ଡିଆ ବଜାର ପରିସରରେ ନୂଆସକାଳ ନାମକ ଏକ ସଚେତନତାଧର୍ମୀ ନାଟକ ପରିବେଷଣ କରାଯାଇଥିଲା । ଲୋକମାନେ ମାଓବାଦୀଙ୍କ ପ୍ରରୋଚନାରେ ପ୍ରଭାବିତ ନ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା । ଏଥିସହ ଲୋକମାନେ ସବୁ ସମୟରେ ଘଟୁଥିବା ଆପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ସ୍ଥାନୀୟ ପୋଲିସର ଦୃଷ୍ଟିଗୋଚରକୁ ନେବା ସହିତ ପୋଲିସକୁ ସହଯୋଗ କଲେ ଘଟୁଥିବା ଅପରାଧକୁ ସହଜରେ ନିୟନ୍ତ୍ରଣ କରାଯାଇପାରିବ ବୋଲି ନାଟକ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ନୟାଗଡ ଜିଲା ପୋଲିସ ପକ୍ଷରୁ ରିଜର୍ଭ ଇନ୍ସପେକ୍ଟର ସୂର୍ଯ୍ୟକାନ୍ତ ପୃଷ୍ଟି, ଗଣିଆ ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ଛାମୁଣ୍ଡିଆ ସରପଞ୍ଚ ମଙ୍ଗୁଲୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

## ୪ଘଣ୍ଟା ଧରି ଅଟକ ରହିଲେ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟ

ଗଣିଆ,୨୮।୨(ଡି.ଏନ.ଏ.)

ବିଭିନ୍ନ ଦାବି ନେଇ ନୟାଗଡ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥାନୀୟ ଲୋକେ ଗୁରୁବାର ଅପରାହ୍ନ ୩ଟାରେ ତାଲା ପକାଇଥିଲେ। ଫଳରେ ମାସିକ ପଞ୍ଚାୟତ ବୈଠକରେ ଯୋଗଦେଇଥିବା ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ସମସ୍ତ ୱାର୍ଡସଭ୍ୟାସଭ୍ୟମାନେ ୪ଘଣ୍ଟା ଧରି ଅଟକ ରହିଥିଲେ। ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ବିଡିଓ ସରୋଜ କୁମାର ନାୟକ, ଗଣିଆ ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ଓ ଜିପିଇଓ ରାଜେନ୍ଦ୍ର ବେହେରା ସନ୍ଧ୍ୟା ୭ଟାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମାଗଣା ଏଲଇଡି ବଲ୍‌ବ ଯୋଗାଣ, ଇନ୍ଦିରା ଆବାସ ଓ ପାଇଖାନା ବିଲ୍ ପ୍ରଦାନରେ ବିଳମ୍ବ,ଖାଉଟି



ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନରତ ହିତାଧିକାରୀ।

ସାମଗ୍ରୀ ଯୋଗାଣରେ ବିଭିନ୍ନ ସମସ୍ୟା ପ୍ରତିବାଦରେ ସେମାନେ ଆନ୍ଦୋଳନ କରିଥିଲେ। ପଞ୍ଚାୟତରେ ଏଲଇଡି ବଲ୍‌ବ ପାଇ ନ ଥିବା ହିତାଧିକାରୀଙ୍କୁ ଚଳିତ ମାର୍ଚ୍ଚ ମାସ ୧୦ ତାରିଖ ସୁଦ୍ଧା ମାଗଣା ବଲ୍‌ବ ଯୋଗାଇଦେବା ସହ ଇନ୍ଦିରାଆବାସ ଓ ପାଇଖାନା ବିଲ୍ ପ୍ରଦାନ ଏବଂ ଖାଉଟି ସାମଗ୍ରୀ ଯୋଗାଣରେ ହେଉଥିବା ସମସ୍ୟାକୁ ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ତାଲା ଖୋଲିଥିଲେ।

ପ୍ରକାଶ ଥାଉ କି, ଗତ ଜାନୁୟାରୀରେ ହୋଇଥିବା ପିଠା କାର୍ଯ୍ୟକ୍ରମରେ କେତେଜଣ ରାଶନ କାର୍ଡ ହିତାଧିକାରୀଙ୍କୁ ୪ଟି ଲେଖାଏ ଏଲଇଡି ବଲ୍‌ବ ଯୋଗାଇ ଦିଆଯାଇଥିଲା । ଅନ୍ୟ ହିତାଧିକାରୀଙ୍କୁ ଫେବୃୟାରୀରେ ଖାଉଟି ସାମଗ୍ରୀ ସହ ବଲ୍‌ବ ଯୋଗାଇଦିଆଯିବା ପାଇଁ ଅଧିକାରୀମାନେ କହିଥିଲେ। ହେଲେ ଖାଉଟି ସାମଗ୍ରୀ ବଣ୍ଟନ ବେଳେ ହିତାଧିକାରୀଙ୍କୁ ବଲ୍‌ବ ଦିଆ ନ ଯାଇ ପିଏସଓ ମେଶିନ ରସିଦ୍‌ରେ ୪ଟି ଲେଖାଏ ବଲ୍‌ବ ଦିଆଯାଇଥିବା ଜଣାପଡିଥିଲା । ଏହାକୁ ନେଇ ହିତାଧିକାରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା ।

ଛାତ୍ର ସୋମନାଥଙ୍କ ମୃତଦେହ ଉଦ୍ଧାର ଘଟଣା

# କଂଗ୍ରେସ ପକ୍ଷରୁ ହତ୍ୟାକାରୀଙ୍କୁ ଗିରଫ ଦାବି

ନୟାଗଡ଼ ଅଫିସ,୨୮।୨

ନୟାଗଡ଼ ଟାଉନ ଥାନା ଅନ୍ତର୍ଗତ ମୁଥାଗାଡ଼ିଆ ପଞ୍ଚାୟତ କରଡ଼ାବଣି ଗ୍ରାମର ହାଇସ୍କୁଲ ଛାତ୍ର ସୋମନାଥ ନାଏକଙ୍କ ମୃତଦେହ ଜାନୁୟାରୀ ୨୦ ତାରିଖରେ ଉଦ୍ଧାର ହୋଇଥିଲା। ପୋଲିସ ଏହାକୁ ଆତ୍ମହତ୍ୟା କହୁଥିବା ବେଳେ ପରିବାର ଲୋକେ କିନ୍ତୁ ମାନିବାକୁ ନାରାଜ। ତାଙ୍କ ପୁଅଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ସୋମନାଥଙ୍କ ବାପା ଧନେଶ୍ୱର ନାଏକ ଅଭିଯୋଗ କରିଛନ୍ତି। ଜିଲା କଂଗ୍ରେସ କମିଟି ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ପୋଲିସ ଶାସକ ଦଳର କଥାରେ ପରିଚାଳିତ ହୋଇ ହତ୍ୟାକୁ ଆତ୍ମହତ୍ୟା କହୁଥିବା ପ୍ରକାଶ କରିଛି। ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କହିଛନ୍ତି, ପୋଲିସ ଓ ଡାକ୍ତର ମିଶି ଘଟଣାକୁ ଚପାଇଦେବା ପାଇଁ ଉଦ୍ୟମ କରୁଛନ୍ତି। ସୋମନାଥଙ୍କ ମୃତଦେହ ଉଦ୍ଧାର ସମୟରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବାବେଳେ ଆଖି ତଡ଼ାହୋଇଥିବା ଦେଖିବାକୁ ମିଳିଥିଲା। କଟକ ଏସ୍‌ସିବି ମେଡ଼ିକାଲ୍‌ରେ ନୟାଗଡ଼ ଜିଲା ମୁଖ୍ୟଚିକିତ୍ସାଳୟର ଜଣେ ଡାକ୍ତର ପୋଷ୍ଟମର୍ଟମ କରିଥିବାରୁ ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ସେହିଭଳି ଟାଉନ ଥାନା ପୋଲିସର କାର୍ଯ୍ୟକଳାପ ଉପରେ ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ନାବାଳକ ସୋମନାଥଙ୍କ ହତ୍ୟାକାରୀଙ୍କୁ ଗିରଫ କରିବାକୁ ସେ ଦାବି କରିଛନ୍ତି। ସୂଚନାଯୋଗ୍ୟ ଜାନୁୟାରୀ ୧୨ତାରିଖରୁ ନିଖୋଜ ଥିବା ସୋମନାଥଙ୍କ ଗଳିତ ମୃତଦେହ ୨୦ ତାରିଖରେ ତାଙ୍କ ଗ୍ରାମ ନିକଟ ନାଳ ଭିତରେ ଥିବା ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଅନ୍ୟପକ୍ଷରେ କୌଣସି ଅବହେଳା କରା ନ ଯାଇ ଘଟଣାର ଠିକ୍ ଭାବେ ତଦନ୍ତ କରାଯାଇଥିବା ଟାଉନ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଜଳ ସମ୍ପଦ ମୁଖ୍ୟଯନ୍ତ୍ରୀଙ୍କ ମହାନଦୀ କୂଳ ପଥର ଲଞ୍ଚିଂ ପ୍ୟାକିଂ ପରିଦର୍ଶନ

ଖଣ୍ଡପଡା,୨୮।୨(ସ୍ୱ.ପ୍ର.)

ରାଜ୍ୟ ଜଳସମ୍ପଦ ବିଭାଗ (ରାଜ୍ୟ ଲୋୟର ମହାନଦୀ ଅବବାହିକା) ମୁଖ୍ୟଯନ୍ତ୍ରୀ ଇଂ. ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସହ ବିଭାଗୀୟ ଇଞ୍ଜିନିୟରମାନେ ବୁଧବାର ଅପରାହ୍ନରେ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉ ମନ୍ଦିର ନିକଟସ୍ଥ ମହାନଦୀ କୂଳରେ ପଥର ଲଞ୍ଚିଂ ଓ ପ୍ୟାକିଂ ପରିଦର୍ଶନ କରିଛନ୍ତି। ୨.୮୦ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ପଥର ଲଞ୍ଚିଂ ଓ ପ୍ୟାକିଂ ପରିଦର୍ଶନରେ ଆସି ଆବଶ୍ୟକ ପଦକ୍ଷେପମାନ ଗ୍ରହଣ କରିବାକୁ ନୟାଗଡ ଜିଲା ନିର୍ବାହୀଯନ୍ତ୍ରୀ ଇଂ.ଅମରେନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟ ସହକାରୀ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ବିଶେଷତଃ ବନ୍ୟା ସମୟରେ ମହାନଦୀର ପ୍ରଖରସ୍ରୋତ ଯୋଗୁ ନଦୀକୂଳ ଅତଡା ଖାଉଥିବାରୁ ଏହି ପଥର ଲଞ୍ଚିଂ ଓ ପ୍ୟାକିଂ କାର୍ଯ୍ୟ ଚାଲୁରହିଥିବା ବେଳେ ମହାନଦୀର ମାଳବନ୍ଧକୁ ଅଧିକ ସୁରକ୍ଷା ଦେବା ପାଇଁ ଏଠାରେ ଥିବା ପୁରାତନ ବୁରୁଜ(ସ୍ୱର)ଗୁଡିକର ପୁନରୁଦ୍ଧାର କରାଯିବା ସହ ଆଉ ୩ଟି ନୂତନ ସ୍ୱର ନିର୍ମାଣ ପାଇଁ ମୁଖ୍ୟଯନ୍ତ୍ରୀ ସାହୁ ପରାମର୍ଶ ଦେଇଥିଲେ । ପରିଦର୍ଶନ ସମୟରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଚିନ୍ମୟ ରଞ୍ଜନ ରାଉତ, ନୟାଗଡ ଜିଲା ଜଳ ସମ୍ପଦ ଡିଭିଜନ ନିର୍ବାହୀଯନ୍ତ୍ରୀ ଇଂ. ଅମରେନ୍ଦ୍ର କୁମାର ମହାପାତ୍ର,



ପରିଦର୍ଶନରେ ଆସିଥିବା ଜଳସମ୍ପଦ ମୁଖ୍ୟଯନ୍ତ୍ରୀ ଓ ଅନ୍ୟମାନେ।

ସହକାରୀ ଯନ୍ତ୍ରୀ ଦୀନବନ୍ଧୁ ରାଉତ ଓ ଇଂ. ଶଙ୍କର ଦଳେଇ ପ୍ରମୁଖ ଉପସ୍ଥିତ ଥାଇ ପଥର ପ୍ୟାକିଂ ଓ ଲଞ୍ଚିଂ ସମ୍ପର୍କରେ ବୁଝାଇଥିଲେ । ନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ ଓ ଉତ୍ତର ପାର୍ଶ୍ୱ ପରିଦର୍ଶନ କରି କେତେକ ଟେକ୍‌ନିକାଲ ପଦକ୍ଷେପ ଗ୍ରହଣ କରିବାକୁ ଯନ୍ତ୍ରୀମାନଙ୍କ ସହିତ ପରାମର୍ଶ କରିଥିଲେ। ଏହି ଅବସରରେ ସ୍ଥାନୀୟ ଜନକଲ୍ୟାଣ କ୍ଲବର ବର୍ତ୍ତମାନ ଓ ପୂର୍ବତନ ସଭାପତି ଶରତ ଚନ୍ଦ୍ର ମହାରଣା, ପ୍ରଭାକର ଶିରୋମଣି ଓ ବହୁ ବୁଦ୍ଧିଜୀବୀ ସମ୍ପୃକ୍ତ ଅଧିକାରୀଙ୍କୁ ସାକ୍ଷାତ କରି ସମ୍ପ୍ରତି ଆରମ୍ଭ ହୋଇଥିବା ପଥର କାର୍ଯ୍ୟ ଯୋଗୁ ମାଳବନ୍ଧର ସୁରକ୍ଷା ହୋଇଥିବା ବେଳେ ଏବେ ନଦୀ ପାର୍ଶ୍ୱ ପାହାଡ ଉପରେ ପ୍ରତିଷ୍ଠିତ ନୀଳମାଧବ ମନ୍ଦିରର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି କହିଥିଲେ। ବର୍ଷା ଓ ବନ୍ୟାରେ ପାହାଡରୁ ପଥରମାନ କ୍ଷୟ ହୋଇ ଖସୁ ଥିବାରୁ ଆଗାମୀ ଦିନରେ ମନ୍ଦିର ପାଇଁ ବିପଦ ସୃଷ୍ଟି କରିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଉପସ୍ଥିତ ବ୍ୟକ୍ତିମାନେ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଅବଶିଷ୍ଟ ପଥରବାଡ ଦେଇ ମନ୍ଦିର ଉତ୍ତରଦ୍ୱାର ପର୍ଯ୍ୟନ୍ତ ମାତ୍ର ୫୦ ମିଟର ଅସଂପୂର୍ଣ୍ଣ ରହିଯାଉଥିବା ପଥର ଲଞ୍ଚିଂ ଓ ପ୍ୟାକିଂ କାର୍ଯ୍ୟକୁ ବଢାଇ ଦେବାକୁ ଅନୁରୋଧ କରିଥିଲେ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ କାର୍ଯ୍ୟ ସମ୍ପନ୍ନ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଭାଗୀୟ ମୁଖ୍ୟଯନ୍ତ୍ରୀ ସୂଚନା ଦେଇଥିଲେ ।

## ବାୟୁସେନା ପାଇଲଟ୍‌ଙ୍କ ମୁକ୍ତି ପାଇଁ ଦୀପଦାନ

ପୁରୀ ଅଫିସ,୨୮।୨: ଭାରତୀୟ ବାୟୁସେନାର ପାଇଲଟ୍ ଅଭିନନ୍ଦନ ବର୍ଥମାନ ଏବେ ପାକିସ୍ତାନ ସେନା କବ୍‌ଜାରେ। ତାଙ୍କୁ ତୁରନ୍ତ ମୁକ୍ତ କରିବା ଏବଂ ତାଙ୍କ ସୁରକ୍ଷା ଲାଗି ଗୁରୁବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସମୂହ ଦୀପଦାନ କରାଯାଇଛି। ପୂର୍ବାହ୍ନରେ ସେନାର କର୍ମକର୍ତ୍ତା ଏବଂ ଜନସାଧାରଣ ସିଂହଦ୍ୱାରଠାରେ ସମବେତ ହୋଇ ଏହି ଦୀପଦାନ କରିଛନ୍ତି। ଏଥିସହ ଜେନେଭା ଚୁକ୍ତି ଅନୁଯାୟୀ, ଗିରଫ ସୈନିକଙ୍କୁ ଚିକିତ୍ସା, ଖାଦ୍ୟପେୟ ଯୋଗାଇଦେବା ସହ ସସମ୍ମାନେ ଅଭିନନ୍ଦନଙ୍କୁ ଭାରତ ଫେରାଇ ଦେବାକୁ ସେନା ଦାବି କରିଛି। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ସମେତ ଭକ୍ତ ଏବଂ ବୁଦ୍ଧିଜୀବୀ ଏଥିରେ ସାମିଲ ହୋଇଥିଲେ। ସୂଚନାଥାଉ କି, ବୁଧବାର ଭାରତୀୟ ବାୟୁସେନାର ଗୋଟିଏ ମିଗ୍ ବିମାନ ପାକିସ୍ତାନ ସୀମାରେ ଖସିପଡିଥିଲା। ଏହାର ପାଇଲଟ୍ ଅଭିନନ୍ଦନଙ୍କୁ ପାକିସ୍ତାନ ସେନା ଗିରଫ କରିଥିଲା।

## ଚିଲିକାରେ କାଳବୈଶାଖୀ, ବିଦ୍ୟୁତ୍ ବିଚ୍ଛିନ୍ନ

ବାଲୁଗାଁ,୨୮।୨(ଡ଼ି.ଏନ.ଏ.): ସମଗ୍ର ଚିଲିକା ତଥା ବାଲୁଗାଁ, ବାଣପୁର ଓ ନାଚୁଣୀ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ୬୦ରୁ ୮୦କି.ମି ବେଗରେ ଝଡ଼ ତୋଫାନ ସହ ବର୍ଷା ହୋଇଥିଲା। ମଧାହ୍ନ ୨ଟା ଠାରୁ ୧ଘଣ୍ଟାଧରି କାଳବୈଶାଖୀର ତାଣ୍ଡବ ଲୀଳା ଫଳରେ ଯାତାୟତ ଠପ୍ ହୋଇଯିବା ସହ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇପଡ଼ିଥିଲା । କେତେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିବା ସହ ଗଛ ଡ଼ାଳ ଭାଙ୍ଗି ରାସ୍ତା ଉପରେ ପଡ଼ିଥିଲା । ପ୍ରବଳ ବର୍ଷା ଯୋଗୁଁ ବାଲୁଗାଁ ଓ ବାଣପୁର ବଜାର ଅଞ୍ଚଳ ଏକ ପ୍ରକାର କୃତ୍ରିମ ହ୍ରଦରେ ପରିଣତ ହୋଇଥିଲା ।

■ ଜିଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା

# ଶିକ୍ଷା ଦ୍ୱାରା ରାଜ୍ୟ ଶିଶୁଶ୍ରମ ମୁକ୍ତ ହୋଇପାରିବ

ନୟାଗଡ଼ ଅଫିସ,୨୮।୨

ଶ୍ରମ ଓ ଇଏସ୍‌ଆଇ ବିଭାଗ ଏବଂ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ମିଳିତ ସହଯୋଗରେ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ ୧୯୮୬ ସମ୍ପର୍କିତ ଜିଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା ଗୁରୁବାର ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଶ୍ରମ ଓ ଇଏସ୍‌ଆଇ ବିଭାଗର ଡ଼ିଭିଜିନାଲ କମିଶନର ଉମାକାନ୍ତ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ଅଧିକାର ଉପରେ ବକ୍ତବ୍ୟ ରଖିଥିଲେ। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଭାଷଣ ପ୍ରସଙ୍ଗରେ କହିଥିଲେ, ପ୍ରତ୍ୟେକ ଜିଲାରେ ଏହି କର୍ମଶାଳା ଆୟୋଜନ କରାଯାଉଛି। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ସମସ୍ତ ହିତାଧିକାରୀ ଓ ଷ୍ଟେକ ହୋଲଡ଼ରମାନଙ୍କୁ ସଚେତନ କରାଇବା। ୨୦୨୫ ସୁଦ୍ଧା ଓଡ଼ିଶାକୁ ଶିଶୁ ଶ୍ରମ ମୁକ୍ତ କରିବା ସଂକଳ୍ପ ନେଇ କାମ କରିବା ଦରକାର ବୋଲି ପ୍ରକାଶ କରିଥିଲେ। ଶିଶୁ ଶ୍ରମ ନୁହେଁ ଶିକ୍ଷା ଚାହୁଁ ସ୍ଲୋଗାନ୍ ବିଷୟରେ ମଧ ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧରେ ଏସ୍‌ପି ଶଶିଭୂଷଣ ଶତପଥୀ, ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ପିଡ଼ି ଅନାମ ଚରଣ ପାତ୍ର, ଜିଲା ପରିଷଦ ଉପାଧକ୍ଷ ଅଖିଳ କୁମାର ଜାନି, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟ ହରିହର ନାୟକ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷା ଦ୍ୱାରା ଶିଶୁ ଶ୍ରମ ସମସ୍ୟା ସମାଧାନ ହୋଇପାରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଯଦି ସମସ୍ତ ଶିଶୁ ବିଦ୍ୟାଳୟକୁ ଯିବେ ତେବେ ଜିଲା ତଥା ରାଜ୍ୟ ଶିଶୁ ଶ୍ରମ ମୁକ୍ତ ହୋଇପାରିବ। କର୍ମଶାଳାରେ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ପରେ ବିଭାଗର ଅଧିକାରୀମାନଙ୍କୁ ଏ ସମ୍ପର୍କିତ ତଥ୍ୟ ପ୍ରଦାନ କରାଯାଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ବିକାଶ ପାଇଁ ଏକାଠି ହେଲେ ଗ୍ରାମବାସୀ

ଟାଙ୍ଗୀ(ଖୋର୍ଦ୍ଧା),୨୮।୨(ଡି.ଏନ.ଏ.)

ହାଟବରଡ଼ି ଗ୍ରାମର ସାମୂହିକ ବିକାଶ ପାଇଁ ଗ୍ରାମବାସୀ ଏକାଠି ହୋଇ କାମ କରିବାକୁ ଗୁରୁବାର ଏକ ସଭାରେ ନିଷ୍ପତ୍ତି ନେଇଛନ୍ତି। ଗ୍ରାମ୍ୟ କମିଟିର ପୂର୍ବତନ ସଭାପତି ବେଣୁଧର ବେହେରାଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ ସମବେତ ହୋଇଥିଲେ। ଦଳୀୟ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି ଗାଁ'ର ସାମୂହିକ ବିକାଶ ପାଇଁ ସମସ୍ତେ ଏକଜୁଟ୍ ହୋଇ କାମ କରିବାକୁ ରାଜି ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ପ୍ରତ୍ୟେକ ଲୋକଙ୍କୁ ସାମିଲ କରିବା ପାଇଁ ଖୁବ୍ ଶୀଘ୍ର ଏକ ବଡ଼ ଧରଣର ଗ୍ରାମସଭା ଅନୁଷ୍ଠିତ ହେବ। ବୈଠକରେ ସୁମନ୍ତ ବାରିକ, ଲଡୁ ବେହେରା, ସୁଶାନ୍ତ ସାହୁ ଓ ବସନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଭାଜପାର କାର୍ଯ୍ୟକର୍ତ୍ତା ମହାସମ୍ପର୍କ କାର୍ଯ୍ୟକ୍ରମ

ରଣପୁର,୨୮।୨(ସ୍ୱ.ପ୍ର.): ନୟାଗଡ ଜିଲା ରଣପୁରର ଅଧିଷ୍ଠାତ୍ରୀ ଦେବୀ ମା ମଣିନାଗଙ୍କ ପୀଠରେ ଗୁରୁବାର ରଣପୁର ଭାଜପା ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର କାର୍ଯ୍ୟକର୍ତ୍ତା ମହାସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଣପୁରର ପୂର୍ବତନ ବିଧାୟିକା ତଥା ସମବାୟ ରାଷ୍ଟ୍ରମନ୍ତ୍ରୀ ସୁରମା ପାଢୀ,ଲୋତକ ପଟ୍ଟନାୟକ, ସନ୍ତୋଷ ପ୍ରହରାଜ ଏବଂ ପରେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ମହାସମ୍ପର୍କ କାର୍ଯ୍ୟକ୍ରମରେ ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୪୦ ବୁଥର ସମସ୍ତ କମିଟି ସଦସ୍ୟମାନଙ୍କ ସହିତ ଜିଲାର ଦଳୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ମଧ୍ୟାହ୍ନରେ ନରେନ୍ଦ୍ର ମୋଦିଙ୍କ ସଙ୍ଗଠନ ସମ୍ପର୍କିତ ଅଭିଭାଷଣ ଏଲ୍‌ଇଡି ଜରିଆରେ ଶୁଣିଥିଲେ । ପରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଦ୍ୱାରା ଦିଆଯାଇଥିବା ବୁଥ ମଜଭୁତ ସମ୍ବନ୍ଧିତ ୨୩ ସୂତ୍ର କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୨ହଜାରରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ସାଇବର ଆଇନ ସଚେତନତା କାର୍ଯ୍ୟକ୍ରମ

ଦଶପଲ୍ଲା,୨୮।୨(ଡି.ଏନ.ଏ.)

ଦଶପଲ୍ଲା ତାଲୁକ ଆଇନସେବା କମିଟି ପକ୍ଷରୁ ସ୍ଥାନୀୟ ତମନ୍ନା ମହାବିଦ୍ୟାଳୟ ପରିସରରେ ଗୁରୁବାର ସାଇବର ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ତାଲୁକ ଆଇନସେବା କମିଟି ଅଧକ୍ଷ ଶରତ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏପିପି ଦିଲୀପ କୁମାର ପଣ୍ଡା, ସସ୍ମିତା ସେଠୀ, ଆଇନଜୀବୀ କୃଷ୍ଣ ଚନ୍ଦ୍ର ଦାଶ, ହାଡିବନ୍ଧୁ ସାହୁ, ସୌଦାମିନୀ ସାହୁ, ପ୍ରମୋଦ କୁମାର ପ୍ରଧାନ, ଆଲୋକ କୁମାର ସେନାପତି ପ୍ରମୁଖ ଯୋଗଦେଇ ସାଇବର ଆଇନ କ'ଣ, ବର୍ତ୍ତମାନ ସମାଜରେ ଘଟୁଥିବା ବିଭିନ୍ନ ସାଇବର ଅପରାଧ ଓ ଏହାର ଦଣ୍ଡବିଧାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧକ୍ଷ ସାହୁ ମୁଖ୍ୟତଃ କମ୍ପ୍ୟୁଟର ଓ ମୋବାଇଲ ମାଧମରେ ଘଟୁଥିବା ସାଇବର ଅପରାଧ ସମ୍ପର୍କରେ ବର୍ଣ୍ଣନା କରିବା ସହ ନିଜେ କିପରି ଏଥିରୁ ସୁରକ୍ଷିତ ରହିପାରିବେ ସେ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସିଏସଆଇ ରାଜେନ୍ଦ୍ର କୁମାର ଦାସ, ମହାବିଦ୍ୟାଳୟ ଅଧକ୍ଷ କାଦିର ଖାଁନ, ମଧୁସ୍ମିତା ଦାସଙ୍କ ସମେତ ଅଧାପିକାଅଧାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ଆଇନଜୀବୀ ଓ ଅନ୍ୟମାନେ।

# ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ

■ ଗୋପାଳପ୍ରସାଦ ଶ୍ରେଷ୍ଠ ଗାଁ କଲ୍ୟାଣ ସମିତି

ଗଣିଆ,୨୮।୨(ଡି.ଏନ.ଏ.)

ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଗୁରୁବାର ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ ପରିସରରେ ବ୍ଲକସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡାକ୍ତର ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଣିଆ ବିଡିଓ ମାନସ ରଞ୍ଜନ ସାମଲ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା,ଏବିଡିଓ ସରୋଜ କୁମାର ନାୟକ ଏବଂ ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ ଅଧିକାରୀ ଲକ୍ଷ୍ମୀ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ସୁରକ୍ଷିତ ଶିଶୁ ପ୍ରସବ, ସ୍ୱଚ୍ଛ ଭାରତ, ବାଲ୍ୟ ବିବାହ , ଭ୍ରୁଣ ହତ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗାଁ କଲ୍ୟାଣ ସମିତିର ୧୧ମାସିକ ବିଶ୍ୱାସ ଅଭିଯାନ ସମ୍ପର୍କରେ ଆଲୋଚନା




ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ହୋଇଥିଲା। ଏଥିସହ ଜଳ, ପରିମଳ, ପରିଚ୍ଛନ୍ନ ସ୍ୱାସ୍ଥ୍ୟ ଓ ଜୀବନଶୈଳୀର ବିକାଶ ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପରେ ଆଶାକର୍ମୀମାନଙ୍କ ଦ୍ୱାରା ସୁରକ୍ଷିତ ମାତୃତ୍ୱ ଲାଭ ସମ୍ପର୍କରେ ସଚେତନତା ନାଟକ ପରିବେଷଣ କରାଯାଇଥିଲା । ଏହି ଅବସରରେ ୨୦୧୮-୧୯ ବର୍ଷ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଗଣିଆ ବ୍ଲକ କିଶୋରପ୍ରସାଦ ପଞ୍ଚାୟତର ଗୋପାଳପ୍ରସାଦ ଗାଁ କଲ୍ୟାଣ ସମିତିକୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ସେହିପରି ବଡଶିଲିଙ୍ଗା ଉପସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମ ସୁନୀତା ମଲ୍ଲିକ ଓ ୱାର୍କରଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଆଶାକର୍ମୀ ଭାବେ ରାଉତପଡା ଗ୍ରାମର ମାନସୀ ବେହେରା, ଡୁଇସିଂ ଗ୍ରାମର ଚାନ୍ଦିନୀ ଦେଇ, ପାଣ୍ଡରାସିଂହା ଗ୍ରାମର କଳ୍ପନା ରାଉତ, କରଡାପଡା ଗ୍ରାମର ମାମିନା ବେହେରା, କେନ୍ଦୁପଲ୍ଲୀ ଗ୍ରାମର ସରୋଜିନୀ ସ୍ୱାଇଁ, ରାସଙ୍ଗ ଗ୍ରାମର ପୁଷ୍ପାଞ୍ଜଳି ସାମଲ, ଛାମୁଣ୍ଡିଆ ଗ୍ରାମର ମାଳତି ଓ ମହୁକଣ ଗ୍ରାମର ଗୋଲାପ ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା । ନୟାଗଡ ଜିଲାରେ ଚଳିତବର୍ଷ ୧୦୬ ଓ ଚଳିତ ମାସରେ ୪୫ ବାଲ୍ୟବିବାହକୁ ରୋକାଯାଇ ପାରିଥିବା ଜିୟୁସିର ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା ପ୍ରକାଶ କରିଥିଲେ । ତେବେ ଗଣିଆ ବ୍ଲକରେ କାର୍ଯ୍ୟରତ ଅଙ୍ଗନୱାଡି ଓ ଆଶାକର୍ମୀମାନେ ଠିକ୍‌ଭାବେ କାର୍ଯ୍ୟକରୁଥିବାରୁ ଶିଶୁ ଭ୍ରୁଣହତ୍ୟା ଓ ବାଲ୍ୟବିବାହକୁରୋକାଯାଇପାରିଥିବା ସେ ମତପ୍ରକାଶ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଅଙ୍ଗନୱାଡି ଓ ଆଶାକର୍ମୀଙ୍କ ସମେତ ପଞ୍ଚାୟତ ପ୍ରତିନିଧିମାନେ ଯୋଗଦେଇଥିଲେ ।